# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, September 2/2025 | Page 14 | ₹ 7.00

୫୧ଶ ଭାଗ ୨୭୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 278 | ମୂଲ୍ୟ ₹୭/-






Celebrating
60
Years of
Anokha Swad
KP GROUP
DIAMOND JUBILEE
KAMLA PASAND ®
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

51 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨/୨୦୨୫ | Bhubaneswar, Tuesday, September 2/2025 | ପୃଷ୍ଠା-୧



## ଅଲ୍‌କାରାଜ କ୍ୱାର୍ଟରଫାଇନାଲରେ

ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ସ୍ପେନର କର୍ଲୋସ ଅଲ୍‌କାରାଜ ପ୍ରବେଶ କରିଛନ୍ତି।

୧୨ ୦୮

## ସୁମୋନାଙ୍କୁ ଅସଦାଚରଣ

ହାସ୍ୟ ଅଭିନେତ୍ରୀ ସୁମୋନା ଚକ୍ରବର୍ତ୍ତୀଙ୍କ କାର୍‌କୁ କେତେଜଣ ପ୍ରଦର୍ଶନକାରୀ ଆକ୍ରମଣ କରିବା ସହ ତାଙ୍କୁ ଅସଦାଚରଣ କରିଥିବା ନେଇ ସେ ଅଭିଯୋଗ ଆଣିଛନ୍ତି।





ପୂର୍ବ ଆଫଗାନିସ୍ତାନର କୁନାର ପ୍ରଦେଶ ଅନ୍ତର୍ଗତ ମଜାର ଦାରାଠାରେ ଭୂମିକମ୍ପରେ ଆହତ ଜଣେ ବ୍ୟକ୍ତିଙ୍କୁ ଏକ ଖଟିଆରେ ଚିକିତ୍ସା ପାଇଁ ନିଆଯାଉଛି।

# ଆଫଗାନିସ୍ତାନରେ ଭୂକମ୍ପ: ୮୦୦ ମୃତ, ୨୮୦୦ ଆହତ

**ପାଖାପାଖି ଦୁଇବର୍ଷର ବ୍ୟବଧାନରେ ଆଫଗାନିସ୍ତାନରେ ସଂଘଟିତ ହୋଇଛି ଶକ୍ତିଶାଳୀ ଭୂକମ୍ପ। ଏଥିରେ ୮୦୦ ଲୋକଙ୍କ ମୃତ୍ୟୁ ଘଟିବା ସହ ୨,୮୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ସୋମବାର ତାଲିବାନ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬.୦ ଥିଲା। କୁନାର ପ୍ରଦେଶର ଅନେକ ସହର ସମେତ ନଙ୍ଗରହାର ପ୍ରଦେଶ ଜଲାଲାବାଦ ସହର ନିକଟବର୍ତ୍ତୀ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ଭଗ୍ନାବଶେଷ ତଳେ ଅନେକେ ରହିଯାଇଥିବାରୁ ମୃତାହତଙ୍କ ସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ୨୦୨୩ ଅକ୍ଟୋବର ୭ରେ ହେରାଟରେ ହୋଇଥିବା ଭୂକମ୍ପରେ ପ୍ରାୟ ଦୁଇ ହଜାରର ଲୋକ ପ୍ରାଣ ହରାଇଥିଲେ।**

କାବୁଲ,୧।୯

ପୂର୍ବ ଆଫଗାନିସ୍ତାନରେ ରବିବାର ରାତିରେ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ୮୦୦ ଲୋକଙ୍କ ମୃତ୍ୟୁ ଘଟିବା ସହ ୨,୮୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ସୋମବାର ତାଲିବାନ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬.୦ ଥିଲା। କୁନାର ପ୍ରଦେଶର ଅନେକ ସହର ସମେତ ନଙ୍ଗରହାର ପ୍ରଦେଶ ଜଲାଲାବାଦ ସହର ନିକଟବର୍ତ୍ତୀ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ଭଗ୍ନାବଶେଷ ତଳେ ଅନେକେ ରହିଯାଇଥିବାରୁ ମୃତାହତଙ୍କ ସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି।

ସ୍ଥାନୀୟ ସମୟ ରାତି ୧୧ଟା ୪୭ ମିନିଟ୍‌ରେ ଅନୁଭୂତ ହୋଇଥିବା ଭୂକମ୍ପର କେନ୍ଦ୍ରସ୍ଥଳ ଜଲାଲାବାଦଠାରୁ ପୂର୍ବ-ଉତ୍ତର ଦିଗରେ ୨୭ କିଲୋମିଟର ଦୂରରେ ଓ ୮ କିଲୋମିଟର ଗଭୀରରେ ବୋଲି ଜଣାପଡ଼ିଛି। କମ୍ ଗଭୀରରେ କେନ୍ଦ୍ରସ୍ଥଳ ହୋଇଥିବାରୁ ଅଧିକ କ୍ଷୟକ୍ଷତି ଘଟିଛି। ଭୁଶୁଡ଼ି ପଡ଼ିଥିବା ବିଲ୍ଡିଂ ମଧ୍ୟରୁ ଆହତମାନଙ୍କୁ ଉଦ୍ଧାର କରି ଷ୍ଟ୍ରେଚରରେ ହେଲିକପ୍ଟର ନିକଟକୁ ନିଆଯାଉଥିବା ଭିଡିଓରୁ ଦେଖିବାକୁ ମିଳିଛି। ହେଲିକପ୍ଟରରେ ୪୦ ଥରରେ ୪୨୦ ଜଣଙ୍କୁ ହସ୍ପିଟାଲ ନିଆଯାଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କୁନାର ପ୍ରଦେଶରେ ସର୍ବାଧିକ ୬୧୦ ଜଣ ପ୍ରାଣ ହରାଇଥିବା ତାଲିବାନ ସରକାରଙ୍କ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ ଗଣମାଧ୍ୟମକୁ କହିଛନ୍ତି। ଉକ୍ତ ପ୍ରଦେଶରେ ୩ଟି ଗ୍ରାମ ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଛି। ଉଦ୍ଧାର କାର୍ଯ୍ୟରେ ସେନା ସମେତ ସ୍ଥାନୀୟ ଲୋକେ ନିୟୋଜିତ ହୋଇଛନ୍ତି। ବଡ଼ ଭୂକମ୍ପ ପରେ ୪.୭, ୪.୩ ଏବଂ ୫.୦ ତୀବ୍ରତାର ପଶ୍ଚାତ୍ କମ୍ପନ ଅନୁଭୂତ ହୋଇଥିଲା।

ଆଫଗାନିସ୍ତାନ ଭୂକମ୍ପରେ ୮୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଦୁଃଖପ୍ରକାଶ କରିଛନ୍ତି। ପ୍ରଭାବିତ ଲୋକଙ୍କ ସମସ୍ତ ସମ୍ଭାବ୍ୟ ମାନବୀୟ ସହାୟତା ଯୋଗାଇଦେବାକୁ ଭାରତ ପ୍ରସ୍ତୁତ ବୋଲି ସେ କହିଛନ୍ତି।

ଆଫଗାନିସ୍ତାନରେ ବିଲ୍ଡିଂଗୁଡ଼ିକ କମ୍ ଉଚ୍ଚତାବିଶିଷ୍ଟ ଏବଂ ଗ୍ରାମାଞ୍ଚଳରେ ମାଟି, ଇଟା ଓ କାଠରେ ଦୁର୍ବଳ ନିର୍ମାଣ କରାଯାଇଥିବାରୁ କ୍ଷୟକ୍ଷତି ଅଧିକ ହୋଇଥିବା କୁହାଯାଉଛି। ୨୦୨୧ରେ ତାଲିବାନ କ୍ଷମତାକୁ ଆସିବା ପରେ ଆଫଗାନିସ୍ତାନରେ ଏହା ତୃତୀୟ ବଡ଼ ଭୂକମ୍ପ। ତାଲିବାନ କ୍ଷମତାକୁ ଆସିବା ପରେ ବିଦେଶୀ ସୈନ୍ୟ ପ୍ରତ୍ୟାହୃତ ହେବା ସହ ଅନ୍ତର୍ଜାତୀୟ ସହାୟତା ବନ୍ଦ ହୋଇଯାଇଥିଲା। ଏପରିକି ୨୦୨୨ରେ ଘଟିଥିବା ପ୍ରଥମ ଭୂକମ୍ପରେ ୧୦୦୦ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ମାନବୀୟ ସହାୟତା ୩.୮ ବିଲିୟନ ଡଲାରରୁ ହ୍ରାସ ପାଇ ୭୬୭ ନିୟୁତ ଡଲାରରେ ପହଞ୍ଚିଥିଲା।

# ଶିକ୍ଷକଙ୍କ ପାଇଁ ଟିଇଟି ପାସ୍ ବାଧ୍ୟତାମୂଳକ

ନୂଆଦିଲ୍ଲୀ/ଭୁବନେଶ୍ୱର (ସୁଚିସ୍ମିତା ସାହୁ),୧।୯

ଶିକ୍ଷକ ଭାବେ ନିଯୁକ୍ତି ପାଇବାକୁ ଚାହୁଁଥିବା ଏବଂ ଚାକିରିରେ ଥିବା ଶିକ୍ଷକ ପଦୋନ୍ନତି ପାଇଁ ଆଶାୟୀ ଥିଲେ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଟିଇଟି)ରେ କୃତକାର୍ଯ୍ୟ ହେବା ବାଧ୍ୟତାମୂଳକ ବୋଲି ସୁପ୍ରିମକୋର୍ଟ ସୋମବାର ରାୟ ଦେଇଛନ୍ତି। ତେବେ ଯେଉଁ ଶିକ୍ଷକମାନେ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ, ୨୦୦୯ (ଆର୍‌ଟିଇ ଆକ୍ଟ) ଲାଗୁ ହେବା ପୂର୍ବରୁ ନିଯୁକ୍ତ ହୋଇଛନ୍ତି ଏବଂ ଚାକିରି ଶେଷ ହେବାକୁ ୫ ବର୍ଷରୁ ଅଧିକ ସମୟ ରହିଛି, ସେମାନଙ୍କୁ ଟିଇଟି ପାସ୍ ପାଇଁ ସର୍ବୋଚ୍ଚ ଅଦାଲତ ୨ ବର୍ଷ ସମୟ ଦେଇଛନ୍ତି। ତେବେ ସଂଖ୍ୟାଲଘୁ ସ୍କୁଲଗୁଡ଼ିକରେ ଆର୍‌ଟିଇ ଆଇନ କାର୍ଯ୍ୟକାରିତା ପ୍ରସଙ୍ଗରେ ବୃହତ୍ତର ଖଣ୍ଡପୀଠ ନିଷ୍ପତ୍ତି ନେବା ପର୍ଯ୍ୟନ୍ତ ସେଠାର ଶିକ୍ଷକମାନଙ୍କ ପାଇଁ ଟିଇଟି ଆବଶ୍ୟକତା ଲାଗୁ ହେବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଦେଇଛନ୍ତି।

ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (ଏନ୍‌ସିଟିଇ) ୨୦୧୧ ଜୁଲାଇ ୨୯ରେ ଶିକ୍ଷକ ନିଯୁକ୍ତି ପାଇଁ ଟିଇଟି ପାସ୍‌କୁ ବାଧ୍ୟତାମୂଳକ କରିଥିଲେ। ତେବେ ସ୍ଥିତିଗତ ବାସ୍ତବତାକୁ ବିଚାରକୁ ନେଇ ଯେଉଁ ଶିକ୍ଷକମାନଙ୍କର ଚାକିରି ସମୟ ୫ ବର୍ଷରୁ କମ୍ ବାକି ରହିଛି ଏବଂ ପଦୋନ୍ନତି ଚାହୁଁ ନାହାନ୍ତି, ସେମାନଙ୍କ କ୍ଷେତ୍ରରେ ଟିଇଟି ଉତ୍ତୀର୍ଣ୍ଣ ହେବା ଆବଶ୍ୟକ ନାହିଁ ବୋଲି ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ ଜଷ୍ଟିସ୍ ମନମୋହନଙ୍କ ଖଣ୍ଡପୀଠ କହିଛନ୍ତି।

ଏସମ୍ପର୍କରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା କୁହନ୍ତି, ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ, ୫ ବର୍ଷରୁ ଅଧିକ ଚାକିରି ସମୟ ଥିବା ଶିକ୍ଷକମାନେ ଯଦି ଟିଇଟିରେ ପାସ୍ କରି ନ ପାରିବେ ତେବେ ସେମାନଙ୍କୁ ବାଧ୍ୟତାମୂଳକ ଅବସର ଦିଆଯିବ। ଏହି ରାୟ ଓଟିଇଟି ନିୟମ ଲାଗୁହେବା ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ଉପରେ ଲାଗୁ କରା ନ ଯାଉ। ଓଟିଇଟିକୁ ଶିକ୍ଷକ ସଂଘ ସ୍ୱାଗତ କରୁଛି। ଓଟିଇଟି ଲାଗୁ ପରେ ପ୍ରମୋଶନ୍ ଓ ନିଯୁକ୍ତି କ୍ଷେତ୍ରରେ ଏହି ନିୟମ ଲାଗୁ କରାଯାଉ। ପ୍ରମୋଶନ୍ କ୍ଷେତ୍ରରେ କୌଣସି ପରିବନ୍ଧକ ରଖା ନ ଯାଉ। ଏହା ବିରୋଧରେ ଶିକ୍ଷକ ସଂଘ ପକ୍ଷରୁ ଚ୍ୟାଲେଞ୍ଜ କରାଯିବ।

ସେହିପରି ଓଡ଼ିଶା ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କୁହନ୍ତି, ଯେଉଁ ଶିକ୍ଷକମାନେ ଆର୍‌ଟିଇ ନିୟମରେ ନିଯୁକ୍ତି ପାଇଥିବେ କିମ୍ବା ସେପ୍ଟେମ୍ବର ୨୦୧୧ ପରେ ନିଯୁକ୍ତି ହୋଇଥିବେ, ସେମାନେ ୨ବର୍ଷ ମଧ୍ୟରେ ଟିଇଟି ଦେବେ। ୨୦୧୧ ମସିହା ପୂର୍ବରୁ ଏବଂ ପରେ ଯେଉଁ ଶିକ୍ଷକମାନେ ପଦୋନ୍ନତି ପାଇଥିବେ, ସେମାନେ ଟିଇଟି ଦେଲେ ତାଙ୍କର ପଦୋନ୍ନତି ହେବ। ପଦୋନ୍ନତି ପାଇଁ ଟିଇଟିର ଆବଶ୍ୟକତା ରହିଛି। ଏହି ରାୟ ମହାରାଷ୍ଟ୍ର ଶିକ୍ଷକଙ୍କ ପାଇଁ ରହିଛି। ଏଥିପାଇଁ ଓଡ଼ିଶାର ଶିକ୍ଷକମାନେ ବ୍ୟସ୍ତ ହେବାର ନାହିଁ।

# ଓଡ଼ିଶାରେ କାର୍ଯ୍ୟକାରୀ ହେବ 'କ୍ୱାଡ୍ ସିଟି' ଯୋଜନା

ଭୁବନେଶ୍ୱର,୧।୯(ସୁନିତ୍ ମିଶ୍ର/ବନ୍ଦନା ସେଠୀ)

**ଭୁବନେଶ୍ୱର, ପୁରୀ, କଟକ ଓ ପାରାଦୀପକୁ ସଂଯୋଗ କରିବ ପ୍ରଥମ ଅର୍ଥନୈତିକ କ୍ଷେତ୍ର**

ରାଜ୍ୟର ପ୍ରମୁଖ ସହରଗୁଡ଼ିକୁ ଅର୍ଥନୀତିକ ଅଭିବୃଦ୍ଧି ସହ ବିଶ୍ୱ ପ୍ରତିଯୋଗିତାର ଏକ ଶକ୍ତିଶାଳୀ ଇଞ୍ଜିନରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ 'କ୍ୱାଡ୍ ସିଟି' ଯୋଜନା ଆରମ୍ଭ ହୋଇଛି। ଏହି ପଦକ୍ଷେପର ଏକ ଅଂଶ ଭାବରେ ରାଜ୍ୟର ଜିଡିପିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଥିବା ସହରଗୁଡ଼ିକୁ କ୍ଲଷ୍ଟର କରି ସମନ୍ୱିତ ଅର୍ଥନୀତିକ କ୍ଷେତ୍ର ସୃଷ୍ଟି କରିବାକୁ ଯୋଜନା ରହିଛି। ପ୍ରଥମ ଅର୍ଥନୈତିକ କ୍ଷେତ୍ର ଭୁବନେଶ୍ୱର, ପୁରୀ, କଟକ ଏବଂ ପାରାଦୀପକୁ ସଂଯୋଗ କରିବ। ସେହିପରି ସୁନାବେଡା, କୋରାପୁଟ, ବରଗଡ଼ ଏବଂ ସମ୍ବଲପୁରକୁ ସଂଯୋଗ କରି ଆଉ ଏକ ଅର୍ଥନୈତିକ କ୍ଷେତ୍ର ବିକଶିତ କରାଯିବ। ଏହି ଦୃଷ୍ଟିକୋଣକୁ ପୂରଣ କରି ସମୃଦ୍ଧ ସହର ପ୍ରୟାସ ଆରମ୍ଭ କରାଯାଇଛି। ଏହା ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ନକଲି ବାଟ

# ୪ ଦିନିଆ ନୂଆଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧।୯(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ୪ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମଙ୍ଗଳବାର ସେମିକନ୍ ଇଣ୍ଡିଆ- ୨୦୨୫ ସମ୍ମିଳନୀରେ ଯୋଗଦେବେ। ତାଙ୍କ ସାଙ୍ଗରେ ଆଇଟି ସଚିବ ଏବଂ ମନ୍ତ୍ରୀ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡ଼ିଛି। ସେହିପରି ଆସନ୍ତା ୩ରେ ଓଡ଼ିଶା ଭବନଠାରେ ଓମ୍‌ଫେଡର ଏକ ନୂଆ ୟୁନିଟ୍ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଉକ୍ତ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିପାରନ୍ତି। ସେହିପରି ଆସନ୍ତା ୪ ତାରିଖରେ ମୁଖ୍ୟମନ୍ତ୍ରୀ ଜିଏସ୍‌ଟି କାଉନସିଲ୍ ବୈଠକରେ ଯୋଗଦେବେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ସେ ଆସନ୍ତା ୪ ତାରିଖ ସନ୍ଧ୍ୟା କିମ୍ବା ୫ ତାରିଖ ସକାଳୁ ଫେରିପାରନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ତାଙ୍କର ଏହି ୪ ଦିନିଆ ଗସ୍ତ କାଳରେ କେତେଜଣ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ତେବେ ନିର୍ଦ୍ଦିଷ୍ଟ ଭାବେ କେଉଁମାନଙ୍କୁ ଭେଟିବେ ସେନେଇ ସ୍ପଷ୍ଟ ଭାବେ କିଛି ସୂଚନା ମିଳିନାହିଁ।

# ବଢ଼ିଛି ବଜେଟ ଖର୍ଚ୍ଚ, କମିଛି ଆୟ

## ୫ବର୍ଷରେ ଦୁଇଗୁଣ ବଢ଼ିଛି ଏସ୍‌ଜିଏସ୍‌ଟି; କମିଛି ପଞ୍ଜୀକରଣ ଆୟ


ଭୁବନେଶ୍ୱର,୧।୯(ରବିନାରାୟଣ ଜେନା)

ରାଜ୍ୟରେ ଭାଜପା ସରକାର ୨୦୨୪ ଜୁନ୍‌ରେ କ୍ଷମତାକୁ ଆସିବା ପରେ ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରୀ କରିବା ଓ ଭିତ୍ତିଭୂମି ସୁଦୃଢ଼ କ୍ଷେତ୍ରରେ ଟଙ୍କା ଖର୍ଚ୍ଚ ହୋଇପାରୁ ନାହିଁ ବୋଲି ଯେଉଁ କୁହାଯାଉଥିଲା ତାହା ବାସ୍ତବରେ ସତ୍ୟ ନୁହେଁ। ପୂର୍ବର ବିଜେଡି ସରକାରଙ୍କ ତୁଳନାରେ ରାଜ୍ୟ ସରକାରଙ୍କ ଗତ ଆର୍ଥିକବର୍ଷରେ ଖର୍ଚ୍ଚ ବଢ଼ିଛି। ୨୦୨୩-୨୪ ଆର୍ଥିକବର୍ଷ ତୁଳନାରେ ୨୦୨୪-୨୫ରେ ୩ ପ୍ରତିଶତ ଖର୍ଚ୍ଚ ଅଧିକ ହୋଇଛି। ହେଲେ ଏହି ଅବଧି ମଧ୍ୟରେ ରାଜ୍ୟ ରାଜକୋଷକୁ ଯେତିକି ପରିମାଣର ରାଜସ୍ୱ ମିଳିବା କଥା ତାହା ମିଳିନାହିଁ। ୭ ପ୍ରତିଶତ ରାଜସ୍ୱ କମ୍ ମିଳିଛି ବୋଲି ନିକଟରେ ପ୍ରମୁଖ ମହାଲେଖାକାର ସୁବା. ଆର୍.ଙ୍କ ଏକ୍‌ଜିଟ୍ କନ୍‌ଫରେନ୍ସରୁ ଜଣାଯାଇଛି।

ତଥ୍ୟ ଅନୁଯାୟୀ, ୨୦୨୩-୨୪ ଆର୍ଥିକବର୍ଷରେ ରାଜ୍ୟ ସରକାରଙ୍କ ବଜେଟ ଆକଳନ ୧ଲକ୍ଷ ୫୭ହଜାର ୭୬୨କୋଟି ଟଙ୍କା ରହିଥିବାବେଳେ ସେଥିରୁ ୧ଲକ୍ଷ ୪୮ହଜାର ୮୩୨କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା; ଯାହାକି ପୂର୍ବ ସରକାରଙ୍କ ଖର୍ଚ୍ଚ ହାର ୯୪% ରହିଥିଲା। ମାତ୍ର ୨୦୨୪-୨୫ ଆର୍ଥିକବର୍ଷରେ ରାଜ୍ୟ ସରକାର ୧ଲକ୍ଷ ୬୬ହଜାର ୯୨୩କୋଟି ଟଙ୍କାର ବଜେଟ ଆକଳନ କରିଥିବାବେଳେ ସେଥିରୁ ୧ଲକ୍ଷ ୬୧ହଜାର ୩୧୨ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି, ଯାହା କି ୯୭%।

ଅନ୍ୟପକ୍ଷରେ ୨୦୨୩-୨୪ ଆର୍ଥିକବର୍ଷରେ ୧ଲକ୍ଷ ୮୪ହଜାର ୫୦୦କୋଟି ଟଙ୍କାର ବଜେଟ ଆକଳନ କରାଯାଇଥିଲା। ଉକ୍ତ ବର୍ଷ ୧ଲକ୍ଷ ୭୯ହଜାର ୫୯୩ କୋଟି ଟଙ୍କାର ରାଜସ୍ୱ ସରକାର ପାଇଥିଲେ, ଯାହାକି ସମୁଦାୟ ୯୭% ରାଜସ୍ୱ ସରକାରଙ୍କୁ ମିଳିଥିଲା। ହେଲେ ୨୦୨୪-୨୫ ଆର୍ଥିକବର୍ଷରେ ରାଜ୍ୟ ସରକାର ଯେଉଁ ବଜେଟ ଆକଳନ କରିଥିଲେ ସମାନ ପରିମାଣର ରାଜସ୍ୱ ସରକାରଙ୍କୁ ମିଳିପାରିନାହିଁ। ଉକ୍ତ ଆର୍ଥିକବର୍ଷ ରାଜ୍ୟ ସରକାରଙ୍କ ବଜେଟ ଆକଳନ ୨ଲକ୍ଷ ୪ହଜାର ୫୦୦ କୋଟି ଟଙ୍କା ରହିଥିବାବେଳେ ୧ଲକ୍ଷ ୮୩ହଜାର ୯୬୩ କୋଟି ଟଙ୍କାର ରାଜସ୍ୱ ମିଳିଥିଲା, ଯାହାକି ୯୦%। ପୂର୍ବ ବର୍ଷ ତୁଳନାରେ ଗତବର୍ଷ ସରକାର ୭ ପ୍ରତିଶତ କମ୍ ରାଜସ୍ୱ ପାଇଥିବା ସମ୍ମିଳନୀରୁ ଜଣାଯାଇଛି।

ତଥ୍ୟ ଅନୁଯାୟୀ, ୨୦୨୦-୨୧ରେ ରାଜ୍ୟ ସରକାର ନିଜସ୍ୱ କ୍ଷେତ୍ର ରାଜ୍ୟ ସାମଗ୍ରୀ ଓ ସେବାକର(ଏସ୍‌ଜିଏସ୍‌ଟି)ରୁ ଯେତିକି ରାଜସ୍ୱ ପାଇଥିଲେ ତାହା ୨୦୨୪-୨୫ ଆର୍ଥିକବର୍ଷ ବେଳକୁ ପ୍ରାୟ ଦୁଇଗୁଣ ବଢ଼ିଛି। ହେଲେ ଜମି ପଞ୍ଜୀକରଣ କ୍ଷେତ୍ରରୁ ରାଜ୍ୟ ସରକାର ଉକ୍ତ ଅବଧି ମଧ୍ୟରେ ଯେତିକି ରାଜସ୍ୱ ☞ପୃଷ୍ଠା-୨




ପ୍ରମୁଖ ମହାଲେଖାକାରଙ୍କ ପକ୍ଷରୁ ଏକ୍‌ଜିଟ୍ କନ୍‌ଫରେନ୍ସ ୨୦୨୪-୨୫ରେ ପ୍ରଦତ୍ତ ତଥ୍ୟ।

# ଗ୍ରୋସେରି ଦୋକାନୀଙ୍କୁ ୧୪୧ କୋଟିର ଟିକସ ନୋଟିସ

ବୁଲନ୍ଦସର,୧।୯

ଉତ୍ତର ପ୍ରଦେଶର ବୁଲନ୍ଦସରସ୍ଥିତ ନୟାଗଞ୍ଜ ଅଞ୍ଚଳରେ ଥିବା ଏକ ଛୋଟ ଗ୍ରୋସେରି ଦୋକାନର ମାଲିକ ସୁଧୀରଙ୍କୁ ଆୟକର ବିଭାଗ ୧୪୧ କୋଟି ଟଙ୍କାର ଟିକସ ନୋଟିସ ପଠାଇଛି। ନିଜ ଛୋଟ ଗ୍ରୋସେରି ଦୋକାନକୁ ଚଳାଇ ପରିବାରର ଭରଣ ପୋଷଣ କରୁଥିବା ସୁଧୀରଙ୍କୁ ଗତ ଜୁଲାଇ ୧୦ରେ ଏହି ନୋଟିସ ଆସିଛି। ସେ ସମୁଦାୟ ୧୪୧ କୋଟି ୩୮ ଲକ୍ଷ ୪୭ ହଜାର ୧୨୬ ଟଙ୍କାର ବ୍ରିକ୍ରୟ କରିଛନ୍ତି ବୋଲି ଆୟକର ବିଭାଗ ପକ୍ଷରୁ ତାଙ୍କୁ ଏକ ଟିକସ ନୋଟିସ ଆସିଥିଲା, ଯାହାକୁ ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।



ୟୁପି ବୁଲନ୍ଦସରର ଗ୍ରୋସେରି ଦୋକାନ ମାଲିକ ସୁଧୀର ଆୟକର ନୋଟିସ୍ ଦେଖାଉଛନ୍ତି।

ସାଇବର ଅପରାଧୀମାନେ ତାଙ୍କ ପାନ୍ କାର୍ଡର ଦୁରୁପଯୋଗ କରି ଦିଲ୍ଲୀରେ ୬ କମ୍ପାନୀକୁ ସ୍ଥାପନ କରିଛନ୍ତି। ତେଣୁ ତାଙ୍କୁ ଏପରି ନୋଟିସ ଆସିଥିବା ସୁଧୀର କହିଛନ୍ତି। ଏହି କମ୍ପାନୀଗୁଡ଼ିକ ଦ୍ୱାରା ଅନେକ କୋଟି ଟଙ୍କାର ଠକେଇ କରାଯାଉଥିବା ସେ ଅଭିଯୋଗ ଆଣିଛନ୍ତି। ୨୦୨୨ରେ ଏ ସଂକ୍ରାନ୍ତରେ ତାଙ୍କୁ ଆୟକର ବିଭାଗ ପକ୍ଷରୁ ଏକ ନୋଟିସ ଆସିଥିଲା, ଯାହାର ଉତ୍ତର ସେ ରଖିଥିଲେ। ତାଙ୍କ ପାନ୍ କାର୍ଡକୁ ବ୍ୟବହାର କରାଯାଇ ଖୋଲାଯାଇଥିବା କମ୍ପାନୀଗୁଡ଼ିକ ସହ ତାଙ୍କର କୌଣସି ସମ୍ପର୍କ ନ ଥିବା ନେଇ ସେତେବେଳେ ସେ ଆୟକର ବିଭାଗକୁ ଜଣାଇଥିଲେ। ଏହା ସତ୍ତ୍ୱେ ମଧ୍ୟ ଆୟକର ବିଭାଗ ତାଙ୍କୁ ୧୪୧ କୋଟି ଟଙ୍କାର ନୋଟିସ ପଠାଇଥିବା ସୁଧୀର କହିଛନ୍ତି। ଉକ୍ତ ନୋଟିସ ଆସିବା ପରେ ତାଙ୍କ ପାନ୍ କାର୍ଡର ଦୁରୁପଯୋଗ ହେଉଥିବା ନେଇ ସେ ସ୍ଥାନୀୟ ଖୁର୍ଜା ଥାନାରେ ଅଭିଯୋଗ କରିଛନ୍ତି। ସୁଧୀରଙ୍କ ପାନ୍ କାର୍ଡକୁ ବ୍ୟବହାର କରି ସ୍ଥାପନ ହୋଇଥିବା କମ୍ପାନୀଗୁଡ଼ିକ ବିରୋଧରେ ଠକେଇ ଏବଂ ଜାଲିଆତି ମାମଲା ରୁଜୁ କରାଯାଇଛି ବୋଲି ପୋଲିସ କହିଛି। ବିଶେଷଜ୍ଞଙ୍କ ଅନୁଯାୟୀ, ପାନ୍ କାର୍ଡ ଜାଲିଆତିରେ ଜଣେ ବ୍ୟକ୍ତି ବେଆଇନ ଭାବରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବା, ଶେଲ୍ କମ୍ପାନୀ ସ୍ଥାପନ ☞ପୃଷ୍ଠା-୨

## ଏମ୍‌କେସିଜିରେ ପୁଣି ରାଗିଂ

ବ୍ରହ୍ମପୁର,୧।୯(ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ ଏମ୍‌ବିବିଏସ୍ ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ରାଗିଂ କରାଯାଇଥିବା ଅଭିଯୋଗ ହୋଇଛି। ୟୁନିୟନ ବୈଠକ କରିବା ନାଁରେ କେତେଜଣ ବରିଷ୍ଠ ଛାତ୍ର ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ହଷ୍ଟେଲକୁ ନେଇ ରାଗିଂ କରିଛନ୍ତି। ରାଗିଂର ଶିକାର ହୋଇଥିବା ଛାତ୍ର ଜଣଙ୍କ ଦିଲ୍ଲୀ ଆଣ୍ଟି ରାଗିଂ ସେଲ୍ ନିକଟରେ ଅଭିଯୋଗ କରିଛନ୍ତି। ସେଠାରୁ ନିର୍ଦ୍ଦେଶ ଆସିବା ପରେ ଏମ୍‌କେସିଜି କର୍ତ୍ତୃପକ୍ଷ ହଷ୍ଟେଲକୁ ଯାଇ ଛାତ୍ରଙ୍କୁ ପଚରାଉଚରା କରିଛନ୍ତି। ଘଟଣାକୁ ନେଇ ମଙ୍ଗଳବାର ଏମ୍‌କେସିଜିର ଆଣ୍ଟି ରାଗିଂ କମିଟି ବୈଠକ ବସିବ ବୋଲି ସୂଚନା ମିଳିଛି।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଭିମ ଭୋଇ ଭିକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବାଲିଅନ୍ତା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୮ ଟା।
- ଆଇଫରେକ୍ସ ପକ୍ଷରୁ ଜାତୀୟ ସମ୍ମିଳନୀ ଏବଂ ରିପୋର୍ଟ ରିଲିଜ୍, ସ୍ଥାନ: ଲେମନ୍ ଟ୍ରୀ, ସମୟ: ସକାଳ ୯ ଟା ୩୦।
- ଅଲ୍ ଓଡ଼ିଶା ରଜକ ମହାସଂଘ ପକ୍ଷରୁ ୨ୟ ବାର୍ଷିକ ଅଧିବେଶନ ଓ ସାଧାରଣ ସଭା, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ ଟା।
- ନୃତ୍ୟାଞ୍ଜଳି ପକ୍ଷରୁ ନୃତ୍ୟାଞ୍ଜଳି ସମ୍ମାନ ଏବଂ ନାଟ୍ୟ ପୁରୁଷ ସମ୍ମାନ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଭାରତୀୟ ମଜଦୁର ସଂଘ ପକ୍ଷରୁ ଓଡ଼ିଶାର ଗରିବ ରୋଗୀ ଏବଂ ନିଜ କର୍ମଚାରୀଙ୍କ ପ୍ରତି ଆପୋଲୋ ହସ୍ପିଟାଲ ଦ୍ୱାରା ହେଉଥିବା ଅନ୍ୟାୟ ବିରୋଧରେ ଖବରଦାତା ସମ୍ମିଳନୀ, ସ୍ଥାନ: ରାଜ୍ୟ କାର୍ଯ୍ୟାଳୟ, ବିଏମ୍ସି, ଭିଏ–୨୩/୩, ୟୁନିଟ୍ ୨, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୧ ଟା।
- ଚୌଦ୍ୱାର ଜାଗରଣ ମଞ୍ଚ ପକ୍ଷରୁ ଏନ୍‌ଏଚ୍ ୫ଜିରେ ଭିଭିଡ଼ିଏଲ ମ୍ୟାନେଜରଙ୍କ ମିଥ୍ୟା ପ୍ରତିଶ୍ରୁତି, ଦୋଗାରରେ ଅନେକ ଓ ଦୁର୍ନୀତି ବିରୋଧରେ ଘେରାଉ, ସ୍ଥାନ: ଆଞ୍ଚଳିକ ଅଫିସ୍, ସମୟ: ପୂର୍ବାହ୍ନ ୧୧ ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପଦ୍ମଶ୍ରୀ ରଜତ କୁମାର କରଙ୍କ ୯୨ତମ ଜୟନ୍ତୀ ପାଳନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।

### କଟକ
- କଟକ ବଡବଜାର ବିହାର ପକ୍ଷରୁ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୮୦ତମ ଦେଓଘର ଆଗମନ ଦିବସ ପାଳନ, ସ୍ଥାନ: ସତ୍ସଙ୍ଗ ବିହାର, ବକ୍ସିବଜାର, ସମୟ: ସନ୍ଧ୍ୟା ୬ଟା ୩୦।

### ପୁରୀ
- ଜିଲା କଂଗ୍ରେସ କମିଟି ଚୟନ, ସ୍ଥାନ: ସଂସ୍କୃତି ଭବନ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- କଂସ ବଧ ପ୍ରସ୍ତାବ ଓ ଲବଣିଖିଆ ସହ ମଥୁରା ହାଟ ନୀତି, ସ୍ଥାନ: ସିଂହଦ୍ୱାର ସମ୍ମୁଖ, ସମୟ: ଅପରାହ୍ନ ୩ଟା।

### ବାଲେଶ୍ୱର
- ମଧ୍ୟସ୍ଥତା ତାଲିମ କର୍ମଶାଳାର ତୃତୀୟ ଦିବସ, ସ୍ଥାନ: ଜିଲା ଆଇନସେବା ପ୍ରାଧିକରଣ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

### ଭଦ୍ରକ
- ୬୯ତମ ବୀମା ସପ୍ତାହ ଦିବସ ପାଳନ, ସ୍ଥାନ: ଭଦ୍ରକ ଜୀବନବୀମା କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ କ୍ରୀଡ଼ାର ଉଦ୍‌ଯାପନ, ସ୍ଥାନ: ମାଣ୍ଡରୀ ବଳଦେବଜୀଉ ଉଚ୍ଚ ବିଦ୍ୟାଳୟ, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୩ଟା।

### କେନ୍ଦୁଝର
- ଡିଏମ୍‌ଏଫ୍ ଉଦ୍ୟମର ଶୁଭାରମ୍ଭ, ସ୍ଥାନ: କେନ୍ଦୁଝର ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜନଶୁଣାଣି କାର୍ଯ୍ୟକ୍ରମ ବୈଠକ, ସ୍ଥାନ: ହାଟଡିହି ବ୍ଲକ, ସମୟ: ପୂର୍ବାହ୍ନ ୧୧ ଟା।
- ଦ୍ୱିତୀୟ ଚକ୍ଷୁ ଅପରେସନ ଥିଏଟର ଉଦ୍‌ଘାଟନ, ସ୍ଥାନ: କେନ୍ଦୁଝର ଏଲ୍‌ଭି ପ୍ରସାଦ ଚକ୍ଷୁ ହସ୍ପିଟାଲ, ସମୟ: ଅପରାହ୍ନ ୨ଟା ୩୦।
- ଶ୍ରୀ ମହାବୀର ମନ୍ଦିରରେ ନାମ ସଂକୀର୍ତ୍ତନ, ସ୍ଥାନ : ହାରକେଶ୍ୱର, ହାଟଡିହି, ସମୟ: ସନ୍ଧ୍ୟା ୬ ଟା ୩୦।

### ମୟୂରଭଞ୍ଜ
- ମହିଳା ପ୍ରାର୍ଥୀଙ୍କ ଅଗ୍ନିବୀର ବାୟୁ ନିଯୁକ୍ତି, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ସକାଳ ୬ଟା।
- ବ୍ଲକସ୍ତରୀୟ ଶାରଦୀୟ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ:କୋଇଡ଼ପୁର ବାଳିକା ଉଚ୍ଚ ବିଦ୍ୟାଳୟ, ଗୋପବନ୍ଧୁ ନଗର ବ୍ଲକ, ସମୟ:ପୂର୍ବାହ୍ନ ୧୦ଟା।
- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସାଧାରଣ ସଭା ଓ ପୁରସ୍କାର ବିତରଣ ସଭା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାରିପଦା ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରିସର,ସମୟ: ସନ୍ଧ୍ୟା ୬ଟା।

### ବ୍ରହ୍ମପୁର
- ଜିଲାସ୍ତରୀୟ ଭାରୋତ୍ତଳନ, ବାସ୍କେଟବଲ, ସୁଇମିଂ ପ୍ରତିଯୋଗିତ, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ,ସମୟ: ସକାଳ ୭ଟା ୩୦।
- ରଙ୍ଗେଇଲୁଣ୍ଡା ବିମାନ ବନ୍ଦର ସମ୍ପ୍ରସାରଣ ସଂପର୍କିତ ବୈଠକ, ସ୍ଥାନ: ଆରଡିସି ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୧ଟା।

### ଗଞ୍ଜାମ
- ଜୋନାଲସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଋଷିକୁଲ୍ୟା ଷ୍ଟାଡିୟମ, କାଳଷଣ୍ଡପୁର ଓ ପ୍ରଗତି ବିଦ୍ୟାପୀଠ, କେନ୍ଦୁପଦର, ଆସିକା ବ୍ଲକ, ସମୟ: ସକାଳ ୯ ଟା।

### ଜଗତ୍‌ସିଂହପୁର
- ଜିଲା ଉନ୍ନୟନ ସମନ୍ୱୟ ଏବଂ ପରିଚାଳନା ସମିତି (ଦିଶା) ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

### କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଆଳିଜଙ୍ଗା, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

### ନୟାଗଡ଼
- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣ ଓ ପ୍ରବଚନର ୩ୟ ଦିବସରେ ପାରାୟଣ, ସ୍ଥାନ: ଦଶପଲ୍ଲା ଦୁର୍ଗା ବଜାର, ସମୟ: ସକାଳ ୭ ଟା।
- କଂଗ୍ରେସ ପକ୍ଷରୁ ସାଙ୍ଗଠନିକ କାର୍ଯ୍ୟକ୍ରମ ଉଦ୍ଦେଶ୍ୟରେ ସୃଜନ ଅଭିଯାନ, ସ୍ଥାନ: ନୟାଗଡ଼ ବିଜୁ ପଟ୍ଟନାୟକ କଲ୍ୟାଣୀ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପ୍ରବଚନରେ କପିଳ ଦେବହୁତି ସମ୍ବାଦ, ଦକ୍ଷଯଜ୍ଞ ଓ ପ୍ରହ୍ଲାଦ ଚରିତ, ସମୟ: ସନ୍ଧ୍ୟା ୭ଟା।

### ରାୟଗଡ଼ା
- ଏଆଇସିସି ପର୍ଯ୍ୟବେକ୍ଷକ ରିଜୱାନ ଅର୍ଶଦ ଏବଂ ରାୟଗଡା ଜିଲାର ବିଧାୟକଙ୍କ ସଂଗଠନ ସୃଜନ ଅଭିଯାନକୁ ନେଇ ସାମ୍ବାଦିକ ସମ୍ମିଳନୀ, ସ୍ଥାନ: ଟାଉନ ହଲ, ରାୟଗଡା, ସମୟ: ମଧ୍ୟାହ୍ନ ୧୨ଟା ୩୦।

### ନବରଙ୍ଗପୁର
- ଶ୍ରୀଅର୍ଣ୍ଣ ଅଭିଯାନ ପ୍ରକଳ୍ପ ଆନୁକୂଲ୍ୟରେ ଫୁପୁଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମାଣ୍ଡିଆ ପ୍ରସ୍ତୁତି ଖାଦ୍ୟ ପ୍ରଦର୍ଶନ, ସ୍ଥାନ: ଫୁପୁଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

### କୋରାପୁଟ
- ଜିଲାପାଳଙ୍କ ନନ୍ଦପୁର ଓ ସେମିଳିଗୁଡା ବ୍ଲକ ପରିଦର୍ଶନ, ସ୍ଥାନ: ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।

### ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ : ସକାଳ ୬ଟା।
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଭୀମ ଭୋଇ ଉଦ୍ୟାନ ନିକଟସ୍ଥ କଲ୍ୟାଣ ମଣ୍ଡପ, ସମୟ: ସକାଳ ୭ଟା।

### ରାଉରକେଲା
- ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ଗୃହ ବଣ୍ଟନରେ ଅନିୟମିତା ନେଇ ବିକ୍ଷୋଭ କାର୍ଯ୍ୟକ୍ରମ, ସ୍ଥାନ: ଆର୍‌ଡିଏ କାର୍ଯ୍ୟାଳୟ, ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପ୍ରଗତି ଉତ୍କଳ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସେକ୍ଟର–୭ ପ୍ରଗତି ଉତ୍କଳ ସଂଘ, ସମୟ: ସନ୍ଧ୍ୟା ୬ଟା ୩୦।
- ବାସନ୍ତୀ ଦୁର୍ଗାପୂଜା ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ୟୁଥ୍ କ୍ଲବ ପରିସର, ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୬ଟା ୩୦।

### ସୁନ୍ଦରଗଡ଼
- ରୋଟାରୀ କ୍ଲବ ପକ୍ଷରୁ ନୈତିକ ମୂଲ୍ୟବୋଧ ବିଷୟରେ ଆଲୋଚନା ଚକ୍ର,ସ୍ଥାନ: ଓଡ଼ିଶା ଆଦର୍ଶ ବିଦ୍ୟାଳୟ,ସୁନ୍ଦରଗଡ,ସମୟ: ପୂର୍ବାହ୍ନ୧୦ଟା୩୦।
- କବି ବିନୋଦ ଚନ୍ଦ୍ର ନାଏକଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ, ସ୍ଥାନ: ବିକାଶ ଭବନ, ସୁନ୍ଦରଗଡ, ସମୟ:ସନ୍ଧ୍ୟା ୬ଟା।
- କବି ବିନୋଦ ଚନ୍ଦ୍ର ନାଏକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ, ସ୍ଥାନ: ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣ, ସମୟ: ଅପରାହ୍ନ ୫ଟା୩୦।

### ବରଗଡ଼
- ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଜନ ଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଝାରବନ୍ଧ,ସମୟ: ପୂର୍ବାହ୍ନ ୧୦ଟା।

### କଳାହାଣ୍ଡି
- ମା' ମାଣିକେଶ୍ୱରୀଙ୍କ ନିକଟରେ ଲାଗିବ ନବାନ୍ନ, ପ୍ରସାଦ ବଣ୍ଟନ, ସ୍ଥାନ: ଭବାନୀପାଟଣା ମାଣିକେଶ୍ୱରୀ ମନ୍ଦିର, ସମୟ: ସକାଳ ୮ଟା ୪୫।

### ବୌଦ୍ଧ
- ଗେହ୍ଲାମା କଳାନିକେତନର ନୂଆଖାଇ ଭେଟ୍‌ଘାଟ୍ ନେଇ ପ୍ରସ୍ତୁତି ବୈଠକ,ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ବୌଦ୍ଧ, ସମୟ:ପୂର୍ବାହ୍ନ ୧୧ଟା।

### ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।
- ସାର୍ବଜନୀନ ଗଣେଶ ମେଳା ଅବସରରେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଛକସ୍ଥିତ ପୂଜା ପେଣ୍ଡାଲ, ସମୟ: ରାତି ୮ଟା।

### ସୁବର୍ଣ୍ଣପୁର
- ଜିଲା ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ:ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା ୩୦।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

### ନୂଆପଡ଼ା
- ଭିଡିଓ କନଫରେନ୍ସ ମାଧ୍ୟମରେ ନୂତନ ଏଡିଜେ କୋର୍ଟ ଉଦ୍‌ଘାଟନ, ସ୍ଥାନ: ଖଡିଆଳ କୋର୍ଟ ପରିସରରେ କାର୍ଯ୍ୟକ୍ରମ, ସମୟ: ସକାଳ ୯ଟା ୪୫।
- ପ୍ରଦେଶ କଂଗ୍ରେସ ସଭାପତିଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ଝୁଣ୍ଟିଆ ଭବନ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସଙ୍ଗଠନ ଶ୍ରୀଜନ ଅଭିଯାନକୁ ନେଇ ଜିଲାସ୍ତରୀୟ କଂଗ୍ରେସ କର୍ମକର୍ତ୍ତାଙ୍କ ଆଲୋଚନା, ସ୍ଥାନ: କଲ୍ୟାଣ ମଣ୍ଡପ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି ଦିନଟି ହସଖୁସିରେ କଟିବା ସହ ସାମାଜିକ ସ୍ତରରେ ସମ୍ମାନର ଅଧିକାରୀ ହେବେ। ଆର୍ଥିକ କ୍ଷେତ୍ରରେ ଉନ୍ନତି ଏବଂ ସମସ୍ୟା ମଧ୍ୟ ସମାଧାନ ହେବ। ଅଶ୍ୱିନୀ ନକ୍ଷତ୍ର ସକାଶେ ବିଶେଷ ଭ୍ରମଣଜନିତ ଅବସାଦ ଦେଖାଦେଇପାରେ। ବାଣିଜ୍ୟ, ବ୍ୟବସାୟ କେତେକାଂଶରେ ଚିନ୍ତାଜନକ ସ୍ଥିତିକୁ ଆସିବାର ସୂଚନା ପରିଲକ୍ଷିତ ହେବ ।

**ବୃଷ** ପ୍ରିୟଜନଙ୍କ ସାନ୍ନିଧ୍ୟ ଲାଭକରି ଆନୁଷ୍ଠାନିକ କାମ ସକାଶେ ଧାଁ ଦୌଡ଼ କରିବାକୁ ପଡ଼ିପାରେ। ଯାତ୍ରା ସମୟରେ ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ। ମୃଗଶିରା ନକ୍ଷତ୍ର ସାମୟିକ ପୁରାତନ ରୋଗରୁ ପୀଡ଼ା ଅନୁଭବ କରିପାରନ୍ତି। ଶିଳ୍ପ, ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂରହେବା ଆଶା ରହିଛି।

**ମିଥୁନ** ଆରଦ୍ରା ନକ୍ଷତ୍ର ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମ ସମ୍ପନ୍ନ କରିବେ। ଅର୍ଥନୈତିକ କ୍ଷେତ୍ରରେ ସାଧାରଣ ସମସ୍ୟା ଦେଖାଦେବ। ପରିବାର ସଦସ୍ୟଙ୍କୁ ସନ୍ଦେହ କରି ଅଯଥା ପାରିବାରିକ ବାତାବରଣକୁ ଅସ୍ଥିର କରିପାରନ୍ତି। ଜମିଜମା ସମ୍ପର୍କିତ ସମସ୍ୟା, ବନ୍ଧୁଙ୍କ ମିଥ୍ୟା ପ୍ରତିଶ୍ରୁତି, କାମରେ ପ୍ରତୀକ୍ଷାକୁ କେନ୍ଦ୍ରକରି କ୍ଷୋଭ ପ୍ରକାଶ କରିବେ।

**କର୍କଟ** ଅଶ୍ଳେଷା ନକ୍ଷତ୍ର ଆଜି କାର୍ଯ୍ୟବ୍ୟସ୍ତତା କାରଣରୁ ଘର କାମ କରିବାକୁ ସମୟ ପାଇବେ ନାହିଁ। ସହକର୍ମୀଙ୍କ ସହାୟତାରେ ଅର୍ଥ ସମ୍ପର୍କିତ ଦୁଶ୍ଚିନ୍ତା ଦୂରହେବ। ବନ୍ଧୁ ଗହଣରେ ଆକସ୍ମିକ ଜଣେ ପ୍ରିୟଜନଙ୍କ ଦେଖା ମନକୁ ହାଲୁକା କରିଦେବ। ଆଜିର ଯାତ୍ରା, ବ୍ୟବସାୟିକ ସ୍ଥିତି ଏବଂ ଫଳପ୍ରଦ ଆଲୋଚନାରୁ ଖୁସି ଅନୁଭବ କରିବେ।

**ସିଂହ** ନିଜର କେତେକ କାମକୁ ପରିବାରର ସଦସ୍ୟ ମାନେ ମଧ୍ୟ ବିରୋଧ କରିପାରନ୍ତି। ଭୁଲ୍ ବୁଝାମଣା ଲାଗି ରହିବା କାରଣରୁ ବନ୍ଧୁବର୍ଗରେ ମଧ୍ୟ ଅଶାନ୍ତ ବାତାବରଣ ସୃଷ୍ଟିହେବ। ଅବଶ୍ୟ ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ସକାଶେ କୌଣସି ଅସୁବିଧା ହେବନାହିଁ। ଅବଶ୍ୟ ଚନ୍ଦ୍ରଙ୍କ ପ୍ରଭାବରୁ ବ୍ୟୟବହୁଳ କରାଇ କାମ ହାସଲ କରିବେ।

**କନ୍ୟା** ଚିତ୍ରା ନକ୍ଷତ୍ରର ସ୍ୱାସ୍ଥ୍ୟହାନି କାରଣରୁ ମାନସିକ ସ୍ଥିତି ଭଲ ରହି ନ ପାରେ। ସମସ୍ୟାର ସମାଧାନ କ୍ଷେତ୍ରରେ କିଛିନା କିଛି ସ୍ୱାର୍ଥକୁ ଜଳାଞ୍ଜଳି ଦେବାକୁ ପଡ଼ିବ। ନିଜ ନିଜର ସ୍ୱାର୍ଥର ବଶବର୍ତ୍ତୀ ହୋଇ ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ ।

**ତୁଳା** ଆଜି ଆରମ୍ଭ କରିଥିବା କାମଟି ପୂର୍ଣ୍ଣାଙ୍ଗକରିବା କଷ୍ଟ ହେବ। ସ୍ୱାତୀ ନକ୍ଷତ୍ର ସମ୍ପର୍କୀୟଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହେବେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିବା ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ, କଳା, ସାହିତ୍ୟ, ସଙ୍ଗୀତ ସମାରୋହରେ, ରାଜନୈତିକ ସ୍ଥିତିରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧିପାଇବ।

**ବିଛା** ଅନୁରାଧା ନକ୍ଷତ୍ର ପାଇଁ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବ୍ୟବସାୟ, ଯାତ୍ରା, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ଆସିପାରେ। ସଭାସମିତି, ବନ୍ଧୁମିଳନ, ଆନୁଷ୍ଠାନିକ କାର୍ଯ୍ୟ ଓ ମନୋରଞ୍ଜନାଦି କାମରେ ସଫଳତା ହାସଲ କରିବେ।

**ଧନୁ** ଆଜି ଶାରୀରିକ ସୁସ୍ଥତା ସହ ବ୍ୟବସାୟିକ ଦିଗରେ ମଧ୍ୟ ସଫଳତା ମିଳିବ। ମୂଳା ନକ୍ଷତ୍ର ସକାଶେ ଈର୍ଷା ପରାୟଣ ବନ୍ଧୁଙ୍କ କାର୍ଯ୍ୟ ଅସନ୍ତୋଷଜନକ ରହିବ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ ସକାଶେ ମନ ବଳାଇପାରନ୍ତି। ସଙ୍ଗୀତ, ସାମ୍ବାଦିକତା, କ୍ରୀଡ଼ା, ସାହିତ୍ୟ, ଚଳଚ୍ଚିତ୍ର କ୍ଷେତ୍ରରେ ସମ୍ମାନିତ ହେବେ।

**ମକର** ଆଜି ଚନ୍ଦ୍ରଙ୍କ ଶୁଭତ୍ୱ ପ୍ରତ୍ୟେକ କାର୍ଯ୍ୟରେ ସଫଳତା, ବୈଷୟିକ ଅଭିବୃଦ୍ଧି ଓ ସମସ୍ୟା ସମାଧାନରେ ସହାୟକ ହେବ। ପଡ଼ୋଶୀଙ୍କ ସହ ବ୍ୟବହାରରେ ସଂଯମ ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ପରିଜନଙ୍କ ସହ ସୁଖଭ୍ରମଣ ଯୋଗ ରହିଛି। କଳା, ସାହିତ୍ୟ, ସଭାସମିତି ଓ ରାଜନୈତିକ ସ୍ତରରେ ଟେନ୍‌ସନ ଲାଗି ରହିବ ।

**କୁମ୍ଭ** ଆଜି ପୂର୍ବଭାଦ୍ରପଦ ନକ୍ଷତ୍ର ବନ୍ଧୁମିଳନ ସହ ଦେବଦର୍ଶନ, ପୂଜାର୍ଚ୍ଚନା ଦିଗରେ ନିଷ୍ଠାବାନ୍ ହୋଇପାରନ୍ତି। ପାରିବାରିକ ସ୍ତରରେ ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିବ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବ। ରାଜନୈତିକ ପରିସ୍ଥିତି କ୍ରମଶଃ ଜଟିଳ ହୋଇପାରେ।

**ମୀନ** ଆଜି ବନ୍ଧୁଙ୍କ ସହ ନୂତନ କର୍ମାରମ୍ଭ ସକାଶେ ଲାଗି ପଡ଼ିବେ। ରେବତୀ ନକ୍ଷତ୍ର ଆଧାତ୍ମିକ ଗ୍ରହ ପ୍ରଭାବରେ ଧର୍ମକାର୍ଯ୍ୟ, ସତ୍‌ସଙ୍ଗ ଦିଗକୁ ମନ ବଳାଇପାରନ୍ତି। ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିପାରେ। ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହାକି ବ୍ୟସ୍ତତାର କାରଣ ହେବ।

ଆଜି ସେପ୍ଟେମ୍ବର ୨ ତାରିଖ, ବିଶ୍ୱ ନାରିକେଳ ଦିବସ, ଶ୍ରୀମନ୍ଦିରରେ କୃଷ୍ଣଲୀଳା, କଂସବଧ ପ୍ରସ୍ତାବ, ଲବଣିଖିଆ, ମଥୁରାହାଟ ଜୁର, ମଥୁରାବିଜୟ ଯାତ୍ରା, ଭାଦ୍ରବ ଶୁକ୍ଳ ଦଶମୀ ମଙ୍ଗଳବାର। ରାଶିନକ୍ଷତ୍ର–ମୂଳା/ଧନୁ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୮।୪୦ ଗତେ, ଘ.୧୦।୩୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଘ.୦୧।୦୦ ଗତେ, ଘ.୦୧।୧୯ ମଧ୍ୟେ ରାହୁକାଳ।

## ଆୟୁଷ ହସ୍ପିଟାଲରେ ମିଳିବ ନିଦାନ ସେବା

ଭୁବନେଶ୍ୱର,୧।୯(ବନ୍ଦନା ସେଠୀ)

ଖୁବ୍‌ଶୀଘ୍ର ଆୟୁଷ ହସ୍ପିଟାଲ ଏବଂ ଡିସ୍‌ପେନ୍‌ସାରିରେ ନିଦାନ ସେବା (ରୋଗ ଚିହ୍ନଟ ଲାଗି ବିଭିନ୍ନ ପରୀକ୍ଷା) ପାଇବେ ରୋଗୀ। ପ୍ରଥମଥର ପାଇଁ ଆୟୁର୍ବେଦିକ ଏବଂ ହୋମିଓପାଥି ଚିକିତ୍ସାରେ ଏହି ସେବା ମିଳିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୋମବାର ସୂଚନା ଦେଇଛନ୍ତି। ରାଜ୍ୟରେ ଥିବା ଉଭୟ ହୋମିଓପାଥି ଏବଂ ଆୟୁର୍ବେଦିକର ୯ ମେଡିକାଲ କଲେଜ ଏବଂ ୧୧ଶହରୁ ଊର୍ଦ୍ଧ୍ୱ ଆୟୁଷ ଡିସ୍‌ପେନ୍‌ସାରିରେ ନିଦାନ ସେବା ମାଗଣାରେ ଉପଲବ୍ଧ ହେବ। ପୂର୍ବରୁ ଆୟୁଷ ଡିସ୍‌ପେନ୍‌ଶାରିରେ କେବଳ ଲକ୍ଷଣ ଦେଖି ଡାକ୍ତର ମେଡିସିନ୍ ଦେଉଥିଲେ। ମାତ୍ର ଏବେ ଜଣେ ରୋଗୀର ମେଡିକାଲ ଟେଷ୍ଟ ହେବା ପରେ ସେହି ରିପୋର୍ଟ ଦେଖି ମେଡିସିନ୍ ନେଇପାରିବେ। ଚିକିତ୍ସା କ୍ଷେତ୍ରରେ ଅଗ୍ରଗତି ଆଣିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରାୟ ୧ମାସ ମଧ୍ୟରେ ଏହି ବ୍ୟବସ୍ଥା ଲାଗୁ ହୋଇଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବାପ ଥିଲା ପୁଅ ସଭାରେ ଜିଣେ
ବୁଦ୍ଧି ଥିଲା ପୁଅ ପୋଷଇ ପଣେ।**

ବାପର ସାହାଯ୍ୟ ସମର୍ଥନ ପାଇଲେ ପୁଅର ସାହସ ଦ୍ୱିଗୁଣିତ ହୋଇଯାଏ। ଉତ୍ସାହ ପ୍ରେରଣା ପାଇଲେ ନିଜକୁ ହେୟ ମନେ ନ କରି ଆଗକୁ ବଢ଼ିଚାଲିଥାଏ। ସେହିପରି ତା'ର ଆତ୍ମବଳ, ଆତ୍ମବିଶ୍ୱାସ ବଢ଼ିଯିବା ସହ ସବୁ କ୍ଷେତ୍ରରେ ବିଜୟ ଲାଭ କରିବାର ସମ୍ଭାବନା ମଧ୍ୟ ବଢ଼ିଯାଇଥାଏ। ସେହିପରି ବୁଦ୍ଧିମନ୍ତ ପୁଅ ଯେକୌଣସି ଉପାୟରେ ମଧ୍ୟ ନିଜ ପରିବାର ପ୍ରତିପୋଷଣ କରିବାକୁ ସମର୍ଥ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବଜ୍ରର ବାଣ
ଘଇତା ଉପରେ ମାଇପ ଟାଣ।**

ସ୍ୱାମୀ ନିକମା ବା ଅପାରଗ ହେଲେ ସ୍ତ୍ରୀର ଆଧିପତ୍ୟ ବଢ଼ିଯାଇଥାଏ। ଏପରିସ୍ଥଳେ ସ୍ତ୍ରୀ ନିଜ ସ୍ୱାମୀ ଆଗରେ ଟାଣପଣ ଦେଖେଇ ହେବା ସହ ନିଜର କର୍ତ୍ତୃତ୍ୱ ଜାହିର କରିବାକୁ ଉଚିତ ମଣୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଶ୍ରୀମନ୍ଦିର ପରିସରରେ ଖୋଲିଲା ସ୍ତନ୍ୟପାନ ଗୃହ

ପୁରୀ,୧।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପରିସରରେ ସୋମବାରଠାରୁ ଖୋଲିଛି ମାତୃ ଶିଶୁ ସ୍ତନ୍ୟପାନ ଗୃହ। ଶ୍ରୀମନ୍ଦିର ପରିସରସ୍ଥ ଶାଖା କାର୍ଯ୍ୟାଳୟ ତଳେ ଶୀତତାପ ନିୟନ୍ତ୍ରିତ ଏକ ଗୃହରେ ଏହି ବ୍ୟବସ୍ଥା କରାଯାଇଛି। ଏକକାଳୀନ ୪ଜଣ ମହିଳା ଶିଶୁଙ୍କୁ ସ୍ତନ୍ୟପାନ କରାଇପାରିବେ। ସେଠାରେ ଦୁଇଜଣ ମହିଳା ଜେଟିପି ଏବଂ ମେଡିକାଲ ଟିମ୍ ମଧ୍ୟ ନିୟୋଜିତ କରାଯାଇଛି। ଏ ନେଇ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ଦିବ୍ୟରଞ୍ଜନ ପରିଡ଼ା କହିଛନ୍ତି, ମା ଏବଂ ଶିଶୁଙ୍କ ସୁବିଧା ପାଇଁ ଶ୍ରୀମନ୍ଦିର ପରିସରରେ ମାତୃ ଶିଶୁ ସ୍ତନ୍ୟପାନ କକ୍ଷ ଖୋଲାଯିବା ଲାଗି ବିଭିନ୍ନ ମହଲରେ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲା। ଏଥିଲାଗି ସ୍ଥାନ ନିରୂପଣ କରାଯାଇ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯାଇଛି।

## ୧ ଡଲାର= ୮୮.୧୦ ଟଙ୍କା

ନୂଆଦିଲ୍ଲୀ,୧।୯

ଭାରତରୁ ଆମଦାନି ସାମଗ୍ରୀ ଉପରେ ଆମେରିକାର ଟାରିଫ୍ ଚାପ, ଶେୟାର ବଜାରରେ ଅସ୍ଥିରତା ଯୋଗୁ ବିଦେଶୀ ନିବେଶକମାନେ ଅର୍ଥ ଉଠାଇନେବା ଆଦି କାରଣରୁ ଭାରତୀୟ ମୁଦ୍ରା ମୂଲ୍ୟରେ ସୋମବାର ସର୍ବକାଳୀନ ଅବନତି ଘଟି ଡଲାର ତୁଳନାରେ ୮୮.୩୩କୁ ହ୍ରାସ ପାଇଥିଲା। ପରେ ଏଥିରେ ସାମାନ୍ୟ ଉନ୍ନତି ଘଟି ୧ ଡଲାରର ମୂଲ୍ୟ ୮୮ ଟଙ୍କା ୧୦ ପଇସା ହୋଇଛି। ଭାରତୀୟ ସାମଗ୍ରୀ ଉପରେ ଆମେରିକା ୫୦% ଟାରିଫ୍ ଲଗାଇଥିବାରୁ ଆର୍ଥିକ ନିଅଣ୍ଟ ଅଧିକ ବଢ଼ିବା ଆଶଙ୍କା କରାଯାଉଛି। ଉକ୍ତ ଟାରିଫ୍ ଯୋଗୁ ଭାରତୀୟ ପୁଞ୍ଜି ବଜାର ପ୍ରଭାବିତ ହୋଇଛି। ଏହି ସ୍ଥିତି ଜାରି ରହିଲେ ଭବିଷ୍ୟତରେ ଭାରତୀୟ ରପ୍ତାନି ଆହୁରି ପ୍ରଭାବିତ ହେବ। ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ମଧ୍ୟ ଭାରତୀୟ ଶେୟାର ମାର୍କେଟରୁ ପୁଞ୍ଜି ପ୍ରତ୍ୟାହାର କରିନେବେ। ଫଳରେ ଟଙ୍କା ଆଗକୁ ଅଧିକ ଦୁର୍ବଳ ହେବା ସମ୍ଭାବନା ଦେଖାଦେଇଛି।

## ଡେବ୍ରିଗଡ଼କୁ ଦେଶର ଶ୍ରେଷ୍ଠ ଅଭୟାରଣ୍ୟରେ ପରିଣତ ପାଇଁ ମାଷ୍ଟରପ୍ଲାନ

### ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ପ୍ରଧାନମନ୍ତ୍ରୀଙ୍କ ଉପଦେଷ୍ଟା

ସମ୍ବଲପୁର,୧।୯(ପ୍ରମୋଦ ବହିଦାର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପଦେଷ୍ଟା ତରୁଣ କପୁର ସମ୍ବଲପୁର ଗସ୍ତରେ ଆସି ଜିଲାର ବିଭିନ୍ନ ପ୍ରମୁଖ ଉନ୍ନୟନମୂଳକ ପ୍ରକଳ୍ପର ପ୍ରଗତି ସମ୍ପର୍କରେ ସୋମବାର ସମୀକ୍ଷା କରିଛନ୍ତି। ସେ ହୀରାକୁଦ ଜଳଭଣ୍ଡାର ପରିଦର୍ଶନ ସମୟରେ ଏଠାରେ ସ୍ୱତନ୍ତ୍ର ପୁଞ୍ଜିନିବେଶ ସହାୟତା ଯୋଜନା ଅଧୀନରେ ଜାରି ରହିଥିବା ନିର୍ମାଣ କାର୍ଯ୍ୟଗୁଡ଼ିକର ଅଗ୍ରଗତି ଦେଖିଥିଲେ। ଏହି ଅବସରରେ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ତାଙ୍କୁ ହୀରାକୁଦ ପର୍ଯ୍ୟଟନ ଉନ୍ନୟନ ପ୍ରୟାସ ଅଧୀନରେ ପ୍ରସ୍ତାବିତ ବିଭିନ୍ନ କାର୍ଯ୍ୟର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବା ସମ୍ପର୍କରେ ସୂଚନା ଦିଆଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ଉପଦେଷ୍ଟା କପୁର ରବିବାର ଡେବ୍ରିଗଡ଼ ଅଭୟାରଣ୍ୟ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଏହି ଅଭୟାରଣ୍ୟର ପରିବେଶ ବେଶ୍ ଚମକୃତ କରିଛି। ଏହାକୁ ଭାରତର ଶ୍ରେଷ୍ଠ ଅଭୟାରଣ୍ୟରେ ପରିଣତ କରିବା ପାଇଁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତି ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

## ଜାତୀୟ ପତାକାର ଅସମ୍ମାନ ରୋକ: ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ

### ସମ୍ମାନ ଅକ୍ଷୁର୍ଣ୍ଣ ପାଇଁ ସବୁ ଆର୍‌ଡିସି ଓ ଜିଲାପାଳଙ୍କୁ ଗୃହ ବିଭାଗର ନିର୍ଦ୍ଦେଶ

ଭୁବନେଶ୍ୱର,୧।୯(ରବିନାରାୟଣ ଜେନା)

ଭାରତୀୟ ଜାତୀୟ ପତାକା ଦେଶବାସୀଙ୍କ ଆଶା ଏବଂ ଆକାଂକ୍ଷାର ପ୍ରତୀକ, ସମସ୍ତଙ୍କ ମନରେ ଜାତୀୟ ପତାକା ପ୍ରତି ଗଭୀର ସମ୍ମାନ ରହିଛି। ହେଲେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ (ଇଭେଣ୍ଟ)ବେଳେ ଏହାର ଅସମ୍ମାନ କରାଯାଉଛି। କାର୍ଯ୍ୟକ୍ରମ ବେଳେ ଯେଉଁ କାଗଜରେ ପ୍ରସ୍ତୁତ ଜାତୀୟ ପତାକାକୁ ସମ୍ମାନ କରାଯାଉଛି, ଶେଷରେ ସେହି ଜାତୀୟ ପତାକାକୁ ଭୂମି ଉପରେ ଫିଙ୍ଗି ଦିଆଯାଉଛି। ଏହା ଆଦୌ ଗ୍ରହଣୀୟ ନୁହେଁ, ଏହି ଅସମ୍ମାନକୁ ତୁରନ୍ତ ରୋକିବା ଦିଗରେ ଉଚିତ୍ ପଦକ୍ଷେପ ନେବା ଲାଗି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମୁଖ୍ୟଶାସନ ସଚିବଙ୍କୁ କୁହାଯାଇଛି।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ଅନୁସଚିବ କମଲେସ ରବିଦାସ ଏନେଇ ମୁଖ୍ୟଶାସନ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି ଯେ, ସଚେତନତା ଅଭାବରୁ ଅଧିକାଂଶ କାର୍ଯ୍ୟକ୍ରମ ବେଳେ ଏହାର ଅସମ୍ମାନ କରାଯାଉଛି। ଏହି କ୍ଷେତ୍ରରେ ୨୦୦୨ ଭାରତୀୟ ପତାକା କୋଡ୍ (୨୦୨୧ ଏବଂ ୨୦୨୨ରେ ସଂଶୋଧିତ) ଏବଂ ୧୯୭୧ ଜାତୀୟ ସମ୍ମାନର ଅପମାନ ରୋକିବା ଆଇନର ବ୍ୟବସ୍ଥାଗୁଡ଼ିକର ଅନୁପାଳନ ହେବା ଆବଶ୍ୟକ।

ସେ ଉଲ୍ଲେଖ କରିଛନ୍ତି, ଲୋକମାନଙ୍କ ମଧ୍ୟରେ ଏବଂ ସରକାରୀ ସଂସ୍ଥାଗୁଡ଼ିକରେ ପତାକାର ପ୍ରଦର୍ଶନ ସମ୍ବନ୍ଧରେ ଆଇନ, ପ୍ରଥା ଏବଂ ପରମ୍ପରାଗୁଡ଼ିକ ସମ୍ପର୍କରେ ସଚେତନତାର ଅଭାବ ଦେଖାଦେଉଛି। ବିଶେଷ ଭାବରେ, ପତାକା କୋଡ୍‌ର ପାର୍ଟ–୨ର ପାରାଗ୍ରାଫ୍ ୨.୨ର କ୍ଲଜ୍(ଏକ୍ସ) ଅନୁଯାୟୀ, କାଗଜରେ ନିର୍ମିତ ଜାତୀୟ ପତାକାକୁ ଜାତୀୟ, ସାଂସ୍କୃତିକ ଏବଂ କ୍ରୀଡ଼ା ଇଭେଣ୍ଟଗୁଡ଼ିକରେ ଜନସାଧାରଣ ଦ୍ୱାରା ଉଡ଼ାଇପାରିବେ। ଇଭେଣ୍ଟ ପରେ ପତାକାଗୁଡ଼ିକୁ ଭୂମିରେ ଫୋପାଡ଼ିବା କିମ୍ବା ଫିଙ୍ଗିବା ଉଚିତ୍ ନୁହେଁ।

ପ୍ରଥମ ପୃଷ୍ଠାରୁ...

## ବଢ଼ିଛି ବଜେଟ୍ ଖର୍ଚ୍ଚ...

ପାଉଥିଲେ ତାହା ଅପେକ୍ଷାକୃତ ହ୍ରାସ୍ ପାଇଛି। ୨୦୨୦–୨୧ରେ ରାଜ୍ୟ ସରକାର ଏସ୍‌ଜିଏସ୍‌ଟିରୁ ୧୩ ହଜାର ୪୩କୋଟି ଟଙ୍କା ପାଇଥିବାବେଳେ ୨୦୨୧–୨୨ରେ ୧୬ହଜାର ୩୯୨କୋଟି, ୨୦୨୨–୨୩ରେ ୧୮ହଜାର ୬୦୧ କୋଟି, ୨୦୨୩–୨୪ରେ ୨୩ହଜାର ୮୯୬କୋଟି ଏବଂ ୨୦୨୪–୨୫ରେ ଏହା ବଢ଼ି ୨୫ହଜାର ୬୧କୋଟିରେ ପହଞ୍ଚିଛି। ସେହି ତୁଳନାରେ ରାଜ୍ୟ ସରକାର ଜମିଜମା ପଞ୍ଜୀକରଣରୁ ଯେତିକି ରାଜସ୍ୱ ପାଇବା କଥା ତାହା ପାଇ ନାହାନ୍ତି। ୨୦୨୦–୨୧ରେ ରାଜ୍ୟ ସରକାର ୨,୯୪୨ କୋଟି ଟଙ୍କାର ରାଜସ୍ୱ ପଞ୍ଜୀକରଣରୁ ପାଇଥିବାବେଳେ ଏହା ୨୦୨୧–୨୨ରେ ୨,୪୧୯ କୋଟିକୁ ହ୍ରାସ୍ ପାଇଥିଲା। ସେହିପରି ୨୦୨୨–୨୩ରେ ଏହା ହ୍ରାସ୍ ପାଇ ୧,୯୯୭ କୋଟିରେ ପହଞ୍ଚିଥିବାବେଳେ ୨୦୨୩–୨୪ରେ ଟିକିଏ ବଢ଼ି ୨ହଜାର ୧୨୭ କୋଟିରେ ପହଞ୍ଚିଥିଲା। ମାତ୍ର ୨୦୨୪–୨୫ ଆର୍ଥିକବର୍ଷ ଏହା ପୁଣି ୧,୯୮୭ କୋଟି ଟଙ୍କାକୁ ହ୍ରାସ୍ ପାଇଥିବା ତଥ୍ୟରୁ ଜଣାଯାଇଛି।

## ଓଡ଼ିଶାରେ କାର୍ଯ୍ୟକାରୀ...

ଅର୍ଥନୈତିକ କ୍ଷେତ୍ର (ବିସିପିପିଇଆର୍)ର ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଏକ ସକ୍ରିୟ ସହର–ଶିଳ୍ପ କରିଡର ଭାବରେ ପରିକଳ୍ପନା କରାଯାଇଛି। ଏହି ଯୋଜନାରେ ସମ୍ବଲପୁର–ଝାରସୁଗୁଡ଼ା–ବରଗଡ଼, କୋରାପୁଟ–ସୁନାବେଡ଼ା–ଜୟପୁର ଏବଂ କେନ୍ଦୁଝର–ଯୋଡ଼ା–ବଡବିଲ ଭଳି ଅନ୍ୟାନ୍ୟ ପ୍ରମୁଖ ହବ୍‌କୁ ବିସ୍ତାର କରିବା ପ୍ରସ୍ତାବ ଦିଆଯାଇଛି। ଏହାବ୍ୟତୀତ ଅନୁଗୋଳ, ବଲାଙ୍ଗୀର, ଭଦ୍ରକ, ବ୍ୟାସନଗର, କେନ୍ଦୁଝର, ବାରିପଦା, ରାୟଗଡ଼ା ଏବଂ ରାଉରକେଲା ସମେତ ଶିଳ୍ପ କ୍ଲଷ୍ଟର ଆଖପାଖରେ ଥିବା ୮ଟି ସହରକୁ ମଡେଲ ସହର ଭାବରେ ବିକଶିତ କରାଯିବ ବୋଲି ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଏନେଇ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ କହିଛନ୍ତି, ଓଡ଼ିଶାର କ୍ୱାଡ୍ ସିଟି କାର୍ଯ୍ୟକ୍ରମ ସମୃଦ୍ଧ ସହର ଯୋଜନା ସହିତ ସହରାଞ୍ଚଳ ବିସ୍ତାର କରିବା ସହ ଆର୍ଥିକ କାରବାର, ଶିଳ୍ପ ସୁଯୋଗ ଏବଂ ଅନ୍ତର୍ଭୁକ୍ତିମୂଳକ ବିକାଶକୁ ସୁଦୃଢ଼ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହି ଅଞ୍ଚଳଗୁଡ଼ିକ ଜାତୀୟ ଏବଂ ବିଶ୍ୱ ଅର୍ଥନୀତିରେ ଓଡ଼ିଶାର ଭୂମିକାକୁ ବୃଦ୍ଧି କରିବା ସହିତ ସନ୍ତୁଳିତ ଆଞ୍ଚଳିକ ଅଭିବୃଦ୍ଧି ପାଇଁ ଏକ ଢାଞ୍ଚା ପ୍ରଦାନ କରିବ। ପରସ୍ପର ସଂଯୁକ୍ତ ଅର୍ଥନୈତିକ କ୍ଷେତ୍ର ଏବଂ ସ୍ଥାୟୀ ସହରାଞ୍ଚଳ–ଶିଳ୍ପ କରିଡର ସୃଷ୍ଟି କରି ଓଡ଼ିଶା ଏହାର ସହରଗୁଡ଼ିକୁ ନବସୃଜନ, ବାଣିଜ୍ୟ ଏବଂ ସମୃଦ୍ଧିର ଭବିଷ୍ୟତ ପ୍ରସ୍ତୁତ କେନ୍ଦ୍ର ଭାବରେ କାର୍ଯ୍ୟ କରିବାକୁ ପ୍ରସ୍ତୁତ କରୁଥିବା ପାଢ଼ୀ ମତ ରଖିଛନ୍ତି।

## ଗ୍ରୋସେରି ଦୋକାନୀଙ୍କୁ...

କରିବା, ଋଣ ପାଇବା କିମ୍ବା ଟିକସ ଫାଙ୍କିବା ଆଦି ପାଇଁ ଅନ୍ୟ ଜଣଙ୍କର ପାନ୍ ବିବରଣୀକୁ ବ୍ୟବହାର କରିଥାନ୍ତି। ସାଧାରଣତଃ ଅପ୍ରତ୍ୟାଶିତ ଭାବେ ଟିକସ ନୋଟିସ ଆସିବା ପରେ ଯାଇ ପୀଡ଼ିତମାନେ ଏପରି ଠକେଇର ସମ୍ମୁଖୀନ ହୋଇଥିବା ନେଇ ଜାଣିପାରିଥାନ୍ତି। ଏପରି ବିପଦକୁ କମ୍ କରିବା ପାଇଁ ନିୟମିତ ଭାବେ କ୍ରେଡିଟ୍ ରିପୋର୍ଟକୁ ଯାଞ୍ଚ୍ କରିବା ଓ ଆଧାର ସହ ପାନ୍ କାର୍ଡକୁ ଲିଙ୍କ୍ କରିବା ନିତାନ୍ତ ଆବଶ୍ୟକ ବୋଲି ବିଶେଷଜ୍ଞମାନେ କହିଛନ୍ତି।

## ଏମ୍‌କେସିଜିରେ ପୁଣି ରାଗିଂ

ବ୍ରହ୍ମପୁର,୧।୯(ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ ଏମ୍‌ବିବିଏସ୍ ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ରାଗିଂ କରାଯାଇଥିବା ଅଭିଯୋଗ ହୋଇଛି। ୟୁନିୟନ ବୈଠକ କରିବା ନାଁରେ କେତେଜଣ ବରିଷ୍ଠ ଛାତ୍ର ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ହଷ୍ଟେଲରୁ ଡାକି ନେଇ ରାଗିଂ କରିଛନ୍ତି। ରାଗିଂର ଶିକାର ହୋଇଥିବା ଛାତ୍ର ଜଣଙ୍କ ଦିଲ୍ଲୀ ଆଣ୍ଟି ରାଗିଂ ସେଲ୍ ନିକଟରେ ଅଭିଯୋଗ କରିଛନ୍ତି। ସେଠାରୁ ନିର୍ଦ୍ଦେଶ ଆସିବା ପରେ ଏମ୍‌କେସିଜି କର୍ତ୍ତୃପକ୍ଷ ହଷ୍ଟେଲକୁ ଯାଇ ଛାତ୍ରଙ୍କୁ ପଚରାଉଚରା କରିଛନ୍ତି। ଘଟଣାକୁ ନେଇ ମଙ୍ଗଳବାର ଏମ୍‌କେସିଜିର ଆଣ୍ଟି ରାଗିଂ କମିଟି ବୈଠକ ବସିବ ବୋଲି ସୂଚନା ମିଳିଛି।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବାଲିଅନ୍ତା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୮ ଟା।
- ଆଇଫରେଷ୍ଟ ପକ୍ଷରୁ ଜାତୀୟ ସମ୍ମିଳନୀ ଏବଂ ରିପୋର୍ଟ ରିଲିଜ୍, ସ୍ଥାନ: ଲେମନ୍ ଟ୍ରୀ, ସମୟ: ସକାଳ ୯ ଟା ୩୦।
- ଅଲ୍ ଓଡ଼ିଶା ରଜକ ମହାସଂଘ ପକ୍ଷରୁ ୨ୟ ବାର୍ଷିକ ଅଧିବେଶନ ଓ ସାଧାରଣ ସଭା, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ ଟା।
- ନୃତ୍ୟାଞ୍ଜଳି ପକ୍ଷରୁ ନୃତ୍ୟାଞ୍ଜଳି ସମ୍ମାନ ଏବଂ ନାଟ୍ୟ ପୁରୁଷ ସମ୍ମାନ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଭାରତୀୟ ମଜଦୁର ସଂଘ ପକ୍ଷରୁ ଓଡ଼ିଶାର ଗରିବ ରୋଗୀ ଏବଂ ନିଜ କର୍ମଚାରୀଙ୍କ ପ୍ରତି ଆପୋଲୋ ହସ୍ପିଟାଲ ଦ୍ୱାରା ହେଉଥିବା ଅନ୍ୟାୟ ବିରୋଧରେ ଖବରଦାତା ସମ୍ମିଳନୀ, ସ୍ଥାନ: ରାଜ୍ୟ କାର୍ଯ୍ୟାଳୟ, ବିଏମ୍‌ସି, ଭିଏ–୨୩/୩, ୟୁନିଟ୍ ୨, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୧ ଟା।
- ଚୌଦ୍ୱାର ଜାଗରଣ ମଞ୍ଚ ପକ୍ଷରୁ ଏନ୍‌ଏଚ୍ ୫୫ର ରିଜିଓନାଲ୍ ମ୍ୟାନେଜରଙ୍କ ମିଥ୍ୟା ପ୍ରତିଶ୍ରୁତି, ତଦାରଖରେ ଅବହେଳା ଓ ଦୁର୍ନୀତି ବିରୋଧରେ ଘେରାଉ, ସ୍ଥାନ: ଆଞ୍ଚଳିକ ଅଫିସ୍, ସମୟ:ପୂର୍ବାହ୍ନ ୧୧ ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପଦ୍ମଶ୍ରୀ ରଜତ କୁମାର କରଙ୍କ ୯୨ତମ ଜୟନ୍ତୀ ପାଳନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।

### କଟକ
- କଟକ ସତସଙ୍ଗ ବିହାର ପକ୍ଷରୁ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୮୦ତମ ଦେଓଘର ଆଗମନ ଦିବସ ପାଳନ, ସ୍ଥାନ: ସତ୍‌ସଙ୍ଗ ବିହାର, ବକ୍ସିବଜାର, ସମୟ: ସନ୍ଧ୍ୟା ୬ଟା ୩୦।

### ପୁରୀ
- ଜିଲ୍ଲା କଂଗ୍ରେସ କମିଟି ଚୟନ, ସ୍ଥାନ: ସଂସ୍କୃତି ଭବନ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- କଂସ ବଧ ପ୍ରସ୍ତାବ ଓ ଲବଣିଖିଆ ସହ ମଥୁରା ହାଟ ନୀତି, ସ୍ଥାନ: ସିଂହଦ୍ୱାର ସମ୍ମୁଖ, ସମୟ: ଅପରାହ୍ନ ୩ଟା।

### ବାଲେଶ୍ୱର
- ମଧ୍ୟସ୍ଥତା ତାଲିମ କର୍ମଶାଳାର ତୃତୀୟ ଦିବସ, ସ୍ଥାନ: ଜିଲା ଆଇନସେବା ପ୍ରାଧିକରଣ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

### ଭଦ୍ରକ
- ୬୯ତମ ବୀମା ସପ୍ତାହ ଦିବସ ପାଳନ, ସ୍ଥାନ: ବନ୍ତଛକ ଜୀବନବୀମା କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ କ୍ରୀଡ଼ାର ଉଦ୍‌ଯାପନୀ, ସ୍ଥାନ: ମାଞ୍ଜୁରୀ ବଳଦେବଜୀଉ ଉଚ୍ଚ ବିଦ୍ୟାଳୟ, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୩ଟା।

### କେନ୍ଦୁଝର
- ଡିଏମ୍‌ଏଫ୍ ଉଦ୍ୟମର ଶୁଭାରମ୍ଭ, ସ୍ଥାନ: କେନ୍ଦୁଝର ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜନଶୁଣାଣି କାର୍ଯ୍ୟକ୍ରମ ବୈଠକ, ସ୍ଥାନ: ହାଟଡ଼ିହୀ ବ୍ଲକ, ସମୟ : ପୂର୍ବାହ୍ନ ୧୧ ଟା।
- ଦ୍ୱିତୀୟ ଚକ୍ଷୁ ଅପରେସନ ଥିଏଟର ଉଦ୍‌ଘାଟନ, ସ୍ଥାନ: କେନ୍ଦୁଝର ଏଲ୍‌ଭି ପ୍ରସାଦ ଚକ୍ଷୁ ହସ୍ପିଟାଲ, ସମୟ: ଅପରାହ୍ନ ୨ଟା ୩୦।
- ଶ୍ରୀ ମହାବୀର ମନ୍ଦିରରେ ନାମ ସଂକୀର୍ତ୍ତନ, ସ୍ଥାନ : ହାବଲେଶ୍ୱର, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା ୩୦।

### ମୟୂରଭଞ୍ଜ
- ମହିଳା ପ୍ରାର୍ଥୀଙ୍କ ଅଗ୍ନିବୀର ବାୟୁ ନିଯୁକ୍ତି, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ସକାଳ ୭ଟା।
- ବ୍ଲକସ୍ତରୀୟ ଶାରଦୀୟ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ:ଚିକାୟତପୁର ବାଳିକା ଉଚ୍ଚ ବିଦ୍ୟାଳୟ, ଗୋପବନ୍ଧୁ ନଗର ବ୍ଲକ୍, ସମୟ:ପୂର୍ବାହ୍ନ ୧୦ଟା।
- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସାଧାରଣ ସଭା ଓ ପୁରସ୍କାର ବିତରଣ ସଭା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାରିପଦା ମ୍ୟୁନସିପାଲିଟି କାର୍ଯ୍ୟାଳୟ ପରିସର,ସମୟ: ସନ୍ଧ୍ୟା ୭ଟା।

### ବ୍ରହ୍ମପୁର
- ଜିଲାସ୍ତରୀୟ ଭାରୋତ୍ତଳନ, ବାସ୍କେଟବଲ, ସୁଇମିଂ ପ୍ରତିଯୋଗିତ, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ,ସମୟ: ସକାଳ ୭ଟା ୩୦।
- ରଙ୍ଗେଇଲୁଣ୍ଡା ବିମାନ ବନ୍ଦର ସମ୍ପ୍ରସାରଣ ସଂପର୍କିତ ବୈଠକ, ସ୍ଥାନ: ଆରଡିସି ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୧ଟା।

### ଗଞ୍ଜାମ
- ଜୋନାଲସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ରଷିକୁଲ୍ୟା ଷ୍ଟାଡିୟମ, କାଳକ୍ଷଣ୍ଡପୁର ଓ ପ୍ରଗତି ବିଦ୍ୟାପୀଠ, କେନ୍ଦୁପଦର, ଆସିକା ବ୍ଲକ, ସମୟ: ସକାଳ ୯ ଟା।

### ଜଗତସିଂହପୁର
- ଜିଲା ଉନ୍ନୟନ ସମନ୍ୱୟ ଏବଂ ପରିଚାଳନା ସମିତି (ଦିଶା) ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

### କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଆଳିଜଙ୍ଗା, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

### ନୟାଗଡ଼
- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣ ଓ ପ୍ରବଚନର ୩ୟ ଦିବସରେ ପାରାୟଣ, ସ୍ଥାନ: ଦଶପଲ୍ଲା ଦୁର୍ଗା ବଜାର, ସମୟ: ସକାଳ ୭ ଟା।
- କଂଗ୍ରେସ ପକ୍ଷରୁ ସାଙ୍ଗଠନିକ କାର୍ଯ୍ୟକ୍ରମ ଉଦ୍ଦେଶ୍ୟରେ ସୃଜନ ଅଭିଯାନ, ସ୍ଥାନ: ନୟାଗଡ଼ ବିଜୁ ପଟ୍ଟନାୟକ କଲ୍ୟାଣୀ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପ୍ରବଚନରେ କପିଳ ଦେବହୂତି ସମ୍ବାଦ, ଦକ୍ଷଯଜ୍ଞ ଓ ପ୍ରହ୍ଲାଦ ଚରିତ, ସମୟ: ସନ୍ଧ୍ୟା ୭ଟା।

### ରାୟଗଡ଼ା
- ଏଆଇସିସି ପର୍ଯ୍ୟବେକ୍ଷକ ରିଜୱାନ ଅର୍ଶଦ ଏବଂ ରାୟଗଡା ଜିଲାର ବିଧାୟକଙ୍କ ସଂଗଠନ ସୃଜନ ଅଭିଯାନକୁ ନେଇ ସାମ୍ବାଦିକ ସମ୍ମିଳନୀ, ସ୍ଥାନ: ଟାଉନ ହଲ, ରାୟଗଡା, ସମୟ: ମଧ୍ୟାହ୍ନ ୧୨ଟା ୩୦।

### ନବରଙ୍ଗପୁର
- ଶ୍ରୀଅର୍ଣ୍ଣ ଅଭିଯାନ ପ୍ରକଳ୍ପ ଆନୁକୁଲ୍ୟରେ ଫୁପୁଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମାଣ୍ଡିଆ ପ୍ରସ୍ତୁତି ଖାଦ୍ୟ ପ୍ରଦର୍ଶନ, ସ୍ଥାନ: ଫୁପୁଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

### କୋରାପୁଟ
- ଜିଲାପାଳଙ୍କ ନନ୍ଦପୁର ଓ ସେମିଳିଗୁଡା ବ୍ଲକ ପରିଦର୍ଶନ, ସ୍ଥାନ: ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।

### ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ : ସକାଳ ୬ଟା।
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଭୀମ ଭୋଇ ଉଦ୍ୟାନ ନିକଟସ୍ଥ କଲ୍ୟାଣ ମଣ୍ଡପ, ସମୟ: ସକାଳ ୭ଟା।

### ରାଉରକେଲା
- ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ଗୃହ ବଣ୍ଟନରେ ଅନିୟମିତା ନେଇ ବିକ୍ଷୋଭ କାର୍ଯ୍ୟକ୍ରମ, ସ୍ଥାନ: ଆର୍‌ଡିଏ କାର୍ଯ୍ୟାଳୟ, ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପ୍ରଗତି ଉତ୍କଳ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସେକ୍ଟର–୭ ପ୍ରଗତି ଉତ୍କଳ ସଂଘ, ସମୟ: ସନ୍ଧ୍ୟା ୬ଟା ୩୦।
- ବାସନ୍ତୀ ଦୁର୍ଗାପୂଜା ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ୟୁଥ୍ କ୍ଲବ ପରିସର, ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୬ଟା ୩୦।

### ସୁନ୍ଦରଗଡ଼
- ରୋଟାରୀ କ୍ଲବ ପକ୍ଷରୁ ନୈତିକ ମୂଲ୍ୟବୋଧ ବିଷୟରେ ଆଲୋଚନା ଚକ୍ର,ସ୍ଥାନ: ଓଡ଼ିଶା ଆଦର୍ଶ ବିଦ୍ୟାଳୟ,ସୁନ୍ଦରଗଡ,ସମୟ: ପୂର୍ବାହ୍ନ୧୦ଟା୩୦।
- କବି ବିନୋଦ ଚନ୍ଦ୍ର ନାଏକଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ, ସ୍ଥାନ: ବିକାଶ ଭବନ, ସୁନ୍ଦରଗଡ, ସମୟ:ସନ୍ଧ୍ୟା ୬ଟା।
- କବି ବିନୋଦ ଚନ୍ଦ୍ର ନାଏକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ, ସ୍ଥାନ: ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣ, ସମୟ: ଅପରାହ୍ନ ୫ଟା୩୦।

### ବରଗଡ଼
- ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଜନ ଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଖାରବନ୍ଧ,ସମୟ: ପୂର୍ବାହ୍ନ ୧୦ଟା।

### କଳାହାଣ୍ଡି
- ମା' ମାଣିକେଶ୍ୱରୀଙ୍କ ନିକଟରେ ଲାଗିବ ନବାନ୍ନ, ପ୍ରସାଦ ବଣ୍ଟନ, ସ୍ଥାନ: ଭବାନୀପାଟଣା ମାଣିକେଶ୍ୱରୀ ମନ୍ଦିର, ସମୟ: ସକାଳ ୮ଟା ୪୫।

### ବୌଦ୍ଧ
- ଗେହ୍ଲାମା କଳାନିକେତନର ନୂଆଖାଇ ଭେଟ୍‌ଘାଟ୍ ନେଇ ପ୍ରସ୍ତୁତି ବୈଠକ,ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ବୌଦ୍ଧ, ସମୟ:ପୂର୍ବାହ୍ନ ୧୧ଟା।

### ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।
- ସାର୍ବଜନୀନ ଗଣେଶ ମେଳା ଅବସରରେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଛକସ୍ଥିତ ପୂଜା ପେଣ୍ଡାଲ, ସମୟ: ରାତି ୮ଟା।

### ସୁବର୍ଣ୍ଣପୁର
- ଜିଲା ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ:ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା ୩୦।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

### ନୂଆପଡ଼ା
- ଭିଡିଓ କନଫରେନ୍ସ ମାଧ୍ୟମରେ ନୂତନ ଏଡିଜେ କୋର୍ଟ ଉଦ୍‌ଘାଟନ, ସ୍ଥାନ: ଖଡିଆଳ କୋର୍ଟ ପରିସରରେ କାର୍ଯ୍ୟକ୍ରମ, ସମୟ: ସକାଳ ୯ଟା ୪୫।
- ପ୍ରଦେଶ କଂଗ୍ରେସ ସଭାପତିଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ଖୁଣ୍ଟିଆ ଭବନ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସଙ୍ଗଠନ ଶ୍ରୀଜନ ଅଭିଯାନକୁ ନେଇ ଜିଲାସ୍ତରୀୟ କଂଗ୍ରେସ କର୍ମକର୍ତ୍ତାଙ୍କ ଆଲୋଚନା, ସ୍ଥାନ: କଲ୍ୟାଣ ମଣ୍ଡପ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ଦିନଟି ହସଖୁସିରେ କଟିବା ସହ ସାମାଜିକ ସ୍ତରରେ ସମ୍ମାନର ଅଧିକାରୀ ହେବେ। ଆର୍ଥିକ କ୍ଷେତ୍ରରେ ଉନ୍ନତି ଏବଂ ସମସ୍ୟା ମଧ୍ୟ ସମାଧାନ ହେବ। ଅଶ୍ୱିନୀ ନକ୍ଷତ୍ର ସକାଶେ ବିଶେଷ ଭ୍ରମଣଜନିତ ଅବସାଦ ଦେଖାଦେଇପାରେ। ବାଣିଜ୍ୟ, ବ୍ୟବସାୟ କେତେକାଂଶରେ ଚିନ୍ତାଜନକ ସ୍ଥିତିକୁ ଆସିବାର ସୂଚନା ପରିଲକ୍ଷିତ ହେବ ।

**ବୃଷ** — ପ୍ରିୟଜନଙ୍କ ସାନ୍ନିଧ୍ୟ ଲାଭକରି ଆନୁଷ୍ଠାନିକ କାମ ସକାଶେ ଧାଁ ଦୌଡ଼ କରିବାକୁ ପଡ଼ିପାରେ। ଯାତ୍ରା ସମୟରେ ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ। ମୃଗଶିରା ନକ୍ଷତ୍ର ସାମୟିକ ପୁରାତନ ରୋଗରୁ ପୀଡ଼ା ଅନୁଭବ କରିପାରନ୍ତି। ଶିଳ୍ପ, ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂରହେବା ଆଶା ରହିଛି।

**ମିଥୁନ** — ଆରଦ୍ରା ନକ୍ଷତ୍ର ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମ ସମ୍ପନ୍ନ କରିବେ। ଅର୍ଥନୈତିକ କ୍ଷେତ୍ରରେ ସାଧାରଣ ସମସ୍ୟା ଦେଖାଦେବ। ପରିବାର ସଦସ୍ୟଙ୍କୁ ସନ୍ଦେହ କରି ଅଯଥା ପାରିବାରିକ ବାତାବରଣକୁ ଅସ୍ଥିର କରିପାରନ୍ତି। ଜମିଜମା ସମ୍ପର୍କିତ ସମସ୍ୟା, ବନ୍ଧୁଙ୍କ ମିଥ୍ୟା ପ୍ରତିଶ୍ରୁତି, କାମରେ ପ୍ରତୀକ୍ଷାକୁ କେନ୍ଦ୍ରକରି କ୍ଷୋଭ ପ୍ରକାଶ କରିବେ।

**କର୍କଟ** — ଅଶ୍ଳେଷା ନକ୍ଷତ୍ର ଆଜି କାର୍ଯ୍ୟବ୍ୟସ୍ତତା କାରଣରୁ ଘର କାମ କରିବାକୁ ସମୟ ପାଇବେ ନାହିଁ। ସହକର୍ମୀଙ୍କ ସହାୟତାରେ ଅର୍ଥ ସମ୍ପର୍କିତ ଦୁଶ୍ଚିନ୍ତା ଦୂରହେବ। ବନ୍ଧୁ ଗହଣରେ ଆକସ୍ମିକ ଜଣେ ପ୍ରିୟଜନଙ୍କ ଦେଖା ମନକୁ ହାଲୁକା କରିଦେବ। ଆଜିର ଯାତ୍ରା, ବ୍ୟବସାୟିକ ସ୍ଥିତି ଏବଂ ଫଳପ୍ରଦ ଆଲୋଚନାରୁ ଖୁସି ଅନୁଭବ କରିବେ।

**ସିଂହ** — ନିଜର କେତେକ କାମକୁ ପରିବାରର ସଦସ୍ୟ ମାନେ ମଧ୍ୟ ବିରୋଧ କରିପାରନ୍ତି। ଭୁଲ୍ ବୁଝାମଣା ଲାଗି ରହିବା କାରଣରୁ ବନ୍ଧୁବର୍ଗରେ ମଧ୍ୟ ଅଶାନ୍ତ ବାତାବରଣ ସୃଷ୍ଟିହେବ। ଅବଶ୍ୟ ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ସକାଶେ କୌଣସି ଅସୁବିଧା ହେବନାହିଁ। ଅବଶ୍ୟ ଚନ୍ଦ୍ରଙ୍କ ପ୍ରଭାବରୁ ବ୍ୟୟବହୁଳ କରାଇ କାମ ହାସଲ କରିବେ।

**କନ୍ୟା** — ଚିତ୍ରା ନକ୍ଷତ୍ରର ସ୍ୱାସ୍ଥ୍ୟହାନି କାରଣରୁ ମାନସିକ ସ୍ଥିତି ଭଲ ରହି ନ ପାରେ। ସମସ୍ୟାର ସମାଧାନ କ୍ଷେତ୍ରରେ କିଛିନା କିଛି ସ୍ୱାର୍ଥକୁ ଜଳାଞ୍ଜଳି ଦେବାକୁ ପଡ଼ିବ। ନିଜ ନିଜର ସ୍ୱାର୍ଥର ବଶବର୍ତ୍ତୀ ହୋଇ ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ତୁଳା** — ଆଜି ଆରମ୍ଭ କରିଥିବା କାମଟି ପୂର୍ଣ୍ଣାଙ୍ଗକରିବା କଷ୍ଟ ହେବ। ସ୍ୱାତୀ ନକ୍ଷତ୍ର ସମ୍ପର୍କୀୟଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହେବେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିବା ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ, କଳା, ସାହିତ୍ୟ, ସଙ୍ଗୀତ ସମାରୋହରେ, ରାଜନୈତିକ ସ୍ଥିତିରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧିପାଇବ।

**ବିଛା** — ଅନୁରାଧା ନକ୍ଷତ୍ର ପାଇଁ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବ୍ୟବସାୟ, ଯାତ୍ରା, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ଆସିପାରେ। ସଭାସମିତି, ବନ୍ଧୁମିଳନ, ଆନୁଷ୍ଠାନିକ କାର୍ଯ୍ୟ ଓ ମନୋରଞ୍ଜନାଦି କାମରେ ସଫଳତା ହାସଲ କରିବେ।

**ଧନୁ** — ଆଜି ଶାରୀରିକ ସୁସ୍ଥତା ସହ ବ୍ୟବସାୟିକ ଦିଗରେ ମଧ୍ୟ ସଫଳତା ମିଳିବ। ମୂଳା ନକ୍ଷତ୍ର ସକାଶେ ଈର୍ଷା ପରାୟଣ ବନ୍ଧୁଙ୍କ କାର୍ଯ୍ୟ ଅସନ୍ତୋଷଜନକ ରହିବ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ ସକାଶେ ମନ ବଳାଇପାରନ୍ତି। ସଙ୍ଗୀତ, ସାମ୍ବାଦିକତା, କ୍ରୀଡ଼ା, ସାହିତ୍ୟ, ଚଳଚ୍ଚିତ୍ର କ୍ଷେତ୍ରରେ ସମ୍ମାନିତ ହେବେ।

**ମକର** — ଆଜି ଚନ୍ଦ୍ରଙ୍କ ଶୁଭଦୃ ପ୍ରତ୍ୟେକ କାର୍ଯ୍ୟରେ ସଫଳତା, ବୈଷୟିକ ଅଭିବୃଦ୍ଧି ଓ ସମସ୍ୟା ସମାଧାନରେ ସହାୟକ ହେବ। ପଡ଼ୋଶୀଙ୍କ ସହ ବ୍ୟବହାରରେ ସଂଯମ ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ପରିଜନଙ୍କ ସହ ସୁଖଭ୍ରମଣ ଯୋଗ ରହିଛି। କଳା, ସାହିତ୍ୟ, ସଭାସମିତି ଓ ରାଜନୈତିକ ସ୍ତରରେ ଟେନ୍‌ସନ ଲାଗି ରହିବ ।

**କୁମ୍ଭ** — ଆଜି ପୂର୍ବଭାଦ୍ରପଦ ନକ୍ଷତ୍ର ବନ୍ଧୁମିଳନ ସହ ଦେବଦର୍ଶନ, ପୂଜାର୍ଚ୍ଚନା ଦିଗରେ ନିଷ୍ଠାବାନ୍ ହୋଇପାରନ୍ତି। ପାରିବାରିକ ସ୍ତରରେ ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିବ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବ। ରାଜନୈତିକ ପରିସ୍ଥିତି କ୍ରମଶଃ ଜଟିଳ ହୋଇପାରେ।

**ମୀନ** — ଆଜି ବନ୍ଧୁଙ୍କ ସହ ନୂତନ କର୍ମାରମ୍ଭ ସକାଶେ ଲାଗି ପଡ଼ିବେ। ରେବତୀ ନକ୍ଷତ୍ର ଆଧ୍ୟାତ୍ମିକ ଗ୍ରହ ପ୍ରଭାବରେ ଧର୍ମକାର୍ଯ୍ୟ, ସତ୍‌ସଙ୍ଗ ଦିଗକୁ ମନ ବଳାଇପାରନ୍ତି। ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିପାରେ। ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହାକି ବ୍ୟସ୍ତତାର କାରଣ ହେବ।

ଆଜି ସେପ୍ଟେମ୍ବର ୨ ତାରିଖ, ବିଶ୍ୱ ନାରିକେଳ ଦିବସ, ଶ୍ରୀମନ୍ଦିରରେ କୃଷ୍ଣଲୀଳା, କଂସବଧ ପ୍ରସ୍ତାବ, ଲବଣିଖିଆ, ମଥୁରାହାଟ ଲୁର, ମଥୁରାବିଜୟ ଯାତ୍ରା, ଭାଦ୍ରବ ଶୁକ୍ଳ ଦଶମୀ ମଙ୍ଗଳବାର। ରାଶିନକ୍ଷତ୍ର–ମୂଳା/ଧନୁ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୮।୪୦ ଗତେ, ଘ.୧୦।୩୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଘ.୦୧।୦୦ ଗତେ, ଘ.୦୧।୧୯ ମଧ୍ୟେ ରାହୁକାଳ।

## ଆୟୁଷ ହସ୍ପିଟାଲରେ ମିଳିବ ନିଦାନ ସେବା

ଭୁବନେଶ୍ୱର,୧।୯(ବନ୍ଦନା ସେଠୀ)

ଖୁବ୍‌ଶୀଘ୍ର ଆୟୁଷ ହସ୍ପିଟାଲ ଏବଂ ଡିସ୍‌ପେନ୍‌ସାରିରେ ନିଦାନ ସେବା (ରୋଗ ଚିହ୍ନଟ ଲାଗି ବିଭିନ୍ନ ପରୀକ୍ଷା) ପାଇବେ ରୋଗୀ। ପ୍ରଥମଥର ପାଇଁ ଆୟୁର୍ବେଦିକ ଏବଂ ହୋମିଓପାଥି ଚିକିତ୍ସାରେ ଏହି ସେବା ମିଳିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୋମବାର ସୂଚନା ଦେଇଛନ୍ତି। ରାଜ୍ୟରେ ଥିବା ଉଭୟ ହୋମିଓପାଥି ଏବଂ ଆୟୁର୍ବେଦିକର ୯ ମେଡିକାଲ କଲେଜ ଏବଂ ୧୧ଶହରୁ ଉର୍ଦ୍ଧ୍ୱ ଆୟୁଷ ଡିସ୍‌ପେନ୍‌ସାରିରେ ନିଦାନ ସେବା ମାଗଣାରେ ଉପଲବ୍ଧ ହେବ। ପୂର୍ବରୁ ଆୟୁଷ ଡିସ୍‌ପେନ୍‌ଶାରିରେ କେବଳ ଲକ୍ଷଣ ଦେଖି ଡାକ୍ତର ମେଡିସିନ୍ ଦେଉଥିଲେ। ମାତ୍ର ଏବେ ଜଣେ ରୋଗୀର ମେଡିକାଲ ଟେଷ୍ଟ ହେବା ପରେ ସେହି ରିପୋର୍ଟ ଦେଖି ମେଡିସିନ୍ ନେଇପାରିବେ। ଚିକିତ୍ସା କ୍ଷେତ୍ରରେ ଅଗ୍ରଗତି ଆଣିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରାୟ ୧ମାସ ମଧ୍ୟରେ ଏହି ବ୍ୟବସ୍ଥା ଲାଗୁ ହୋଇଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବାପ ଥିଲା ପୁଅ ସଭାରେ ଜିଣେ**
**ବୁଦ୍ଧି ଥିଲା ପୁଅ ପୋଷଇ ପଣେ।**

ବାପର ସାହାଯ୍ୟ ସମର୍ଥନ ପାଇଲେ ପୁଅର ସାହସ ଦ୍ୱିଗୁଣିତ ହୋଇଯାଏ। ଉତ୍ସାହ ପ୍ରେରଣା ପାଇଲେ ନିଜକୁ ହେୟ ମନେ ନ କରି ଆଗକୁ ବଢ଼ିଚାଲିଥାଏ। ସେହିପରି ତା'ର ଆତ୍ମବଳ, ଆତ୍ମବିଶ୍ୱାସ ବଢ଼ିଯିବା ସହ ସବୁ କ୍ଷେତ୍ରରେ ବିଜୟ ଲାଭ କରିବାର ସମ୍ଭାବନା ମଧ୍ୟ ବଢ଼ିଯାଇଥାଏ। ସେହିପରି ବୁଦ୍ଧିମନ୍ତ ପୁଅ ଯେକୌଣସି ଉପାୟରେ ମଧ୍ୟ ନିଜ ପରିବାର ପ୍ରତିପୋଷଣ କରିବାକୁ ସମର୍ଥ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବଜ୍ରର ବାଣ**
**ଘଇତା ଉପରେ ମାଇପ ଟାଣ।**

ସ୍ୱାମୀ ନିକମା ବା ଅପାରଗ ହେଲେ ସ୍ତ୍ରୀର ଆଧିପତ୍ୟ ବଢ଼ିଯାଇଥାଏ। ଏପରିସ୍ଥଳେ ସ୍ତ୍ରୀ ନିଜ ସ୍ୱାମୀ ଆଗରେ ଟାଣପଣ ଦେଖେଇ ହେବା ସହ ନିଜର କର୍ତ୍ତୃତ୍ୱ ଜାହିର କରିବାକୁ ଉଚିତ ମଣୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଶ୍ରୀମନ୍ଦିର ପରିସରରେ ଖୋଲିଲା ସ୍ତନ୍ୟପାନ ଗୃହ

ପୁରୀ,୧।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପରିସରରେ ସୋମବାରଠାରୁ ଖୋଲିଛି ମାତୃ ଶିଶୁ ସ୍ତନ୍ୟପାନ ଗୃହ। ଶ୍ରୀମନ୍ଦିର ପରିସରସ୍ଥ ଶାଖା କାର୍ଯ୍ୟାଳୟ ତଳେ ଶୀତତାପ ନିୟନ୍ତ୍ରିତ ଏକ ଗୃହରେ ଏହି ବ୍ୟବସ୍ଥା କରାଯାଇଛି। ଏକକାଳୀନ ୪ଜଣ ମହିଳା ଶିଶୁଙ୍କୁ ସ୍ତନ୍ୟପାନ କରାଇପାରିବେ। ସେଠାରେ ଦୁଇଜଣ ମହିଳା ଜେଟିପି ଏବଂ ମେଡିକାଲ ଟିମ୍ ମଧ୍ୟ ନିୟୋଜିତ କରାଯାଇଛି। ଏ ନେଇ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ଦିବ୍ୟରଞ୍ଜନ ପରିଡ଼ା କହିଛନ୍ତି, ମା ଏବଂ ଶିଶୁଙ୍କ ସୁବିଧା ପାଇଁ ଶ୍ରୀମନ୍ଦିର ପରିସରରେ ମାତୃ ଶିଶୁ ସ୍ତନ୍ୟପାନ କକ୍ଷ ଖୋଲାଯିବା ଲାଗି ବିଭିନ୍ନ ମହଲରେ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲା। ଏଥିଲାଗି ସ୍ଥାନ ନିରୂପଣ କରାଯାଇ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯାଇଛି।

## ୧ ଡଲାର= ୮୮.୧୦ ଟଙ୍କା

ନୂଆଦିଲ୍ଲୀ,୧।୯

ଭାରତରୁ ଆମଦାନି ସାମଗ୍ରୀ ଉପରେ ଆମେରିକାର ଟାରିଫ୍ ଚାପ, ଶେୟାର ବଜାରରେ ଅସ୍ଥିରତା ଯୋଗୁ ବିଦେଶୀ ନିବେଶକମାନେ ଅର୍ଥ ଉଠାଇନେବା ଆଦି କାରଣରୁ ଭାରତୀୟ ମୁଦ୍ରା ମୂଲ୍ୟରେ ସୋମବାର ସର୍ବକାଳୀନ ଅବନତି ଘଟି ଡଲାର ତୁଳନାରେ ୮୮.୩୩କୁ ହ୍ରାସ ପାଇଥିଲା। ପରେ ଏଥିରେ ସାମାନ୍ୟ ଉନ୍ନତି ଘଟି ୧ ଡଲାରର ମୂଲ୍ୟ ୮୮ ଟଙ୍କା ୧୦ ପଇସା ହୋଇଛି। ଭାରତୀୟ ସାମଗ୍ରୀ ଉପରେ ଆମେରିକା ୫୦% ଟାରିଫ୍ ଲଗାଇଥିବାରୁ ଆର୍ଥିକ ନିଅଣ୍ଟ ଅଧିକ ବଢ଼ିବା ଆଶଙ୍କା କରାଯାଉଛି। ଉଚ୍ଚ ଟାରିଫ୍ ଯୋଗୁ ଭାରତୀୟ ପୁଞ୍ଜି ବଜାର ପ୍ରଭାବିତ ହୋଇଛି। ଏହି ସ୍ଥିତି ଜାରି ରହିଲେ ଭବିଷ୍ୟତରେ ଭାରତୀୟ ରପ୍ତାନି ଆହୁରି ପ୍ରଭାବିତ ହେବ। ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ମଧ୍ୟ ଭାରତୀୟ ଶେୟାର ମାର୍କେଟରୁ ପୁଞ୍ଜି ପ୍ରତ୍ୟାହାର କରିନେବେ। ଫଳରେ ଟଙ୍କା ଆଗକୁ ଅଧିକ ଦୁର୍ବଳ ହେବା ସମ୍ଭାବନା ଦେଖାଦେଇଛି।

## ଡେବ୍ରିଗଡ଼କୁ ଦେଶର ଶ୍ରେଷ୍ଠ ଅଭୟାରଣ୍ୟରେ ପରିଣତ ପାଇଁ ମାଷ୍ଟରପ୍ଲାନ

### ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ପ୍ରଧାନମନ୍ତ୍ରୀଙ୍କ ଉପଦେଷ୍ଟା

ସମ୍ବଲପୁର,୧।୯(ପ୍ରମୋଦ ବହିଦାର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପଦେଷ୍ଟା ତରୁଣ କପୁର ସମ୍ବଲପୁର ଗସ୍ତରେ ଆସି ଜିଲାର ବିଭିନ୍ନ ପ୍ରମୁଖ ଉନ୍ନୟନମୂଳକ ପ୍ରକଳ୍ପର ପ୍ରଗତି ସମ୍ପର୍କରେ ସୋମବାର ସମୀକ୍ଷା କରିଛନ୍ତି। ସେ ହୀରାକୁଦ ଜଳଭଣ୍ଡାର ପରିଦର୍ଶନ ସମୟରେ ଏଠାରେ ସ୍ୱତନ୍ତ୍ର ପୁଞ୍ଜିନିବେଶ ସହାୟତା ଯୋଜନା ଅଧୀନରେ ଜାରି ରହିଥିବା ନିର୍ମାଣ କାର୍ଯ୍ୟଗୁଡ଼ିକର ଅଗ୍ରଗତି ଦେଖିଥିଲେ। ଏହି ଅବସରରେ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ତାଙ୍କୁ ହୀରାକୁଦ ପର୍ଯ୍ୟଟନ ଉନ୍ନୟନ ପ୍ରୟାସ ଅଧୀନରେ ପ୍ରସ୍ତାବିତ ବିଭିନ୍ନ କାର୍ଯ୍ୟର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବା ସମ୍ପର୍କରେ ସୂଚନା ଦିଆଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ଉପଦେଷ୍ଟା କପୁର ରବିବାର ଡେବ୍ରିଗଡ଼ ଅଭୟାରଣ୍ୟ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଏହି ଅଭୟାରଣ୍ୟର ପରିବେଶ ବେଶ୍ ଚମକୃତ କରିଛି। ଏହାକୁ ଭାରତର ଶ୍ରେଷ୍ଠ ଅଭୟାରଣ୍ୟରେ ପରିଣତ କରିବା ପାଇଁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତି ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

## ଜାତୀୟ ପତାକାର ଅସମ୍ମାନ ରୋକୋ: ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ

### ସମ୍ମାନ ଅକ୍ଷୁଣ୍ଣ ପାଇଁ ସବୁ ଆର୍‌ଡିସି ଓ ଜିଲାପାଳଙ୍କୁ ଗୃହ ବିଭାଗର ନିର୍ଦ୍ଦେଶ

ଭୁବନେଶ୍ୱର,୧।୯(ରବିନାରାୟଣ ଜେନା)

ଭାରତୀୟ ଜାତୀୟ ପତାକା ଦେଶବାସୀଙ୍କ ଆଶା ଏବଂ ଆକାଂକ୍ଷାର ପ୍ରତୀକ, ସମସ୍ତଙ୍କ ମନରେ ଜାତୀୟ ପତାକା ପ୍ରତି ଗଭୀର ସମ୍ମାନ ରହିଛି। ହେଲେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ (ଇଭେଣ୍ଟ)ବେଳେ ଏହାର ଅସମ୍ମାନ କରାଯାଉଛି। କାର୍ଯ୍ୟକ୍ରମ ବେଳେ ଯେଉଁ କାଗଜରେ ପ୍ରସ୍ତୁତ ଜାତୀୟ ପତାକାକୁ ସମ୍ମାନ କରାଯାଉଛି, ଶେଷରେ ସେହିଜାତୀୟ ପତାକାକୁ ଭୂମି ଉପରେ ଫିଙ୍ଗି ଦିଆଯାଉଛି। ଏହା ଆଦୌ ଗ୍ରହଣୀୟ ନୁହେଁ, ଏହିଅସମ୍ମାନକୁ ତୁରନ୍ତ ରୋକିବା ଦିଗରେ ଉଚିତ୍ ପଦକ୍ଷେପ ନେବା ଲାଗି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମୁଖ୍ୟଶାସନ ସଚିବଙ୍କୁ କୁହାଯାଇଛି।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ଅନୁସଚିବ କମଲେସ ରବିଦାସ ଏନେଇ ମୁଖ୍ୟଶାସନ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି ଯେ, ସଚେତନତା ଅଭାବରୁ ଅଧିକାଂଶ କାର୍ଯ୍ୟକ୍ରମ ବେଳେ ଏହାର ଅସମ୍ମାନ କରାଯାଉଛି। ଏହି କ୍ଷେତ୍ରରେ ୨୦୦୨ ଭାରତୀୟ ପତାକା କୋଡ୍ (୨୦୨୧ ଏବଂ ୨୦୨୨ରେ ସଂଶୋଧିତ) ଏବଂ ୧୯୭୧ ଜାତୀୟ ସମ୍ମାନର ଅପମାନ ରୋକିବା ଆଇନର ବ୍ୟବସ୍ଥାଗୁଡ଼ିକର ଅନୁପାଳନ ହେବା ଆବଶ୍ୟକ।

ସେ ଉଲ୍ଲେଖ କରିଛନ୍ତି, ଲୋକମାନଙ୍କ ମଧ୍ୟରେ ଏବଂ ସରକାରୀ ସଂସ୍ଥାଗୁଡ଼ିକରେ ପତାକାର ପ୍ରଦର୍ଶନ ସମ୍ବନ୍ଧରେ ଆଇନ, ପ୍ରଥା ଏବଂ ପରମ୍ପରାଗୁଡ଼ିକ ସମ୍ପର୍କରେ ସଚେତନତାର ଅଭାବ ଦେଖାଦେଉଛି। ବିଶେଷ ଭାବରେ, ପତାକା କୋଡ୍‌ର ପାର୍ଟ–୨ର ପାରାଗ୍ରାଫ୍୨.୨ର କ୍ଲଜ୍(ଏକ୍ସ) ଅନୁଯାୟୀ, କାଗଜରେ ନିର୍ମିତ ଜାତୀୟ ପତାକାକୁ ଜାତୀୟ, ସାଂସ୍କୃତିକ ଏବଂ କ୍ରୀଡ଼ା ଇଭେଣ୍ଟଗୁଡ଼ିକରେ ଜନସାଧାରଣ ଦ୍ୱାରା ଉଡ଼ାଇପାରିବେ। ଇଭେଣ୍ଟ ପରେ ପତାକାଗୁଡ଼ିକୁ ଭୂମିରେ ଫୋପାଡ଼ିବା କିମ୍ବା ଫିଙ୍ଗିବା ଉଚିତ୍ ନୁହେଁ।

**ପ୍ରଥମ ପୃଷ୍ଠାରୁ...**

## ବଢ଼ିଛି ବଜେଟ୍ ଖର୍ଚ୍ଚ...

ପାଉଥିଲେ ତାହା ଅପେକ୍ଷାକୃତ ହ୍ରାସ୍ ପାଇଛି। ୨୦୨୦–୨୧ରେ ରାଜ୍ୟ ସରକାର ଏସ୍‌ଜିଏସ୍‌ଟିରୁ ୧୩ ହଜାର ୪୩କୋଟି ଟଙ୍କା ପାଇଥିବାବେଳେ ୨୦୨୧–୨୨ରେ ୧୬ହଜାର ୩୯୨କୋଟି, ୨୦୨୨–୨୩ରେ ୧୮ହଜାର ୬୦୧ କୋଟି, ୨୦୨୩–୨୪ରେ ୨୩ହଜାର ୮୯୬କୋଟି ଏବଂ ୨୦୨୪–୨୫ରେ ଏହା ବଢ଼ି ୨୫ହଜାର ୬୧କୋଟିରେ ପହଞ୍ଚିଛି। ସେହି ତୁଳନାରେ ରାଜ୍ୟ ସରକାର ଜମିଜମା ପଞ୍ଜୀକରଣରୁ ଯେତିକି ରାଜସ୍ୱ ପାଇବା କଥା ତାହା ପାଇ ନାହାନ୍ତି। ୨୦୨୦–୨୧ରେ ରାଜ୍ୟ ସରକାର ୨,୯୪୨ କୋଟି ଟଙ୍କାର ରାଜସ୍ୱ ପଞ୍ଜୀକରଣରୁ ପାଇଥିବାବେଳେ ଏହା ୨୦୨୧–୨୨ରେ ୨,୪୧୯ କୋଟିକୁ ହ୍ରାସ୍ ପାଇଥିଲା। ସେହିପରି ୨୦୨୨–୨୩ରେ ଏହା ହ୍ରାସ୍ ପାଇ ୧,୯୯୭ କୋଟିରେ ପହଞ୍ଚିଥିବାବେଳେ ୨୦୨୩–୨୪ରେ ଟିକିଏ ବଢ଼ି ୨ହଜାର ୧୨୭ କୋଟିରେ ପହଞ୍ଚିଥିଲା। ମାତ୍ର ୨୦୨୪–୨୫ ଆର୍ଥିକବର୍ଷ ଏହା ପୁଣି ୧,୯୮୭ କୋଟି ଟଙ୍କାକୁ ହ୍ରାସ୍ ପାଇଥିବା ତଥ୍ୟରୁ ଜଣାଯାଇଛି।

## ଓଡ଼ିଶାରେ କାର୍ଯ୍ୟକାରୀ...

ଅର୍ଥନୈତିକ କ୍ଷେତ୍ର (ବିସିପିପିଇଆର୍)ର ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଏକ ସକ୍ରିୟ ସହର–ଶିଳ୍ପ କରିଡର ଭାବରେ ପରିକଳ୍ପନା କରାଯାଇଛି। ଏହି ଯୋଜନାରେ ସମ୍ବଲପୁର–ଝାରସୁଗୁଡ଼ା–ବରଗଡ଼, କୋରାପୁଟ–ସୁନାବେଡ଼ା–ଜୟପୁର ଏବଂ କେନ୍ଦୁଝର–ଯୋଡ଼ା–ବଡବିଲ ଭଳି ଅନ୍ୟାନ୍ୟ ପ୍ରମୁଖ ହବ୍‌କୁ ବିସ୍ତାର କରିବା ପ୍ରସ୍ତାବ ଦିଆଯାଇଛି। ଏହାବ୍ୟତୀତ ଅନୁଗୋଳ, ବଲାଙ୍ଗୀର, ଭଦ୍ରକ, ବ୍ୟାସନଗର, କେନ୍ଦୁଝର, ବାରିପଦା, ରାୟଗଡ଼ା ଏବଂ ରାଉରକେଲା ସମେତ ଶିଳ୍ପ କ୍ଲଷ୍ଟର ଆଖପାଖରେ ଥିବା ୮ଟି ସହରକୁ ମଡେଲ ସହର ଭାବରେ ବିକଶିତ କରାଯିବ ବୋଲି ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଏନେଇ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ କହିଛନ୍ତି, ଓଡ଼ିଶାର କ୍ୱାଡ୍ ସିଟି କାର୍ଯ୍ୟକ୍ରମ ସମୃଦ୍ଧ ସହର ଯୋଜନା ସହିତ ସହରାଞ୍ଚଳ ବିସ୍ତାର କରିବା ସହ ଆର୍ଥିକ କାରବାର, ଶିଳ୍ପ ସୁଯୋଗ ଏବଂ ଅନ୍ତର୍ଭୁକ୍ତିମୂଳକ ବିକାଶକୁ ସୁଦୃଢ଼ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହି ଅଞ୍ଚଳଗୁଡ଼ିକ ଜାତୀୟ ଏବଂ ବିଶ୍ୱ ଅର୍ଥନୀତିରେ ଓଡ଼ିଶାର ଭୂମିକାକୁ ବୃଦ୍ଧି କରିବା ସହିତ ସନ୍ତୁଳିତ ଆଞ୍ଚଳିକ ଅଭିବୃଦ୍ଧି ପାଇଁ ଏକ ଢାଞ୍ଚା ପ୍ରଦାନ କରିବ। ପରସ୍ପର ସଂଯୁକ୍ତ ଅର୍ଥନୈତିକ କ୍ଷେତ୍ର ଏବଂ ସ୍ଥାୟୀ ସହରାଞ୍ଚଳ–ଶିଳ୍ପ କରିଡର ସୃଷ୍ଟି କରି ଓଡ଼ିଶା ଏହାର ସହରଗୁଡ଼ିକୁ ନବସୃଜନ, ବାଣିଜ୍ୟ ଏବଂ ସମୃଦ୍ଧିର ଭବିଷ୍ୟତ ପ୍ରସ୍ତୁତ କେନ୍ଦ୍ର ଭାବରେ କାର୍ଯ୍ୟ କରିବାକୁ ପ୍ରସ୍ତୁତ କରୁଥିବା ପାଢୀ ମତ ରଖିଛନ୍ତି।

## ଗ୍ରୋସେରି ଦୋକାନୀଙ୍କୁ...

କରିବା, ଋଣ ପାଇବା କିମ୍ବା ଟିକସ ଫାଙ୍କିବା ଆଦି ପାଇଁ ଅନ୍ୟ ଜଣଙ୍କର ପାନ୍ ବିବରଣୀକୁ ବ୍ୟବହାର କରିଥାନ୍ତି। ସାଧାରଣତଃ ଅପ୍ରତ୍ୟାଶିତ ଭାବେ ଟିକସ ନୋଟିସ ଆସିବା ପରେ ଯାଇ ପୀଡ଼ିତମାନେ ଏପରି ଠକେଇର ସମ୍ମୁଖୀନ ହୋଇଥିବା ନେଇ ଜାଣିପାରିଥାନ୍ତି। ଏପରି ବିପଦକୁ କମ୍ କରିବା ପାଇଁ ନିୟମିତ ଭାବେ କ୍ରେଡିଟ୍ ରିପୋର୍ଟକୁ ଯାଞ୍ଚ୍ କରିବା ଓ ଆଧାର ସହ ପାନ୍ କାର୍ଡକୁ ଲିଙ୍କ୍ କରିବା ନିତାନ୍ତ ଆବଶ୍ୟକ ବୋଲି ବିଶେଷଜ୍ଞମାନେ କହିଛନ୍ତି।

# ଭାରତର ସେମିକଣ୍ଡକ୍ଟର ବିପ୍ଳବ

ପ୍ରାରମ୍ଭିକ ଦିନଗୁଡ଼ିକରେ କମ୍ପ୍ୟୁଟରଗୁଡ଼ିକ ବିଶାଳ ମେଶିନ ଥିଲା, ଯାହା ପ୍ରାୟତଃ ଗୋଟିଏ କୋଠରିକୁ ଅଧିକାର କରୁଥିଲା। ସେହି ସମୟରେ ସେଗୁଡ଼ିକ ହଜାର ହଜାର ଭାକ୍ୟୁମ ଟ୍ୟୁବ୍ ଦ୍ୱାରା ଚାଲୁଥିଲା ଏବଂ 'ଅନ୍-ଅଫ୍' ସ୍ୱିଚ୍ ପରି କାମ କରୁଥିଲା, ଯାହାକି ଆଜି ଆମେ ବ୍ୟବହାର କରୁଥିବା ଚମକଦାର ଡିଭାଇସ୍‌ଠାରୁ ଅଧିକ ପୁରୁଣା ଟେଲିଫୋନ୍ ଏକ୍ସଚେଞ୍ଜ ପରି ଦେଖାଯାଉଥିଲା। କିନ୍ତୁ ବର୍ତ୍ତମାନ ସମୟରେ ଆପଣଙ୍କ ନଖଠାରୁ ଛୋଟ ଏକ ଚିପ୍ ଭିତରେ ଅଧିକ ଶକ୍ତି ରହିଛି ଯାହା ବିଲିୟନ ଟ୍ରାଞ୍ଜିଷ୍ଟର ଦ୍ୱାରା ଚାଳିତ। ଏହି ଚିପ୍‌ଗୁଡ଼ିକ ଆପଣଙ୍କ ମୋବାଇଲ ଫୋନ୍, କାର୍, ଟ୍ରେନ୍, ଫ୍ରିଜ୍, ଟିଭି, ସ୍କୁଟି, ଫ୍ୟାକ୍ସ ମେଶିନ, ବିମାନ ଏବଂ ମହାକାଶରେ ଥିବା ସାଟେଲାଇଟ୍‌ଗୁଡ଼ିକୁ ଚଳାଇଥାଏ। ଏହା ଏତେ ଛୋଟ ଯେ, ଏବେ ଏହା ଏକ ସ୍ମାର୍ଟମୁଦି ମାଧ୍ୟମରେ ଆପଣଙ୍କ ଆଙ୍ଗୁଠିରେ ରହି ଆପଣଙ୍କ ହୃଦୟର ସ୍ୱାସ୍ଥ୍ୟାବସ୍ଥାକୁ ଟ୍ରାକ୍ କରିପାରୁଛି। ଏହା ହେଉଛି ସେମିକଣ୍ଡକ୍ଟରର ଯାଦୁ।

**ପ୍ରଗତି ପାଇଁ ସେମିକଣ୍ଡକ୍ଟର**

ଏକ ରାଷ୍ଟ୍ରର ବିକାଶ ପାଇଁ, ତାହାର ବୃଦ୍ଧିକୁ ଆକାର ଦେଉଥିବା ମୁଖ୍ୟ କ୍ଷେତ୍ରଗୁଡ଼ିକରେ ଦକ୍ଷତା ହାସଲ କରିବା ଅତ୍ୟାବଶ୍ୟକ। ଏହି ମୌଳିକ କ୍ଷେତ୍ରଗୁଡ଼ିକ ମଧ୍ୟରେ ଷ୍ଟିଲ୍, ବିଦ୍ୟୁତ୍, ଟେଲିକମ୍, ରସାୟନ, ପରିବହନ ଏବଂ ସେମିକଣ୍ଡକ୍ଟର ରହିଛି। ସେମିକଣ୍ଡକ୍ଟର ହେଉଛି ସେହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ମୌଳିକ କ୍ଷେତ୍ର। ଆମେ ବ୍ୟବହାର କରୁଥିବା ପ୍ରାୟ ସବୁଥିରେ, ଯେପରିକି ସ୍ମାର୍ଟଫୋନ୍, କାର୍, ଟ୍ରେନ୍, ଚିକିତ୍ସା ଉପକରଣ, ପ୍ରତିରକ୍ଷା ବ୍ୟବସ୍ଥା, ବିଦ୍ୟୁତ୍ ଗ୍ରୀଡ୍, ସାଟେଲାଇଟ୍ ଏବଂ କୃତ୍ରିମ ବୁଦ୍ଧିମତ୍ତା ଆଦିରେ ଲୁଚି ରହିଥିବା ଇଞ୍ଜିନ ହେଉଛନ୍ତି ସେମାନେ। ସେମିକଣ୍ଡକ୍ଟର ଶିଳ୍ପ ହେଉଛି ଏକ ମୌଳିକ ଏବଂ କୌଶଳଗତ ଶିଳ୍ପ। ଯେପରି ଇସ୍ପାତ କାରଖାନା, ପୋଲ ଓ ରେଳପଥ ନିର୍ମାଣର ଆଧାର ହୋଇଥାଏ, ସେହିପରି ସେମିକଣ୍ଡକ୍ଟର ଡିଜିଟାଲ ଅର୍ଥନୀତିର ଭିତ୍ତିଭୂମି। ଚିପ୍ ବିନା ଆଧୁନିକ ଯୋଗାଯୋଗ, ଡାଟା ପ୍ରୋସେସିଂ, କୃତ୍ରିମ ବୁଦ୍ଧିମତ୍ତା, ଅକ୍ଷୟ ଶକ୍ତି ପ୍ରଣାଳୀ ଏବଂ ସୁରକ୍ଷିତ ପ୍ରତିରକ୍ଷା ବ୍ୟବସ୍ଥା ସମ୍ଭବ ନୁହେଁ। ଯଦି ଗୋଟିଏ ରାଷ୍ଟ୍ର ସେମିକଣ୍ଡକ୍ଟର ଡିଜାଇନ ଓ ଉତ୍ପାଦନ କରିପାରେ ନାହିଁ, ତେବେ ତାକୁ ସ୍ୱାସ୍ଥ୍ୟସେବାଠାରୁ ନେଇ ସୁରକ୍ଷା ପର୍ଯ୍ୟନ୍ତ ସମସ୍ତ ମୌଳିକ ଆବଶ୍ୟକତା ପାଇଁ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହେବାକୁ ପଡ଼ିଥାଏ। ତେଣୁ, ସେମିକଣ୍ଡକ୍ଟରରେ ଶକ୍ତିଶାଳୀ ହେବା ଏକ ଶିଳ୍ପଠାରୁ ମଧ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହା ହେଉଛି ଆମ ନିଜର ଭବିଷ୍ୟତକୁ ନିଜେ ଆକାର ଦେବାର ସଙ୍କଳ୍ପ।

**ରଣନୈତିକ ଏବଂ ଭୂ-ରାଜନୈତିକ ଆବଶ୍ୟକତା**

ଚିପ୍‌ର ମହତ୍ତ୍ୱ କେତେ ଅଧିକ ତାହା କୋଭିଡ୍-୧୯ ମହାମାରୀ ସ୍ପଷ୍ଟ କରିଦେଇଥିଲା। ବିଶ୍ୱ ଚିପ୍ ଯୋଗାଣ ଶୃଙ୍ଖଳା ବିଫଳହେବା କାରଣରୁ ବିଭିନ୍ନ ଶିଳ୍ପର ଉତ୍ପାଦନ ମଧ୍ୟ ପ୍ରଭାବିତ ହୋଇଥିଲା। ଏହି ବ୍ୟାଘାତ ହେତୁ ହଜାର ହଜାର କୋଟି ଟଙ୍କାର ଉତ୍ପାଦନ କ୍ଷତି ହୋଇଥିଲା। ଫଳରେ ଅଟୋ ଶିଳ୍ପ, ନେଟ୍‌ୱାର୍କିଂ ଡିଭାଇସ୍, ଘରୋଇ ଇଲେକ୍ଟ୍ରୋନିକ୍ସ ଆଦି କ୍ଷେତ୍ର ସବୁଠାରୁ ଅଧିକ ପ୍ରଭାବିତ ହୋଇଥିଲେ। ସେମିକଣ୍ଡକ୍ଟର ଆଜି ବିଶ୍ୱ ଭୂ-ରାଜନୀତିର କେନ୍ଦ୍ରବିନ୍ଦୁରେ ପରିଣତ ହୋଇଛି। ଚିପ୍ ନିର୍ମାଣ କେବଳ କିଛି ଅଞ୍ଚଳରେ କେନ୍ଦ୍ରୀଭୂତ ହେବା ହେତୁ ଛୋଟରୁ ଛୋଟ ବ୍ୟାଘାତ ମଧ୍ୟ ବିଶ୍ୱବ୍ୟାପୀ ପ୍ରଭାବ ପକାଇପାରେ। କେଉଁଠି ବିଦ୍ୟୁତ୍ ସେବାରେ ବ୍ୟାଘାତ କିମ୍ବା ଅନ୍ୟ କେଉଁଠି କାରଖାନାରେ ଦୁର୍ଘଟଣା ସେମିକଣ୍ଡକ୍ଟର ଯୋଗାଣ ଶୃଙ୍ଖଳକୁ ବାଧାଗ୍ରସ୍ତ କରିପାରେ। ଏହା କେବଳ ଶିଳ୍ପଗୁଡ଼ିକୁ ଧୀମା କରିଦେଉନାହିଁ, ବରଂ ବିଶ୍ୱ ଅର୍ଥନୀତି ଓ ସୁରକ୍ଷାକୁ ମଧ୍ୟ ପ୍ରଭାବିତ କରୁଛି।


ଅଶ୍ୱିନୀ ବୈଷ୍ଣବ

'ବିରଳ ଭୂ-ଚୁମ୍ବକ' (Rare Earth Magnet) ଉପରେ ସାମ୍ପ୍ରତିକ ଧ୍ୟାନ ଏକ କଟୁ ସତ୍ୟକୁ ମନେପକାଇଦିଏ ଯେ, ଗୁରୁତ୍ୱପୂର୍ଣ୍ଣ ସମ୍ବଳ ଉପରେ ନିୟନ୍ତ୍ରଣ କିପରି ବିଶ୍ୱ ଶକ୍ତିକୁ ଆକାର ଦେଇପାରେ। ସେହିପରି, ସେମିକଣ୍ଡକ୍ଟର ଡିଜିଟାଲ ଯୁଗର ଏକ ଗୁରୁତ୍ୱପୂର୍ଣ୍ଣ ସମ୍ବଳ ହୋଇପଡ଼ିଛି।

**ଚାହିଦା ବୃଦ୍ଧି**

ଭବିଷ୍ୟତରେ ସେମିକଣ୍ଡକ୍ଟରର ଚାହିଦା ବଢ଼ିବାକୁ ଯାଉଛି। ଆମର ନିଜସ୍ୱ ବୈଦ୍ୟୁତିକ-ଯନ୍ତ୍ର ବ୍ୟବହାର ଓ ଉତ୍ପାଦନ ଅଭୂତପୂର୍ବ ଗତିରେ ବିସ୍ତାରିତ ହେଉଛି। ଆଜି ଭାରତରେ ୬୫ କୋଟିରୁ ଅଧିକ ସ୍ମାର୍ଟଫୋନ୍ ବ୍ୟବହାରକାରୀ ଅଛନ୍ତି ଏବଂ ଆମର ବୈଦ୍ୟୁତିକ-ଯନ୍ତ୍ର ଉତ୍ପାଦନ ବାର୍ଷିକ ୧୨ ଲକ୍ଷ କୋଟିର ସୀମା ଛୁଇଁପାରୁଛି। ଏହା ସହ ଆମେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)-ଆଧାରିତ ସିଷ୍ଟମ, ଡାଟା ସେଣ୍ଟର ଏବଂ ଇଲେକ୍ଟ୍ରିକ୍ ଯାନବାହନ ବିକାଶ କରୁଛୁ ଯାହା ସେମିକଣ୍ଡକ୍ଟର ଚିପ୍ ଆବଶ୍ୟକ କରେ। ଉଭୟ ଚାହିଦା ଏବଂ ନବୋନ୍ମେଷରେ ଏହି ଉତ୍ଥାନ କାରଣରୁ ବିଶ୍ୱ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳାରେ ନିଜର ସ୍ଥାନ ସୁରକ୍ଷିତ କରିବା ଭାରତ ପାଇଁ ଆବଶ୍ୟକ ହୋଇ ପଡ଼ିଛି।

**ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତର ଭବିଷ୍ୟତ**

ଦଶନ୍ଧି ଧରି ଭାରତକୁ କୁହାଯାଉଥିଲା ଯେ ଏହା ସେମିକଣ୍ଡକ୍ଟରରେ ବସ୍ ମିସ୍ କରିଛି। ଏହା ଆଉ ସତ୍ୟ ନୁହେଁ। 'ଭାରତ ସେମିକଣ୍ଡକ୍ଟର ମିଶନ' ଅଧୀନରେ ୧୦ଟି ସେମିକଣ୍ଡକ୍ଟର ପ୍ଲାଣ୍ଟକୁ ଅନୁମୋଦନ ମିଳିଛି, ଯାହାଫଳରେ ପ୍ଲାଣ୍ଟଗୁଡ଼ିକର ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଅଗ୍ରସର ହେଉଛି।

ଆଜି, ଆମେ ଆତ୍ମବିଶ୍ୱାସର ସହ କହିପାରିବା ଯେ, ଚଳିତ ବର୍ଷ ପ୍ରଥମ ମେଡ୍ ଇନ୍ ଇଣ୍ଡିଆ ଚିପ୍ ଉତ୍ପାଦନ ହେବ। ସାନନ୍ଦର ଏକ ୟୁନିଟ୍‌ରେ ପାଇଲଟ ଉତ୍ପାଦନ ଲାଇନ ଆରମ୍ଭ ହୋଇସାରିଛି ଏବଂ ୧ ବର୍ଷ ମଧ୍ୟରେ ଆମେ ଆଉ ଚାରୋଟି ୟୁନିଟ୍ ଉତ୍ପାଦନ ଆରମ୍ଭ କରିବା ପାଇଁ ଆଶା ରଖିଛୁ।

ଆପ୍ଲାଇଡ୍ ମେଟେରିଆଲ୍ସ , ଲାମ୍ ରିସର୍ଚ୍ଚ, ମର୍କ ଏବଂ ଲିଣ୍ଡେ ଭଳି ବିଶ୍ୱ ନେତାମାନେ ସହାୟକ ଫ୍ୟାକ୍ଟ୍ରି ଏବଂ ଯୋଗାଣ ଶୃଙ୍ଖଳାରେ ନିବେଶ କରୁଛନ୍ତି। ଏହି ଆଭିମୁଖ୍ୟ ପ୍ରଧାନମନ୍ତ୍ରୀଙ୍କ ସେମିକଣ୍ଡକ୍ଟର ଶିଳ୍ପର ଦୀର୍ଘକାଳୀନ ବୃଦ୍ଧି ଉପରେ ଧ୍ୟାନକୁ ପ୍ରତିଫଳିତ କରେ। ଅତି କମ୍ ସମୟ ମଧ୍ୟରେ ଏହି ବ୍ୟାପକ ସଫଳତା ଅନେକ କାରଣରୁ ମିଳିଛି। ସେଥିମଧ୍ୟରୁ ଆମ ପ୍ରଧାନମନ୍ତ୍ରୀଙ୍କ ସ୍ପଷ୍ଟ ଦୃଷ୍ଟିକୋଣ, କାର୍ଯ୍ୟକାରିତା ଉପରେ ତୀକ୍ଷ୍ଣ ଧ୍ୟାନ, ପେସାଦାରଙ୍କ ହାତରେ ନିଷ୍ପତ୍ତି ଗ୍ରହଣ କ୍ଷମତା, ଆନ୍ତର୍ଜାତିକ ସହଯୋଗ ଏବଂ ରାଜ୍ୟ ସରକାରଙ୍କ ଦୃଢ଼ ସମର୍ଥନ ଅନ୍ୟତମ। ଭାରତ ଭବିଷ୍ୟତ ଆଡ଼କୁ ଦ୍ରୁତବେଗରେ ଗତିମାନ ହୋଇଛି। ଆମର ଡିଜାଇନ ଏବଂ ପ୍ରତିଭା ପୁଲ୍ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି।

**ଡିଜାଇନ ଏବଂ ପ୍ରତିଭା: ଭାରତର ରଣନୈତିକ ସୁବିଧା**

ନୀତି ଏବଂ ନିବେଶ ଭାରତର ପ୍ରକୃତ ଶକ୍ତି - ଏହା ଲୋକମାନଙ୍କୁ ସଶକ୍ତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ଭାରତରେ ବିଶ୍ୱର ୨୦%ରୁ ଅଧିକ ଡିଜାଇନ କର୍ମଚାରୀ ରହିଛନ୍ତି। ଏକ ଆକଳନ ଅନୁଯାୟୀ, ଆଗାମୀ ଦଶକର ଆରମ୍ଭ ସୁଦ୍ଧା ବିଶ୍ୱରେ ୧ ମିଲିୟନରୁ ଅଧିକ ସେମିକଣ୍ଡକ୍ଟର ପେସାଦାରଙ୍କ ଅଭାବ ଦେଖାଦେବ। ଭାରତ ଏହି ଅଭାବ ପୂରଣ କରିବାକୁ ପ୍ରସ୍ତୁତ ହେଉଛି।

୩୫୦ ଅନୁଷ୍ଠାନ ଏବଂ ଷ୍ଟାର୍ଟଅପ୍‌ରେ ୬୦,୦୦୦ରୁ ଅଧିକ ବ୍ୟବହାରକାରୀ ଭାରତ ସରକାରଙ୍କ ଦ୍ୱାରା ମାଗଣାରେ ପ୍ରଦାନ କରାଯାଇଥିବା ବିଶ୍ୱସ୍ତରୀୟ ଇଲେକ୍ଟ୍ରୋନିକ ଡିଜାଇନ ଅଟୋମେସନ (ଇଡିଏ) ଟୁଲ୍ସ ବ୍ୟବହାର କରୁଛନ୍ତି। କେବଳ ୨୦୨୫ରେ, ଏହାର ବ୍ୟବହାର ୧.୨ କୋଟି ଘଣ୍ଟା ଅତିକ୍ରମ କରିଛି।

ସରକାରଙ୍କ ଦୃଢ଼ ସମର୍ଥନ ସହ ଷ୍ଟାର୍ଟଅପ୍‌ଗୁଡ଼ିକ ଭାରତର ଚିପ୍ ଡିଜାଇନ ଇକୋସିଷ୍ଟମକୁ ଶକ୍ତି ଯୋଗାଉଛନ୍ତି। ମାଇଣ୍ଡଗ୍ରୋଭ ଟେକ୍ନୋଲୋଜିସ୍ ,ଆଇଆଇଟି ମାଡ୍ରାସ୍‌ରୁ ଉଦ୍ଭାବିତ ସ୍ୱଦେଶୀ 'ଶକ୍ତି' ପ୍ରୋସେସର ଉପରେ ଆଧାରିତ ଆଇଓଟି ଚିପ୍ ବିକାଶ କରୁଛି।

ନେତ୍ରାସେମି ନାମକ ଏକ ଷ୍ଟାର୍ଟଅପ୍, ସାମ୍ପ୍ରତିକ ୧୦୭ କୋଟି ଟଙ୍କାର ରେକର୍ଡ ଫଣ୍ଡିଂ ହାସଲ କରିଛି। ଏହା ଭାରତର ସେମିକଣ୍ଡକ୍ଟର ଡିଜାଇନ କ୍ଷେତ୍ରରେ ସବୁଠାରୁ ବଡ଼ ଭିସି ନିବେଶ ମଧ୍ୟରୁ ଗୋଟିଏ, ଯାହା ଏହି କ୍ଷେତ୍ରରେ ନିବେଶକମାନଙ୍କ ବୃଦ୍ଧି ପାଉଥିବା ଆତ୍ମବିଶ୍ୱାସକୁ ପ୍ରତିଫଳିତ କରୁଛି। ଭାରତ ସରକାରଙ୍କ ଡିଜାଇନ ଲିଙ୍କ୍‌ଡ ଇନ୍‌ସେଣ୍ଟିଭ (ଡିଏଲ୍ଆଇ) ଯୋଜନା ଅଧୀନରେ ଏହିପରି ଅନେକ ଷ୍ଟାର୍ଟଅପ୍‌କୁ ବିକଶିତ କରାଯାଉଛି।

**କ୍ଲାସ୍‌ରୁମ୍‌ରୁ କ୍ଲିନ୍‌ରୁମ୍‌କୁ ଯାତ୍ରା**

ମୋହାଲିରେ ଥିବା ସେମିକଣ୍ଡକ୍ଟର ଲାବରେଟୋରି (ଏସ୍‌ସିଏଲ୍)ରେ ୧୭ଟି ଅନୁଷ୍ଠାନର କଲେଜ ଛାତ୍ରୀଛାତ୍ରମାନେ ଇତିମଧ୍ୟରେ ୨୦ଟି ଚିପ୍ ଉତ୍ପାଦନ କରିଛନ୍ତି। ଆଗାମୀ ମାସଗୁଡ଼ିକରେ ଆହୁରି ଅନେକ ଚିପ୍ ଉତ୍ପାଦନ ହେବ। ଏହି ପ୍ରକାରର ପ୍ରତିଭା ବିକାଶ ଭାରତକୁ ସେମିକଣ୍ଡକ୍ଟର ଶିଳ୍ପରେ ଦୃଢ଼ ସ୍ଥାନରେ ପହଞ୍ଚାଇବ। ଭାରତର ଯୁବ ପ୍ରତିଭା ଯେମିତି କ୍ଲାସ୍‌ରୁମ୍‌ରୁ କ୍ଲିନ୍‌ରୁମ୍‌କୁ ଯାତ୍ରା କରିପାରିବେ ତାହା ସୁନିଶ୍ଚିତ କରିବା ପାଇଁ ଏସ୍‌ସିଏଲ୍‌କୁ ମଧ୍ୟ ଆଧୁନିକୀକରଣ କରାଯାଉଛି।।

ପ୍ରସିଦ୍ଧ ବୈଶ୍ୱିକ କମ୍ପାନୀ ମଧ୍ୟ ଭାରତୀୟ ପ୍ରତିଭାଙ୍କ ଉପରେ ନିବେଶ କରୁଛନ୍ତି। ଲାମ୍ ରିସର୍ଚ୍ଚ ଭାରତରେ ୬୦,୦୦୦ ଇଞ୍ଜିନିୟରଙ୍କୁ ତାଲିମ ଦେବାକୁ ଯାଉଛି। ଆପ୍ଲାଏଡ୍ ମ୍ୟାଟେରିଆଲ୍ସ, ଏଏମ୍‌ଡି ଏବଂ ମାଇକ୍ରୋଚିପ୍ ଆର୍‌ଏଣ୍ଡଡି ପାଇଁ ୧.୧ ବିଲିୟନ ଡଲାର ନିବେଶର ପ୍ରତିଶ୍ରୁତି ଦେଇଛନ୍ତି। ଆଇଆଇଏସ୍‌ସି, ଆଇଆଇଟି, ଏବଂ ଅନ୍ୟମାନଙ୍କ ସହ ଭାଗୀଦାରି ଲାବ୍-ଟୁ-ଫ୍ୟାବ୍ କର୍ମଚାରୀ ପୁଲ୍ ତିଆରିକୁ ନିଶ୍ଚିତ କରୁଛି। ଭାରତ ମଧ୍ୟ ଆମେରିକା, ଜାପାନ, ୟୁରୋପୀୟ ସଂଘ ଏବଂ ସିଙ୍ଗାପୁର ସହ ମିଳିତ ଭାବେ ଭବିଷ୍ୟତ ପାଇଁ-ପ୍ରସ୍ତୁତ ପ୍ରତିଭା ଗଢ଼ିବା ନିମନ୍ତେ କାମ କରୁଛି। ସ୍ଥାନୀୟ ପ୍ରତିଭା ଏବଂ ବିଶ୍ୱ ସହଯୋଗର ଏହି ମିଶ୍ରଣ ନିଶ୍ଚିତ କରୁଛି ଯେ ଭାରତ କେବଳ ନିଜ ପାଇଁ ନୁହେଁ, ବରଂ ବିଶ୍ୱ ଲାଗି ମଧ୍ୟ ନିର୍ମାଣ କରୁଛି।

**ଡିଜିଟାଲ ଇଣ୍ଡିଆରୁ ସେମିକନ୍ ଇଣ୍ଡିଆ।**

ଭାରତର ସେମିକଣ୍ଡକ୍ଟର ଯାତ୍ରା ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ବୃହତ୍ ଦୃଷ୍ଟିକୋଣର ଏକ ଅଂଶ। ଏହା ଡିଜିଟାଲ ଇଣ୍ଡିଆ ମିଶନରୁ ଆରମ୍ଭ ହୋଇ, ଡିଜିଟାଲ ଭିତ୍ତିଭୂମି ନିର୍ମାଣ ସହ ନାଗରିକମାନଙ୍କୁ ସଶକ୍ତ କରିଛି। ଇଣ୍ଡିଆ ଷ୍ଟାକ୍, ୟୁପିଆଇ, ଆଧାର ଏବଂ ଆମର ଟେଲିକମ୍ ନେଟ୍‌ୱର୍କ ପ୍ରତ୍ୟେକ ଭାରତୀୟଙ୍କୁ ପ୍ରଯୁକ୍ତିର ଶକ୍ତି ପ୍ରଦାନ କରିଛି। ଏହାସହ ଆମେ ଆମର ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ଇକୋସିଷ୍ଟମକୁ ମଜଭୁତ କରିଛୁ। ଏବେ ଆମେ ସେମିକଣ୍ଡକ୍ଟର, ଇଲେକ୍ଟ୍ରୋନିକ ଉପାଦାନ ଏବଂ ଉପକରଣ ପାଇଁ ଉତ୍ପାଦନ ଇକୋସିଷ୍ଟମ ବିକାଶ କରୁଛୁ।

ଆଜିଠୁ ଆରମ୍ଭ ହେଉଥିବା ସେମିକନ୍ ଇଣ୍ଡିଆ ସମ୍ମିଳନୀ ୨୦୨୫, ଏହି ଯାତ୍ରାର ନିରନ୍ତରତାକୁ ସୂଚିତ କରୁଛି। ପ୍ରଧାନମନ୍ତ୍ରୀ ଆଜି ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବେ। ଏହି ବର୍ଷ ପ୍ରାୟ ୪୮ଟି ଦେଶରୁ ୫୦୦ରୁ ଅଧିକ ବିଶ୍ୱସ୍ତରୀୟ ଶିଳ୍ପ ନେତାମାନେ ଅଂଶଗ୍ରହଣ କରୁଛନ୍ତି, ଯାହା ଗତ ବର୍ଷ ପ୍ରାୟ ୧୦୦ ଥିଲା। ଅନିଶ୍ଚିତତା ସହ ସଂଘର୍ଷ କରୁଥିବା ବିଶ୍ୱ ପାଇଁ ସ୍ଥିର ଭାରତ ଏକ ଆଶାର କିରଣ।

ଜାପାନ, ଦକ୍ଷିଣ କୋରିଆ, ସିଙ୍ଗାପୁର ଏବଂ ମାଲେସିଆର ସମର୍ପିତ ପ୍ୟାଭିଲିୟନଗୁଡ଼ିକ ଅର୍ଥପୂର୍ଣ୍ଣ ସହଯୋଗକୁ ଆଗେଇନେବେ। ଆମେ ବିଶ୍ୱର ଶିଳ୍ପଜଗତ ଏବଂ ଯୁବ ପ୍ରତିଭାଙ୍କ ମଧ୍ୟରେ ବି-ଟୁ-ବି ଆଲୋଚନା, ବୁଝାମଣା, ଏବଂ ଭାଗୀଦାରି ମଧ୍ୟ କରିବୁ।

**'ଉତ୍ପାଦ ରାଷ୍ଟ୍ର'**

ଆମର ଲକ୍ଷ୍ୟ ହେଉଛି ଭାରତକୁ ଏକ ଉତ୍ପାଦନଭିତ୍ତିକ ରାଷ୍ଟ୍ରରେ ପରିଣତ କରିବା। ଆମ ସେମିକଣ୍ଡକ୍ଟର କାରଖାନାର ଉତ୍ପାଦ ଟେଲିକମ୍, ଆଟୋମୋଟିଭ, ଡାଟା ସେଣ୍ଟର, ଗ୍ରାହକ ଇଲେକ୍ଟ୍ରୋନିକ୍ସ ଏବଂ ଶିଳ୍ପ ଇଲେକ୍ଟ୍ରୋନିକ୍ସ ପରି ଜରୁରୀ କ୍ଷେତ୍ରଗୁଡ଼ିକୁ ସେବା ଯୋଗାଇବ। କେବଳ ଭାରତ ପାଇଁ ନୁହେଁ, ବରଂ ସମଗ୍ର ବିଶ୍ୱ ପାଇଁ। ଆଗାମୀ ଦଶକ ମଧ୍ୟରେ ଆମର ସେମିକଣ୍ଡକ୍ଟର ୟୁନିଟ୍‌ଗୁଡ଼ିକ ପରିପକ୍ୱତା ଏବଂ ବିସ୍ତାର ହାସଲ କରିବେ। ଭାରତ ସମ୍ପୂର୍ଣ୍ଣ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳା ପାଇଁ ଏକ ପ୍ରତିଯୋଗୀ କେନ୍ଦ୍ର ଭାବେ ଉଭାହେବାକୁ ପ୍ରସ୍ତୁତ।

**- ରେଳ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ**

## ୮ରୁ ଆର୍‌ଆଇ, ଅମିନ ପରୀକ୍ଷା

**ଭୁବନେଶ୍ୱର,୧।୯(ସୁଚିସ୍ମିତା ସାହୁ)**

ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ), ଅମିନ, ସହକାରୀ ରାଜସ୍ୱ ନିରୀକ୍ଷକ(ଏଆର୍‌ଆଇ), ଏସ୍‌ଏଫ୍‌ଏସ୍ ଏବଂ ଆଇସିଡିଏସ୍ ସୁପରଭାଇଜର ପଦ ପାଇଁ ପ୍ରିଲିମ ପରୀକ୍ଷା ଅକ୍ଟୋବର ୮ରୁ ଆରମ୍ଭ ହେବ। ଏହା ନଭେମ୍ବର ତୃତୀୟ ସପ୍ତାହ ପର୍ଯ୍ୟନ୍ତ ଚାଲିପାରେ। ଏ ସମ୍ପର୍କରେ ଆୟୋଗ ପକ୍ଷରୁ ସୋମବାର ବିଜ୍ଞପ୍ତି ଜାରି କରାଯାଇଛି। ପରୀକ୍ଷା ତାରିଖ, ସ୍ଥାନ ଏବଂ କେନ୍ଦ୍ର ସମ୍ପର୍କିତ ତଥ୍ୟ ପ୍ରବେଶ ପତ୍ରରେ ଉଲ୍ଲେଖ କରାଯିବ ବୋଲି ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଏସବୁ ପରୀକ୍ଷାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଦୀର୍ଘଦିନ ଧରି ଆନ୍ଦୋଳନ ଓ ବିରୋଧ ହେବାରୁ ପ୍ରିଲିମ ପରୀକ୍ଷାରେ ସମସ୍ତ ବିଦ୍ୟାର୍ଥୀଙ୍କୁ ପାସ୍ କରିଦିଆଯାଇଥିଲା। ହେଲେ କେତେଜଣ ପରୀକ୍ଷାର୍ଥୀ ପରୀକ୍ଷାରେ ଅନିୟମିତତା ଯୋଗୁ ପରୀକ୍ଷାକୁ ରଦ୍ଦ କରିବାକୁ ନେଇ ହାଇକୋର୍ଟରେ ମାମଲା ଦାୟର କରିଥିଲେ। ହାଇକୋର୍ଟ ଏହାର ସାନି ପରୀକ୍ଷା କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ପାଇଁ ଆବେଦନ ୮କୁ ବୃଦ୍ଧି

**ଭୁବନେଶ୍ୱର,୧।୯(ସୁଚିସ୍ମିତା ସାହୁ)**

ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାର ଆବେଦନ ତାରିଖ ବୃଦ୍ଧି କରାଯାଇଛି। ପୂର୍ବରୁ ଏହି ଆବେଦନର ଶେଷ ତାରିଖ ଅଗଷ୍ଟ ୩୦ ରହିଥିଲା। ସାମ୍ବାଦିକଙ୍କ ଅନୁରୋଧ ରକ୍ଷା କରି ରାଜ୍ୟ ସରକାର ଆବେଦନର ଶେଷ ତାରିଖକୁ ସେପ୍ଟେମ୍ବର ୮ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହି ଯୋଜନା ଦ୍ୱାରା କର୍ମଜୀବୀ ସାମ୍ବାଦିକଙ୍କ ପରିବାର ଦେୟମୁକ୍ତ ଭାବେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇପାରୁଛନ୍ତି। ଚଳିତ ବର୍ଷ ନୂତନ ଏବଂ ନବୀକରଣ ନିମନ୍ତେ ଅନଲାଇନ ମାଧ୍ୟମରେ ଆବେଦନ ଗ୍ରହଣ କରାଯାଉଛି। ଇଚ୍ଛୁକ ସାମ୍ବାଦିକମାନେ www.owjws.odisha.gov.inରେ ଆବେଦନ କରିପାରିବେ।




## ୟୁରୋପୀୟ ଦେଶ ସହିତ ସମ୍ପର୍କ ସୁଦୃଢ଼ ଲାଗି ଓଡ଼ିଶା ଆଗ୍ରହୀ: ମୁଖ୍ୟମନ୍ତ୍ରୀ


ଲୋକସେବା ଭବନରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଇଏଫ୍‌ଏସ୍ ଅଧିକାରୀମାନେ ଭେଟି ଆଲୋଚନା କରୁଛନ୍ତି।

**ଭୁବନେଶ୍ୱର,୧।୯(ରବିନାରାୟଣ ଜେନା)**

**ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଭାରତୀୟ ବୈଦେଶିକ ସେବା ଅଧିକାରୀ**

ୟୁରୋପୀୟ ଦେଶ ସହିତ ସମ୍ପର୍କ ସୁଦୃଢ଼ କରିବା ଲାଗି ଓଡ଼ିଶା ଆଗ୍ରହୀ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୋମବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କୁ ଭାରତୀୟ ବୈଦେଶିକ ସେବା (ଆଇଏଫ୍‌ଏସ୍)ର ୨୦୦୦ ଓ ୨୦୦୧ ବ୍ୟାଚର ଅଧିକାରୀମାନେ ଭେଟିବା ଅବସରରେ ଓଡ଼ିଶାର ଶାସନ, ବିକାଶ ପଦକ୍ଷେପ ଏବଂ ଭାରତର ବୈଶ୍ୱିକ କୂଟନୈତିକ ସହଭାଗିତା ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ଦେଶ ସେବାରେ ନିରନ୍ତର ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହିତ ଭାରତର ହିତକୁ ବିଦେଶରେ ପ୍ରତିନିଧିତ୍ୱ କରିବାରେ ସେମାନଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ଏହି ପ୍ରତିନିଧିଦଳରେ ରୋମାନିଆରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ଡ. ମନୋଜ କୁମାର ମହାପାତ୍ର, ସ୍ଲୋଭେନିଆ ଗଣରାଷ୍ଟ୍ରରେ ଅବସ୍ଥାପିତ ରାଷ୍ଟ୍ରଦୂତ ଅମିତ ନାରଙ୍ଗ ଏବଂ ମାଲ୍ଟା ଗଣରାଷ୍ଟ୍ରରେ ଅବସ୍ଥାପିତ ଉଚ୍ଚଆୟୁକ୍ତ ଗ୍ଲୋରିଆ ଗାଙ୍ଗଟେ ପ୍ରମୁଖ ସାମିଲ ଥିଲେ।

ଏହି ସାକ୍ଷାତ୍କାର ସମୟରେ ରାଷ୍ଟ୍ରଦୂତମାନେ ଗତ ଏକ ବର୍ଷରେ ମୁଖ୍ୟମନ୍ତ୍ରୀଙ୍କ ଉଲ୍ଲେଖନୀୟ କାର୍ଯ୍ୟକୁ ନେଇ ଅଭିନନ୍ଦନ ଜଣାଇଥିଲେ। ଏହା ସହ ଚଳିତବର୍ଷ ଭୁବନେଶ୍ୱରରେ ସଫଳତାର ସହ ଆୟୋଜିତ ପ୍ରବାସୀ ଭାରତୀୟ ଦିବସକୁ ମଧ୍ୟ ସେମାନେ ଉଚ୍ଚ ପ୍ରଶଂସା କରିଥିଲେ, ଯାହା ବିଶ୍ୱବ୍ୟାପୀ ଓଡ଼ିଆମାନଙ୍କୁ ରାଜ୍ୟ ସହ ଅଧିକ ସଂଯୁକ୍ତ ହେବାକୁ ପ୍ରେରଣା ଦେଇଛି ବୋଲି ରାଷ୍ଟ୍ରଦୂତମାନେ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ସାଂସ୍କୃତିକ, ଐତିହ୍ୟ ଏବଂ ହସ୍ତଶିଳ୍ପକୁ ଇଉରୋପୀୟ ଦେଶମାନଙ୍କରେ ପ୍ରୋତ୍ସାହନ ଦେବା ରାଜ୍ୟ ପାଇଁ ଅଧିକ ଗୌରବ ଓ ବିଶ୍ୱବ୍ୟାପୀ ମାନ୍ୟତା ଆଣିବ ବୋଲି ଗୁରୁତ୍ୱ ଦେଇଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଉପସ୍ଥିତ ଥିଲେ।

## 'ଓଡ଼ିଶା ଯାତ୍ରୀ' ଆପ୍‌ରେ ଆମ ବସ୍, ଚିଲିକା ବୋଟିଂ ପାଇଁ ମିଳିବ ଟିକେଟ

**ଭୁବନେଶ୍ୱର, ୧।୯ (ବନ୍ଦନା ସେଠୀ)**

'ଓଡ଼ିଶା ଯାତ୍ରୀ' ଆପ୍ ମାଧ୍ୟମରେ ଆମ ବସ୍ ଏବଂ ସାତପଡ଼ା ଚିଲିକା ବୋଟିଂ ପାଇଁ ଯାତ୍ରୀମାନେ ଟିକେଟ କିଣିପାରିବେ। ପର୍ଯ୍ୟଟକ ଓ ଯାତ୍ରୀଙ୍କ ଅନୁଭବକୁ ଅଧିକ ସୁଖଦ କରିବା ଉଦ୍ଦେଶ୍ୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହି ବ୍ୟବସ୍ଥା କରାଯାଇଛି। 'ଆମ ବସ୍ ସେବା' ଅଧୀନ ଯେକୌଣସି ବସ୍‌ରେ ଯାତାୟାତ ନିମନ୍ତେ ଏହି ଆପ୍ ମାଧ୍ୟମରେ ଟିକେଟ ବୁକିଂ କରିହେବ। ସେହିପରି ଚିଲିକା ଭ୍ରମଣରେ ଆସୁଥିବା ପର୍ଯ୍ୟଟକ ସାତପଡ଼ାରେ ସେମାନଙ୍କ ସୁବିଧା ମୁତାବକ ବୋଟିଂ ନିମନ୍ତେ ଏହି ଆପ୍ ମାଧ୍ୟମରେ ବୁକିଂ କରି ଡିଜିଟାଲ ଟିକେଟ୍ ପାଇପାରିବେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢୀ କହିଛନ୍ତି, 'ଓଡ଼ିଶା ଯାତ୍ରୀ' ଡିଜିଟାଲ ପ୍ଲାଟ୍‌ଫର୍ମ ସହାୟତାରେ ବସ୍ ସେବା ଏବଂ ବୋଟିଂ ଗୋଟିଏ କ୍ଲିକ୍‌ରେ ଉପଲବ୍ଧ ହୋଇପାରିବ।

## ପ୍ରଯୁକ୍ତି ବିଦ୍ୟାର ଉପଯୋଗକୁ ଗୁରୁତ୍ୱ

**ରାଜ୍ୟ ସୂଚନା ଆୟୁକ୍ତମାନଙ୍କ ସମ୍ମିଳନୀ**

**ଭୁବନେଶ୍ୱର,୧।୯(ରବିନାରାୟଣ ଜେନା)**

ସୂଚନା ଅଧିକାର ବିଷୟଗୁଡ଼ିକର ପରିଚାଳନା କରିବା ସମୟରେ ଉଭୟ ଅଭିଯୋଗକାରୀ ଏବଂ ସରକାରୀ କର୍ତ୍ତୃପକ୍ଷଙ୍କ ସୁବିଧା ପାଇଁ ଆବଶ୍ୟକତା ଅନୁଯାୟୀ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ଲାଗି କେନ୍ଦ୍ର କର୍ମଚାରୀ, ସାଧାରଣ ଅଭିଯୋଗ ଏବଂ ପେନ୍‌ସନ ବିଭାଗର ମନ୍ତ୍ରୀ ଡ. ଜିତେନ୍ଦ୍ର ସିଂ ଗୁରୁତ୍ୱ ଦେଇଛନ୍ତି। ନୂଆଦିଲ୍ଲୀଠାରେ ଜାତୀୟ ମୁଖ୍ୟ ସୂଚନା ଆୟୋଗଙ୍କ ପକ୍ଷରୁ ନିକଟରେ ଅନୁଷ୍ଠିତ ରାଜ୍ୟ ସୂଚନା ଆୟୁକ୍ତ ସମ୍ମିଳନୀରେ ମନ୍ତ୍ରୀ ଡ. ଜିତେନ୍ଦ୍ର ସିଂ ବିଭିନ୍ନ ଆୟୋଗର କାର୍ଯ୍ୟକାରିତା ଏବଂ ବିଚାରାଧୀନ ମାମଲାଗୁଡ଼ିକର ଫଏସଲାରେ ଉନ୍ନତି ଆଣିବା ପାଇଁ ପରାମର୍ଶ ଦେଇଥିଲେ।



"ନାସ୍ତିକତା ହେଲା ଭଗବାନଙ୍କ ସମ୍ବନ୍ଧେ ଯେଉଁ ଉର୍ଦ୍ଧ୍ୱତମ ଉପଲବ୍ଧି – ତା'ର ଛାୟା ବା ଅନ୍ଧକାର ଦିଗ। ଆମେ ଭଗବାନଙ୍କର ଯାହା କିଛି ସଂଜ୍ଞା ଦେଉ ନା କାହିଁକି, ପ୍ରତୀକ ହିସାବରେ ସର୍ବଦା ତାହା ସତ୍ୟ ହେଲେ ବି, ଯଦି ଆମେ ତାକୁ ପୂର୍ଣ୍ଣସଂଜ୍ଞା ହିସାବରେ ଗ୍ରହଣକରୁ –ତେବେ ତାହା ମିଥ୍ୟା ହୋଇଯିବ। ନାସ୍ତିକ ଓ ଅଜ୍ଞେୟବାଦୀ ଆମର ଏଇ ଭୁଲଟିକୁ ସ୍ମରଣ କରାଇ ଦିଅନ୍ତି। –ଶ୍ରୀଅରବିନ୍ଦ



# ନକଲି ବାଟ

ପ୍ରତିବର୍ଷ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଏମ୍‌ବିବିଏସ୍, ବିଡିଏସ୍ ଏବଂ ଆୟୁଷ ପାଠ୍ୟକ୍ରମରେ ନାମ ଲେଖା ପାଇଁ ସର୍ବଭାରତୀୟ ସ୍ତରରେ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ନିଟ୍) କରାଯାଉଛି। ଶିକ୍ଷା ମନ୍ତ୍ରଣାଳୟ ଅଧୀନ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ଏହା ୨୦୧୩ରୁ ଆରମ୍ଭ କରାଯାଇ ପ୍ରତିବର୍ଷ ଯୋଗ୍ୟ ପ୍ରାର୍ଥୀଙ୍କୁ ନାମ ଲେଖା ପାଇଁ ଚୟନ କରାଯାଉଛି। ଏହି ପ୍ରକ୍ରିୟାରେ କିଛି ବର୍ଷ ହେବ ଅନେକ ତ୍ରୁଟିକୁ ନେଇ ଅଭିଯୋଗ ଉଠୁଛି। ଚଳିତବର୍ଷ ଅଗଷ୍ଟ ଶେଷ ସପ୍ତାହରେ ବହିର୍ବ୍ୟାପାର ମନ୍ତ୍ରଣାଳୟ(ଏମ୍‌ଇଏ) ସହଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ନକଲି ନନ୍-ରେସିଡେଣ୍ଟ ଇଣ୍ଡିଆନ(ଏନଆର୍‌ଆଇ) ସାର୍ଟିଫିକେଟରେ ମୁଖ୍ୟତଃ ଘରୋଇ କଲେଜଗୁଡ଼ିକରେ ମେଡ଼ିକାଲ ପାଠ୍ୟକ୍ରମରେ ନାମ ଲେଖାଯାଇଥିବା ଘଟଣାକୁ ସାମ୍ନାକୁ ଆଣିଛି। ଡାକ୍ତରୀ ପାଠ୍ୟକ୍ରମରେ ଓଡ଼ିଶା ଓ ପଶ୍ଚିମବଙ୍ଗ ସମେତ ଦେଶର ଅନ୍ୟ ରାଜ୍ୟଗୁଡ଼ିକରେ ପାଖାପାଖି ୧୮,୦୦୦ ସିଟ୍‌ରେ ନାମଲେଖାଇବା ପାଇଁ ନକଲି ସାର୍ଟିଫିକେଟ ଦାଖଲ ହୋଇଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ୭୦୬ ମେଡିକାଲ କଲେଜ ମଧ୍ୟରୁ ୩୮୬ଟି ସରକାରୀ ଥିବା ବେଳେ ବେସରକାରୀ ସଂଖ୍ୟା ୩୨୦। ଏଥିରେ ମୋଟ ୧, ୧୮, ୧୪୮ ସିଟ୍ ରହିଛି। ସେଥିରୁ ସରକାରୀ ହେଉଛି ୫୯,୭୮୨ ଓ ବେସରକାରୀ ସିଟ୍ ସଂଖ୍ୟା ୫୮,୩୬୬। ଯଦି ନକଲି ସାର୍ଟିଫିକେଟ ଦେଇ ମେଡିକାଲ ସିଟ୍‌ରେ ହେରଫେର କଥାକୁ ଦେଖାଯାଏ, ତେବେ ସମୁଦାୟ ବେସରକାରୀ ସିଟ୍‌ର ପାଖାପାଖି ୩୦ ପ୍ରତିଶତ ଗଡ଼ବଡ଼ ହୋଇଛି। ଏହି ପରିପ୍ରେକ୍ଷୀରେ ମେଡିକାଲ ସିଟ୍‌ର ଆବଣ୍ଟନ ଢାଞ୍ଚାକୁ ଦେଖିଲେ ନିଟ୍ ମାଧ୍ୟମରେ ଆସିଥିବା ମେଧାବୀମାନେ ଦେଶର ସରକାରୀ ମେଡିକାଲ କଲେଜରେ ନାମ ଲେଖାଇଥାଆନ୍ତି। ଘରୋଇ ମେଡିକାଲକୁ ମିଳିଥିବା ସିଟ୍ ମଧ୍ୟରୁ ଏନ୍‌ଆର୍‌ଆଇ କୋଟା ଥାଏ। ଏହି କୋଟା ସିଟ୍‌ରେ ପାଇବାକୁ ହେଲେ ବିଦେଶରେ ରହୁଥିବା ଏନ୍‌ଆର୍‌ଆଇଙ୍କ ସମ୍ପର୍କୀୟ ଏଠାରେ ସମ୍ପୃକ୍ତ ସିଟ୍ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥାଆନ୍ତି। ଏପରିକି ଏହି ସିଟ୍ ହାତେଇବା ଲାଗି ନକଲି ଏନ୍‌ଆର୍‌ଆଇ ସାର୍ଟିଫିକେଟ ଯୋଗାଡ଼ କରିବା ଦେଖାଯାଉଛି। ଏଠାରେ ସ୍ପଷ୍ଟ କରାଯାଇପାରେ ଯେ ଏହି ସିଟ୍ ଯୋଗୁ ମେଧାବୀଙ୍କ ଆସନ ପାଇବାରେ ଫରକ୍ ପଡ଼େ ନାହିଁ। କିନ୍ତୁ ମେରିଟ୍ ଲିଷ୍ଟରେ ଅପେକ୍ଷାକୃତ ତଳେ ଥାଇ ଏନ୍‌ଆର୍‌ଆଇ କୋଟା ପାଇବାକୁ ଯୋଗ୍ୟ ଥିବା ବିଦ୍ୟାର୍ଥୀ ବଞ୍ଚିତ ହୋଇଥାଆନ୍ତି।

ଏବେ ଧରାଯାଇଥିବା କେତେକ ଘଟଣାକୁ ଯାଞ୍ଚ କରାଯିବାରୁ ଜଣାପଡ଼ିଛି ଯେ, ଅନେକ ସାର୍ଟିଫିକେଟରେ ଆମେରିକାର ନକଲି ରୋଟାରୀ ସିଲ୍ ବ୍ୟବହାର କରାଯାଇଛି। ଏପରିକି ଜଣେ ଏନ୍‌ଆର୍‌ଆଇଙ୍କ ତଥ୍ୟକୁ ତାଙ୍କ ସମ୍ପର୍କ ବାହାରର ଥିବା ଅନେକ ପ୍ରାର୍ଥୀଙ୍କ କ୍ଷେତ୍ରରେ ଉପଯୋଗ କରାଯାଇଛି। ଏଜେଣ୍ଟମାନେ କଲେଜଗୁଡ଼ିକ ସହ ସମ୍ପର୍କ ସ୍ଥାପନ ପୂର୍ବକ ବିପୁଳ ଅର୍ଥ କାରବାରର ସୁଯୋଗ ସୃଷ୍ଟି କରି ଏଭଳି ଠକାମି ପଦ୍ଧତିର ସୂତ୍ରଧର ପାଲଟିଛନ୍ତି। ଏହାକୁ ଲକ୍ଷ୍ୟ କରି ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶାଳୟ ପ୍ରତ୍ୟେକେ ଏନ୍‌ଆର୍‌ଆଇ ସାର୍ଟିଫିକେଟ ନାମଲେଖା ପାଇଁ ଯୋଗ୍ୟ କି ନୁହଁ, ତାହା ଯାଞ୍ଚ କରିବା ପାଇଁ ଭାରତୀୟ ଦୂତାବାସଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସମାନ ଭାବେ ଏମ୍‌ଇଏ ବାହାରେ ଥିବା ତାହାର ମିଶନଗୁଡ଼ିକୁ ନୂତନ ନିର୍ଦ୍ଦେଶନାମା ଜାରି କରି ଦୃଢ଼ ପଦକ୍ଷେପ ନେବା ଲାଗି କୁହାଯାଇଛି।

ସୂଚନାଯୋଗ୍ୟ ଯେ, ମେଡିକାଲ ଓ ଡେଣ୍ଟାଲ ପାଠ୍ୟକ୍ରମରେ ଏନ୍‌ଆର୍‌ଆଇ କୋଟାରେ ସିଟ୍ ସଂଖ୍ୟା ବୃଦ୍ଧି କରିବାକୁ ପଞ୍ଜାବ ସରକାର ସେଠାକାର ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ତାହାକୁ ଅଗ୍ରାହ୍ୟ କରିଦେବା ପରେ ସରକାର ସୁପ୍ରିମକୋର୍ଟରେ ପହଞ୍ଚିଥିଲେ। ୨୫ ସେପ୍ଟେମ୍ବର ୨୦୨୪ରେ ଶୀର୍ଷ କୋର୍ଟ ମଧ୍ୟ ତାହାକୁ ଖାରଜ କରି ଦର୍ଶାଇଥିଲେ ଯେ, ଏହା ହେଉଛି ଟଙ୍କା ରୋଜଗାରର ଏକ ପଦ୍ଧତି। ଯୋଗ୍ୟ ପ୍ରାର୍ଥୀଙ୍କୁ ପଛକୁ ରଖି ଏନ୍‌ଆର୍‌ଆଇ କୋଟାରେ ନାମ ଲେଖାଇବାକୁ ଅନୁମତି ଦିଆଯାଇପାରିବ ନାହିଁ। ଏବେ ଏହି କୋଟା ବନ୍ଦ କରାଯିବା ଦରକାର ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଥିଲେ। ସୁପ୍ରିମକୋର୍ଟଙ୍କ ଏହି କଥାକୁ ସ୍ପଷ୍ଟ କରିବାକୁ ହେଲେ ଏଠି କୁହାଯାଇପାରେ ଯେ, ବାସ୍ତବରେ ଅପେକ୍ଷାକୃତ ମେଧାବୀ ଏହାଦ୍ୱାରା ପ୍ରଭାବିତ ହେବେ।

ଦେଖିବାକୁ ଗଲେ କେବଳ ନକଲି ଏନ୍‌ଆର୍‌ଆଇ ସାର୍ଟିଫିକେଟ ବିଷୟ ନୁହେଁ, ଗତ କିଛି ବର୍ଷ ହେଲା ମେଡିକାଲ ପ୍ରବେଶିକା ପରୀକ୍ଷାରେ ଅନେକ ତ୍ରୁଟି ପରିଲକ୍ଷିତ ହୋଇଆସୁଛି। ନିକଟ ଅତୀତରେ ପ୍ରଶ୍ନପତ୍ର ଲିକ୍ ଠାରୁ ଆରମ୍ଭ କରି ନକଲି ପ୍ରାର୍ଥୀ ଅସଲି ପ୍ରାର୍ଥୀଙ୍କ ପାଇଁ ପରୀକ୍ଷା ଦେବା ବିଷୟ ସାମ୍ନାକୁ ଆସିଥିଲା। ଉଦାହରଣସ୍ୱରୂପ, ୨୦୨୪ରେ ରାଜସ୍ଥାନ, ଦିଲ୍ଲୀ, ବିହାର ଏବଂ ଓଡ଼ିଶାରୁ ନକଲି ପ୍ରାର୍ଥୀଙ୍କ ସମେତ ଏହି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଅନେକ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା। ଏହାପାଇଁ ପ୍ରଚୁର ଅର୍ଥ କାରବାର ହୋଇଥିବା ବିଷୟ ଜଣାପଡ଼ିଥିଲା। ଏଭଳି ବେଆଇନ କାର୍ଯ୍ୟର ମୁଖ୍ୟ କାରଣ ହେଉଛି ମେଡିକାଲ ପଢ଼ିବା ପାଇଁ ସିଟ୍‌ଟିଏ ପାଇବାକୁ ଶିକ୍ଷାରେ ଶ୍ରେଷ୍ଠତ୍ୱ ପ୍ରତିପାଦନର ଏକମାତ୍ର ବାଟ ବୋଲି ଛାତ୍ରୀଛାତ୍ର ତଥା ଅଭିଭାବକମାନେ ଧରିନେଇଛନ୍ତି। ଅଭିଭାବକମାନେ ଏମିତି ଆତୁରିଆ ଯେ, ଯେକୌଣସି ଉପାୟରେ ତାହା ହାସଲ କରିବା ସକାଶେ ଚେଷ୍ଟା କରୁଛନ୍ତି। ବଡ଼ବଡ଼ିଆଙ୍କ ପର୍ଯ୍ୟାପ୍ତ ଅର୍ଥ ଥିବାରୁ ସେମାନେ ମେଡିକାଲ ସିଟ୍‌ଟିଏ ସହଜରେ କିଣିପାରୁଛନ୍ତି। ଆର୍ଥିକ ଦୃଷ୍ଟିରୁ ମଧ୍ୟମ ଧରଣର ସବଳ ଥିବା ବ୍ୟକ୍ତି ସ୍ଥଳବିଶେଷରେ 'ଡାକ୍ତରୀ' ନିଶାରେ ଧାଉଁଛନ୍ତି। ତେବେ ମେଧା ନ ଥିବା ପିଲାଙ୍କ ମାତାପିତା ଯେନତେନ ପ୍ରକାରେଣ ସିଟ୍ ହାସଲ ପାଇଁ ଏନ୍‌ଆର୍‌ଆଇ ବାଟ ଧରି ଘରୋଇ ମେଡ଼ିକାଲ କଲେଜକୁ ପଶିଯିବାକୁ ଚେଷ୍ଟା କରୁଛନ୍ତି।

ଶେଷରେ ଏତିକି କୁହାଯାଇପାରେ ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସମ୍ପୂର୍ଣ୍ଣ ଭାବେ ସ୍ୱାଗତଯୋଗ୍ୟ। କୌଣସି ଏନ୍‌ଆର୍‌ଆଇ କୋଟା ରହିବା ଉଚିତ ନୁହେଁ। ବାସ୍ତବରେ ଡାକ୍ତରୀ ଓ ଇଞ୍ଜିନିୟରିଂ ପାଠରେ କୌଣସି କୋଟାର ଆବଶ୍ୟକତା ନାହିଁ। କେବଳ ଉଚ୍ଚକୋଟୀର ମେଧାବୀ ବିଦ୍ୟାର୍ଥୀ ଏହି ଦୁଇଟି ପେସାରେ ଭର୍ତ୍ତି ହେବା ଦରକାର।

# ଉପକୂଳରେ ସୁରକ୍ଷା ପ୍ରାଚୀର



ଡ. ଜୟକୃଷ୍ଣ ପାଣିଗ୍ରାହୀ

ସମ୍ପ୍ରତି ତାମିଲନାଡୁର କୁଡାଲୋର ଜିଲାରେ ସରକାରଙ୍କ ଆନୁକୂଲ୍ୟରେ 'ସମୁଦ୍ର ପତନ ବୃଦ୍ଧି ଏବଂ ଉପକୂଳ ଅବକ୍ଷୟର ପ୍ରଭାବକୁ ରୋକିବା ନିମନ୍ତେ ଜୈବ-ଢାଲ ସୃଷ୍ଟି' ଶୀର୍ଷକ ଏକ ପ୍ରକଳ୍ପ (୨୦୨୫ରୁ ୨୦୨୮) କାର୍ଯ୍ୟକାରୀ ହେଉଛି, ଯେଉଁଥିରେ ୬୦ ହେକ୍ଟର ହେନ୍ତାଳବନ ସୃଷ୍ଟି ଏବଂ ୨୦ ହେକ୍ଟର ଅନ୍ୟ ସହନଶୀଳ ଜାତିର ବୃକ୍ଷରୋପଣ ଅନ୍ତର୍ଭୁକ୍ତ। ରାଜ୍ୟର ବନ ବିଭାଗ ସ୍ଥାନୀୟ ସମ୍ପ୍ରଦାୟମାନଙ୍କର ସମ୍ପୃକ୍ତିରେ ବିସ୍ତୃତ ଉପକୂଳ ଅଞ୍ଚଳରେ ହେନ୍ତାଳ ଜଙ୍ଗଲ ପୁନରୁଦ୍ଧାର କାର୍ଯ୍ୟ ଅବ୍ୟାହତ ରଖିଛି। ବିଶ୍ୱବ୍ୟାଙ୍କ ତଥା ଅନ୍ୟ ଉତ୍ସରୁ ଲବ୍ଧ ପାଣ୍ଠିର ବିନିଯୋଗରେ ସରକାର 'ଗ୍ରାମ୍ୟ ହେନ୍ତାଳବନ ପରିଷଦ' ମାଧ୍ୟମରେ ଲୁଣା ଜଙ୍ଗଲ ପ୍ରସାରଣ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଏହି ଦୃଷ୍ଟାନ୍ତ ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନ ପରିସ୍ଥିତିରେ ଉପକୂଳ ସୁରକ୍ଷା ନିମନ୍ତେ ଅତ୍ୟାବଶ୍ୟକ ଥିବା ପ୍ରାକୃତିକ ସବୁଜ ପ୍ରାଚୀର ସୃଷ୍ଟିର ଗୁରୁତ୍ୱକୁ ପ୍ରତିପାଦିତକରେ। ଏହା ସୁସ୍ପଷ୍ଟ ଯେ ଜଳବାୟୁ ସଙ୍କଟ ଆମ ସମୟର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ପରିବେଶୀୟ ଆହ୍ୱାନ ମଧ୍ୟରେ ଶୀର୍ଷତମ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକ ଏହାଦ୍ୱାରା ସୃଷ୍ଟ ବିପର୍ଯ୍ୟୟର ମୁକାବିଲା କ୍ଷେତ୍ରରେ ଅତ୍ୟନ୍ତ ଦୁର୍ବଳ ଓ ସମ୍ବେଦନଶୀଳ। ସମୁଦ୍ର ପତନର ବୃଦ୍ଧି, ଝଡ଼ବାତ୍ୟାର ବାରମ୍ବାରତା, ଉପକୂଳ ଅବକ୍ଷୟ ଏବଂ ଲୁଣାପାଣିର ପ୍ରବେଶ ଉପକୂଳରେ ଅବସ୍ଥିତ ପରିସଂସ୍ଥା, ମାନବ ସମ୍ପ୍ରଦାୟ ଏବଂ ଅର୍ଥନୀତି ନିମନ୍ତେ କ୍ରମଶଃ ବ୍ୟାପକ ବିପର୍ଯ୍ୟୟର କାରଣ ପାଲଟୁଛି। ଏପରି ସଙ୍କଟ ସହ ଖାପ ଖୁଆଇବା ନିମନ୍ତେ ବିଶ୍ୱ ସହନୀୟ ଏବଂ ପ୍ରକୃତି-ଆଧାରିତ ସମାଧାନର ସନ୍ଧାନରେ ଥିବାବେଳେ ଉପକୂଳରେ ଜୈବ-ଢାଲ ସୃଷ୍ଟିର ଉଦ୍ୟମ ଏକ ଶକ୍ତିଶାଳୀ ଏବଂ ପରିବେଶ ଅନୁକୂଳ ପ୍ରତିରକ୍ଷା ବ୍ୟବସ୍ଥା ଭାବରେ ଉଭାହୋଇଛି।

ଜୈବ-ଢାଲ ହେଉଛି ଏକ ସୁରକ୍ଷା ପ୍ରାଚୀର ଯାହା ଘନ ଉଦ୍ଭିଦରାଜି, ଯେପରିକି ଉପକୂଳବର୍ତ୍ତୀ ହେନ୍ତାଳବନ, ଲୁଣିଆ ସନ୍ତସନ୍ତିଆ ଅଞ୍ଚଳ, ବାଲୁକା ସ୍ତୂପ, ଝାଉଁ ଓ କିଆବଣ ଏବଂ ଅନ୍ୟ ଜଙ୍ଗଲ ଦ୍ୱାରା ଗଠିତ। ଏହି ପ୍ରାକୃତିକ ପ୍ରଣାଳୀଗୁଡ଼ିକ ସମୁଦ୍ର ଏବଂ ମାନବ ବସତି ମଧ୍ୟରେ ବଫର ଅଞ୍ଚଳ ଭାବରେ କାର୍ଯ୍ୟ ସମ୍ପାଦନକରି ଉତ୍ତାଳ ତରଙ୍ଗ, ଘୂର୍ଣ୍ଣିଝଡ଼ ଏବଂ ସୁନାମିର ପ୍ରଭାବକୁ ହ୍ରାସ କରନ୍ତି। କଂକ୍ରିଟ ସମୁଦ୍ର ପ୍ରାଚୀର କିମ୍ବା ଅନ୍ୟାନ୍ୟ ଇଞ୍ଜିନିୟରିଂ ଭିତ୍ତିଭୂମି ତୁଳନାରେ ଜୈବ-ଢାଲଗୁଡ଼ିକ ବହୁବିଧ ଲାଭ ପ୍ରଦାନ କରନ୍ତି: ଏଗୁଡ଼ିକ କମ୍ ଖର୍ଚ୍ଚରେ ସ୍ଥାପିତ, ଆତ୍ମନିର୍ଭରଶୀଳ, ଜୈବବିବିଧତାରେ ସମୃଦ୍ଧ ଏବଂ ସମୟକ୍ରମେ ପରିବେଶଗତ ପରିବର୍ତ୍ତନ ସହ ଖାପ ଖୁଆଇବାରେ ସକ୍ଷମ। କେନ୍ଦ୍ରାପଡ଼ାର ସାତଭାୟା ଅଞ୍ଚଳ ହେନ୍ତାଳବନର ଅନୁପସ୍ଥିତିରେ ସମୁଦ୍ରର ଆଁ ମଧ୍ୟରେ ସମ୍ପୂର୍ଣ୍ଣ ରୂପେ ଲୀନ ହୋଇସାରିଛି ଏବଂ ସରକାର ପ୍ରଭାବିତ ଲୋକମାନଙ୍କୁ ସ୍ଥାନାନ୍ତରିତକରି ନିକଟସ୍ଥ ବଗପାଟିଆ ପୁନର୍ବାସ କଲୋନିରେ ୨୦୧୮ରୁ ଅବସ୍ଥାପିତ କରିଛନ୍ତି। ଅନ୍ୟପକ୍ଷରେ, ନିକଟସ୍ଥ ପେଣ୍ଠ ଉପକୂଳରେ ଅବକ୍ଷୟ ପ୍ରଶମନ ଉଦ୍ଦେଶ୍ୟରେ ୩୯କୋଟି ଟଙ୍କା ବ୍ୟୟରେ



୨୦୧୬ରେ ନିର୍ମିତ ହୋଇଥିବା ଜିଓ-ସିନ୍ଥେଟିକ୍ ଟ୍ୟୁବ୍ ସୁରକ୍ଷା ପ୍ରତିବନ୍ଧକ ଏବେ କ୍ରମଶଃ ଅବକ୍ଷୟିତ ହେବାରେ ଲାଗିଛି। ଏହା ସୂଚିତ୍‌କରେ ଯେ ପ୍ରାକୃତିକ ଜୈବ-ଢାଲ ଅଧିକ ପ୍ରଭାବଶାଳୀ, ଯାହା ସମୁଦ୍ର ଢେଉର ଶକ୍ତିକୁ ଶୋଷଣକରି ଜଳ ପ୍ରବାହର ବେଗକୁ ନିମ୍ନଗାମୀକରେ। ହେନ୍ତାଳ ବୃକ୍ଷମାନେ ସେମାନଙ୍କର ଜଟିଳ ଚେର ପ୍ରଣାଳୀ ଦ୍ୱାରା ଉପରମାଟି ସ୍ତରକୁ ଧରି ରଖି ମୃତ୍ତିକା ଅବକ୍ଷୟକୁ ପ୍ରତିରୋଧ କରନ୍ତି। ଘୂର୍ଣ୍ଣିଝଡ଼ କିମ୍ବା ବାତ୍ୟା ଭଳି ଗମ୍ଭୀର ପାଣିପାଗ ବିପର୍ଯ୍ୟୟ ସମୟରେ, ଏହି ଉଦ୍ଭିଦ ଢାଲ ପ୍ରତିବନ୍ଧ ରୂପେ ଝଡ଼ର ପ୍ରବାହକୁ ଧୀରକରି ଲୁଣିପାଣିର ଆଭ୍ୟନ୍ତରୀଣ ମଧୁରଜଳ ଉତ୍ସ ଏବଂ କୃଷି ଜମିରେ ପ୍ରବେଶକୁ ରୋକିଥାନ୍ତି।

ବୈଜ୍ଞାନିକ ଅଧ୍ୟୟନ ସୂଚାଏ ଯେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୁଣା ଜଙ୍ଗଲ ଦ୍ୱାରା ସୁରକ୍ଷିତ ସ୍ଥାନଗୁଡ଼ିକ ଅସୁରକ୍ଷିତ ଅଞ୍ଚଳ ତୁଳନାରେ ବହୁତ କମ୍ କ୍ଷତିଗ୍ରସ୍ତ ହୋଇଥାନ୍ତି। ଶ୍ରେଷ୍ଠ ଦୃଷ୍ଟାନ୍ତ ହେଉଛି, ଓଡ଼ିଶାର ଐତିହାସିକ ୧୯୯୯ ମସିହାର ମହାବାତ୍ୟା ପ୍ରଭାବରେ ଯେତେବେଳେ ଉପକୂଳସ୍ଥ ଜଗତ୍‌ସିଂହପୁର ଜିଲା ବିନାଶର ଚରମସୀମାରେ ଉପନୀତ ହୋଇ ବହୁମୂଲ୍ୟ ଜୀବନ ତଥା ପର୍ଯ୍ୟାପ୍ତ ଧନସମ୍ପତ୍ତି କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିଲା, ସେତେବେଳେ ପଡ଼ୋଶୀ କେନ୍ଦ୍ରାପଡ଼ା ଜିଲା ସମୃଦ୍ଧ ଭିତରକନିକା ହେନ୍ତାଳ ବନର ଉପସ୍ଥିତି କାରଣରୁ ବହୁଳ ଭାବେ ସୁରକ୍ଷିତ ରହିଥିଲା। ଅନୁରୂପ ଭାବେ, ୨୦୦୪ ମସିହାରେ ଭାରତ ମହାସାଗରରେ ସୃଷ୍ଟ ଭୟଙ୍କର ସୁନାମିର ପ୍ରତିଫଳରେ, ହେନ୍ତାଳବନ ଥିବା ଉପକୂଳବର୍ତ୍ତୀ ଗ୍ରାମଗୁଡ଼ିକରେ ତୁଳନାତ୍ମକ କମ୍ ମୃତାହତ ଏବଂ ସମ୍ପତ୍ତି କ୍ଷୟକ୍ଷତି ଘଟିଥିଲା। ଓଡ଼ିଶାରେ ୨୫୯.୦୬ ବର୍ଗ କି.ମି. ହେନ୍ତାଳ ବନ ରହିଥିଲା ବେଳେ ସର୍ବାଧିକ ରହିଛି କେନ୍ଦ୍ରାପଡ଼ା ଜିଲାରେ (୨୧୨.୬୯ ବର୍ଗ କି.ମି.), ଯାହା ଭାରତର ଦ୍ୱିତୀୟ ବୃହତ୍ତମ ହେନ୍ତାଳବନ ଭିତରକନିକାକୁ ଅନ୍ତର୍ଭୁକ୍ତକରେ। ରିପୋର୍ଟ ଅନୁଯାୟୀ ୨୦୧୧ରୁ ୨୦୨୧ ମଧ୍ୟରେ ଓଡ଼ିଶାର ଲୁଣା ଜଙ୍ଗଲ ୩୭ ବର୍ଗ କି.ମି. ବୃଦ୍ଧି ପାଇଥିଲେ ସୁଦ୍ଧା ଆଜିର ଜଳବାୟୁ ସଙ୍କଟ ପରିସ୍ଥିତିରେ ରାଜ୍ୟର ୪୮୦ କି.ମି. ଉପକୂଳରେ ଏପରି ଜଙ୍ଗଲର ଆୟତନ ଯଥେଷ୍ଟ ଅଧିକ ହେବା ପ୍ରୟୋଜନୀୟ।

ଜୈବ-ଢାଲ ସୃଷ୍ଟିକରିବା କେବଳ ପ୍ରତିରକ୍ଷା ପ୍ରସଙ୍ଗରେ ନୁହେଁ; ଏହି ପରିସଂସ୍ଥାଗୁଡ଼ିକ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ କ୍ଷୁଣ୍ଣ କରିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି। ଲୁଣାଜଙ୍ଗଲ, ସମୁଦ୍ର ଘାସ ଏବଂ ଲୁଣିଆ ସନ୍ତସନ୍ତିଆ ସ୍ଥାନ ହେଉଛି ଉତ୍କୃଷ୍ଟ ଅଙ୍ଗାରକ ଭଣ୍ଡାର (କାର୍ବନ ସିଙ୍କ୍)। ସେମାନେ ବାୟୁମଣ୍ଡଳରୁ ପ୍ରଚୁର ପରିମାଣରେ ଅଙ୍ଗାରକାମ୍ଳ ଶୋଷଣକରି ସଂରକ୍ଷିତ କରନ୍ତି, ଯେଉଁ ପ୍ରକ୍ରିୟାକୁ 'ନୀଳ ଅଙ୍ଗାରକ' ସିକ୍ୱେଷ୍ଟ୍ରେସନ ରୂପେ ଆଖ୍ୟାୟିତ କରାଯାଏ। ଅତଏବ, ଏହି ପରିସଂସ୍ଥାଗୁଡ଼ିକର ପୁନରୁଦ୍ଧାର ଏବଂ ସଂରକ୍ଷଣ, ଉଭୟ ଜଳବାୟୁ ଅନୁକୂଳନ ତଥା ପ୍ରଶମନ ପ୍ରୟାସକୁ ସମର୍ଥନ କରେ। ଅଧିକନ୍ତୁ, ଜୈବ-ଢାଲଗୁଡ଼ିକ ବିଭିନ୍ନ ସାମୁଦ୍ରିକ ଏବଂ ସ୍ଥଳଚର ଜୀବଜାତିଙ୍କୁ ବାସସ୍ଥଳୀ ପ୍ରଦାନ ପୂର୍ବକ ଜୈବବିବିଧତାକୁ ପ୍ରୋତ୍ସାହିତ କରନ୍ତି। ହେନ୍ତାଳ ପରିସଂସ୍ଥା ମତ୍ସ୍ୟ ଉତ୍ପାଦନକୁ ସମର୍ଥନ, ସ୍ଥାନୀୟ ସମ୍ପ୍ରଦାୟର ଜୀବିକା ନିର୍ବାହରେ ଯୋଗଦାନ ଏବଂ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରେ। ସୁସ୍ଥ ଉପକୂଳୀୟ ପରିସଂସ୍ଥା ମଧ୍ୟ ପ୍ରକୃତି ପର୍ଯ୍ୟଟନକୁ ପ୍ରୋତ୍ସାହିତକରେ, ଯାହା ପରିବେଶୀୟ ହିତସାଧନ ସହ ଆର୍ଥିକ ଲାଭ ଉପଲବ୍ଧ କରାଏ।

ଜୈବ-ସୁରକ୍ଷା ପ୍ରାଚୀରରୁ ଉପଲବ୍ଧ ହିତଗୁଡ଼ିକ ଉତ୍ତମ ରୂପେ ହୃଦୟଙ୍ଗମ ହେଉଥିଲେ ସୁଦ୍ଧା ଏହାର କାର୍ଯ୍ୟାନ୍ୱୟନ ଅନେକ ଆହ୍ୱାନର ସମ୍ମୁଖୀନ ହୁଏ। ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକ ପ୍ରାୟତଃ ଘନ ଜନବସତିପୂର୍ଣ୍ଣ ଏବଂ ଅତ୍ୟଧିକ ବିକଶିତ ହୋଇଥିବା କାରଣରୁ ପ୍ରାକୃତିକ ପରିସଂସ୍ଥାଗୁଡ଼ିକର ଉନ୍ନତି ନିମନ୍ତେ ଖୁବ୍ କମ୍ ପରିସର ଉପଲବ୍ଧ ହୁଏ। ଭୂମି ବ୍ୟବହାରରେ ବିବାଦ, ପର୍ଯ୍ୟାପ୍ତ ପାଣ୍ଠିର ଅଭାବ, ସମ୍ପ୍ରଦାୟ ସଚେତନତାର ଦୁର୍ବଳ ସ୍ଥିତି ଏବଂ ସର୍ବୋପରି ରାଜନୈତିକ ଇଚ୍ଛାଶକ୍ତିର ଅଭାବ ହେଉଛି ଏ ଦିଗରେ ପ୍ରମୁଖ ପ୍ରତିବନ୍ଧକ। ତଥାପି ସମନ୍ୱିତ ଉପକୂଳ ଅଞ୍ଚଳ ପରିଚାଳନା ମାଧ୍ୟମରେ ଏହି ଚ୍ୟାଲେଞ୍ଜଗୁଡ଼ିକର ସମାଧାନ ସମ୍ଭବପର। ଏଥିରେ ଅନ୍ତର୍ଭୁକ୍ତ ଥିବା ପଦକ୍ଷେପଗୁଡ଼ିକ ହେଉଛି ପରିସଂସ୍ଥା-ଆଧାରିତ ଅନୁକୂଳନ ରଣନୀତିକୁ ନୀତିଗତ ସମର୍ଥନ ପ୍ରଦାନ, ଉପକୂଳବର୍ତ୍ତୀ ଉଦ୍ଭିଦରାଜିର ପୁନରୁଦ୍ଧାର ଏବଂ ସୁରକ୍ଷାରେ ସମ୍ପ୍ରଦାୟର ଅଂଶଗ୍ରହଣ, ଜୈବ-ଢାଲର ସ୍ୱାସ୍ଥ୍ୟ ଏବଂ ପ୍ରଭାବର ବୈଜ୍ଞାନିକ ମୂଲ୍ୟାଙ୍କନ ଏବଂ ଦୀର୍ଘକାଳୀନ ପରିଚାଳନାକୁ ପ୍ରୋତ୍ସାହିତ କରିବା ନିମନ୍ତେ ଶିକ୍ଷା ଏବଂ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ। ଏଥିସହ ଜୈବ-ଢାଲଗୁଡ଼ିକୁ ସ୍ଥାନୀୟ ପରିସ୍ଥିତି ସହ ଉପଯୁକ୍ତ କରିବା ନିମନ୍ତେ ସତର୍କତାର ସହିତ ଯୋଜନା ପ୍ରଣୟନ କରାଯିବା ପ୍ରୟୋଜନୀୟ। ଉଦ୍ଭିଦ ଜାତି ସବୁର ଚୟନ, ଚାରାରୋପଣ କୌଶଳ ଅବଲମ୍ବନ ଏବଂ ଗୃହୀତ ରକ୍ଷଣାବେକ୍ଷଣ ପ୍ରକ୍ରିୟା ନିର୍ଦ୍ଦିଷ୍ଟ ସ୍ଥାନ ଅନୁଯାୟୀ କାର୍ଯ୍ୟକାରୀ ହେବା ବାଞ୍ଛନୀୟ।

ସାମ୍ପ୍ରତିକ ସମୟରେ ଜଳବାୟୁ ପ୍ରଭାବ ସବୁ ତ୍ୱରାନ୍ୱିତ ହେଉଥିବା ପରିପ୍ରେକ୍ଷୀରେ ଜୈବ-ଢାଲଗୁଡ଼ିକ ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକୁ ସୁରକ୍ଷା ଦେବା ନିମନ୍ତେ ଏକ ପ୍ରତିଶ୍ରୁତିପୂର୍ଣ୍ଣ, ସ୍ଥାୟୀ ରଣନୀତିକୁ ପ୍ରତିନିଧିତ୍ୱ କରନ୍ତି। ସେମାନେ ପରିବେଶୀୟ ପୁନରୁଦ୍ଧାରକୁ ଜଳବାୟୁ ଅନୁକୂଳନ ସହ ସଂଯୁକ୍ତ କରନ୍ତି ଏବଂ ଏକ ତ୍ରିସ୍ତରୀୟ ବିଜୟ ପ୍ରଦାନ କରନ୍ତି: ସମ୍ପ୍ରଦାୟକୁ ସୁରକ୍ଷା ଦେବା, ଜୈବବିବିଧତାର ବୃଦ୍ଧି ଘଟାଇବା ଏବଂ ଅଙ୍ଗାରକକୁ ସଂରକ୍ଷିତ କରିବା। ରାଷ୍ଟ୍ରଗୁଡ଼ିକ ଜଳବାୟୁ ପରିବର୍ତ୍ତନର ମୁକାବିଲା ନିମନ୍ତେ ସ୍ୱଳ୍ପ ମୂଲ୍ୟ-ଆଧାରିତ ଏବଂ ଦୀର୍ଘସ୍ଥାୟୀ ପ୍ରତିକାରର ଅନ୍ୱେଷଣରେ ଥିବାରୁ ଜାତୀୟ ଏବଂ ସ୍ଥାନୀୟ ଅନୁକୂଳନ ଯୋଜନାରେ ପ୍ରକୃତି-ଆଧାରିତ ସମାଧାନ, ଯେପରିକି ଜୈବ-ଢାଲ ସୃଷ୍ଟିରେ ନିବେଶକୁ ପ୍ରାଥମିକତା ପ୍ରଦାନ ଆବଶ୍ୟକ। ପ୍ରକୃତି ବିରୋଧରେ କାର୍ଯ୍ୟ ସମ୍ପାଦନ କରିବା ପରିବର୍ତ୍ତେ ପ୍ରକୃତି ସମର୍ଥନରେ କାର୍ଯ୍ୟ ସମ୍ପନ୍ନକରି ଆମେ ବିଶ୍ୱବ୍ୟାପୀ ଉପକୂଳବର୍ତ୍ତୀ ଅଞ୍ଚଳ ନିମନ୍ତେ ଏକ ଅଧିକ ସୁରକ୍ଷିତ ଏବଂ ସ୍ଥାୟୀ ଭବିଷ୍ୟତ ନିର୍ମାଣ କରିପାରିବା।

କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର
ମୋ: ୯୪୩୭୦୭୬୧୦୦

# ସାହିତ୍ୟ ବି ଦିଏ



ଧ୍ରୁବ ଚରଣ ଘିବେଲା

ବ୍ୟକ୍ତିଗତ ଭାବେ ସାହିତ୍ୟ କରିବାରେ କିଛି ଅସୁବିଧା ନ ଥାଏ। ଖାଲି ସମୟ ଦେବା ଦରକାର। ପଢ଼ିବା ପାଇଁ, ଲେଖିବା ପାଇଁ। ସମୟ ଦେଇ ସାହିତ୍ୟ ଚାଷ କରିବା, ସାହିତ୍ୟ ଚାଷରେ ରହିବା, ସାହିତ୍ୟ ଲେଖିବା, ସାହିତ୍ୟ ଚଷିବା ଏସବୁ ସମ ଅର୍ଥବୋଧକ କାମରେ ରହିବା। ସାହିତ୍ୟ ଚାଷ ନିଜେ କରୁ କରୁ ସମୟ ସୁଅରେ ପୁଣି ସାହିତ୍ୟ କାର୍ଯ୍ୟକ୍ରମ ସ୍ଥାନୀୟ ଭାବେ କରିବା ପାଇଁ କିଏ କିଏ ଉଦ୍ୟମ ଆରମ୍ଭ କରନ୍ତି। ଅନୁଷ୍ଠାନ ତିଆରି କରିବାର ପ୍ରୟାସ କରନ୍ତି। ସମଧର୍ମା ସତୀର୍ଥଙ୍କ ସହିତ ଆଳାପ ଆଲୋଚନା କରି ଅନୁଷ୍ଠାନ ଗଢ଼ିବାର ପ୍ରାରମ୍ଭିକ ପଦକ୍ଷେପ ନିଅନ୍ତି। ଏକାଠି ବସାଉଠା କରିବାର ପ୍ରକ୍ରିୟା ଆରମ୍ଭ କରନ୍ତି। ଖଟି ତିଆରି କରନ୍ତି। ଖଟିରେ ହାଜିରା ପକାନ୍ତି। ଚା ପିଅନ୍ତି। ଚା ପିଆ ଭିତରେ ସାହିତ୍ୟ କଥା ହୁଅନ୍ତି। ଅନୁଷ୍ଠାନର ପଞ୍ଜୀକରଣ ପୂର୍ବରୁ ବିଧିବଦ୍ଧ ଭାବେ ଅନୁଷ୍ଠାନ ଆଗ ଗଢ଼ନ୍ତି। ଅନୁଷ୍ଠାନର ନାଁ ରଖନ୍ତି। କର୍ମକର୍ତ୍ତା ଚୟନ କରନ୍ତି। ତା'ପରେ ପଞ୍ଜୀକରଣ କରାଇ ନିଅନ୍ତି। ସଭିଏ ଏକାଠି ହେବା ପାଇଁ ସାହିତ୍ୟ ଆସର ଆରମ୍ଭ କରନ୍ତି। କବିତା ପାଠ କରନ୍ତି। ସାହିତ୍ୟ ଉପରେ ଆଲୋଚନା କରନ୍ତି। ଏମିତି ସାହିତ୍ୟ କରୁ କରୁ ନାଁକରା ହୁଅନ୍ତି।

ସେସବୁ କରିବା ପାଇଁ ସମୟ ନିହାତି ଦେବାକୁ ହୁଏ। ପକେଟରୁ ଅର୍ଥ କାଢ଼ିବାକୁ ପଡ଼େ। ବିନା ଅର୍ଥରେ କୌଣସି କାର୍ଯ୍ୟକ୍ରମ କରିବା ସମ୍ଭବ ନୁହେଁ। ସମ୍ପୃକ୍ତ ସମସ୍ତଙ୍କ ସହଯୋଗରେ ବିଭିନ୍ନ ସାହିତ୍ୟ କାର୍ଯ୍ୟକ୍ରମ ହାତକୁ ନିଅନ୍ତି ଓ ତା'ର ସଫଳ ରୂପାୟନ କରନ୍ତି ସାହିତ୍ୟ କାର୍ଯ୍ୟକ୍ରମ ଆୟୋଜନ କରି। ଆଜିର ଦିନରେ ଯାହା କର, ଟଙ୍କା ଆଗ ଦରକାର। ଅବଶ୍ୟ ''ଇଚ୍ଛା ଥିଲେ ଉପାୟ ଆସେ'' ନ୍ୟାୟରେ ସାଧୁ ଉଦ୍ୟମ ତଥା ଉଦ୍‌ଯୋଗରେ ରହିଲେ ଟଙ୍କା ସବୁବେଳେ ବାଧକ ହୁଏ ନାହିଁ। ଟଙ୍କା ଯୋଗାଡ଼ ହୋଇଯାଏ। ଅନୁଷ୍ଠାନର ସଦସ୍ୟଙ୍କ ଅନୁଷ୍ଠାନ ପ୍ରତି ସକାରାତ୍ମକ ସଦିଚ୍ଛା ଅନୁଷ୍ଠାନକୁ ଆଗେଇ ନେଇଥାଏ। ବିଭିନ୍ନ ସାହିତ୍ୟ ସମ୍ପର୍କିତ କାର୍ଯ୍ୟକ୍ରମର ସଫଳ ଆୟୋଜନ ଅନୁଷ୍ଠାନର ସ୍ଥିତିକୁ ସୂଚାଇବା ସହିତ ତା'ର ଗତିଶୀଳତା ପ୍ରଦାନ କରିଥାଏ। ଧୀରେ ଧୀରେ ସେ ଅନୁଷ୍ଠାନର ପରିଚୟ ପ୍ରତିଷ୍ଠା ପାଏ। ଅନୁଷ୍ଠାନର ପ୍ରଚାର ଓ ପ୍ରସାର ମଧ୍ୟ ହୁଏ କାର୍ଯ୍ୟକ୍ରମ ମାଧ୍ୟମରେ।

ସବୁ ଲେଖକ ତ ନିଜ ଲେଖା ମାଧ୍ୟମରେ ପରିଚୟ ସୃଷ୍ଟି କରିଥାନ୍ତି। ଅନୁଷ୍ଠାନ ଜରିଆରେ ବି



ପରିଚୟ ପାଆନ୍ତି ଆନୁଷ୍ଠାନିକ ପଦ ପଦବୀ ମଣ୍ଡନ କରି। କେଉଁଠି ଅନୁଷ୍ଠାନ ତରଫରୁ ପ୍ରତିନିଧିତ୍ୱ କରିପାରନ୍ତି ଯୋଗ ଦେବା ପାଇଁ। ଲେଖକ ବିଭିନ୍ନ ସ୍ଥାନକୁ ଯାଇ ସାହିତ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇପାରନ୍ତି। ଯୋଗ ଦେଉଛନ୍ତି। ଅନ୍ୟଠି ଅନ୍ୟ ମଞ୍ଚରେ କବିତା ପଢ଼ିବାର ସୁଯୋଗ ପାଆନ୍ତି। ଏସବୁ ସାହିତ୍ୟ କାମରୁ ଯେଉଁ ଯେଉଁମାନେ ଖୁସି ପାଆନ୍ତି, ସେଇ ସେଇମାନେ ସାହିତ୍ୟ କରିପାରନ୍ତି। ସାହିତ୍ୟ କରି ଖୁସି ଅନୁଭବ କରିବା ଓ ଖୁସି ସାଉଁଟିବା ଆଣେ ବଡ଼ ଉପଲବ୍ଧି। ଯିଏ ଯିଏ କିଛି ପାଇବା ଆଶାରେ ସାହିତ୍ୟ କରନ୍ତି /କରୁଛନ୍ତି, ସେମାନେ କେତେ ଖୁସି ଥାଆନ୍ତି ସାହିତ୍ୟ ଭିତରେ ରହି, ସେକଥା ସେମାନେ ନିଜେ ଜାଣନ୍ତି। ପୁରସ୍କାର ପଛରେ ଲେଖକ କେବେ ବି ନ ରହିବା କଥା। ଧରାକରା ପୁରସ୍କାର କେଉଁଠୁ ହାତେଇ ନେଇ ନିଜକୁ ନିଜେ ଠକିବା କଥା।

ଥରେ ଜଣେ ଲେଖକ ଗୋଟେ ବଡ଼ ଅନୁଷ୍ଠାନର ସାହିତ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇ କବିତା ପଢ଼ିବାର ସୁଯୋଗ ପାଇଲେ। ବଡ଼ ସାହିତ୍ୟ ମଞ୍ଚରେ କବିତା ପଢ଼ି ଖୁସି ଅନୁଭବ କଲେ ସେ ଲେଖକ ପୁଣି ଅନେକ କବିଙ୍କ ଗହଣରେ। ସେ କବିଙ୍କ ପାଇଁ ସେଇ ଖୁସି ଥିଲା ଅବ୍ୟକ୍ତ। କବିତା ପଢ଼ି ମଞ୍ଚ ତଳକୁ ଓହ୍ଲେଇ ଆସିଲା ପରେ ମଞ୍ଚ ତଳେ ବସିଥିବା ଜଣେ କର୍ମକର୍ତ୍ତା ତାଙ୍କ ହାତକୁ ବଢ଼ାଇ ଦେଇଥିଲେ ଗୋଟେ ଛୋଟ ଖାମ୍। ଗୋଟେ ପ୍ରଶସ୍ତି ପତ୍ର। ତା' ସାଙ୍ଗକୁ ଏକ ବ୍ୟାଗ। ବ୍ୟାଗ ଭିତରେ ଥିଲା ଗୋଟେ କଲମ ଓ ଗୋଟେ ଛୋଟ ନୋଟ ଖାତା। ପରେ ସେ ଖାମ୍ ଖୋଲି ଦେଖିଥିଲେ ତା' ଭିତରେ ଥିଲା ଦି' ଖଣ୍ଡ ପାଞ୍ଚ ଶହ ଟଙ୍କିଆ ନୋଟ। ସେ କବି ପ୍ରଥମ ଥର ପାଇଁ କବିତା ପଢ଼ି ପାରିତୋଷିକ ସହିତ ଖାତା, କଲମ, ପ୍ରଶସ୍ତି ପତ୍ର ଓ ବ୍ୟାଗ ପାଇ ବହୁତ ଖୁସି ହେଉଥିଲେ। ମନକୁ ମନ ସେ ଖୁସିରେ କହି ପକାଇଥିଲେ ''ସାହିତ୍ୟ ବି ଦିଏ''। ତେବେ ସାହିତ୍ୟ ନିଏ ଯେମିତି, ଦିଏ ମଧ୍ୟ। ନିଜ ସତୀର୍ଥ ବନ୍ଧୁଙ୍କୁ ସେ କବି କହିଥିଲେ ସାହିତ୍ୟ କାର୍ଯ୍ୟକ୍ରମ ପାଇଁ ଦେବାକୁ ବେଳେ ବେଳେ କୁନ୍ଥୁ କୁନ୍ଥୁ ହୁଅ। ହେଲେ ସାହିତ୍ୟ, ସାଗର ଭଳି ଅବିକଳ ନ ଫେରାଇଲେ ଭିନ୍ନ ଆକାରରେ ଫେରାଇପାରେ। କେଉଁଠି ପାରିତୋଷିକ ବି ମିଳିପାରେ। କିଛି ନ ହେଲେ କବିତା ଲେଖୁଥିବାରୁ କବିର ପରିଚୟ ତ ମିଳେ। କବିତା ପାଠ କାର୍ଯ୍ୟକ୍ରମରେ ପଠିତ କବିତା ଶୁଣି କିଏ ତାକୁ ତାରିଫ କଲେ, ତାହା କବି ପାଇଁ ପୁରସ୍କାର ସ୍ୱରୂପ ମନେ କରାଯାଇପାରେ। ସାହିତ୍ୟରୁ ସିଧାସଳଖ ଟଙ୍କା ଖୋଜି ବସିଲେ ହେବ ନାହିଁ। ଆଗ ଖୁସି ଖୋଜିବା, ଖୁସି ସାଉଁଟିବା। କେଉଁଠି କବିତା ପଢ଼ି ପାରିତୋଷିକ ପାଇଲେ ଆହ୍ଲାଦିତ ହେବା। ଆସନ୍ତୁ, ସତ ସାହିତ୍ୟ କରିବା। ନିରୁତା ଖୁସି ସୁଖ ପାଇବା। ଆଉ ସେଇ ଖୁସିରେ ତଲ୍ଲୀନ ରହିବା ଚିରକାଳ।

ବଉଦରାଜ, ବୌଦ୍ଧ
ମୋ: ୯୪୩୭୪୭୮୪୬୬

## ଏଇ ଭାରତରେ

ହିମାଚଳପ୍ରଦେଶର ରିଭା ସୁଦ୍ ଜୈବିକ ପଦ୍ଧତିରେ ଡ୍ରାଗନଫ୍ରୁଟ୍ସ ଚାଷ କରୁଛନ୍ତି। ଏହାକୁ ନେଇ ସେ ୧ କୋଟି ଟଙ୍କାର ବ୍ୟବସାୟିକ ସାମ୍ରାଜ୍ୟ ପ୍ରତିଷ୍ଠା କରିପାରିଛନ୍ତି। ସେ ଡ୍ରାଗନଫ୍ରୁଟ୍ସକୁ ସ୍ଥାନୀୟ ଅଞ୍ଚଳରେ କେ.ଜି. ପ୍ରତି ୨୦୦ ଟଙ୍କାରେ ବିକ୍ରି କରିବା ସହ ସେଥିରୁ ଜୁସ୍ ପ୍ରସ୍ତୁତ କରୁଛନ୍ତି। ଏଥିପାଇଁ ରିଭା ଫାର୍ମର୍ସ ପ୍ରଡ୍ୟୁସର୍ ଅର୍ଗାନାଇଜେଶନ(ଏଫ୍‌ପିଓ) 'ହିମ୍ ଟୁ ହମ୍' ପ୍ରତିଷ୍ଠା କରିଛନ୍ତି। ଏହି ସଂସ୍ଥା ସହ ସେ ହିମାଚଳପ୍ରଦେଶ, ହରିୟାଣା, ପଞ୍ଜାବ, ଉତ୍ତରାଖଣ୍ଡ ଓ ଦିଲ୍ଲୀ ଭଳି ରାଜ୍ୟଗୁଡ଼ିକରେ ୩୦୦ରୁ ଊର୍ଦ୍ଧ୍ୱ ମହିଳା ଚାଷୀଙ୍କୁ ସାମିଲ କରିଛନ୍ତି। ସେମାନେ ମଧ୍ୟ ଡ୍ରାଗନଫ୍ରୁଟ୍ସ ଚାଷ, ପ୍ରୋସେସିଂ ଓ ବ୍ୟବସାୟରେ ରିଭାଙ୍କୁ ସାହାଯ୍ୟ କରୁଛନ୍ତି। ରିଭା ଥାଇଲାଣ୍ଡ ଓ ତାଇୱାନରୁ ପ୍ରଥମେ ୨୦୦୦ ଡ୍ରାଗନଫ୍ରୁଟ୍ସ ଚାରା ଆଣି ୫ ଏକରରେ ଲଗାଇଥିଲେ। ପରେ ଚାଷକୁ ୭୦ ଏକରକୁ ବଢ଼ାଇଛନ୍ତି ଓ ଏବେ ଫାର୍ମରେ ୩୦,୦୦୦ ଗଛ ଅଛି। ସେ ମଧ୍ୟ ଅଶ୍ୱଗନ୍ଧା ଓ ସଜନା ଚାଷ କରି ସେଥିରୁ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨ ସେପ୍ଟେମ୍ବର ୧୯୭୬

- ରାଜ୍ୟର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଜନସେବୀ ରାଧାମୋହନ ମହାପାତ୍ରଙ୍କ ୭୮ ବର୍ଷ ବୟସରେ ପରଲୋକ।
- ନନ୍ଦିନୀ ଶତପଥୀଙ୍କ ମନ୍ତ୍ରିମଣ୍ଡଳ ଏକ ପ୍ରଗତିଶୀଳ ଓ ବୈପ୍ଳବିକ ପଦକ୍ଷେପ ଗ୍ରହଣ କରି ରାଜ୍ୟର ସରକାରୀ ଡାକ୍ତରମାନଙ୍କ ଘରୋଇ ଚିକିତ୍ସା ବ୍ୟବସାୟ ବନ୍ଦ କରିଦେଇଛନ୍ତି।

## ଚିରନ୍ତନୀ

କ୍ଲିଷ୍ଟ ଧରାର ଶୀତ ସାଧନା
ଦୁର୍ଦ୍ଦିନ କ୍ଷତ ଶତ ବାସନା
ଚଞ୍ଚଳ ଗୀତ ଆଜି କବିର
ମୁଗ୍ଧ ଚେତନା ଅନୁଭବୀର
ଫଗୁଣର ସୁରଭିତ ଅବିର
ସୁନା କରିଦେବ ସବୁ ବେଦନା।
–(ଫଗୁଣ ଜ୍ୟୋତ୍ସ୍ନା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | 1 | | | | | | | |
| | 2 | | 6 | 8 | | | | |
| 3 | | | | | 7 | | 8 | |
| | | | | 5 | | | | |
| 8 | | | | | | | 7 | |
| 9 | 5 | 3 | | | | | 2 | |
| | 9 | 5 | | 1 | 3 | 4 | | |
| | | | | | | | | 1 |
| | | | 8 | 7 | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 5 | 2 | 8 | 1 | 4 | 7 | 6 |
| 1 | 7 | 4 | 6 | 9 | 3 | 2 | 5 | 8 |
| 8 | 2 | 6 | 5 | 7 | 4 | 3 | 9 | 1 |
| 2 | 4 | 8 | 7 | 6 | 9 | 1 | 3 | 5 |
| 5 | 9 | 3 | 4 | 1 | 8 | 6 | 2 | 7 |
| 6 | 1 | 7 | 3 | 5 | 2 | 8 | 4 | 9 |
| 4 | 8 | 1 | 9 | 2 | 7 | 5 | 6 | 3 |
| 3 | 6 | 9 | 1 | 4 | 5 | 7 | 8 | 2 |
| 7 | 5 | 2 | 8 | 3 | 6 | 9 | 1 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସବୁ କଥାରେ ରାଜନୀତି

ମହାଶୟ,

ସମୟ ଥିଲା, ରାଜନୀତିକୁ ଲୋକେ ଶ୍ରେଷ୍ଠ ନୀତି ବୋଲି କହୁଥିଲେ। ଏବେ କଥା କଥାରେ ରାଜନେତାମାନେ କହୁଛନ୍ତି ସବୁ କଥାକୁ ରାଜନୀତି କରନାହିଁ। ଏହାର ଅର୍ଥ ବୁଝିହୁଏ ନାହିଁ। ରାଜନୀତିର ଉତ୍ତରଣ ହୋଇଛି କି ଅବନତି ଘଟିଛି। ବଲଙ୍ଗା ଝିଅର ଆତ୍ମାହୁତି ଅତ୍ୟନ୍ତ ଦୁଃଖଦ ହେଲେ ବି ରହସ୍ୟମୟ ହୋଇ ରହିଗଲା। କିଏ ତାକୁ ନିଆଁ ଲଗାଇଲା, ପୋଲିସ ଅଭିଯୁକ୍ତଙ୍କୁ ଧରିପାରିଲାନି। ପୀଡ଼ିତା ମଧ୍ୟ ବାରମ୍ବାର ବୟାନ ବଦଳାଇଲା। ସରକାର ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରି ଭୁବନେଶ୍ୱର ଏମ୍‌ସରୁ ଦିଲ୍ଲୀ ଏମ୍‌ସ ପର୍ଯ୍ୟନ୍ତ ଏୟାର ଲିଫ୍ଟ କରି ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିଲେ। ଦିଲ୍ଲୀ ଏମ୍‌ସରେ ଡାକ୍ତରମାନେ ମଧ୍ୟ ନିଜର ସାଧ୍ୟମତେ ଚିକିତ୍ସା କରିଥିଲେ, ଅଥଚ ପୀଡ଼ିତା ବଞ୍ଚିପାରିଲା ନାହିଁ। ବିରୋଧୀ ଦଳ ନେତାମାନେ ବିଭିନ୍ନ ପ୍ରକାରର ବୟାନବାଜି କଲେ। ସର୍ବଶେଷରେ ପୀଡ଼ିତାଙ୍କ ବାପା କହିଲେ, ପୋଲିସ ,ସରକାର ଏବଂ ଡାକ୍ତରମାନେ ସେମାନଙ୍କର କାର୍ଯ୍ୟରେ କୌଣସି ହେଳା ପ୍ରଦର୍ଶନ କରିନାହାନ୍ତି। ଏ ଘଟଣାକୁ ନେଇ କେହି ରାଜନୀତିକରଣ ନ କରନ୍ତୁ। ମୋ ଝିଅକୁ ଫେରି ପାଇବା ମୋ ଭାଗ୍ୟରେ ନ ଥିଲା।

–ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ମୋନାଲିସା


@ ଅନନ୍ୟା


@ ସରିତା


@ ସନ୍ତୋଷ


@ ପ୍ରଦୀପ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ଭାଙ୍ଗୁଛି ପରମ୍ପରା

# ଅଳତା ଲଗାଉନାହାନ୍ତି ଗୋଟିପୁଅ ନୃତ୍ୟଶିଳ୍ପୀ

ଭୁବନେଶ୍ୱର, ୧।୯ (ସୌମ୍ୟରଞ୍ଜନ ରାଉତ)

ଭାଙ୍ଗିଲା ଗୋଟିପୁଅ ନୃତ୍ୟ ପରମ୍ପରା। ଅଳତା ନ ଲଗାଇ ନାଚିଲେ ଶିଳ୍ପୀ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଲୋକକଳା ସଂଘର ମିଳିତ ସହଯୋଗରେ ଉତ୍କଳ ରଙ୍ଗମଞ୍ଚଠାରେ ଅନୁଷ୍ଠିତ ୩ଦିନିଆ ରାଜ୍ୟସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବରେ ଏପରି ଦୃଶ୍ୟକୁ ନେଇ ଏବେ ଚର୍ଚ୍ଚା ଓ ଅସନ୍ତୋଷ ତେଜିବାରେ ଲାଗିଛି। ପ୍ରତିଦିନ ୬ରୁ ୭ଟି ଗ୍ରୁପ୍ ଦଳଗତ ଭାବରେ ନୃତ୍ୟ ପରିବେଷଣ କରୁଥିଲେ। କିନ୍ତୁ ଏହା ଭିତରେ ଏକ ଅପ ସଂସ୍କୃତିର ଝଲକ୍ ଦେଖିବାକୁ ମିଳିଥିଲା। କିଛି ଦଳର ନୃତ୍ୟଶିଳ୍ପୀଙ୍କ ପାଦରେ ଅଳତା ନ ଥିବା ଦୃଶ୍ୟମାନ ହୋଇଥିଲା। ଗୋଟିପୁଅ ଭଳି ନୃତ୍ୟର ଆହାର୍ଯ୍ୟ ପରମ୍ପରାକୁ ଭଙ୍ଗ କରାଯାଇଥିବାରୁ ନୃତ୍ୟ ଓ ସଂସ୍କୃତିପ୍ରେମୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି, ରାଜ୍ୟ ସରକାର ସଂସ୍କୃତି ଓ ପରମ୍ପରାର ମୌଳିକତା ତଥା ଶୁଦ୍ଧତା ସଂରକ୍ଷଣ ଲାଗି ପ୍ରୟାସ କରୁଛନ୍ତି। ଓଡ଼ିଶାର ଆଦିପର୍ବ ହେଉଛି ଗୋଟିପୁଅ ନୃତ୍ୟ। ଏପରିସ୍ଥିତିରେ ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୃତ୍ୟଶିଳ୍ପୀଙ୍କ ଏଭଳି ଆହାର୍ଯ୍ୟର କ୍ଷୁଣ୍ଣତାକୁ ସୁଯୋଗ ଦିଆଯିବା ଠିକ ନୁହେଁ। ବର୍ତ୍ତମାନ ସମୟରେ ଅନେକ ପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟାଙ୍ଗନାମାନେ ମଧ୍ୟ ପାଦରେ ଅଳତା ଲଗାଇବା ଦେଖାଯାଉନାହିଁ। ଏହା ଓଡ଼ିଶୀ ନୃତ୍ୟ ପ୍ରତି ଅପମାନ ଓ ବର୍ଷ ବର୍ଷର ପରମ୍ପରା ଭାଙ୍ଗୁଛି। କେବଳ ଟଙ୍କା ଖର୍ଚ୍ଚ କରି ଉତ୍ସବ ଆୟୋଜନ କରିଦେଲେ ହେବ ନାହିଁ, ଏଥିପ୍ରତି ସଚେତନତା, ଗୁରୁମାନଙ୍କ ପ୍ରଶିକ୍ଷଣ ଓ ଗୁରୁମାନଙ୍କୁ ତାଗିଦ୍ କରିବା ସହ ଏହାର ପୁନରାବୃତ୍ତି ନ ହେବା ଲାଗି ପଦକ୍ଷେପ ନେବାକୁ ଓଡ଼ିଶୀ ଗବେଷଣା କେନ୍ଦ୍ର, ସଂସ୍କୃତି ବିଭାଗ ଓ ସଙ୍ଗୀତ ନାଟକ ଏକାଡେମୀ ଦାୟିତ୍ୱ ନେବା ଉଚିତ ବୋଲି ବହୁ ନୃତ୍ୟ, କଳା ଓ ସଂସ୍କୃତିପ୍ରେମୀ କହିଛନ୍ତି।

## ବିଭାଗ ପକ୍ଷରୁ ସଚେତନତା, ଗୁରୁଙ୍କୁ ତାଗିଦା କରାଯାଉ


ବିନା ଅଳତାରେ ଶିଳ୍ପୀମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରୁଛନ୍ତି।

### ବର୍ତ୍ତମାନ ପିଢ଼ିର ଶିଳ୍ପୀମାନେ ଅଳତା ଲଗାଇବାକୁ ଲଜ୍ଜାବୋଧ କରୁଛନ୍ତି

୧୯୬୫ ମସିହାରୁ ଆମେ ଯେତେବେଳେ ଗୋଟିପୁଅ ନୃତ୍ୟ ପରିବେଷଣ କରୁଥିଲୁ ଆମର ଗୁରୁମାନେ ଆମକୁ ଅଳତା ପିନ୍ଧାଇ ନଚାଉଥିଲେ। ବର୍ତ୍ତମାନ ପିଢ଼ିର ଶିଳ୍ପୀମାନେ ଏକ ପ୍ରକାର ଲଜ୍ଜାବୋଧ କରୁଛନ୍ତି। ଓଡ଼ିଶୀ ଗବେଷଣା କେନ୍ଦ୍ର ଉତ୍କଳ ରଙ୍ଗମଞ୍ଚଠାରେ ହେଉଥିବା ଗୋଟିପୁଅ ନୃତ୍ୟରେ ମଧ କେତେଜଣ ନୃତ୍ୟଶିଳ୍ପୀ ଅଳତା ଲଗାଇ ନ ଥିବା ଦେଖାଯାଇଛି। ଆଗାମୀ ଦିନରେ ଆମେ ଏଥିପ୍ରତି ଯତ୍ନଶୀଳ ହେବୁ।

**–ଲିଙ୍ଗରାଜ ବାରିକ, ବରିଷ୍ଠ ଗୋଟିପୁଅ ନୃତ୍ୟଗୁରୁ**

### ପରିବର୍ତ୍ତନ କରିବାକୁ ଆମେ ଚେଷ୍ଟା ଜାରି ରଖିଛୁ

ଗୋଟିପୁଅ ନୃତ୍ୟରେ ଅନେକ ଜିନିଷର ଅଭାବ ରହିଛି। ଧୀରେ ଧୀରେ ତାହା ପରିବର୍ତ୍ତନ କରିବାକୁ ଆମେ ଚେଷ୍ଟା ଜାରି ରଖିଛୁ। ସେଥିଲାଗି ମହୋତ୍ସବରେ ଏକ କର୍ମଶାଳାର ଆୟୋଜନ କରାଯାଇ ଆଲୋଚନା ହୋଇଥିଲା। ଆୟୋଜନର ସମସ୍ତ ତଥ୍ୟ ରେକର୍ଡିଂ ହୋଇଛି। ତାହାକୁ ତର୍ଜମା କରାଯିବ। ସେଥିରେ ରହୁଥିବା ତ୍ରୁଟି ବା ଅଭାବକୁ ନେଇ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇ ସରକାରଙ୍କୁ ଅବଗତ କରାଯିବ।

**–ସୁଚିସ୍ମିତା ମନ୍ତ୍ରୀ, ଉପନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**

# ଗୋଟିପୁଅ ଓଡ଼ିଆ ସଂସ୍କୃତିର ପଥ ପ୍ରଦର୍ଶକ, ଅସ୍ମିତାର ପରିଚୟ

## ରାଜ୍ୟସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର, ୧।୯ (ସୌମ୍ୟରଞ୍ଜନ ରାଉତ)



ରାଜ୍ୟସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଅନ୍ୟ ଅତିଥି।

ଗୋଟିପୁଅ ହେଉଛି ଆମ ଓଡ଼ିଆ ଅସ୍ମିତାର ପରିଚୟ, ଆମ ନୃତ୍ୟ ପରମ୍ପରାର ପରିଚାୟକ। ଏହା କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ଆମ ସଂସ୍କୃତିର ପଥ ପ୍ରଦର୍ଶକ ଏବଂ ଏକ ସୁସ୍ଥ ଓ ନୀରୋଗ ଜୀବନଶୈଳୀ ଯାପନ କରିବାର ମାଧ୍ୟମ ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରସ୍ଥିତ ଉତ୍କଳ ରଙ୍ଗମଞ୍ଚଠାରେ ଚାଲିଥିବା ରାଜ୍ୟସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବର ସୋମବାର ଥିଲା ଉଦ୍‌ଯାପନୀ ସମାରୋହ। ଏହି ଅବସରରେ 'ଗୋଟିପୁଅର ମୌଳିକତା ଓ ବେଶପୋଷାକ' ଶୀର୍ଷକକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସୂର୍ଯ୍ୟବଂଶୀ ଯୋଗଦେଇ କହିଲେ, ମହୋତ୍ସବରେ ଆମ ନୃତ୍ୟ ଶିଳ୍ପୀଙ୍କ ନୈପୁଣ୍ୟତା ତଥା ଗୋଟିପୁଅ ନୃତ୍ୟର ମହନୀୟତା ପ୍ରଦର୍ଶିତ ହୋଇଛି। ଗୋଟିପୁଅର ସକାରାତ୍ମକ ଭବିଷ୍ୟତ ପାଇଁ ଆଲୋଚନାଚକ୍ରରେ ନୃତ୍ୟର ବିଭିନ୍ନ ଦିଗକୁ ନେଇ ବିଶ୍ଳେଷଣ କରାଯାଇଛି। ଆଗାମୀ ଦିନରେ ଗୋଟିପୁଅ ନୃତ୍ୟ ପ୍ରଶିକ୍ଷଣ ପ୍ରଦାନ କରୁଥିବା ସମସ୍ତ ଗୁରୁକୁଳଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏଥିସହିତ ନୃତ୍ୟର ମୌଳିକତାକୁ ରକ୍ଷା କରି ଗୁରୁକୁଳଗୁଡ଼ିକୁ ସଶକ୍ତ ଓ ଯୁଗୋପଯୋଗୀ କରାଯିବ। ଗୁରୁ-ଶିଷ୍ୟ ପରମ୍ପରାକୁ ଗତିଶୀଳ କରିବା ସହିତ ନୂଆପିଢ଼ିଙ୍କୁ ନୃତ୍ୟ ଶିଖିବା ପାଇଁ ପ୍ରୋତ୍ସାହିତ କରାଯିବ। ଜାତୀୟ ଶିକ୍ଷା ନୀତି ଆଧାରରେ ଆମ ପାରମ୍ପରିକ ନୃତ୍ୟକୁ ଯେପରି ପାଠ୍ୟକ୍ରମ ଓ ସହ ପାଠ୍ୟକ୍ରମ ଭାବେ ସଂଶ୍ଳିଷ୍ଟ କରାଯାଇପାରିବ, ସେ ଦିଗରେ ଗୁରୁତ୍ୱାରୋପ କରାଯିବ ବୋଲି ମନ୍ତ୍ରୀ ମତପ୍ରକାଶ କରିଥିଲେ। ପରେ ଗୋଟିପୁଅ ଗୁରୁ ଗୋବିନ୍ଦ ଚନ୍ଦ୍ର ପାଲ, ଗୁରୁ ଧନେଶ୍ୱର ସ୍ୱାଇଁ, ଡ. ଚିତ୍ତରଞ୍ଜନ ମଲିଆ, ଗୁରୁ ସତ୍ୟପ୍ରିୟ ପଲାଇ, ଡ. ସ୍ନେହପ୍ରଭା ସାମନ୍ତରାୟ, ଗୁରୁ ନୀଳାଚଳ ମହାପାତ୍ର ପ୍ରମୁଖଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଦଶଭୁଜା ଗୋଟିପୁଅ ନୃତ୍ୟ ପରିଷଦ, ଲକ୍ଷ୍ମୀପ୍ରିୟା ଗୋଟିପୁଅ ନୃତ୍ୟ କେନ୍ଦ୍ର ସମେତ ଅନ୍ୟାନ୍ୟ ଅନୁଷ୍ଠାନର ଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ନୃତ୍ୟଗୁରୁ କୁମକୁମ ମହାନ୍ତି, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଶୁଚିସ୍ମିତା ମନ୍ତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଜି ଛତିଶା ନିଯୋଗ ବୈଠକ

ପୁରୀ, ୧।୯ (ଅଜିତ୍ କୁମାର ମହାନ୍ତି)

ଆସନ୍ତା ୭ତାରିଖରେ ପୂର୍ଣ୍ଣିମା ଓ ଚନ୍ଦ୍ରଗ୍ରହଣ ପଡୁଛି। ଭାଦ୍ରବ ପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଅନେକ ନୀତିକାନ୍ତି ରହିଛି। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ନୀଳାଦ୍ରି ଭକ୍ତନିବାସରେ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହେବ। ବୈଠକରେ ଚନ୍ଦ୍ରଗ୍ରହଣ ପାଇଁ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ ଅନୁମୋଦନ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉପରେ ଆଲୋଚନା କରାଯିବ। ସେପ୍ଟେମ୍ବର ୧୫ରୁ ନାଟମଣ୍ଡପରେ ଧାଡ଼ିଦର୍ଶନ ବ୍ୟବସ୍ଥା ଆରମ୍ଭ ହେବାକୁ ଥିବାରୁ ଏ ନେଇ ଆଲୋଚନା କରାଯିବ। ବିଶେଷ ନୀତିକାନ୍ତି ସମୟରେ କାଠରେ ତିଆରି ର୍ୟାମ୍ପକୁ କିଭଳି ଅପସାରଣ କରାଯିବ, କିଭଳି ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଏବଂ ଅନ୍ୟ ଭକ୍ତମାନେ ଶୃଙ୍ଖଳିତ ଭାବେ ଧାଡ଼ିରେ ଦର୍ଶନ କରିପାରିବେ ସେନେଇ ବିଭିନ୍ନ ସେବକ ପ୍ରତିନିଧିଙ୍କ ସହ ଶ୍ରୀମନ୍ଦିର ପ୍ରଶାସନ ଆଲୋଚନା କରିବ। ସେହିପରି ସେପ୍ଟେମ୍ବର ୩ରେ ଶ୍ରୀମନ୍ଦିର ନୂତନ ପରିଚାଳନା କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହେବ। ବୈଠକରେ ୧୦ ଜଣ ନୂତନ ସଦସ୍ୟଙ୍କୁ ସ୍ୱାଗତ କରାଯିବା ସହ ନୂତନ ସବ୍‌କମିଟି ଗଠନ କରାଯିବ। ଛତିଶାନିଯୋଗ ବୈଠକରେ ଅନୁମୋଦନ ହୋଇଥିବା ନୀତିନିର୍ଘଣ୍ଟକୁ ପରିଚାଳନା କମିଟି ମୋହର ମାରିବ।

PRANANATH COLLEGE (AUTONOMOUS), KHORDHA
NAAC Accredited 'A' Level
New e-Admission in P.G.
SAMS Phase-II
Prananath College (Autonomous), Khordha announces opening of new P.G. courses in
Political Science - 32 seats
Physics - 16 seats
Odia - 32 seats
Candidates with CPET - 2025 score may apply online in SAMS : pg.samsodisha.gov.in / www.samsodisha.gov.in
Last date - 03.09.2025
Sd./- PRINCIPAL

# ଓୟୁଏଟି କୁଳପତିଙ୍କ ନାଁରେ ଅଭିଯୋଗ

## ରାଜ୍ୟପାଳଙ୍କୁ ଫେରାଦ ହେଲା ଷ୍ଟୁଡେଣ୍ଟ ଏଗ୍‌ନେଷ୍ଟ କରପ୍‌ଶନ

ଭୁବନେଶ୍ୱର, ୧।୯ (ସୁଚିସ୍ମିତା ସାହୁ)

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ନାମରେ ଗୁରୁତର ଅଭିଯୋଗ ଆଣିଛି ଷ୍ଟୁଡେଣ୍ଟ ଏଗ୍‌ନେଷ୍ଟ କରପ୍‌ଶନ। ଏନେଇ କୁଳାଧିପତି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ନିକଟରେ ସଙ୍ଗଠନ କର୍ମକର୍ତ୍ତା ଫେରାଦ ହୋଇଛନ୍ତି। ରାଜ୍ୟପାଳଙ୍କୁ ଦିଆଯାଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି ଯେ, ପ୍ରଫେସର ରାଉଳଙ୍କ ନାମରେ ତଦନ୍ତ ଚାଲିଥିବାବେଳେ ସମ୍ପୂର୍ଣ୍ଣ ବେଆଇନ ଭାବେ ତାଙ୍କୁ କୁଳପତି ଭାବେ ନିଯୁକ୍ତି ଦିଆଯାଇଛି। ପୁଣି ଆସନ୍ତା ୮ ତାରିଖରେ ତାଙ୍କ କାର୍ଯ୍ୟକାଳ ଶେଷ ହେଉଥିଲେ ମଧ୍ୟ ଏଯାବତ ନୂତନ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଫଳରେ ତାଙ୍କ କାର୍ଯ୍ୟକାଳ ବଢ଼ାଇବାକୁ ଚକ୍ରାନ୍ତ କରାଯାଉଛି। ତେଣୁ ଏନେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ସଙ୍ଗଠନର ଆବାହକ ବିଭୂତି ଭୂଷଣ ମହାପାତ୍ର ଦାବି କରିଛନ୍ତି। ଏଥିସହ ବିଶ୍ୱବିଦ୍ୟାଳୟ ଓ ଅନୁବନ୍ଧିତ ମହାବିଦ୍ୟାଳୟଗୁଡିକରେ ବିଏସ୍‌ଏନ୍‌ଏଲ୍ ପରି ସରକାରୀ ସଂସ୍ଥାକୁ ୱାଇଫାଇ ଲଗାଇବାକୁ ନ ଦେଇ ଏକ ଘରୋଇ କମ୍ପାନୀ ଦିଆଯାଇଛି। ସେହିପରି ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ, ବିଭାଗୀୟ ମୁଖ୍ୟ ଏବଂ ଫିଲ୍ଡ କର୍ମଚାରୀଙ୍କୁ ନିଯୁକ୍ତି ଦେବାରେ ଟଙ୍କା କାରବାର କରାଯାଇଛି ବୋଲି ବିଭୂତି ରାଜ୍ୟପାଳଙ୍କୁ ଜଣାଇବା ସହ ଏହାର ତଦନ୍ତ ଦାବି କରିଛନ୍ତି। ଏ ସମ୍ପର୍କରେ ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଛନ୍ତି, କୁଳପତି ଭାବେ ମୋର କାର୍ଯ୍ୟ ଶେଷ ହେବାକୁ ଯାଉଛି। କିଛି ଲୋକ ଜାଣିଶୁଣି ଏଭଳି ଅପ୍ରୀତିକର ଘଟଣା ସହ ମୋ ନାଁରେ ମିଛ ପ୍ରଚାର କରୁଛନ୍ତି। ସେମାନେ କରୁଥିବା ଅଭିଯୋଗ ଅନୁସାରେ ତଦନ୍ତ କରାଯାଉ। ଏହି ଅଭିଯୋଗର କୌଣସି ସତ୍ୟତା ନ ଥିବା ସେ କହିଛନ୍ତି।

GOVERNMENT OF ODISHA No.A-558
DEPARTMENT OF WATER RESOURCES,
OFFICE OF THE SUPERINTENDING ENGINEER
MINOR IRRIGATION DIVISION, NAYAGARH
e-Procurement Notice
BID IDENTIFICATION NO. - SEMIDN - 07/2025-26
Letter No. - 2251 Dated - 26.08.2025

| | |
|---|---|
| Name of work | : Improvement to Check Dams under Imp. to Check Dam grant during the year 2025-26 |
| No. Works | : 10 (Ten) |
| Estimated Cost | : Varies from Rs. 4.08 lakh to Rs. 6.72 lakh Approximately |
| Class of Contractor | : Class "D" & "C" |
| Tender paper Cost | : **Rs. 2000.00 & 4000.00 (Non-refundable)** |
| Period of completion | : 01 (One) Calendar month |
| Availability of Bid documents | : From 10.00 A.M. of **03.09.2025** to 17.00 hrs of **09.09.2025** in website (www.tendersodisha.gov.in) |
| Time of receipt of bid through online | : From 10.00 A.M. of **03.09.2025** to 17.00 hrs of **09.09.2025** through online |
| Date of opening of bid documents | : At 11.00 hrs of **10.09.2025** in the O/o S.E., M.I. Division, Nayagarh |
| Date of Transparent Lottery (if cases arise) | : **At 11.00 hrs onwards of Dt. 17.09.2025** |
| Digital signature certificate | : The bidder must posses compatible digital signature certificate (DSC) of Class - II or Class - III |

The detail tender call notice can also be seen in the DOWR website : http/dowrorissa.gov.in.
Name and address of the OIT : Office of Superintending Engineer, M.I. Division, Nayagarh, Tel No. (06753)291009, e-mail - eemidivisionnayagarh@gmail.com
Further details can be seen from the e-Procurement market place, http//www.tendersodisha.gov.in
Sd./- Superintending Engineer
M.I. Division, Nayagarh
OIPR-32260/11/0022/2526

# ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳିତ

ଭୁବନେଶ୍ୱର, ୧।୯ (ଅନାଦି କର)

ହକିର ଯାଦୁଗର ମେଜର ଧ୍ୟାନ ଚାନ୍ଦଙ୍କ ଜନ୍ମ ବାର୍ଷିକକୁ ସମ୍ମାନ ଜଣାଇ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ଗତ ୨୯ରୁ ୩୧ ତାରିଖ ପର୍ଯ୍ୟନ୍ତ ଜାତୀୟ କ୍ରୀଡ଼ା ଦିବସକୁ ପାଳନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ କେନ୍ଦ୍ରରେ ବିଭିନ୍ନ କ୍ରୀଡ଼ା ଭିତ୍ତିକ ଇଭେଣ୍ଟ ଆୟୋଜନ କରାଯିବା ସହ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଉରକେଲାରେ ଲାକ୍ରା କ୍ଲବ ଓ ଏସ୍‌ବିଆଇ ମଧ୍ୟରେ ପାନପୋଶ ହକି ଷ୍ଟାଡିୟମରେ ଏକ ହକି ମ୍ୟାଚ୍ ଖେଳା ଯାଇଥିଲା। ଏହି ଅସବରରେ ଅଲିମ୍ପିଆନ ହକି ଖେଳାଳି ଲାଜରୁସ ବାର୍ଲା, ହକି ଖେଳାଳି ସୁରେନ୍ଦ୍ର ଟିଗା, ସାଇପ୍ରିଆନ କେର୍କେଟା, ନାଇମାନ ଟୀର୍କିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କଟକରେ ସତ୍ୟବ୍ରତ ଷ୍ଟାଡିୟମରେ ବରିଷ୍ଠ ନାଗରିକଙ୍କ ସହ ଏସ୍‌ବିଆଇ କର୍ମକର୍ତ୍ତା ଯୋଗ, ଜୁମ୍ବା, ୧୦୦ ମିଟର ରେସ, ୩ କି.ମି. ୱାକ, ସ୍କିପିଂ ଭଳି ଖେଳରେ ଭାଗ ନେଇଥିଲେ। ଭୁବନେଶ୍ୱର ୟୁନିଟ୍-୧ସ୍ଥିତ ପ୍ରଶାସନିକ ଭବନରେ ବକ୍ସ କ୍ରିକେଟ୍ ଓ ବ୍ୟାଡ୍‌ମିଣ୍ଟନ ଭଳି ଇଭେଣ୍ଟରେ ୧୦୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଭାଗ ନେଇଥିଲେ। ଡିଜିଏମ୍ ପ୍ରଶାନ୍ତ କୁମାର ପ୍ରଶାସନିକ ଭବନରେ ଛୁଆଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ଲେ ଜୋନ ଉଦ୍‌ଘାଟନ କରିଥିଲେ। ବ୍ରହ୍ମପୁରସ୍ଥିତ ପ୍ରଶାସନିକ ଭବନରେ ଆୟୋଜିତ ବ୍ୟାଡ୍‌ମିଣ୍ଟନ, ଟେବୁଲ ଟେନିସ, ଚେସ୍, କ୍ୟାରମ ଭଳି ଇନ୍‌ଡୋର ପ୍ରତିଯୋଗିତାରେ ୧୩୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଭାଗ ନେଇଥିଲେ। ସେହିପରି ବାଲେଶ୍ୱରସ୍ଥିତ ଇନ୍‌ଡୋର ଷ୍ଟାଡିୟମରେ ୪୪ ଜଣ ପ୍ରତିଯୋଗୀ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଆସ୍କା ଷ୍ଟାଡିୟମରେ ଆୟୋଜିତ କ୍ରିକେଟ୍ ଟୁର୍ନାମେଣ୍ଟରେ ୫୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଭାଗ ନେଇଥିଲେ। ପୁରୀସ୍ଥିତ ଜଗନ୍ନାଥ ଷ୍ଟାଡିୟମରେ କ୍ରିକେଟ୍ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ରିଜିଓନାଲ ମ୍ୟାନେଜର ଭରତ ଚରଣ ସାହୁ ଜାତୀୟ ଖୋ ଖୋ ଖେଳାଳି ରମେଶ ଚନ୍ଦ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

GOVERNMENT OF ODISHA No.O-674
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA
e-mail : serwsbd2003@yahoo.com
No. : 3114 Date : 25.08.2025
NATIONAL COMPETITIVE BIDDING THROUGH GePNIC e_Procurement Notice
1. Name of the work : Construction of Road Works - 13 Nos.
2. Class of contractor : "B" Class, "A" Class & Special of (Odisha PWD) or relevant class of other licensing authority.
3. Estimated Cost : Varies from Rs.75.66 Lakhs to Rs. 831.02 Lakhs (Approximately)
4. Details of projects : As per Annexure attached.

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD - Online - 12/2025-26 | 03.09.2025 at 11.00 A.M. | 23.09.2025 up to 5.00 P.M. | 22.09.2025 up to 2.00 P.M. | 24.09.2025 at 11.00 A.M. | To be intimated separately |

5. The details of works can be seen from the website https://www.tendersodisha.gov.in.
6. Any Corrigendum/Addendum will be displayed in the above e-tender website.
Sd./- Chief Construction Engineer,
RW Circle, Sunabeda
OIPR-25182/11/0072/2526

GOVERNMENT OF ODISHA No.O-672
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA
e-mail : serwsbd2003@yahoo.com
No. : 3112 Date : 25.08.2025
NATIONAL COMPETITIVE BIDDING THROUGH GePNIC e_Procurement Notice
1. Name of the work : Construction of Weir (Bridge) Works - 02 Nos.
2. Class of contractor : "B" Class & "A" Class of (Odisha PWD) or relevant class of other licensing authority.
3. Estimated Cost : Varies from Rs.100.16 Lakhs to Rs.122.34 Lakhs (Approximately)
4. Details of projects : As per Annexure attached.

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD - Online - 14/2025-26 | 03.09.2025 at 11.00 A.M. | 17.09.2025 up to 5.00 P.M. | 16.09.2025 up to 2.00 P.M. | 18.09.2025 at 11.00 A.M. | To be intimated separately |

5. The details of works can be seen from the website https://www.tendersodisha.gov.in.
6. Any Corrigendum/Addendum will be displayed in the above e-tender website.
Sd./- Chief Construction Engineer,
RW Circle, Sunabeda
OIPR-25182/11/0074/2526

B.I.T. SINDRI
P.O.-SINDRI INSTITUTE
DIST; DHANBAD (JHARKHAND) PIN: 828123
e-tender Notice -
BIT/10/2025-26/Trans/Civil1
Reference Number: BIT/10/2025-26/Trans/Civil1
Dated :- 31-08-2025
Tender ID: 2025_DHTE_104469_1

| | | |
|---|---|---|
| 1 | Name & address of office Inviting tender | Director, B.I.T., Sindri, P.O. Sindri Institute, Sindri, Dhanbad, Jharkhand -828123 |
| 2 | Name or work | Supply and installation of Laboratory Equipment of Transport Engineering Lab for Civil Department BIT Sindri, Dhanbad, Jharkhand. |
| 3 | Document download start date | 02-09-2025 |
| 4 | Document download end date | 02-09-2025 |
| 5 | Bid submission end date | 23-09-2025 |
| 6 | Bid opening date | 24-09-2025 |

Bidders must bid through e-tenders portal.
Further details can be seen on website:- https://jharkhandtenders. gov. in
Sd/-
Director, B.I.T., Sindri
PR.NO.361011 Higher Education,Technical Education and Skill Development Department(25-26):D

## ସୁରକ୍ଷା କାର୍ଯ୍ୟ ପାଇଁ ଟ୍ରେନ ସମୟ ପରିବର୍ତ୍ତନ

ଭୁବନେଶ୍ୱର,(ଅନୁରାଧା ମହାରଣା) - ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ ଅନ୍ତର୍ଗତ ବିଳାସପୁର ଡିଭିଜନରେ ଚାଲିଥିବା ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟ ଯୋଗୁ କିଛି ଟ୍ରେନର ସମୟସୂଚୀରେ ପରିବର୍ତ୍ତନ କରାଯାଇଛି। ୧୮୪୭୭ ପୁରୀ-ଯୋଗ ନଗରୀ ଋଷିକେଶ କଳିଙ୍ଗ ଉତ୍କଳ ଏକ୍ସପ୍ରେସ ମଙ୍ଗଳବାର ପୁରୀରୁ ୮ଟା ୪୫ ପରିବର୍ତ୍ତେ ୨ ଘଣ୍ଟା ବିଳମ୍ବ ଅର୍ଥାତ୍ ୧୦ଟା ୪୫ରେ ଛାଡିବ। ସେହିଭଳି ୨୦୪୭୨ ପୁରୀ- ଶ୍ରୀ ଗଙ୍ଗାନଗର ଜଙ୍କ୍ସନ ସୁପରଫାଷ୍ଟ ଏକ୍ସପ୍ରେସ ସେପ୍ଟେମ୍ବର ୩ରେ ପୁରୀରୁ ୬ଟା ୩୫ ପରିବର୍ତ୍ତେ ୧୦ଟା ୫ରେ ଛାଡିବ।

## ସଂକ୍ଷେପରେ

### ରାଜ୍ୟରେ ମାଗଣା ୧୦୯ ଶବବାହନ ସେବା ଆରମ୍ଭ ହେବ

ଭୁବନେଶ୍ୱର, ୧୯ (ବନ୍ଦନା ସେଠୀ)- ଓଡ଼ିଶାରେ କଳାହାଣ୍ଡିର ଦାନ ମାଝୀ ଭଳି ଘଟଣାର ଆଉ ପୁନରାବୃତ୍ତି ହେବନାହିଁ। ରାଜ୍ୟରେ ଖୁବ୍‌ଶୀଘ୍ର ମାଗଣା ଶବବାହନ ସେବା ଆରମ୍ଭ ହେବ। ଏଥିପାଇଁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଆସିବା ସହିତ ସ୍ୱତନ୍ତ୍ର ନଂ. ୧୦୯ ଜାରି ହେବ ବୋଲି ସୋମବାର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ୧୦୯ ନଂ.ରେ ଫୋନ୍ କଲେ ସମ୍ପୃକ୍ତ ସ୍ଥାନରେ ଆମ୍ବୁଲାନ୍ସ ପହଞ୍ଚି ସମ୍ମାନର ସହ ମୃତଦେହକୁ ତାଙ୍କ ଘର ପର୍ଯ୍ୟନ୍ତ ନେବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ଦେଇସାରିଥିବାବେଳେ କାର୍ଯ୍ୟ ଆରମ୍ଭ ହୋଇଗଲାଣି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

### ଶ୍ରୀମନ୍ଦିର ନାଁରେ ଫେକ୍ ୱେବ୍‌ସାଇଟ୍ ବ୍ଲକ୍ କଲା ପୋଲିସ

ପୁରୀ,୧୯(ଅଜିତ୍ କୁମାର ମହାନ୍ତି): ଶ୍ରୀମନ୍ଦିରକୁ ନେଇ ଅନେକ ଫେକ୍ ୱେବ୍‌ସାଇଟ୍ ଦେଖିବାକୁ ମିଳୁଛି। ଏଭଳି କେତେକ ଫେକ୍ ୱେବ୍‌ସାଇଟ୍ ନଜରକୁ ଆସିବା ପରେ ପୁରୀ ପୋଲିସ ପକ୍ଷରୁ ସେଗୁଡ଼ିକୁ ବ୍ଲକ୍ କରିଦିଆଯାଇଛି। ୨୦୨୫ ଅଗଷ୍ଟ ପର୍ଯ୍ୟନ୍ତ ୪୦୮ଟି ଅନଲାଇନ୍ ଆର୍ଥିକ ଠକେଇ ଅଭିଯୋଗ ହୋଇଥିବାବେଳେ ୩୯୦ଟି ବ୍ୟାଙ୍କ ଆକାଉଣ୍ଟକୁ ରଦ୍ଦ କରାଯାଇଛି। ସେହିପରି ୧୨୫ଟି ଫେକ୍ ୱେବ୍‌ସାଇଟକୁ ଅକାମୀ କରାଯାଇଥିବାବେଳେ ୬୬ଟି ସୋସିଆଲ ମିଡିଆ ଆକାଉଣ୍ଟ ବ୍ଲକ୍ କରାଯିବା ସହ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଭୁବନେଶ୍ୱରକୁ ଆଦର୍ଶ ସହର ଭାବେ ଗଢ଼ିବାକୁ ଆହ୍ୱାନ

## ବିଡିଏର ୪୩ତମ ପ୍ରତିଷ୍ଠା ଦିବସ




ପ୍ରତିଷ୍ଠା ଉତ୍ସବରେ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମେୟର ସୁଲୋଚନା ଦାସଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୧୯ (ବନ୍ଦନା ସେଠୀ)

ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ ସହର ଭାବେ ଗଢି ତୋଳିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ କାର୍ଯ୍ୟ କରାଯାଉଛି। ସହରର ବିକାଶ କହିଲେ ସାଧାରଣତଃ ବିଡିଏ ଏବଂ ବିଏମ୍‌ସିର କାର୍ଯ୍ୟଧାରାକୁ ବୁଝାଇଥାଏ। ତେଣୁ ଭୁବନେଶ୍ୱରକୁ ବିଶ୍ୱରେ ଆଦର୍ଶ ସହର ଭାବେ ତିଆରି କରିବାକୁ ବିଡିଏ କର୍ମଚାରୀଙ୍କୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଆହ୍ୱାନ ଜଣାଇଛନ୍ତି। ସୋମବାର ସୂଚନା ଭବନଠାରେ ବିଡିଏର ୪୩ତମ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସହରର ବିକାଶ ପାଇଁ ଦାୟିତ୍ୱ ମୁଣ୍ଡାଇବାକୁ କହିଛନ୍ତି। ବିଡିଏରେ ଖାଲି ପଦବୀ ପୂରଣ କରାଯାଉଛି। ସେହିପରି ଏବେଠୁ ବିଡିଏରେ କୌଣସି କାମ କରିବା ପାଇଁ ବାହାର ଏଜେନ୍ସିକୁ ବିଡିଏ ଟଙ୍କା ଦେବ ନାହିଁ। ପାର୍କ, ରୋଡ୍, ଡେଭଲପମେଣ୍ଟ ସବୁ କାମ ନିଜେ ବିଡିଏ କରିବ। ରାଜଧାନୀରେ ନିଜ ଘର ଗଢିବା ପାଇଁ ଚାହୁଁଥିବା ଲୋକଙ୍କ ସ୍ୱପ୍ନକୁ ସଫଳ କରିବା ଦିଗରେ ବିଡିଏର ପ୍ରତିବଦ୍ଧତା ବିଷୟରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏକାମ୍ର ବିଧାୟକ ବାବୁ ସିଂ, ବିଡିଏ କର୍ମଚାରୀ ୟୁନାଇଟେଡ୍ ଫୋରମ ସଭାପତି ସମୀର ମହାନ୍ତି ଯୋଗଦେଇ କର୍ମଚାରୀଙ୍କ ପେନସନ ପ୍ରଦାନକୁ ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ ସେପ୍ଟେମ୍ବର ୩ରେ ଏନେଇ ପୂର୍ଣ୍ଣାଙ୍ଗ ଆଲୋଚନା ହେବାକୁ ଥିବା କହିଥିଲେ। ମେୟର ସୁଲୋଚନା ଦାସ ଓ ବିଡିଏ ଉପାଧ୍ୟକ୍ଷ ଡ. ଏନ ଥିରୁମାଲା ନାୟକ ସହରର ବ୍ୟାପକ ବିକାଶ ଓ ବାସିନ୍ଦାଙ୍କ ଜୀବନଧାରଣ ମାନ ବୃଦ୍ଧି ଦିଗରେ କର୍ତ୍ତୃପକ୍ଷଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ବିଡିଏ ସଚିବ ମାନସ ରଞ୍ଜନ ପାଢ଼ୀ ବାର୍ଷିକ ବିବରଣୀ ପାଠ କରିଥିଲେ।

### ବିଡିଏରେ ମିଶିବ ୫୬୦ ଗାଁ

ଏ ବର୍ଷ ବିଡ଼ିଏ ନୂଆ ସିଡିପି ବା କମ୍ପ୍ରେହେନ୍‌ସିଭ ଡେଭଲପମେଣ୍ଟ ପ୍ଲାନ୍ ଆଣିବ। ଏଥିପାଇଁ ୫୬୦ ଗାଁକୁ ସାମିଲ କରାଯାଇଛି। ଏହି ଗ୍ରାମଗୁଡିକୁ ବାଦ ଦେଇ ଆହୁରି ୧୪୩ଟି ଗାଁକୁ ବିଡିଏରେ ସାମିଲ କରିବା ପାଇଁ ବିଡ଼ିଏ ସରକାରଙ୍କୁ ପ୍ରସ୍ତାବ ଦେଇଛି। ୫୬୦ ଗାଁରେ ସର୍ଭେ କରିବା ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି।

### କଳିଙ୍ଗ ବିହାରରେ ଖେଳପଡ଼ିଆ ଓ ପାର୍କ ଉଦ୍‌ଘାଟିତ

ବିଡିଏ ପ୍ରତିଷ୍ଠା ଦିବସ ଅବସରରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କଳିଙ୍ଗ ବିହାର କେ-୯ବି ଅଞ୍ଚଳରେ ଏକ ଖେଳପଡ଼ିଆ ଓ ପାର୍କର ଉଦ୍‌ଘାଟନ କରିଥିଲେ। ପ୍ରାୟ ୫.୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ପାର୍କ ଓ ଖେଳପଡ଼ିଆରେ ସ୍ପ୍ରିଙ୍କଲର ଜଳସେଚନ ବ୍ୟବସ୍ଥା, ଭୂମିଗତ ଜଳ ଭଣ୍ଡାର, ଚାରିପାଖରେ ଚେନ୍ ଲିଙ୍କ ସହିତ କାନ୍ଥ, ଶୌଚାଳୟ, ଚେଞ୍ଜିଂ ରୁମ, ଓପନ ଜିମ୍, ଯୋଗ ପିଣ୍ଡି ଏବଂ ଚାଲିବା ପାଇଁ ଟ୍ରାକ୍ ଭଳି ଅନେକ ସୁବିଧା ରହିଛି। ବିଡିଏ ପକ୍ଷରୁ ବର୍ତ୍ତମାନ କେ-୯ବି ଖେଳପଡ଼ିଆ ସମେତ ୯୮କୋଟି ଟଙ୍କା ବ୍ୟୟରେ ମୋଟ ୨୦ଟି ଖେଳପଡ଼ିଆ ନିର୍ମାଣ କରୁଛି।

### ନୂଆ ସହରର ଡିଜାଇନ୍ ଦେବେ ସିଙ୍ଗାପୁର ସରକାର

୮ଶହ ଏକର ଜାଗାରେ ତିଆରି ହେବ ନୂଆ ଭୁବନେଶ୍ୱର। ମଳିପଡ଼ା, ଦାସପୁର, ଅନ୍ଧାରୁଆ, ଗୋଠପାଟଣା ଭଳି ଅଞ୍ଚଳକୁ ନେଇ ପ୍ରସ୍ତାବିତ ନୂଆ ସହର ନିର୍ମାଣ ପାଇଁ ସିଙ୍ଗାପୁର ସରକାର ଡ୍ରଇଂ ଏବଂ ଡିଜାଇନ ଦାୟିତ୍ୱ ନେଇଛନ୍ତି। ଢ଼ୋଲେରା ସିଟି ଢାଞ୍ଚାରେ ଏହାର ନିର୍ମାଣ ହେବା ନେଇ ଚିନ୍ତା କରାଯାଉଛି। ନୂଆ ସହରରେ ଆଇଟି ପାର୍କ, ମେଡିକାଲ ସୁବିଧା, ଲୋକ ରହିବା ପାଇଁ ଘର, ବ୍ୟବସାୟିକ ପ୍ରତିଷ୍ଠାନ ଆଦି ବିଭିନ୍ନ ପ୍ରକାରର ବ୍ୟବସ୍ଥା କରାଯାଉଛି। ନୂଆ ସହର ମଧ୍ୟରେ ଶିଳ୍ପ ସଂସ୍ଥାକୁ ମଧ୍ୟ ଗୁରୁତ୍ୱ ଦିଆଯିବ। ମାସେରୁ ଦୁଇ ମାସ ମଧ୍ୟରେ ସିଙ୍ଗାପୁର ସରକାର ଓଡ଼ିଶା ସରକାରଙ୍କୁ ଡିପିଆର୍ ଦେବ। ଏହି ପ୍ରକଳ୍ପରେ ୭୦% ସରକାରୀ ଜାଗା ରହିଛି। ସେଥିମଧ୍ୟରୁ ଫରେଷ୍ଟ ଜାଗା ୨ଶହ ଏକର ଥିବାବେଳେ ୨୬ଏକର ବେସରକାରୀ ଜମି ଅଧିଗ୍ରହଣ କରାଯିବ। ଏଥିପାଇଁ ସମସ୍ତ ଚୁକ୍ତି ହୋଇସାରିଛି। ମାଷ୍ଟରପ୍ଲାନ୍ ସରିଲେ କାମ ଆରମ୍ଭ ହେବ ବୋଲି ନଗର ଉନ୍ନୟନ ମନ୍ତ୍ରୀ ସୂଚନା ଦେଇଛନ୍ତି।

### ବରମୁଣ୍ଡା ବସ୍ ଟର୍ମିନାଲରେ କ୍ଷୋଭ ପ୍ରକାଶ କଲେ ମେୟର

ମେୟର ସୁଲୋଚନା ଦାସ କହିଲେ, ଅଧିକାଂଶ ସମୟରେ ବିଡିଏ, ସ୍ମାର୍ଟସିଟି ଦ୍ୱାରା ତିଆରି ହୋଇଥିବା ପ୍ରକଳ୍ପ ନଷ୍ଟ ହୋଇଗଲେ ସେଥିପାଇଁ ଲୋକମାନେ ବିଏମ୍‌ସି କର୍ପୋରେଟର, ମେୟରଙ୍କୁ ଦୋଷାରୋପ କରୁଛନ୍ତି। କିନ୍ତୁ ସ୍ମାର୍ଟସିଟି ବୋର୍ଡ ମିଟିଂରେ ମେୟରଙ୍କୁ ସଦସ୍ୟ ଭାବେ ରଖାଯାଇନାହିଁ। ଫଳରେ ସ୍ମାର୍ଟସିଟିର ଦାୟିତ୍ୱହୀନତା ତଥା ରକ୍ଷଣାବେକ୍ଷଣ ଅଭାବ ପାଇଁ ଲୋକଙ୍କ ରୋଷର ଶୀକାର ହେବାକୁ ପଡୁଛି ବୋଲି ମେୟର କ୍ଷୋଭ ପ୍ରକାଶ କରିଥିଲେ। ଯେ ପର୍ଯ୍ୟନ୍ତ ବିଭାଗ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ରହିବ ସ୍ୱପ୍ନର ଭୁବନେଶ୍ୱର ଗଢା ହୋଇପାରିବ ନାହିଁ ବୋଲି ମେୟର କହିଥିଲେ।

### ବରମୁଣ୍ଡା ବସ୍ ଟର୍ମିନାଲ ଦୋକାନ ଘର ଆବଣ୍ଟନ ହେବ

ବରମୁଣ୍ଡା ବସ୍ ଟର୍ମିନାଲରେ ଥିବା ୧୨୦ ଦୋକାନ ଘର ୧୦ ଦିନ ଭିତରେ ଲଟେରି ମାଧ୍ୟମରେ ଆବଣ୍ଟନ ହେବ। ଦୋକାନୀଙ୍କ ମଧ୍ୟରେ ଥିବା ଅନ୍ତର୍ଦ୍ୱନ୍ଦ୍ୱ ଏବେ ଦୂର ହୋଇଛି। ପୁରୁଣା ବସ୍‌ଷ୍ଟାଣ୍ଡରେ ଦୋକାନ ଦେଇଥିବା ଦୋକାନୀଙ୍କୁ ଦୋକାନ ଦିଆଯିବ। ଟର୍ମିନାଲରେ ପାଖାପାଖି ଲକ୍ଷେ ବର୍ଗ ମିଟର କମର୍ସିଆଲ ସ୍ପେସ ଅଛି। ସେହିପରି ଡର୍ମିଟରି ନିର୍ମାଣ ପାଇଁ ଗୋଟିଏ ଏଜେନ୍ସିକୁ ଟେଣ୍ଡର ଦିଆଯାଇଛିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

## ଭୁବନେଶ୍ୱରଠାରେ ବିଜ୍ଞାନ ସିଟି ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର,୧୯(ସୁଚିସ୍ମିତା ସାହୁ)

**ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ବିହାର ଗଲା ଉଚ୍ଚସ୍ତରୀୟ କମିଟି**

**ସାଇନ୍ସ ସିଟି ବୁଲିବା ସହ ଉପମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା**

ରାଜ୍ୟ ସରକାର ଭୁବନେଶ୍ୱରଠାରେ ବିଜ୍ଞାନ ସିଟି ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଏହି ପରିପ୍ରେକ୍ଷୀରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ କମିଟି ସୋମବାର ଦୁଇ ଦିନିଆ ବିହାର ଗସ୍ତରେ ଯାଇଛି। ପ୍ରଥମ ଦିନରେ ମନ୍ତ୍ରୀ ପାଟନାସ୍ଥିତ ଡକ୍ଟର ଏପିଜେ ଅବଦୁଲ କଲାମ ସାଇନ୍ସ ସିଟି ପରିଦର୍ଶନ କରି ବିଜ୍ଞାନ କେନ୍ଦ୍ରର ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ଏତଦ୍‌ବ୍ୟତୀତ ମନ୍ତ୍ରୀ ପାତ୍ର ବିହାରର ଦୁଇ ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ସିହ୍ନା ଏବଂ ସମ୍ରାଟ ଚୌଧୁରୀଙ୍କୁ ସାକ୍ଷାତ କରି ମହାପ୍ରଭୁ ଶ୍ରୀଜୀଉଙ୍କ ଅତି ପ୍ରିୟ ଉତ୍କଳୀୟ ବାନ୍ଧ କଳାର ନିଦର୍ଶନ ଖଣ୍ଡୁଆ ପାଟ ଏବଂ ତାଳପତ୍ର ଭୋଗେଇରେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ପ୍ରଦାନ ପୂର୍ବକ ଦ୍ୱିପାକ୍ଷିକ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ସୂଚନାଥାଉ କି, ପୂର୍ବ ଭାରତରେ ବୈଜ୍ଞାନିକ ଅଧ୍ୟୟନ ଓ ଉଦ୍ଭାବନକୁ ପ୍ରୋତ୍ସାହନ ଦେବା ତଥା ବୈଜ୍ଞାନିକ ଅନୁସନ୍ଧିତ୍ସା, ଉଦ୍ଭାବନ ଏବଂ ଶିକ୍ଷା ପାଇଁ ବିଶେଷକରି ଯୁବପିଢିଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଭୁବନେଶ୍ୱରଠାରେ ୧୦୦ଏକର ଜମିରେ ସାଇନ୍ସ ସିଟି ପ୍ରତିଷ୍ଠା ଲାଗି ନିଷ୍ପତ୍ତି ନେଇଛନ୍ତି। ଏଥିରେ ଆଧୁନିକ ପ୍ରଦର୍ଶନୀ, ନିମଜ୍ଜିତ ଶିକ୍ଷଣ ସ୍ଥାନ ଏବଂ ଗବେଷଣା ସୁବିଧା ରହିବ। ଏଥିସହିତ ଏକ ମତ ବିନିମୟ ଆଧାରିତ କ୍ରିୟାଶୀଳ କେନ୍ଦ୍ର ଭାବେ ପ୍ରତିଷ୍ଠା କରିବାକୁ ରାଜ୍ୟ ସରକାର ପରିକଳ୍ପନା କରିଛନ୍ତି। ବିଭିନ୍ନ ରାଜ୍ୟର ସାଇନ୍ସ ସିଟିରେ ଉପଲବ୍ଧ ଢାଞ୍ଚାକୁ ଅନୁଧ୍ୟାନ କରିବା ସହ ବିଭିନ୍ନ ଦିଗକୁ ବିଚାରକୁ ନେଇ ରାଜ୍ୟରେ ପ୍ରସ୍ତାବିତ ସାଇନ୍ସ ସିଟିକୁ ବିଶ୍ୱସ୍ତରୀୟ କରିବା ପାଇଁ ଉଚ୍ଚ ସ୍ତରୀୟ କମିଟିର ବିହାର ଗସ୍ତ ବହୁ ଗୁରୁତ୍ୱ ବହନ କରୁଛି।



ଓଡ଼ିଶା ଅସ୍ଥାୟୀ ବନ କର୍ମଚାରୀ ସଂଘର ଆହ୍ୱାନକ୍ରମେ ୭ଦଫା ଦାବି ନେଇ ୫୪ଟି ବନ ମଣ୍ଡଳର ହଜାର ହଜାର ଅସ୍ଥାୟୀ ବନ କର୍ମଚାରୀ ସୋମବାର ବନ ବିଭାଗ ମୁଖ୍ୟ କାର୍ଯ୍ୟାଳୟ ଅରଣ୍ୟ ଭବନଠାରେ ଧାରଣାରେ ବସିବା ସହ ବିକ୍ଷୋଭ କରୁଛନ୍ତି। ବିଭାଗର ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ ରହିଛି।

## ରୋଗ ଯନ୍ତ୍ରଣା ସହି ନ ପାରି ଯୁବକଙ୍କ ଆତ୍ମହତ୍ୟା

ବାଲିପାଟଣା,୧୯(ଅଭିମନ୍ୟୁ ନାୟକ)

ବାଲିପାଟଣା ଥାନା ଅଧୀନ ସରାଟ ଗ୍ରାମର ଜଣେ ଯୁବକ ରୋଗ ଯନ୍ତ୍ରଣା ସହି ନ ପାରି ସୋମବାର ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ହେଲେ କ୍ଷୀରୋଦ ପ୍ରଧାନ ଓରଫ ଟିକି (୩୬)। ସୂଚନା ମୁତାବକ, ଗତ କିଛିଦିନ ହେବ କ୍ଷୀରୋଦ ବିଭିନ୍ନ ରୋଗରେ ଆକ୍ରାନ୍ତ ଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ହସ୍ପିଟାଲ ନେଇ ଚିକିତ୍ସା କରିଥିଲେ। ହେଲେ ସେ ହସ୍ପିଟାଲରେ ରହିବାକୁ ଭୟ କରୁଥିଲେ। ଏପରିକି ମାନସିକ ସ୍ତରରେ ଭାଙ୍ଗି ପଡ଼ିଥିଲେ। ତେବେ ରୋଗ ଯନ୍ତ୍ରଣା ସହି ନ ପରି ସୋମବାର ଭୋରରୁ ସେ ଟେଣ୍ଟ ସାମଗ୍ରୀ ଗୋଦାମ ଘରେ ବେକରେ କପଡ଼ା ବାନ୍ଧି ଝୁଲି ପଡ଼ିଥିଲେ। ଏହା ଜାଣିବା ପରେ ପରିବାର ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ୪ ସୁଦ୍ଧା ୩ ହଷ୍ଟେଲ ଖାଲି କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୯(ସୁଚିସ୍ମିତା ସାହୁ)

**ବିଜ୍ଞପ୍ତି ଜାରି କଲେ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ**

ଉତ୍କଳ ବିଶ୍ୱବିଦ୍ୟାଳୟର ଫକୀର ମୋହନ ଛାତ୍ରାବାସ (୩ ନମ୍ବର) ହଷ୍ଟେଲ ଛାତରୁ ପଡି ଜଣେ ଅଣଛାତ୍ରଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ତୁରନ୍ତ ହଷ୍ଟେଲ ଖାଲି କରିବାକୁ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଥିଲେ। ହଷ୍ଟେଲ ଅସୁରକ୍ଷିତ ଥିବାରୁ ତା'ର ମରାମତି କାର୍ଯ୍ୟ କରାଯିବା ଦର୍ଶାଇ ବିଦ୍ୟୁତ୍ ଓ ପାଣି ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା। ଏବେ ମରାମତି କାର୍ଯ୍ୟ ଶେଷ ହୋଇ ନ ଥିବା ବେଳେ ବାଣୀବିହାର ପିଲାଙ୍କ ପାଇଁ ୩ ନମ୍ବର ହଷ୍ଟେଲ୍ ଆବଣ୍ଟନ କରିବାକୁ ସୋମବାର ବିଜ୍ଞପ୍ତି ଜାରି କରିଛନ୍ତି। ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ, ହଷ୍ଟେଲ୍-୩ ସମେତ ୧ ଓ ୨କୁ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କୁ ଆବଣ୍ଟନ କରାଯିବ। ପୂର୍ବରୁ ସେଲ୍ଫ ଫାଇନାନ୍ସରେ ପଢୁଥିବା ପିଲାଙ୍କୁ ହଷ୍ଟେଲ୍ ମିଳୁ ନ ଥିବାବେଳେ ଏଥର ସେମାନଙ୍କୁ ମଧ୍ୟ ସାମିଲ କରାଯିବ ବୋଲି ସୂଚନା ମିଳିଛି। ଏଣୁ ଜବରଦଖଲ କରିଥିବା ରୁମ୍‌ଗୁଡ଼ିକୁ ଆସନ୍ତା ୪ ତାରିଖ ପୂର୍ବରୁ ଖାଲି କରିବାକୁ କୁହାଯାଇଛି। ଏହି ନିର୍ଦ୍ଦେଶକୁ ଅମାନ୍ୟ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି।

## ୬୧ନଂ. ୱାର୍ଡକୁ ମିଳିଲା ଶ୍ରେଷ୍ଠ 'ଆକାଂକ୍ଷୀ ୱାର୍ଡ' ସମ୍ମାନ

ପୁରୁଣା ଭୁବନେଶ୍ୱର,୧୯(ସୁବାସ ଚନ୍ଦ୍ର ପ୍ରଧାନ)

ସ୍ୱାୟତ୍ତ ଶାସନ ଦିବସ ଅବସରରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୬୧ ନମ୍ବର ୱାର୍ଡକୁ ସ୍ୱଚ୍ଛତା, ବର୍ଜ୍ୟ ପୃଥକୀକରଣ ଓ ପରିଚାଳନା ଏବଂ ପରିମଳ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରେଷ୍ଠ 'ଆକାଂକ୍ଷୀ ୱାର୍ଡ' ଭାବେ ସମ୍ମାନିତ କରାଯାଇଛି। ରବିବାର ସୂଚନା ଭବନଠାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଏହି ସମ୍ମାନ କର୍ପୋରେଟର ଶିବ ନାରାୟଣ ରାୟଙ୍କୁ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ.କୃଷ୍ଣ ଚନ୍ଦ୍ର ମହାପାତ୍ର ଯୋଗଦେଇ ଏହି ସମ୍ମାନ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଏକାମ୍ର ବିଧାୟକ ବାବୁ ସିଂ, ବିଏମ୍‌ସି କମିଶନର ଚଞ୍ଚଳ ରାଣା, ବିଏମ୍‌ସି ମେୟର ସୁଲୋଚନା ଦାସ ପ୍ରମୁଖ ଯୋଗଦେଇଥିଲେ।

## କଟନ ଫ୍ୟାବରେ ୩ ବିଜେତା ପୁରସ୍କୃତ



ଭୁବନେଶ୍ୱର,୧୯(ଅନୁରାଧା ମହାରଣା)

ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ୧୪ତମ 'କଟନ ଫ୍ୟାବ୍ -୨୦୨୫'ରେ ସହରବାସୀଙ୍କ ଭିଡ଼ ଜମୁଛି। ପ୍ରଦର୍ଶନୀରୁ କ୍ରୟ କରୁଥିବା ଗ୍ରାହକଙ୍କ ମଧ୍ୟରୁ ୩ଜଣଙ୍କୁ ଲଟେରୀ ମାଧ୍ୟମରେ ଚୟନ କରାଯାଇ ପୁରସ୍କୃତ କରାଯାଇଛି। ସିଦ୍ଧାର୍ଥ ସାମନ୍ତରାୟ ପ୍ରଥମ ସ୍ଥାନରେ ରହିଥିବାବେଳେ ଦ୍ୱିତୀୟ ସ୍ଥାନରେ ଗାୟତ୍ରୀ ସିଂହ ଏବଂ ତୃତୀୟ ସ୍ଥାନରେ ଶୁଭଶ୍ରୀ ସ୍ୱାଗତିକା ମହାନ୍ତି ଅଛନ୍ତି। 'କଟନ ଫ୍ୟାବ୍'ର ସେକ୍ରେଟାରୀ ଜାଭେଦ ଆଲମଙ୍କଠାରୁ ଏହି ୩ ବିଜେତା ପୁରସ୍କାର ଗ୍ରହଣ କରିଛନ୍ତି। ସେପ୍ଟେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଦର୍ଶନୀରେ ୧୨ ରାଜ୍ୟର ୧୨୨ ଜଣ ହସ୍ତଶିଳ୍ପ ଯୋଗଦେଇଛନ୍ତି। ଓଡ଼ିଶାର ସମ୍ବଲପୁରୀ ଇକତ୍ ଶାଢ଼ି, ଲକ୍ଷ୍ନୌର ଚିକନ ୱାକ୍ କପଡ଼ା, ଶାଢ଼ୀ, କୁର୍ତ୍ତା, ପାଇଜାମା ଟପସ୍, ଗୁଜୁରାଟର ଏଥିନିକ ପ୍ରିଣ୍ଟ କୁର୍ତ୍ତା ଓ କପଡ଼ା, ରାଜସ୍ଥାନୀ ବ୍ଲକ୍ ପ୍ରିଣ୍ଟେଡ୍, କୋଟାଦରୀ କପଡ଼ା, ପଞ୍ଜାବର ଫୁଲକରୀ ଡ୍ରେସ୍, ମଧ୍ୟପ୍ରଦେଶର ଚନ୍ଦେରୀ, ମହେଶ୍ୱରୀ, ବାଗ୍ ପ୍ରିଣ୍ଟ ଓ ବାଟିକ୍ ପ୍ରିଣ୍ଟ, ପଶ୍ଚିମବଙ୍ଗର ଶାନ୍ତି ନିକେତନ ତନ୍ତ, ଆନ୍ଧ୍ରପ୍ରଦେଶର କଲମକରୀ ଭେଜିଟେବଲ ଡାୟଡ୍, ମଙ୍ଗଳଗିରୀ ଓ ତାମିଲନାଡୁର ମଦୁରାଇ ଶାଢ଼ି, ହିମାଚଳ ପ୍ରଦେଶର କଟନ କୁର୍ତ୍ତି ଏବଂ ଉତ୍ତର ପ୍ରଦେଶର ପ୍ରସିଦ୍ଧ ବନାରସ ସିଲକ୍ ଶାଢ଼ି ସହ ଅନ୍ୟାନ୍ୟ ପ୍ରସାଧନ ସାମଗ୍ରୀ ପ୍ରତି ଗ୍ରାହକ ଆକୃଷ୍ଟ ହେଉଛନ୍ତି।

**ଦୁର୍ଗାପୂଜା ପାଇଁ କମିଶନରେଟ ପୋଲିସର ପ୍ରସ୍ତୁତି ବୈଠକ**

## ଡିଜେ, ଲେଜର ଲାଇଟ୍‌କୁ ବାରଣ

- ସହରରେ ଏଥିର ୧୯୦ ମେଢ଼, ଝୁଲନ୍ତା ତାର ହଟାଇବ ଟିପିସିଓଡିଏଲ୍
- ରାସ୍ତା ଉପରେ ହେବନି ତୋରଣ, ରାସ୍ତା ମରାମତି କରିବ ବିଏମ୍‌ସି
- ଭସାଣ ବେଳେ ମାଇକ୍‌ର ଶବ୍ଦ ୬୫ ଡେସିବଲ୍‌ରୁ ଅଧିକ ହେବନି

ଭୁବନେଶ୍ୱର,୧୯(ସତ୍ୟଜିତ୍ ରାଉତ)




ବୈଠକରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ସୂଚନା ଦେଉଛନ୍ତି।

ଭୁବନେଶ୍ୱରରେ ଚଳିତବର୍ଷ ଶାନ୍ତିଶୃଙ୍ଖଳାର ସହ ସୁରକ୍ଷିତ ଦୁର୍ଗାପୂଜା ଆୟୋଜନ କରିବାକୁ କମିଶନରେଟ୍ ପୋଲିସ ପ୍ରୟାସ ଆରମ୍ଭ କରିଛି। ଏନେଇ କମିଶନରେଟ୍ ପୋଲିସ ମୁଖ୍ୟାଳୟଠାରେ ସୋମବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବିଭିନ୍ନ ଦିଗକୁ ନେଇ ଆଲୋଚନା କରାଯାଇଥିଲା। ଏଥର ଦୁର୍ଗାପୂଜାରେ ଡିଜେ, ଲେଜର ଲାଇଟକୁ ନିଷିଦ୍ଧ କରାଯାଇଥିବାବେଳେ ମେଲୋଡିରେ ଅଶ୍ଳୀଳତା ପ୍ରଦର୍ଶନ କରାଯିବ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

ପୋଲିସ କମିଶନର ଏସ୍.ଦେବଦତ୍ତ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଭୁବନେଶ୍ୱର ଡିସିପି ଜଗମୋହନ ମୀନା, ବହୁ ପୋଲିସ ଅଧିକାରୀ, ଏକାମ୍ର ବିଧାୟକ ବାବୁ ସିଂ, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ପୂଜା କମିଟି ଓ ଭସାଣ କମିଟି କର୍ତ୍ତୃପକ୍ଷ, ବିଏମ୍‌ସି, ଟିପିସିଓଡିଏଲ୍, ଅଗ୍ନିଶମ, ଅବକାରୀ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ। ପୂଜା କମିଟି କର୍ମକର୍ତ୍ତା ନିଜ ଅଞ୍ଚଳର ସମସ୍ୟା ଜଣାଇବା ସହ ସମାଧାନ କରିବାକୁ ଯୁକ୍ତି ବାଢ଼ିଥିଲେ। ପୂଜାରେ କମିଶନରେଟ୍ ପୋଲିସ ପୂର୍ଣ୍ଣ ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛି। ଏଥର ସହରରେ ୧୯୦ଟି ମେଢ଼ ହେବାକୁ ଥିବାବେଳେ ଦୁର୍ଗାପୂଜା, ରାବଣପୋଡ଼ି ଓ ଭସାଣ ଉତ୍ସବକୁ ସୁରକ୍ଷିତ ଭାବେ ପାଳିବାକୁ ବିଭିନ୍ନ ପଦକ୍ଷେପ ନେଇ ନିଷ୍ପତ୍ତି ନିଆଯାଇଛି। ଲୋକଙ୍କ ସୁରକ୍ଷା ଓ ନିରାପତ୍ତାକୁ ସର୍ବାଧିକ ଅଗ୍ରାଧିକାର ଦିଆଯାଇଥିବାବେଳେ ପୂଜା ପେଣ୍ଡାଲ ଓ ଆଖପାଖ ଅଞ୍ଚଳରେ ଭିଡ଼ ନିୟନ୍ତ୍ରଣ ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯିବ। ସମସ୍ତ ପୂଜା କମିଟି ନିଜ ପେଣ୍ଡାଲରେ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ରଖିବେ। ଏଥିସହ ଅଗ୍ନି ନିରାପତ୍ତା, ସିସିଟିଭି ବ୍ୟବସ୍ଥା ସହ ଭିଡ଼ ନିୟନ୍ତ୍ରଣ ପାଇଁ ପ୍ରଶିକ୍ଷିତ ସ୍ୱେଚ୍ଛାସେବୀ ନିୟୋଜିତ ଏବଂ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବେ। ଉତ୍ସବ ସମୟରେ ପୋଲିସ ପକ୍ଷରୁ ଆଣ୍ଟି ଡ୍ରଗ୍ସ ଡ୍ରାଇଭ୍ (ପ୍ରହାର)କୁ ଜୋରଦାର କରିବା ସହ ମହିଳାଙ୍କ ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଓ ପୂଜା ପେଣ୍ଡାଲରେ 'ହର୍' ଟିମ୍ ମୁତୟନ କରାଯିବ। ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ। ବିଏମ୍‌ସି ପକ୍ଷରୁ ଖରାପ ରାସ୍ତାକୁ ମରାମତି ସହ ସବୁ ପେଣ୍ଡାଲରେ ଜଳଯୋଗାଣ ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବାୟୋ-ଟଏଲେଟ୍ ସ୍ଥାପନ କରାଯିବ। ଟିପିସିଓଡିଏଲ୍ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସହ ଝୁଲନ୍ତା ତାରକୁ ହଟାଇବାକୁ କୁହାଯାଇଛି। ଅଗ୍ନିଶମ ଗାଇଡଲାଇନ୍ ଅନୁଯାୟୀ ପର୍ଯ୍ୟାପ୍ତ ଖାଲି ଜାଗା ଥିବା ସ୍ଥାନରେ ରାବଣପୋଡ଼ି ପାଇଁ ଅନୁମତି ଦିଆଯିବ। ଜରୁରିକାଳୀନ ସ୍ଥିତିରେ ଅଗ୍ନିଶମ ଗାଡ଼ିର ଚଳାଚଳ ପାଇଁ ରାସ୍ତା ଉପରେ ତୋରଣ ନିର୍ମାଣକୁ ନିଷେଧ କରାଯାଇଛି। ସବୁ ପୂଜା କମିଟି ନିଶାକୁ ନା (ସେ ନୋ ଟୁ ଡ୍ରଗ୍ସ) ଥିମ୍‌କୁ ଗ୍ରହଣ କରି ଲୋକଙ୍କୁ ସଚେତନ କରିବାକୁ ଅତିରିକ୍ତ ସିପି ପରାମର୍ଶ ଦେଇଛନ୍ତି। ଭସାଣ ସମୟରେ ମାଇକ୍‌ର ଶବ୍ଦ ୬୫ ଡେସିବଲରୁ ଅଧିକ ନ କରିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଝାରପଡ଼ା, ରସୁଲଗଡ଼, ପଳାଶୁଣୀ, ମହିଳା ପୂଜା କମିଟି (ବ୍ରିଟ୍ କଲୋନୀ), ବମିଖାଲ, ଶୈଳଶ୍ରୀବିହାର, ନୟାପଲ୍ଲୀ, କଳାରାହାଙ୍ଗ, କଟକ ରୋଡ୍, ମା' ଜାଗୁଆଳି (ନଖରା), ଢୁମୁଢୁମା ଆଦି ପୂଜା କମିଟିର ପ୍ରତିନିଧି ଅଂଶଗ୍ରହଣ କରିଥିଲେ।

### ଆକ୍ରମଣ କରି ହାତ ଭାଙ୍ଗିବା ଅଭିଯୋଗରେ ଜଣେ ଗିରଫ

କଟକ ସଦର,(ସୁଶାନ୍ତ କୁମାର ଜେନା): ରମେଶ ସାହୁ ନାମକ ବ୍ୟକ୍ତିଙ୍କ ହାତକୁ ଠେଙ୍ଗାରେ ପିଟି ଭାଙ୍ଗି ଦେବା ଅଭିଯୋଗରେ କନ୍ଦରପୁର ଥାନା ପୋଲିସ ସୋମବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଏହି ଥାନା ଅନ୍ତର୍ଗତ ଫକୀର ପଡ଼ା ଗ୍ରାମର ମଣ୍ଟୁ ରାଉତ। ରବିବାର କୌଣସି କରଣକୁ ନେଇ ଏହି ଘଟଣା ଘଟିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୧୭୬/୨୫) ରୁଜୁ ହୋଇଛି।

## ସଂକ୍ଷେପରେ

### ଗାଧୋଇବାବେଳେ ମହାନଦୀରେ ଭାସିଗଲେ ମହିଳା

ବାଙ୍କୀ,୧।୯(ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ଥାନା ସୁବର୍ଣ୍ଣପୁର ବିଟ୍‌ହାଉସ ଅନ୍ତର୍ଗତ ରତାଗଡ ଗୋବିନ୍ଦପୁର ପଞ୍ଚାୟତରେ ଏକ ଅଭାବନୀୟ ଘଟଣା ଘଟିଛି। ମହାନଦୀରେ ଗାଧୋଉଥିବା ବେଳେ ଗୋଡ଼ ଖସିଯିବାରୁ ଜଣେ ମହିଳା ମହାନଦୀରେ ବୁଡ଼ି ନିଖୋଜ ହୋଇଯାଇଛନ୍ତି। ତାଙ୍କ ପରିଚୟ ମିଳି ନଥିବାବେଳେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ତାଙ୍କ ପତ୍ତା ମିଳି ନ ଥିଲା। ରବିବାର ଖୁଦୁରୁକୁଣୀ ସରିବା ପରେ ସୋମବାର ଭୋର ୪ଟାରେ ମହାନଦୀ କୂଳରେ ବୋଇତ ବନ୍ଦାଣ ଓ ପୂଜା କାର୍ଯ୍ୟ ଚାଲିଥିଲା। କିଛି ଦୂରରେ ମହିଳାମାନେ ଗାଧୋଉଥିବା ବେଳେ ସମ୍ପୃକ୍ତା ମହିଳା ଅସାବଧାନତାବଶତଃ ମହାନଦୀର ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ଖବରପାଇ ଗାଁ ଲୋକେ ଘଟଣା ସ୍ଥଳରେ ପହଞ୍ଚି ଖବର ଦେବା ପରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଛନ୍ତି। ବାଙ୍କୀ ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାଳକୃଷ୍ଣ କହଁର, ବାଙ୍କୀ ଥାନା ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ, ସୁବର୍ଣ୍ଣପୁର ବିଟ୍ ହାଉସ ଅଧିକାରୀ ପ୍ରସନ୍ନ କୁମାର ମାହାଳି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

### ବ୍ୟାଙ୍କିଙ୍ଗ୍ ଠକାମି ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ମଙ୍ଗୁଳି-ଜଗତପୁର,୧।୯(ମାନସ ସାମଲ)

ଚୌଦ୍ୱାର ପୌର ଅଧୀନ ୧୦ନଂ ୱାର୍ଡ଼ ହାଉସିଂ ବୋର୍ଡ କଲୋନୀ ଜାଗ୍ରତ ଓଡ଼ିଶା ପକ୍ଷରୁ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଠକାମିରୁ କିପରି ନିଜକୁ ରକ୍ଷା କରି ପାରିବେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ତନ୍ମୟ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରବକ୍ତା ମୃତ୍ୟୁଞ୍ଜୟ ଦାସ ଯୋଗଦେଇ ମୁଦ୍ରାରେ ମାନକ ଅବଶ୍ୟାମ୍ଭବୀ, ପ୍ରାକ୍ସନ ରିଜର୍ଭ ଥିଓରୀ, କ୍ରେଡିଟ କ୍ରିଏସନ ଥିଓରୀ, ସୁଧ ଖୋରି ନ୍ୟାୟ ସଙ୍ଗତ ନୁହେଁ। ଏହି ୪ଟି ଦିଗକୁ ପ୍ରତି ଲୋକ ସଚତେନ ରହିଲେ ବ୍ୟାଙ୍କି ବ୍ୟବସ୍ଥାରେ ଠକାମୀରୁ ରକ୍ଷା ପାଇ ପାରିବେ ବୋଲି ବକ୍ତବ୍ୟ ରଖିଥିଲେ। ଭୀମସେନ ବିଶ୍ୱାଳ, ଭାସ୍କର ପ୍ରସାଦ ମହାପାତ୍ର, ପ୍ରଦୀପ କୁମାର ରାଉତ, ବୈକୁଣ୍ଠ ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ଲକସ୍ତରୀୟ ସାଂସଦ ଖେଳ ମହୋତ୍ସବ ନିମନ୍ତେ ସଚେତନତା

ତିଗିରିଆ,୧।୯(ଜାଫର ଖାଁ)

ସେପ୍ଟେମ୍ବର ୨୧ରୁ ତିଗିରିଆ ବ୍ଲକସ୍ତରୀୟ ସାଂସଦ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏନେଇ ଏକ ସଚେତନତା କାର୍ଯ୍ୟକ୍ରମ ନୂଆପାଟଣା ସ୍ଥିତ ପିଏମଶ୍ରୀ ଅର୍ଜୁନ ସୁବୁଦ୍ଧି ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଅମର ମହାରଣାଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ଭାଜପା ନେତା ଅଭୟ ବାରିକ, ବିଶିଷ୍ଟ ଅତିଥିଭାବେ ଏମ୍‌ପିଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ, ଅତିରିକ୍ତ ଉପଜିଲାପାଳ ମାନସ ବେହେରା, ସମ୍ମାନିତ ଅତିଥିଭାବେ ପୂର୍ବତନ ସମିତି ସଭ୍ୟ ସଞ୍ଜୟ କର, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ଦତ୍ତ, ତପନ ଲେଙ୍କା ଯୋଗଦେଇଥିଲେ। ଏଥିସହିତ ସ୍ଥାନୀୟ ଅଞ୍ଚଳ ବାସିନ୍ଦା ମଧ୍ୟ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ପଞ୍ଜୀକରଣ ଆରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମରେ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### କଂଗ୍ରେସ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ବିଶ୍ୱରଞ୍ଜନ ପଣ୍ଡା

ବାଙ୍କୀ,୧।୯(ଶୁଭେନ୍ଦୁ ମହାପାତ୍ର)

ଖୋର୍ଦ୍ଧା ଜିଲା କଂଗ୍ରେସର ପର୍ଯ୍ୟବେକ୍ଷକ ଭାବେ ପିସିସି ସଭ୍ୟ ତଥା ବାଙ୍କୀର ବିଶ୍ୱରଞ୍ଜନ ପଣ୍ଡାଙ୍କୁ ଦାୟିତ୍ୱ ଦିଆଯାଇଛି। ସେ ପୂର୍ବରୁ ବାଙ୍କୀ ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି, କଟକ ଜିଲା ଛାତ୍ର କଂଗ୍ରେସ ସମ୍ପାଦକ ପଦବୀରେ ରହିଥିଲେ। ଆଗାମୀ ଦିନରେ ଓଡ଼ିଶାରେ ହେବାକୁ ଥିବା ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ ପାଇଁ ଏହି ଦାୟିତ୍ୱ ପ୍ରଦାନ କରିଥିବାରୁ ସେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଭାରତ ନ୍ୟାଶନାଲ କଂଗ୍ରେସ ଅଧ୍ୟକ୍ଷ ମାଲ୍ଲିକାର୍ଜ୍ଜୁନ ଖାର୍ଗେ, ରାଜ୍ୟ ପିସିସି ସଭାପତି ଭକ୍ତ ଚରଣ ଦାସ, ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲାଲୁ, ବାଙ୍କୀର ପୂର୍ବତନ କଂଗ୍ରେସ ବିଧାୟକ ତଥା ସୃଜନ କମିଟିର ଅଧ୍ୟକ୍ଷ ଡ. ଦେବାଶିଷ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଶେଷସ୍ତର ଯାଏ ପହଞ୍ଚିବ ସେବା



ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଆୟୋଜିତ ଜିଲାସ୍ତରୀୟ ଆଦି କର୍ମଯୋଗୀ ଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

କଟକ,୧।୯(କାର୍ତ୍ତିକ ସାହୁ)

ବିକଶିତ ଭାରତ ଗଠନ ଏବଂ ଶେଷ ମାଇଲ ପର୍ଯ୍ୟନ୍ତ ସମସ୍ତ ସୁବିଧା ପହଞ୍ଚାଇବା ନିଶ୍ଚିତ କରିବା ପାଇଁ ଏକ ବିକେନ୍ଦ୍ରୀକୃତ, ସାଂସ୍କୃତିକ ପୃଷ୍ଠଭୂମି ଏବଂ ସମନ୍ୱୟ ଆଧାରିତ କ୍ୟାଡର ମାଧ୍ୟମରେ ଆଦିବାସୀ ସମ୍ପ୍ରଦାୟଙ୍କୁ ସଶକ୍ତ କରିବା ନିମନ୍ତେ ଆଦି କର୍ମଯୋଗୀ ଅଭିଯାନ ଆରମ୍ଭ କରାଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଜିଲାସ୍ତରୀୟ ଆଦି କର୍ମଯୋଗୀ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସେବା, ସମର୍ପଣ ଏବଂ ସଙ୍କଳ୍ପ ମନୋଭାବ ନେଇ ବିକଶିତ ଭାରତ ଗଠନ ନିମନ୍ତେ କାର୍ଯ୍ୟ କରିବା ଦିଗରେ ଆଗେଇ ଆସିବାକୁ ଜିଲାପାଳ ଶିନ୍ଦେ ଆହ୍ୱାନ ଦେଇଛନ୍ତି। ଆଦି କର୍ମଯୋଗୀ ହେଉଛି ଏକ ମହତ୍ୱାକାଂକ୍ଷୀ ଅଭିଯାନ, ଯାହା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଉତ୍ତରଦାୟୀ ଶାସନ ଏବଂ ସମାଜର ଶେଷ ସ୍ତର ପର୍ଯ୍ୟନ୍ତ ସେବା ନିଶ୍ଚିତ କରେ। ଏଥିପାଇଁ କଟକ ଜିଲାର ୨୧ଟି ଗାଁ ଚିହ୍ନଟ କରାଯାଇଛି। ଗାଁର ସାମଗ୍ରିକ ଉନ୍ନତି ସହ, ଗାଁର ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ସମସ୍ତ ସରକାରୀ ସୁବିଧା ଉପଲବ୍ଧ କରାଇବା ଗାଁ ଲୋକଙ୍କୁ ସଶକ୍ତ କରିବା, ଗାଁରେ ଉପଲବ୍ଧ ସମସ୍ତ ସମ୍ପଦର ରକ୍ଷଣାବେକ୍ଷଣ ଓ ଉପଯୁକ୍ତ ବ୍ୟବହାର, ଶାସନ ବ୍ୟବସ୍ଥାରେ ଗାଁ ଲୋକଙ୍କ ସମ୍ପୃକ୍ତି ଓ ଉତ୍ତରଦାୟିତ୍ୱ ଆଦି ସୁନିଶ୍ଚିତ କରିବା ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ପ୍ରତ୍ୟେକ ଗାଁର ୧୫ଜଣଙ୍କୁ ଚିହ୍ନଟ କରାଯାଇ ତାଲିମ ପ୍ରଦାନ କରାଯିବ। ପ୍ରତ୍ୟେକ ଗାଁରେ ସେବା କେନ୍ଦ୍ର ଚିହ୍ନଟ କରାଯାଇଛି ଯେଉଁଠାରେ ଗାଁ ଲୋକେ ନିଜର ସମସ୍ୟା ସମ୍ପର୍କରେ ଜଣାଇପାରିବେ ଏବଂ ବିଭିନ୍ନ ଯୋଜନା ସମ୍ବନ୍ଧରେ ତଥ୍ୟ ପାଇପାରିବେ।

### ଆଦି କର୍ମଯୋଗୀ ଅଭିଯାନରେ କଟକ ଜିଲାର ୨୧ଗାଁ ସାମିଲ

ସରକାରଙ୍କ ଯୋଜନାଗୁଡ଼ିକ ସହ ହିତାଧିକାରୀଙ୍କୁ ସଂଯୋଗ କରାଯାଇ ସେମାନଙ୍କୁ ସଶକ୍ତ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ। ତାଲିମପ୍ରାପ୍ତ କର୍ମଯୋଗୀମାନେ ଘରକୁ ଘର ଯାଇ ଗାଁ ଲୋକଙ୍କୁ ଏ ସମ୍ପର୍କରେ ଜଣାଇବେ। ଗ୍ରାମବାସୀଙ୍କ ସାମାଜିକ, ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ଏବଂ ଶିକ୍ଷା, ଜୀବିକା, ସ୍ୱାସ୍ଥ୍ୟସେବା, ଜଳ, ବିଦ୍ୟୁତ୍, ଗୃହ, ଡିଜିଟାଲ ସଂଯୋଗ ଭଳି ମୌଳିକ ସୁବିଧା ଯୋଗାଇବା ଏବଂ ଆଦିବାସୀ ପରିଚୟକୁ ସଂରକ୍ଷଣ କରିବା ତଥା ସ୍ଥାନୀୟ ନେତୃତ୍ୱକୁ ସଶକ୍ତ କରିବା ଏହି ଅଭିଯାନର ଲକ୍ଷ୍ୟ ରହିଛି। ଅତିରିକ୍ତ ଜିଲାପାଳ ଡ. ଇପସିତା ପ୍ରିୟଦର୍ଶିନୀ ମିଶ୍ର, ଆଠଗଡ଼ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର ଓ ବିଭିନ୍ନ ବ୍ଲକର ଅଧିକାରୀମାନେ ଉପସ୍ଥିତ ଥିଲେ। ୨୦୧୧ ଜନଗଣନା ଅନୁଯାୟୀ ୫୦୦ ଜନସଂଖ୍ୟା ବିଶିଷ୍ଟ ଗ୍ରାମ ଯେଉଁଠାରେ ୫୦ ପ୍ରତିଶତ ଜନସଂଖ୍ୟା ଆଦିବାସୀ ସମ୍ପ୍ରଦାୟର ହୋଇଥିବେ ସେହି ଅନୁଯାୟୀ ଗ୍ରାମଗୁଡ଼ିକୁ ଚିହ୍ନଟ କରାଯାଇଛି।

# ଜଳବାୟୁ ପରିବର୍ତ୍ତନ ପ୍ରଭାବ ହ୍ରାସ ପାଇଁ ସହଯୋଗ ଅପରିହାର୍ଯ୍ୟ




ପରିବେଶ ସଚେତନତା ରାଲି।

କଟକ,୧।୯(କାର୍ତ୍ତିକ ସାହୁ)

କଟକର ସମସ୍ତ ଇନରହୁଇଲ କ୍ଲବ ଓ ଜନ ଶିକ୍ଷଣ ସଂସ୍ଥାନର ମିଳିତ ଆନୁକୂଲ୍ୟରେ ଜଳବାୟୁ ପରିବର୍ତ୍ତନର ପଦଚିହ୍ନ ଏବଂ ମିଆୱାକି ଜଙ୍ଗଲ ସୃଷ୍ଟି ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସିଡିଏ ସେକ୍ଟର-୮ସ୍ଥିତ ଜନଶିକ୍ଷଣ ସଂସ୍ଥାନର ସମ୍ମିଳନୀ କକ୍ଷରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ପରିବେଶ ବିଜ୍ଞାନୀ ଡ. ଆଶୁତୋଷ ଦେବତା ଯୋଗଦେଇ ଜଳବାୟୁ ପରିବର୍ତ୍ତନ ପ୍ରଭାବ ହ୍ରାସ କରିବା ପାଇଁ ସମସ୍ତ ନାଗରିକ ସହଯୋଗ ଅପରିହାର୍ଯ୍ୟ ବୋଲି ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଜନଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶିକା ଅନିମା ଦାଶ ଜଳବାୟୁ ପରିବର୍ତ୍ତନ ଭଳି ବିଶ୍ୱ ସମସ୍ୟା ସମାଧାନରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଇନରହୁଇଲ କ୍ଲବ ପୂର୍ବତନ ଜିଲା ଅଧକ୍ଷା ପୁଷ୍ପଲତା ମହାନ୍ତି, ସଂଘମିତ୍ରା ସାହୁ, ଅନୀତା ପତିଙ୍କ ସମେତ ସଭାନେତ୍ରୀ ସୌମ୍ୟା ମହାନ୍ତି, ରୀତି ମୁକ୍ତା ପଟ୍ଟନାୟକ, ରଶ୍ମି କାନୁନଗୋ, ସୁସ୍ମିତା ମହାନ୍ତି, ସନ୍ଦୀପା ଦାସ, ଜ୍ୟୋତ୍ସ୍ନା ପରିଡ଼ା, ନିର୍ଝରିଣୀ ମହାନ୍ତି, ଡ. ମିତା ଦେବତା, ଗାୟତ୍ରୀ ସାହୁ, ଡାକ୍ତର ଲିପ୍ସା ପଣ୍ଡା, ମମତା ବେବର୍ତ୍ତା, ମଧୁ ପଟେଲ, ମିନୁ ଚୌଧୁରୀ, ଲୋପାମୁଦ୍ରା ତ୍ରିପାଠୀ, ଉର୍ମିଳା ବେହେରା, ଶୁଭଦା ମିଶ୍ର, ସୌମ୍ୟା ସ୍ୱାଇଁ ଓ ସଭ୍ୟାମାନେ ଯୋଗ ଦେଇଥିଲେ। ଏହି ଅବସରରେ ପରିବେଶ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଜନ ଶିକ୍ଷଣ ସଂସ୍ଥାନର ସମ୍ପିତ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଭସାଣି ଶୋଭାଯାତ୍ରା ପୂର୍ବରୁ ନିୟମ ପାଳନ ତଦାରଖ କରାଯାଉ



ସୁଭାଷ ସଙ୍ଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

### ସୁଭାଷ ସଙ୍ଗଠନ ପକ୍ଷରୁ ଡିସିପିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କଟକ,୧।୯(ଶିଳ୍ପା ପ୍ରିୟଦର୍ଶିନୀ)

ସୁଭାଷ ସଙ୍ଗଠନ ପକ୍ଷରୁ କଟକ ଡିସିପିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଡିସିପି ଅମରନ୍ଦ୍ର ପଣ୍ଡାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରବିବାର ପ୍ରଥମ ପର୍ଯ୍ୟାୟ ଗଣେଶ ଭସାଣି ଥିବାବେଳେ ଶୋଭାଯାତ୍ରାରେ ଡିଜେ ସିଷ୍ଟମରେ ସାଉଣ୍ଡ ବଜାଇବା ପାଇଁ ଲାଗିଥିବା ନିୟମକୁ ନେଇ ବିଭିନ୍ନ କ୍ଲବ ମାନଙ୍କ ସହିତ ପୋଲିସର ବ୍ୟବହାରକୁ ନେଇ କ୍ଷୋଭ ପ୍ରକାଶ ପାଇଥିବାବେଳେ ଏହାକୁ ବିରୋଧ କରିଛି ସୁଭାଷ ସଙ୍ଗଠନ। ଉକ୍ତ ଦାବିପତ୍ରରେ ପୋଲିସ କର୍ମଚାରୀମାନେ ମଣ୍ଡପ ବା କ୍ଲବ ପାଖରୁ ମେଢ ବାହାରିଲା ବେଳେ ସାଉଣ୍ଡ ସିଷ୍ଟମ୍ ଅନୁଧ୍ୟାନ କରି ମେଢ଼କୁ ଆଗକୁ ଗଡାନ୍ତୁ, ଭସାଣି ଉତ୍ସବ ଚାଲୁଥିବା ସମୟରେ ମେଢ଼କୁ ମଝିରେ ଅଟକାଇ ସାଉଣ୍ଡ ସିଷ୍ଟମକୁ କାଢ଼ିବା କେଉଁଠି ନା କେଉଁଠି ଭାବାବେଗକୁ ଆଘାତ ଦେଉଛି। ଯଦି ଏହି ନିୟମକୁ କଡାକଡି ପାଳନ କରାଯାଉଛି ତେବେ ଅନ୍ୟ ସମ୍ପ୍ରଦାୟ ପର୍ବପର୍ବାଣୀ ତଥା ଶୋଭାଯାତ୍ରାରେ ବଜାଉଥିବା ଉଚ୍ଚସାଉଣ୍ଡ ଉପରେ ମଧ୍ୟ ଏହି ନିୟମ ଲାଗୁ ହେବା ଆବଶ୍ୟକ ବୋଲି ଉଲ୍ଲେଖ କରାଯାଇଥିଲା। ଏହାସହ ସର୍ବସାଧାରଣରେ ଜଣେ ସାମାଜିକ କର୍ମୀଙ୍କୁ ଚିହ୍ନି ନ ପାରି ପରିଚୟ ପଚାରିଥିବାରୁ ଏହି ଅବସରରେ ଅତିରିକ୍ତ ଡିସିପିଙ୍କୁ ନିଜ ବାୟୋଡାଟା ସହ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟପଟେ ଉକ୍ତ ଦାବିପତ୍ରକୁ ଅତିରିକ୍ତ ଡିସିପି ଅମରନ୍ଦ୍ର ପଣ୍ଡା ଗ୍ରହଣ କରି ଏଦିଗରେ ଧ୍ୟାନ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସଙ୍ଗଠନ ସମ୍ପାଦକ ସୁରେଶ ମହାନ୍ତି ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର ଜ୍ଞାନରଞ୍ଜନ ଦାସ, ବାପୁଜୀ କର, ସନ୍ତୋଷ ମହାନ୍ତି, ଅନ୍ନଦା ପ୍ରସାଦ ଦାସ, ଏନ୍.ଫଗୁଆ, ଲୋପାମୁଦ୍ରା ଷଡ଼ଙ୍ଗୀ, ଶ୍ରୀକାନ୍ତ ସାମଲ, ଭବାନୀ ଶଙ୍କର ମହାପାତ୍ର, କାର୍ତ୍ତିକ କୁମାର ସାହୁ, ଶୁଭେନ୍ଦୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ମାନସିକ ଚାପଗ୍ରସ୍ତ ହୋଇ ଯୁବକଙ୍କ ଆତ୍ମହତ୍ୟା

ସାଲେପୁର,୧।୯(ଅରବିନ୍ଦ ଭୂୟାଁ)

ଜଣେ ଯୁବକ ମାନସିକ ଚାପଗ୍ରସ୍ତ ହୋଇ ଆତ୍ମହତ୍ୟା କରିଥିବା ନେଇ ଭୁବନେଶ୍ୱରସ୍ଥିତ ଇନ୍‌ଫୋସିଟି ଥାନାରେ ବାପା ଅଭିଯୋଗ କରିଛନ୍ତି। ମୃତକ ହେଲେ ସାଲେପୁର ବ୍ଲକ ଭୀମଦାସପୁର ପଞ୍ଚାୟତ ଅନ୍ତର୍ଗତ ତଳପଦା ଗ୍ରାମର ନିରଞ୍ଜନ ମହାନ୍ତିଙ୍କ ଏକମାତ୍ର ପୁତ୍ର ଅରୁଣ(୪୦)। ଅଭିଯୋଗ ଅନୁଯାୟୀ, ଅରୁଣ ପ୍ରାୟ ୨ ବର୍ଷ ହେବ ଭୁବନେଶ୍ୱର ପଟିଆ କଳାରାହାଙ୍ଗସ୍ଥିତ ଏକ ଆପାର୍ଟମେଣ୍ଟରେ ସ୍ତ୍ରୀ ଓ ଝିଅ ସହ ରହୁଥିଲେ। ପ୍ରାୟ ଏକ ବର୍ଷ ହେବ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ସ୍ତ୍ରୀ ହିରଣ୍ୟମୟୀ ଝିଅକୁ ନେଇ ଚାନ୍ଦୋଳସ୍ଥିତ ବାପଘରକୁ ଚାଲିଯାଥିଲେ। ଏଥିସହ ଡେରାବିଶ ଥାନାରେ ଅରୁଣଙ୍କ ବିରୋଧରେ ଏତଲା ମଧ୍ୟ ଦେଇଥିଲେ। କିଛିଦିନ ତଳେ ହିରଣ୍ୟମୟୀଙ୍କ ଭରଣ ପୋଷଣ ବାବଦକୁ ମାସିକ ୨୫୦୦୦ ଟଙ୍କା ଦେବାକୁ କୋର୍ଟରୁ ଅରୁଣଙ୍କ ପାଖକୁ ଏକ ନୋଟିସ ଆସିଥିଲା। ଏନେଇ ଅରୁଣ ମାନସିକ ଚାପରେ ଥିଲେ। ରବିବାର ବିଳମ୍ବିତରାତିରେ ଅରୁଣ ଘରକୁ ଫୋନକରି ଆଉ ବଞ୍ଚିବେ ନାହିଁ ବୋଲି କହିଥିଲେ। ଏହାଶୁଣି ତାଙ୍କ ଆପାର୍ଟମେଣ୍ଟର ସିକ୍ୟୁରିଟିକୁ ବାପା ଫୋନ କରି ଜଣାଇଥିଲେ। ଏଥିସହ ଆପାର୍ଟମେଣ୍ଟର ଅନ୍ୟ ଲୋକଙ୍କୁ ଜଣାଇଥିଲେ। ଲୋକେ ଘଟଣାସ୍ଥଳରେ ପହଞ୍ଚି ଅରୁଣଙ୍କୁ ଡାକିଥିଲେ ମଧ୍ୟ ସେ କବାଟ ଖୋଲି ନ ଥିଲେ। ଏହାପରେ କବାଟ ଭାଙ୍ଗି ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତୁରନ୍ତ ତାଙ୍କୁ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅରୁଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ନବ ବିବାହିତା ମୃତ୍ୟୁ ଘଟଣାରେ ସ୍ୱାମୀ ଗିରଫ

**ଅନ୍ୟ ୪ଜଣଙ୍କ ନାମରେ ହତ୍ୟା ଅଭିଯୋଗ**

ଖୁଣ୍ଟୁଣୀ,୧।୯ (ସଚ୍ଚିଦାନନ୍ଦ ପଣ୍ଡା)

ଗୁରୁଡ଼ିଝାଟିଆ ଥାନା ଅଞ୍ଚଳରେ ଏକ ଭଡ଼ା ଘରୁ ନବ ବିବାହିତା ପୁଷ୍ପାରାଣୀ ନାୟକଙ୍କ ମୃତଦେହ ଗତ ୩୦ ତାରଖରେ ପୋଲିସ ଜବତ କରିଥିଲା। ଏହି ଘଟଣାରେ ସୋମବାର ପୋଲିସ ପୁଷ୍ପାରାଣୀଙ୍କ ସ୍ୱାମୀ ଅମର ପ୍ରସାଦ ଲେଙ୍କାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ମାମଲା (ନଂ.୧୬୯/୨୫) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଆଇଆଇସି ତପନ କୁମାର ଲେଙ୍କା କହିଛନ୍ତି। ବିବରଣୀରୁ ପ୍ରକାଶ କଟକ ଜିଲା ନେମାଳ ଥାନା ଘଣ୍ଟାଲୋ ଗ୍ରାମର ପୁଷ୍ପାରାଣୀଙ୍କ ମା'ବାପା ମଧ୍ୟପ୍ରଦେଶ ଗୁଆଲିୟରରେ ରହୁଥିଲେ। ପୁଷ୍ପାରାଣୀ ଦାଦା ହଳଧରଙ୍କ ନିକଟରେ ଥିଲେ। ସେ କେନ୍ଦ୍ରାପଡା ସଦର ଥାନା ବାରିମୂଳ ଯଁନର ଗ୍ରାମର ଅମରଙ୍କୁ ଭଲ ପାଇ ଘରେ କାହାକୁ କିଛି ନ କହି ଗତ ଫେବୃଆରୀ ୨୫ରେ ଅମର ଘରକୁ ପଳାଇ ଆସିଥିଲେ। କିଛି ଦିନ ରହିବା ପରେ ଅମର, ତାଙ୍କ ମା', ବାପା ଓ ଦିଅରନଣନ୍ଦ ମିଶି ପୁଷ୍ପାରାଣୀଙ୍କ ଉପରେ ଯୌତୁକ ଦାବି କରି ମାନସିକ ଓ ସାରିରିକ ନିର୍ଯାତନା ଦେଇ ଆସୁଥିଲେ। ଏହା ଜାଣିବା ପରେ ଦାଦା ହଳଧର ପୁଷ୍ପାରାଣୀଙ୍କ ଶାଶୁଘରକୁ ଯାଇ ସମାଧାନ କରି ଆସିଥିଲେ। ଏବେ ଅମର କିଛି ଦିନ ହେବ ଗୁରୁଡ଼ିଝାଟିଆ ଥାନା କୋଳଥପଙ୍ଗି ଗ୍ରାମ ନିକଟ ଏକ କାରଖାନାରେ କାମ କରୁଥିବାରୁ ପୁଷ୍ପାରାଣୀଙ୍କ ସହିତ ଏଠାରେ ଏକ ଭଡାଘରେ ରହୁଥିଲେ। ଗତ ୩୦ ତାରିଖରେ ପୁଷ୍ପା ବେକରେ ନିଜ ପିନ୍ଧା ଲୁଗା ଫ୍ୟାନରେ ଲଗାଇ ମୃତ୍ୟୁବରଣ କରିଥିବା ଅମର ପୁଷ୍ପାଙ୍କ ଦାଦାଙ୍କୁ କହିଥିଲେ। ପୋଲିସ ମୃତଦେହ ଜବତ କରି ଆଠଗଡ଼ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ହଳଧର ଆସି ଘଟଣାର ସବୁ ତଥ୍ୟ ବୁଝିବା ପରେ ରବିବାର ଥାନାରେ ଝିଆରୀଙ୍କୁ ଅମର ତାଙ୍କ ମା', ବାପା ଓ ଦିଅରନଣନ୍ଦ ମିଶି ମାରି ଦେଇଥିବା ଲିଖିତ ଏତଲା ଦେଇ ଅଭିଯୋଗ କରିଥିଲେ।

# ଏସ୍‌ସିବିରେ ତୃତୀୟ ଯକୃତ ପ୍ରତିରୋପଣ ପାଇଁ ପ୍ରସ୍ତୁତି

କଟକ,୧।୯ (ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ସୋମବାର ଅପରାହ୍ନରେ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଡିଏମ୍‌ଇଟି ଡା. ଉମାକାନ୍ତ ଶତପଥୀଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ମେଡିକାଲର ୨୦ଜଣ ବରିଷ୍ଠ ଡାକ୍ତର ଉପସ୍ଥିତ ଥିଲେ। ହାଇଦ୍ରାବାଦର ଏସିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି (ଏଆଇଜି)ର ବରିଷ୍ଠ ଉପସଭାପତି ସନ୍ତୋଷ ସାହୁ ବୈଠକରେ ଉପସ୍ଥିତ ଥିଲେ। ଯକୃତ ପ୍ରତିରୋପଣ ନିମନ୍ତେ ଅଭିଜ୍ଞ ଡାକ୍ତରୀ ଦଳ ଗଠନ କରିବା ଓ କିଛି ଅତ୍ୟାବଶ୍ୟକ ମେଶିନ କ୍ରୟ ଦିଗରେ ବୈଠକରେ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ପ୍ରତିରୋପଣ ପାଇଁ କାର୍ଯ୍ୟପନ୍ଥା ପ୍ରସ୍ତୁତ କରାଯାଉଥିବା ଅତିରିକ୍ତ ଡିଏମ୍‌ଇଟି ଡାକ୍ତର ଶତପଥୀ କହିଛନ୍ତି। ସେହିପରି ଏଆଇଜି ପକ୍ଷରୁ କିଛି ପରାମର୍ଶ ଦିଆଯାଇଥିବାବେଳେ ଏହାର ଅନୁପାଳନ ନିମନ୍ତେ ମଧ୍ୟ ବିଚାର କରାଯାଇଥିଲା। ସେହିପରି ଯକୃତ ପ୍ରତିରୋପଣ ୟୁନିଟ ନିମନ୍ତେ ଅବଶିଷ୍ଟ ମେଶିନ କିଣିବା ପାଇଁ ଆଲୋଚନା କରାଯାଇଥିଲା। ଏହାସହ ପୂର୍ବରୁ ଥିବା କମିଟିକୁ ପୁନଃ ସଙ୍ଗଠିତ କରିବା ଦିଗରେ ପ୍ରଚେଷ୍ଟା କରାଯିବା ସହ ମେଡିକାଲର ଡାକ୍ତର ଓ ନର୍ସିଂ ଅଫିସରଙ୍କୁ ପ୍ରଶିକ୍ଷଣ ନିମନ୍ତେ ପୁଣି ଥରେ ପ୍ରସ୍ତୁତ କରାଯିବା ଉପରେ ଆଲୋଚନା କରାଯାଇଥିଲା।

# ସିଡିଏର ୪୩ତମ ପ୍ରତିଷ୍ଠା ଦିବସ



ନେତାଜୀ ବସ୍ ଟର୍ମିନାଲ ସଭାଗୃହରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସ ଉତ୍ସବରେ ଉପସ୍ଥିତ ଅତିଥି।

କଟକ,୧।୯(କାର୍ତ୍ତିକ ସାହୁ)

କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ର ୪୩ତମ ପ୍ରତିଷ୍ଠା ଦିବସ ସମାରୋହ କଟକ ନେତାଜୀ ବସ୍ ଟର୍ମିନାଲ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଯୋଗଦେଇ ଲୋକଙ୍କୁ ସୁବିଧା ଯୋଗାଇବା ଦିଗରେ ସିଡିଏ କର୍ମଚାରୀମାନେ କାର୍ଯ୍ୟ କରନ୍ତୁ ବୋଲି କହିଥିଲେ। ଏହି ଅବସରରେ ଏଲଆଇଜି, ନରଣପୁରଠାରେ ପଜେସନ୍ ଉପଭୋକ୍ତାଙ୍କୁ କାଗଜପତ୍ର ହସ୍ତାନ୍ତର କରାଯାଇଥିଲା। ସଂସ୍ଥାର ଶ୍ରେଷ୍ଠ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସିଡିଏ ଉପାଧ୍ୟକ୍ଷା କିରଣଦୀପ୍ କୌର ସହୋତା କର୍ମଚାରୀମାନେ ଲୋକଙ୍କ ସ୍ୱାର୍ଥରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସିଡିଏ ସଚିବ ଶ୍ୱେତ କୁମାର ଦାଶ ବିବରଣୀ ପାଠ କରିଥିଲେ। ବିଜୟ ଭୂଷଣ ପତି କାର୍ଯ୍ୟକ୍ରମ ପରିଚାଳନା ଓ ଦେବାଶିଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାପାଳଙ୍କ ଜନଶୁଣାଣି ଶିବିରରେ ୪୮ ଅଭିଯୋଗ

କଟକ ସଦର,୧।୯(ସୁଶାନ୍ତ କୁମାର ଜେନା)

କିଶନ ନଗରଠାରେ ତହସିଲସ୍ତରୀୟ ଜିଲାପାଳଙ୍କ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଯୋଗଦେଇ ୪୮ଟି ଅଭିଯୋଗର ଶୁଣାଣି କରିଥିଲେ। ଅଭିଯୋଗକାରୀଙ୍କୁ ସଂଖ୍ୟା କମ ଥିବାରୁ ଜିଲାପାଳ ଦେଢ଼ ଘଣ୍ଟା ମଧ୍ୟରେ ଶୁଣାଣି ସାରି ତହସିଲ କାର୍ଯ୍ୟାଳୟରୁ ଚାଲିଯାଇଥିଲେ। ପରେ ଜିଲା ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ଏବଂ ବିଡିଓ ପ୍ରତୀକ ସାହୁ ଉପସ୍ଥିତ ରହି ପଛରେ କେତେଜଣ ଲୋକଙ୍କ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ଶୁଣାଣି ବେଳେ କମରପଦା ମୌଜାରେ ରାସ୍ତା ପାଇଁ ଭୂମି ଅଧିଗ୍ରହଣ ସମ୍ପର୍କରେ ପ୍ରଶାନ୍ତ ପ୍ରଧାନ ଓ ତ୍ରିନାଥ ଦାଶ ଅଭିଯୋଗ କରିଥିଲେ। ଆର୍ଥିକ ସଙ୍କଟରେ ସେମାନେ ଥିବାରୁ ଜମି ବିକ୍ରି ପାଇଁ ଇଚ୍ଛା ପ୍ରକାଶ କରୁଛନ୍ତି। ମାତ୍ର ଭୂମିଗ୍ରହଣ ସମ୍ପର୍କରେ ସରକାର ସ୍ପଷ୍ଟ କରୁ ନ ଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି ବୋଲି ପ୍ରଶାନ୍ତଙ୍କ ସମେତ ୫ଜଣ ଅଭିଯୋଗ କରିଥିଲେ। ହେଲେ ଜିଲାପାଳ କୌଣସି ଆଶ୍ୱାସନା ଦେଇ ପାରି ନ ଥିଲେ। ଶିବିରରେ ଅତିରିକ୍ତ ଜିଲାପାଳ ଶିବୋ ଟପୋ, ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାଶ ଉପସ୍ଥିତ ଥିଲେ। ଜୁଲାଇ ୨୮ ତାରିଖରେ କଟକ ସଦର ବ୍ଲକ ପରିସରରେ ହୋଇଥିବା ଜଣାଶୁଣା ଶିବିରରେ ଦାଖଲ ହୋଇଥିବା ଅଭିଯୋଗର ଅଦ୍ୟାବଧି ନିଷ୍ପତ୍ତି ହୋଇ ନାହିଁ। ସେଥିପାଇଁ ଆଜିର ଶୁଣାଣିରେ ସେହି ଲୋକମାନେ ପୁନଃ ଅଭିଯୋଗପତ୍ର ଦାଖଲ କରୁଥିବା ଦେଖାଯାଇଥିଲା।

# କାରଖାନା ନ ଚାଲିବା ପର୍ଯ୍ୟନ୍ତ ପୁଣି ଆନ୍ଦୋଳନ ନିଷ୍ପତ୍ତି

### ଓଟିଏମ୍ ବଞ୍ଚାଅ ସତ୍ୟାଗ୍ରହକୁ ୨୦ବର୍ଷ ପୂରିଲା

ଚୌଦ୍ୱାର,୧।୯(ଆଶୁତୋଷ ଦାସ)

ଚୌଦ୍ୱାରସ୍ଥିତ ବନ୍ଦ ଓଟିଏମ୍‌ର ଭିତ୍ତିଭୂମି ଉପରେ ନୂତନ ଶିଳ୍ପ ପ୍ରତିଷ୍ଠା ଦାବିରେ ଓଟିଏମ୍ ଶ୍ରମିକ ସଙ୍ଗଠନ ପକ୍ଷରୁ ୨୦୦୫ ସେପ୍ଟେମ୍ବର ୧ରେ ଆରମ୍ଭ କରାଯାଇଥିବା ସତ୍ୟାଗ୍ରହକୁ ସୋମବାର ୨୦ ବର୍ଷ ପୂରଣ ହୋଇଛି। ଏହି ଅବସରରେ ଓଟିଏମ୍ ବଞ୍ଚାଅ ସଙ୍ଗଠନ ପକ୍ଷରୁ ଓଟିଏମ୍ କମ୍ପାନୀ ପରିସରସ୍ଥିତ ହନୁମାନ ମନ୍ଦିରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଓଟିଏମ୍ ଶ୍ରମିକ ଓ ଜନସାଧାରଣଙ୍କ ପ୍ରତିନିଧିମାନେ ବନ୍ଦ ଓଟିଏମ୍ ଗେଟ ସମ୍ମୁଖରେ ଏକତ୍ରିତ ହୋଇ ଆନ୍ଦୋଳନର ପ୍ରତୀକ ଲାଲ୍ ପତାକା ଉତ୍ତୋଳନ କରିଥିଲେ। ସଙ୍ଗଠନର ଆବାହକ ତଥା ଶ୍ରମିକ ନେତା ଦୀପକ ବାରିକ ଆୟୋଜିତ ସଧାରଣ ସଭା ଯୋଗ ଦେଇ କହିଥିଲେ ଯେ, ଦୀର୍ଘ ୨୦ ବର୍ଷତଳେ ଓଟିଏମ୍‌ର ପୁନଃପ୍ରତିଷ୍ଠା ଓ ସମସ୍ତ ଶ୍ରମିକ ଓ କର୍ମଚାରୀଙ୍କ ସହ ବକେୟା ପ୍ରାପ୍ୟ ପ୍ରଦାନ ଦାବିରେ ଆନ୍ଦୋଳନ ଦୀର୍ଘଦିନ ଚାଲିଥିଲା। ୨୦୨୪ ଫେବୃଆରୀ ୧୭ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଟିଏମ୍ ଜମିରେ ପ୍ରସ୍ତାବିତ ଟେକ୍ସଟାଇଲ ଓ ଲଜିଷ୍ଟିକ ପାର୍କ ନିର୍ମାଣପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପ୍ରତିଷ୍ଠିତ ଶିଳ୍ପଗୋଷ୍ଠୀ ୱେଲସ୍ପନ୍ କମ୍ପାନୀ ଏହି ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ଓ ପରିଚାଳନା ଦାୟିତ୍ୱ ନେଇଥିବାବେଳେ ଏଯାବତ୍ ଏଦିଗରେ କୌଣସି ଅଗ୍ରଗତି ପରିଲକ୍ଷିତ ହେଉ ନ ଥିବା ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି। ସୋମବାର ଅନୁଷ୍ଠିତ ବୈଠକରେ ବିଭୁପ୍ରସାଦ ରଥ, ଦୁଲାଳସେନ ସ୍ୱାଇଁ, ନବ କିଶୋର ଭୂୟାଁ, ବିଜୟ କୁମାର ସାହୁ, ଭରତ ଚରଣ ଓଝା, ସରୋଜ ନାୟକ, ଅଜୟ ପରିଡ଼ା, ବିଷ୍ଣୁ ଚରଣ ମହାରଣା, ବିଷ୍ଣୁ ଚରଣ ସ୍ୱାଇଁ ପ୍ରମୁଖ ଶ୍ରମିକ ପ୍ରତିନିଧି ଉଦ୍‌ବୋଧନ ଦେଇ କାରଖାନା ପ୍ରତିଷ୍ଠା ଦିଗରେ ସରକାରଙ୍କ ଉଦାସୀନତାକୁ ବିରୋଧ କରିଥିଲେ। ବିଧିବଦ୍ଧ ଭାବେ କାରଖାନା ପ୍ରତିଷ୍ଠା ପାଇଁ ସରକାରଙ୍କଠାରେ ଦାବି ରଖିବା ସହ କାରଖାନା ଚାଲୁ ନ ହେବା ପର୍ଯ୍ୟନ୍ତ ପୂର୍ବବତ୍ ଧାରଣା କାର୍ଯ୍ୟକ୍ରମ ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଛି।



ଓଟିଏମ୍ ବଞ୍ଚାଅ ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ ସାଧାରଣ ସଭାରେ ଉପସ୍ଥିତ ସଭ୍ୟବୃନ୍ଦ।

**ଖୋର୍ଦ୍ଧା ବ୍ଲକର ଦୁର୍ଗାପୂଜା ପ୍ରସ୍ତୁତି ବୈଠକ**

ଖୋର୍ଦ୍ଧା,(ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧା ବ୍ଲକ ପକ୍ଷରୁ ସାର୍ବଜନୀନ ଶାରଦୀୟ ପୂଜା ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂଜା କମିଟିର ସଭାପତି ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ସଭାପତିତ୍ୱ କରିଥିଲେ। ଶୃଙ୍ଖଳିତ ପୂଜା, ସାଜସଜ୍ଜା, ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦେବ ଉପସ୍ଥିତ ଥିଲେ। ଏଥିରେ ଉପାଧ୍ୟକ୍ଷ ସୌମ୍ୟରଞ୍ଜନ ମହାନ୍ତି, ଦେବେନ୍ଦ୍ର ମଙ୍ଗରାଜ, ପୂର୍ବତନ କୁଳପତି ନେଜର ଶାରୋଜ ପ୍ରସାଦ ମହାନ୍ତି, ସବ୍ୟସାଚୀ ଚକ୍ରବର୍ତ୍ତୀ, କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଅଭିଷେକ ସଂଘ ସାମନ୍ତ, ଆଇନଜୀବୀ ପ୍ରଫୁଲ୍ଲ ମହାନ୍ତି, ବିଜେନ୍ଦ୍ର ପ୍ରଧାନ, ପ୍ରହ୍ଲାଦ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

# ରାସ୍ତା କାମ ନ କରି ୮ ଲକ୍ଷ ଟଙ୍କା ଆତ୍ମସାତ୍

**ଖୋର୍ଦ୍ଧା,୧୯(ପ୍ରଭାତ ପାଣିଗ୍ରାହୀ)**

ବୋଲଗଡ଼ ବ୍ଲକ ଆରିକମା ପଞ୍ଚାୟତ ଅନ୍ତର୍ଗତ ବେଗୁନିଆମୂଳ ଓ ବେଗୁନିଆମୂଳ ପାଟଣା ଗ୍ରାମରେ ରାସ୍ତା ନିର୍ମାଣରେ ଅନିୟମିତତା ହୋଇଛି। କାମ ନ କରି ମିଛୁ ବିଲ୍ କରି ୮ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଛି। ଏନେଇ ସ୍ଥାନୀୟ ପ୍ରଶାସନଠାରୁ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହି ଅନିୟମିତତାରେ ସମ୍ପୃକ୍ତ ବ୍ୟକ୍ତି ଏବଂ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ସୋମବାର ଉକ୍ତ ପଞ୍ଚାୟତର ଏକାଧିକ ଗ୍ରାମବାସୀ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣିରେ ଅଭିଯୋଗ କରିବା ସହ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସିଥିଲେ। କାର୍ଯ୍ୟାନୁଷ୍ଠାନ ନ ହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏପରିକି ଜିଲ୍ଲା ପ୍ରଶାସନ ନିକଟରୁ ନ୍ୟାୟ ନ ମିଳିଲେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିବେ ବୋଲି ଅନଶନକାରୀ କହିଛନ୍ତି। ଅଭିଯୋଗ ମୁତାବକ, ବେଗୁନିଆମୂଳ ଗ୍ରାମର ଶ୍ମଶାନକୁ ଯିବା ପାଇଁ ରାସ୍ତା ନ ଥିଲା। ବାରମ୍ବାର ଦାବି ପରେ ୨୦୨୨-୨୩ରେ ପ୍ରଥମେ ୬ଲକ୍ଷ ଟଙ୍କା ବ୍ୟୟରେ ମାଟି ପକାଯାଇ ରାସ୍ତା ନିର୍ମାଣ କରାଯାଇଥିଲା। ଏହାର ସବିଶେଷ ତଥ୍ୟ ନାମଫଳକରେ ଉଲ୍ଲେଖ ରହିଥିଲା। ପରବର୍ତ୍ତୀ ସମୟରେ ଏହି ରାସ୍ତାର ଉନ୍ନତୀକରଣ ପାଇଁ ପୁନଃ ୮ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ତେବେ ପୁରୁଣା ନାମଫଳକରେ କେବଳ ନୂଆ କାମର କୋଡ ନମ୍ବର ପରିବର୍ତ୍ତନ କରି କୌଣସି କାମ ନ କରି ଟଙ୍କା ନେଇଗଲେ। ଏହି ହରିଲୁଟ ପଛରେ ବ୍ଲକ ପ୍ରଶାସନର କେତେଜଣ ଅସାଧୁ କର୍ମଚାରୀ, ଅଧିକାରୀଙ୍କ ହାତ ରହିଥିବା ଗ୍ରାମବାସୀ କହିଛନ୍ତି। ଏନେଇ ଗଣମାଧ୍ୟମରେ ଖବର ପରିବେଷଣ ପରେ ଚର୍ଚ୍ଚାକୁ ଆସିଥିଲା। ପରେ ଏହାର ଫଳକକୁ ଭାଙ୍ଗି ଦିଆଯାଇଥିଲା। ରାସ୍ତା ନିର୍ମାଣରେ ଟଙ୍କା ହରିଲୁଟ କରାଯାଇଥିବା ନେଇ ଅଭିଯୋଗକ୍ରମେ ଗତ ଡିସେମ୍ବର ୩୧ରେ ଭୁବନେଶ୍ୱର ଦୁର୍ନୀତି ନିବାରଣ ଡିଭିଜନ ୭ଜଣଙ୍କ ନାଁରେ ଏକ ମାମଲା(ନଂ.୩୦/୨୪) ରୁଜୁ କରିଛି। ଉକ୍ତ ବ୍ଲକରେ କାର୍ଯ୍ୟରତ ଏପିଓ, କନିଷ୍ଠଯନ୍ତ୍ରୀ, ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆରଏସ୍, ଠିକାଦାର ପ୍ରମୁଖଙ୍କ ନାଁରେ ମାମଲା ରୁଜୁ ହୋଇଥିଲା। ଭିଜିଲାନ୍ସ ଏହାର ଖୋଳତାଡ଼ କରି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିଲା। ଏହି ମାମଲାରେ ଭିଜିଲାନ୍ସର ତଦନ୍ତ ପରିସର ଭୁକ୍ତ ରହିଛି। ତେବେ ଏହି ଘଟଣା ସମ୍ପର୍କରେ ପୂର୍ବରୁ ଗ୍ରାମବାସୀ ବେଗୁନିଆରେ ଜନଶୁଣାଣିରେ ୨ଥର ଏବଂ ଖୋର୍ଦ୍ଧାରେ ଜିଲ୍ଲାସ୍ତରୀୟ ଜନଶୁଣାଣିରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲାପରିଷଦ ନିର୍ବାହୀ ଅଧିକାରୀଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ।

ଏନେଇ ଗ୍ରାମର ପ୍ରଭାତ କୁମାର ବାରିକ କହିଛନ୍ତି, ଗୋଟିଏ ରାସ୍ତାରେ ୨ବର୍ଷରେ ଦୁଇଟି ମଥ୍ୟା ବିଲ୍ କରାଯାଇ ୮ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଛି। ଏନେଇ ଅଭିଯୋଗ ସତ୍ତ୍ୱେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଅନ୍ୟପକ୍ଷରେ ଏନେଇ ଜିଲ୍ଲାପରିଷଦ ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ କହିଛନ୍ତି ଯେ, ଭିଜିଲାନ୍ସ ପକ୍ଷରୁ ତଦନ୍ତ ଚାଲିଛି। ସେହିପରି ଏହି ଅଭିଯୋଗ ପାଇବା ପରେ ଅତିରିକ୍ତ ପିଡିଙ୍କ ସମେତ ୩ଜଣ ଅଧିକାରୀଙ୍କୁ ନେଇ ଏହାର ତଦନ୍ତ କରାଯାଇଛି। ସେମାନଙ୍କ ରିପୋର୍ଟକୁ ଆଧାର କରି ବିଭାଗକୁ ଅବଗତ କରାଯିବ। ପରବର୍ତ୍ତୀ ନିର୍ଦ୍ଦେଶ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ। ତଦନ୍ତରେ ସମ୍ପୂର୍ଣ୍ଣ ନିରପେକ୍ଷତା ଅବଲମ୍ବନ କରାଯାଇଛି।

**କାର୍ଯ୍ୟାନୁଷ୍ଠାନ ଦାବିରେ ଗ୍ରାମବାସୀଙ୍କ ଆମରଣ ଅନଶନ**



## ସଂକ୍ଷେପରେ

### ପରିବା, ଧାନ ଫସଲ ନଷ୍ଟ କଲେ ହାତୀପଲ



**ବେଗୁନିଆ,୧୯(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ବଢ଼ିଚାଲିଛି। ସନ୍ଧ୍ୟା ହେଲେ ଖାଦ୍ୟ ଅନ୍ୱେଷଣରେ ହାତୀପଲ ଗାଁ ପୂଝାଁ ହୋଇ ଲୋକଙ୍କ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏହିକ୍ରମରେ ହାତୀପଲ ଦେଉଳି ଗ୍ରାମ ଅଭିମୁଖେ ଆସି ଧାନ ଫସଲ ସହ ପରିବା ଚାଷ ନଷ୍ଟ କରିଦେଇଛନ୍ତି। ଜେଲୁ ପରିଡ଼ା, ଗୟାଧର ବଳିୟାରସିଂହ ଓ ଗୌରାଙ୍ଗ ମାଣିଆଙ୍କ ପରିବା ଫସଲ ଏବଂ ମନୋରଞ୍ଜନ ମାଣିଆଙ୍କ ସମେତ ବହୁ ଚାଷୀଙ୍କ ଧାନ ଫସଲ ନଷ୍ଟ ହୋଇଥିବା ଜଣାପଡ଼ିଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ବିଧାୟକ ପ୍ରଦୀପ କୁମାର ସାହୁ ଏବଂ ସରପଞ୍ଚ ଅକ୍ଷୟ ରାଉତରାୟ ପ୍ରଶାସନକୁ ଅନୁରୋଧ କରିଛନ୍ତି।

### କରାଟେ ବ୍ଲାକବେଲ୍ଟ ପରୀକ୍ଷାରେ ଖୋର୍ଦ୍ଧା ଜିଲାର ୫ ଉତ୍ତୀର୍ଣ୍ଣ

**ବାଲୁଗାଁ,୧୯(ସଂଗ୍ରାମ ପାଇକରାୟ)**

ସୁକୋକାଇ କରାଟେ ଡୋ ର ବ୍ଲାକବେଲ୍ଟ ପରୀକ୍ଷା ରବିବାର ଉତ୍କଳ କରାଟେ ସ୍କୁଲ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାରେ ୫୦ଜଣ କରାଟେକା ଅଂଶଗ୍ରହଣ କରିଥିଲେ। ସେଥିରୁ ଖୋର୍ଦ୍ଧା ଜିଲାର ବାଲୁଗାଁ ଶାଖାରୁ ୩ଜଣ କୃତି ଦିପନ ବଳବନ୍ତରାୟ, ଧୃତି ଦିପନ ବଳବନ୍ତରାୟ, ରୁଦ୍ର ପ୍ରସାଦ ଶତପଥୀ ଏବଂ ଖୋର୍ଦ୍ଧା ଟାଉନ ଶାଖାରୁ ୨ ଜଣ ଏମ୍. ଡି ଅକିଲ, ଜୟ ଆନନ୍ଦ ସାଇ ଉତ୍ତୀର୍ଣ୍ଣ ହୋଇ ବ୍ଲାକବେଲ୍ଟ ହାସଲ କରିଛନ୍ତି। ଏହି କରାଟେକାମାନେ ଉତ୍କଳ କରାଟେ ସ୍କୁଲ ଖୋର୍ଦ୍ଧା ଜିଲା ମୁଖ୍ୟ ପ୍ରଶିକ୍ଷକ କ୍ୟୋସି ଦୀପକକୁମାର ସାମନ୍ତରା (ବ୍ଲାକବେଲ୍ଟ୭ମ ଡାନ) ଙ୍କ ନିକଟରେ ଶିକ୍ଷା ଗ୍ରହଣ କରନ୍ତି। ଉକ୍ତ ପରୀକ୍ଷାକୁ ଶୁକୋକାଇ କରାଟେ ଡୋ ଭାରତର ମୁଖ୍ୟ ପ୍ରଶିକ୍ଷକ ହାନସି ଡ. ହରି ପ୍ରସାଦ ପଟ୍ଟନାୟକ (ବ୍ଲାକ ବେଲ୍ଟ ୮ମ ଡାନ, ଡବ୍ଲୁ. କେ. ଏଫ୍) ପରିଚାଳନା କରିଥିଲେ। ସିହାନ ଖାରବେଳ ମଲ୍ଲିକ, କ୍ୟୋସି ଦୀପକ କୁମାର ସାମନ୍ତରା ଏବଂ ଅନ୍ୟ ବରିଷ୍ଠ ପ୍ରଶିକ୍ଷକମାନେ ସହଯୋଗ କରିଥିଲେ। ଉତ୍ତୀର୍ଣ୍ଣ କରାଟେକାଙ୍କୁ ସେମାନଙ୍କ ପରିବାର ବର୍ଗ ଓ ଅଞ୍ଚଳର କ୍ରୀଡାପ୍ରେମୀ ଶୁଭେଚ୍ଛା ଜଣାଇଛନ୍ତି।

### ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ବାଣପୁର,୧୯(ଦିଲୀପ କୁମାର ସ୍ୱାଇଁ)**

ବାଣପୁର ବ୍ଲକ ଅନ୍ତର୍ଗତ ଗମ୍ଭାରୀମୁଣ୍ଡା ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭଲିବଲ, ବ୍ୟାଡ଼ ମିଣ୍ଟନ, ଚେସ, ହକି, ବାସ୍କେଟ ବଲ ଆଦି ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ୧୯୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ସନାତନ ଜାଲି, ଅତିଥିଭାବେ ପ୍ରଧାନ ଶିକ୍ଷୟିତ୍ରୀ ସଚଳା ଗୁରୁ, ଶିକ୍ଷକ ତ୍ରିନାଥ ହୋତା, ସମ୍ପାଦକ ପ୍ରଶାନ୍ତ ଜେନା, ପୂର୍ବତନ ସମ୍ପାଦକ ସୌମ୍ୟକାନ୍ତ ସାହୁ, ଦେବେନ୍ଦ୍ର ଦାସ, କନ୍ଧ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ ଗତିକୃଷ୍ଣ ବିଶ୍ୱାଳ ପ୍ରାରମ୍ଭିକ ସ୍ୱାଗତ ଭାଷଣ ଏବଂ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଚାରକ ଭାବେ ଜୟନ୍ତ ବିଶ୍ୱାଳ, ଭାରତୀ ସୁନ୍ଦରାୟ, ସୁନୀଲ ପଟ୍ଟନାୟକ, ବିଜୁ ମାନସିଂହ, ଅଭିନାଶ ଜେନା, ଗତିକୃଷ୍ଣ ବିଶ୍ୱାଳ, ସିଦ୍ଧାନ୍ତ ସ୍ୱାଇଁ ଯୋଗଦେଇଥିଲେ।

### ପ୍ରଧାନ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ନିରାକାରପୁର,୧୯(ମାନସ ଚନ୍ଦ୍ର ପଟ୍ଟନାୟକ)**

ବୋଡ଼ଙ୍ଗରା ପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର କୁମାର ଦାଶ ଶନିବାର ଚାକିରୀରୁ ଅବସର ନେଇଛନ୍ତି। ଏହି ଅବସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ସ୍କୁଲ ପରିଚାଳନା କମିଟି ସଭାପତି ଗୀତାଞ୍ଜଳି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ସରପଞ୍ଚ ସାଗର ବଳିୟାରସିଂହ, ସିଆର୍‌ସିସି ସୁଶାନ୍ତ ମଲ୍ଲିକ, ଶିକ୍ଷାବିତ୍ ହରିବନ୍ଧୁ ମୁଦୁଲି, ପ୍ରସନ୍ନ ଶ୍ରୀଚନ୍ଦନ, କିଶୋର ଜେନା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାବିତ୍ ବିଜୟ ସେଠୀ କାର୍ଯ୍ୟକ୍ରମ ପରିଚାଳନା, ରେଙ୍ଗଟା ସ୍କୁଲର ପ୍ରଧାନ ଶିକ୍ଷକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଦାୟୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ 'ଭକ୍ତ ସାଲବେଗ' ମଞ୍ଚସ୍ଥ ହୋଇଥିଲା।

# ୧୦୨ ଅଭିଯୋଗ ଶୁଣିଲେ ଜିଲାପାଳ



ଜନଶୁଣାଣି ଶିବିରରେ ଜିଲାପାଳ ଅମ୍ରିତ ଋତୁରାଜ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନେ।

**ଜିଲାସ୍ତରୀୟ ଜନଶୁଣାଣି ଶିବିର**

**ଖୋର୍ଦ୍ଧା,୧୯(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅମ୍ରିତ ଋତୁରାଜ ଅଧ୍ୟକ୍ଷତା କରିଥିଲେ। ଶିବିରରେ ମୋଟ୍ ୧୦୨ଟି ଅଭିଯୋଗ ହୋଇଥିଲା। ସେଥିରୁ ବ୍ୟକ୍ତିଗତ ୯୨ଟି ଏବଂ ୧୦ଟି ଗ୍ରାମୀଣ ସମସ୍ୟା ରହିଥିଲା। ୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ପରେ ଜିଲାପାଳ ଋତୁରାଜ ଜିଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ରାଜ୍ୟପାଳ, ଜିଲା ଉନ୍ନୟନ ଦାୟିତ୍ୱରେ ଥିବା ପ୍ରମୁଖ ଶାସନ ସଚିବ ଚିତ୍ରା ଆରୁମୁଗମ ଏବଂ ସାଂସଦଙ୍କ ସମୀକ୍ଷା ରିପୋର୍ଟ ଶୀଘ୍ର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକସ୍ତରରେ ଆୟୋଜିତ ଜନଶୁଣାଣି ଶିବିରରେ ସରକାରଙ୍କ ଯୋଜନାରେ ଜନସାଧାରଣଙ୍କୁ ଅନ୍ତର୍ଭୁକ୍ତ କରି ବିକାଶର ମୁଖ୍ୟସ୍ରୋତରେ ସାମିଲ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠ ତଥା ଜନଶୁଣାଣି ଶିବିରରେ ଆସୁଥିବା ଲୋକଙ୍କ ଅଭିଯୋଗକୁ ଦ୍ରୁତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜନଶୁଣାଣିରେ ପ୍ରତ୍ୟେକ ଯୋଜନାରେ ହିତାଧିକାରୀଙ୍କୁ ସମସ୍ତ ସୁବିଧା ସୁନିଶ୍ଚିତ କରାଯିବ। ସୁକନ୍ୟା ସମୃଦ୍ଧି ଯୋଜନା, ସ୍ୱାସ୍ଥ୍ୟ, କୃଷି, ମତ୍ସ୍ୟ ଓ ପଶୁ ସମ୍ପଦ, ଓଡ଼ିଶା ଜୀବିକା ମିଶନ, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି, ଆୟୁଷ୍ମାନ ଭାରତ, ଅଟଳ ପେନସନ, ବସୁନ୍ଧରା, ରାଜସ୍ୱ ବିଭାଗୀୟ ଅଧୀନ ଜମିଜମା, ଗୃହ ନିର୍ମାଣ ସଂକ୍ରାନ୍ତୀୟ ଜମି ବିବାଦ, ଦକ୍ଷତା ବିକାଶ, ପିଏମ୍ ସୂର୍ଯ୍ୟଘର, ପିଏମ୍ କିଷାନ, ସିଏମ୍ କିଷାନ, ପ୍ରଧାନମନ୍ତ୍ରୀ ମୁଦ୍ରା, ପିଏମ୍ ବିଶ୍ୱକର୍ମା ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସିଧାସଳଖ ସୁବିଧା ଯୋଗାଇ ଦିଆଯିବ ବୋଲି ଜିଲାପାଳ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଅତିରିକ୍ତ ଏସ୍‌ପି ଅନାଦି ଚରଣ ସେଠୀ, ଉପଜିଲାପାଳ କିଶୋର କୁମାର ପଣ୍ଡା, ଏପିଡି କସ୍ତୁରୀବାଳା ଜେନାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଓକିଲାତି ଲାଇସେନ୍ସ ଥାଇ ଅନ୍ୟ ବୃତ୍ତି କଲେ କାର୍ଯ୍ୟାନୁଷ୍ଠାନ

**ଖୋର୍ଦ୍ଧା,୧୯(ପ୍ରଭାତ ପାଣିଗ୍ରାହୀ)**

ଓକିଲାତି କରିବାକୁ ଲାଇସେନ୍ସ ନେଇ ଅନେକ ଚାକିରି, ବିଭିନ୍ନ କମ୍ପାନୀ, ଠିକା କାମ ଏବଂ ଅନ୍ୟ ପେସାରେ ନିଜକୁ ନିୟୋଜିତ କରୁଛନ୍ତି। ଏ ସଂକ୍ରାନ୍ତରେ ଏକାଧିକ ଅଭିଯୋଗ ପାଇବା ପରେ ରାଜ୍ୟ ଆଇନଜୀବୀ ପରିଷଦ କଠୋର ପଦକ୍ଷେପ ଗ୍ରହଣ କରିଛି। ଏହାକୁ ରୋକିବା ପାଇଁ ସମସ୍ତ ବାର୍ ଆସୋସିଏଶନକୁ ପରିଷଦ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ପରିଷଦ ନିର୍ଦ୍ଦେଶକ୍ରମେ ଅନ୍ୟ ବୃତ୍ତିରେ ସମ୍ପୃକ୍ତ ଓକିଲଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଆପରାଧିକ ମାମଲା ରୁଜୁ ହେବ ବୋଲି ସୋମବାର ଖୋର୍ଦ୍ଧା ଜିଲା ଓକିଲ ସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ଜୀବନଜ୍ୟୋତି ମିଶ୍ର କହିଛନ୍ତି। ଆଡଭୋକେଟ୍ ଆଇନ ୧୯୬୧ ନିୟମ ଅନୁଯାୟୀ ଆଇନଜୀବୀ ଲାଇସେନ୍ସ ପାଇବା ପରେ ଜଣେ ଆଇନଜୀବୀ ଅନ୍ୟ ପେସାରେ କାର୍ଯ୍ୟ କରିବା ଉଚିତ ନୁହଁ। ଅନ୍ୟ ବୃତ୍ତିରେ କାମ କରିବା ପେଶାଗତ ନୈତିକତାର ଅବମାନନା ବୋଲି ଧରାଯିବ। ସମ୍ପାଦକ କ୍ଷିରୋଧ ପ୍ରସାଦ ସ୍ୱାଇଁ କହିଛନ୍ତି ଯେ, ଏ ସଂକ୍ରାନ୍ତରେ ସଂଘ କାର୍ଯ୍ୟକାରୀ ବୈଠକରେ ଆଲୋଚନା କରାଯାଇ ସଂଘ ସହ ଜଡ଼ିତ ସମସ୍ତ ଆଇନଜୀବୀଙ୍କୁ ପ୍ରାଥମିକ ଭାବେ ଅବଗତ କରାଯିବ। ଓକିଲାତି ଲାଇସେନ୍ସ ଥିଲେ ଅନ୍ୟ ବୃତ୍ତି କରିପାରିବେ ନାହିଁ ଜଣାଇଦିଆଯିବ। ସଂଘରେ ୬ଶହରୁ ଊର୍ଦ୍ଧ୍ୱ ଆଇନଜୀବୀ ରହିଛନ୍ତି। କେଉଁମାନେ ଅନ୍ୟବୃତ୍ତିରେ ଅଛନ୍ତି, ତାହାର ତାଲିକା ପ୍ରସ୍ତୁତ କରାଯାଇ ସେମାନଙ୍କୁ ନୋଟିସ ଜାରି କରାଯିବ। ଅନ୍ୟ ବୃତ୍ତିରେ ଥିଲେ ତାହା ବନ୍ଦ କରିବାକୁ ପରାମର୍ଶ ଦିଆଯିବ, ଅବମାନନା କଲେ, ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଲାଗି ରାଜ୍ୟ ପରିଷଦକୁ ଅବଗତ କରାଯିବ ବୋଲି ସେ କହିଛନ୍ତି।

# ଗୁଜରାଟରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ଚିକିତ୍ସାରେ ଅବହେଳା, କମ୍ପାନୀର ଅସହଯୋଗ ଅଭିଯୋଗ ଆଣିଲେ ପରିବାର**

**ନିରାକାରପୁର,୧୯(ମାନସ ଚନ୍ଦ୍ର ପଟ୍ଟନାୟକ)**

ଗୁଜରାଟର ଏକ କମ୍ପାନୀରେ କାର୍ଯ୍ୟ କରୁଥିବା ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ରାମେଶ୍ୱର ପଞ୍ଚାୟତର ରାମେଶ୍ୱର ଖମାରସାହିର ଉଦ୍ଧବ କୁମାର ମହାପାତ୍ର (୫୨)। ସୋମବାର ସକାଳେ ତାଙ୍କ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ସ୍ଥାନୀୟ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ସୂଚନା ମୁତାବକ, ଦୀର୍ଘ ୩୦ବର୍ଷ ହେବ ଉଦ୍ଧବ ଗୁଜରାଟର ଆଙ୍କୁଲେଶ୍ୱରସ୍ଥିତ ଜିଆଇଡିସିରେ ଫିଟର ଭାବେ କାର୍ଯ୍ୟ କରୁଥିଲେ। କିଛିଦିନ ପୂର୍ବେ ତାଙ୍କର ଦେହ ଅସୁସ୍ଥ ହେବାରୁ କମ୍ପାନୀ ପକ୍ଷରୁ ତାଙ୍କୁ ସେଠାରେ ଥିବା ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। କମ୍ପାନୀ ପକ୍ଷରୁ ଉଦ୍ଧବଙ୍କୁ ରାମେଶ୍ୱରକୁ ଆଣିବା ନିମନ୍ତେ ସହଯୋଗ ନ ମିଳିବାରୁ ପରିବାରଲୋକେ ଜିଲା ପ୍ରଶାସନ ଏବଂ ଶ୍ରମ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ସୋମବାର ସକାଳେ ତାଙ୍କ ମୃତଦେହ ଗ୍ରାମରେ ପହଞ୍ଚିଥିଲା। ଅନ୍ୟପଟେ ଚିକିତ୍ସାରେ ଅବହେଳା ଯୋଗୁ ଉଦ୍ଧବଙ୍କ ମୃତ୍ୟୁ ଘଟିଛି ବୋଲି ଭାଇ ଭକ୍ତବନ୍ଧୁ ମହାପାତ୍ର ଅଭିଯୋଗ ଆଣିଛନ୍ତି। ସେହିପରି କମ୍ପାନୀର ଅସହଯୋଗ ପାଇଁ ଭିଣୋଇଙ୍କ ମୃତ୍ୟୁ ହୋଇଛି ବୋଲି ଶାଳୀ ଇତିଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି।

## ଟାଙ୍ଗୀକୁ ଏନ୍ଏସି ଘୋଷଣା: ଶ୍ରେୟ ପାଇଁ ଟଣାଓଟରା



ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ ସୂଚନା ଦେଉଛନ୍ତି।

**ଟାଙ୍ଗୀ,୧୯(ରଘୁନାଥ ସାହୁ)**

ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଟାଙ୍ଗୀକୁ ଏନ୍ଏସି ଘୋଷଣା ପରେ ଏହାର ଶ୍ରେୟ ନେବା ପାଇଁ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ଟଣାଓଟରା ଆରମ୍ଭ ହୋଇଯାଇଛି। ରବିବାର ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ଉପସ୍ଥିତିରେ ସ୍ଥାନୀୟ ସରପଞ୍ଚ, ଭାଜପାର କର୍ମକର୍ତ୍ତାମାନେ ପରସ୍ପରକୁ ମିଠା ଖୁଆଇ ଖୁସି ମନାଇବା ସହ ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ ଏବଂ ଭୁବନେଶ୍ୱର ଏମ୍‌ପିଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ସେହିପରି ସୋମବାର ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟାଙ୍ଗୀକୁ ଏନ୍ଏସି ଘୋଷଣା କରିଥିଲେ। ପରେ ଭାଜପା ସରକାର ଆସିବା ପରେ ଉକ୍ତ ଘୋଷଣାକୁ ବାତିଲ କରିଥିଲେ। ଏହାର ପ୍ରତିବାଦରେ ବିଜେଡି ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ତେଣୁ ଏହି ଏନ୍ଏସି ଘୋଷଣାର ଶ୍ରେୟ ନବୀନ ପଟ୍ଟନାୟକଙ୍କର ବୋଲି ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ କହିଛନ୍ତି। ଖବରଦାତା ସମ୍ମିଳନୀରେ ରମେଶ ଚନ୍ଦ୍ର ବେହେରା, ମହେନ୍ଦ୍ର ସାହୁ, ପ୍ରଦୀପ ମହାପାତ୍ର, ନୀଳକଣ୍ଠ ବେହେରା, ଶାନ୍ତନୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ସରପଞ୍ଚ କିଶୋର ବେହେରା କହିଛନ୍ତି ଯେ, ନିର୍ବାଚନ ପୂର୍ବରୁ ତରବରିଆ ଭାବେ ବିଜେଡି ସରକାର ଏନ୍ଏସି ଘୋଷଣା କରିଥିଲା। ଏହାର ଆନୁସଙ୍ଗିକ କାଗଜପତ୍ର ଜିଲାପାଳଙ୍କ ନିକଟରୁ ନଗର ଉନ୍ନୟନ ବିଭାଗକୁ ପଠାଯାଇ ନ ଥିଲା। ଭାଜପା ସରକାର ଆସିବା ପରେ ସମସ୍ତ କାଗଜପତ୍ର ପ୍ରସ୍ତୁତ କରି ପ୍ରତିଶ୍ରୁତି ଅନୁଯାୟୀ ଏମ୍‌ପି, ବିଧାୟକଙ୍କ ଉଦ୍ୟମକ୍ରମେ ଟାଙ୍ଗୀ ଏନ୍ଏସି ମାନ୍ୟତା ପାଇଲା। ଏଥିରେ ବିଜେଡି ସରକାରଙ୍କ କିଛି ଭୂମିକା ନାହିଁ ବୋଲି ବେହେରା କହିଛନ୍ତି।

## କ୍ରୀଡ଼ା ଶାରୀରିକ ଦକ୍ଷତା ବୃଦ୍ଧିର ମୂଳାଧାର

**ବୋଲଗଡ଼,୧୯(ଦେବବ୍ରତ ହୋତା)**

ବୋଲଗଡ଼ ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ମାଣିକାଗଡ଼ା ସ୍ଥିତ ଗଦାଧର ବାଞ୍ଛାନିଧି ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ କ୍ରୀଡା ସଙ୍ଗଠନ ସମ୍ପାଦକ ଅଭିଷେକ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାକୁ ମୁଖ୍ୟ ଅତିଥି ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରମୋଦ କୁମାର ସ୍ୱାଇଁ ଉଦ୍‌ଘାଟନ କରି କ୍ରୀଡ଼ା ହେଉଛି ଶାରୀରିକ ଦକ୍ଷତା ବୃଦ୍ଧିର ମୂଳାଧାର ବୋଲି କହିଥିଲେ।

୨୮ବିଦ୍ୟାଳୟର ୧୩୫ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ଶିକ୍ଷକମାନେ ଖେଳ ପରିଚାଳନା କରିଥିଲେ। ଏଥିରେ ଜିଲା ପ୍ରତିଯୋଗିତା ନିମିତ୍ତ ଚୟନ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ ପାଇଁ ଆୟୋଜିତ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ସାହୁଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ସ୍ୱାଇଁଙ୍କ ସମେତ ସମ୍ମାନିତ ଅତିଥି ପୂର୍ବତନ ସହଗୋଷ୍ଠୀ ଶିକ୍ଷାଧିକାରୀ ପଦ୍ମଚରଣ ବେହେରା, ସେବାନିବୃତ୍ତ କ୍ରୀଡାଶିକ୍ଷକ ଜୟରାମ ଦାଶ ଓ ଗୋପାଳ ମହାନ୍ତି, ସାମାଜିକ କର୍ମୀ ପ୍ରଦୋଷ ପଟ୍ଟନାୟକ, ପଞ୍ଚସଖା ଶିକ୍ଷାସେତୁ ସଙ୍ଗଠନ ଅଧ୍ୟକ୍ଷ ମହମ୍ମଦ ଆଜାଦ, ପରିଚାଳନା ପରିଷଦ ସଭ୍ୟ ମିର ମଂଶୁର ଅଲ୍ଲୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ କ୍ରୀଡା ଶିକ୍ଷକ ମାନସ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏନ୍‌ସିସି ଶିକ୍ଷକ ସାମନ୍ତ ମାଝୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ଖେଳାଳି ଚୟନ ଶିବିର ଉଦ୍‌ଘାଟିତ

**ବେଗୁନିଆ,୧୯(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ସଦରମହକୁମା ସ୍ଥିତ ପିଏମ୍‌ଶ୍ରୀ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ସୋମବାର ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଓ ଖେଳାଳି ଚୟନ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିରକୁ ବ୍ଲକ ଶିକ୍ଷାଧିକାରୀ ଭାସ୍କର ଲେଙ୍କା ଶୁଭାରମ୍ଭ କରିଥିଲେ। ପ୍ରଥମ ଦିବସରେ ଭଲିବଲ ଓ କ୍ରିକେଟ, ଦ୍ୱିତୀୟ ଦିବସରେ ବ୍ୟାଡମିଣ୍ଟନ ଓ କବାଡି, ତୃତୀୟ ଦିବସରେ ଆଥଲେଟିକ୍ସ, ଯୋଗ, ଚେସ ଏବଂ ଚତୁର୍ଥ ଦିବସରେ ଖୋଖୋ ଓ ଫୁଟବଲ ପ୍ରତିଯୋଗିତା ହେବ। ଭଲ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଚୟନ କରାଯାଇ ଜିଲାସ୍ତରୀୟ ପ୍ରତିଯୋଗିତାକୁ ପଠାଯିବ ବୋଲି ଲେଙ୍କା କହିଛନ୍ତି। ୧୫୦ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଦ୍ୟାଳୟରେ ପାଠପଢା ସହ କ୍ରୀଡାର ଆବଶ୍ୟକ ରହିଛି। ଜୋନସ୍ତରରୁ ଆରମ୍ଭ କରି ପିଲାମାନେ ବ୍ଲକ, ଜିଲା ଏବଂ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରି ନିଜର ଦକ୍ଷତାକୁ ପ୍ରତିପାଦନ କରିବା ସହ ଅଞ୍ଚଳର ଗରିମାକୁ ବୃଦ୍ଧି କରିବାରେ ସକ୍ଷମ ହୁଅନ୍ତି ବୋଲି ବିଦ୍ୟାଳୟ କ୍ରୀଡା ସଂଘର ସମ୍ପାଦକ ଶ୍ରୀନିବାସ ରଣସିଂହ କହିଥିଲେ। କ୍ରୀଡା ଶିକ୍ଷକ ପ୍ରଭାତ ନିଶଙ୍କ ଧନ୍ୟବାଦ ଦେଇଥିଲେ।

## ବ୍ଲକସ୍ତରୀୟ 'ନିଷ୍ଠା' ତାଲିମ ଶିବିର ଆରମ୍ଭ

**ବିଦ୍ୟାଳୟରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କୁ ମୁଖ୍ୟସ୍ରୋତରେ ସାମିଲ ପାଇଁ ପ୍ରୟାସ**

**ବେଗୁନିଆ,୧୯(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକସ୍ତରୀୟ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ବ୍ଲକସ୍ତରୀୟ 'ନିଷ୍ଠା' ତାଲିମ ଶିବିର ସୋମବାର ଆରମ୍ଭ ହୋଇଛି। ପାଞ୍ଚଦିନ ଧରି ହେବାକୁ ଥିବା ଏହି ଶିବିରକୁ ବ୍ଲକ ଶିକ୍ଷାଧିକାରୀ ଭାସ୍କର ଲେଙ୍କା ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟକୁ ଆସୁଥିବା ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ପାଇଁ ପର୍ଯ୍ୟବେକ୍ଷିତ ମୂଳ ଲକ୍ଷ୍ୟ ନେଇ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ସଭାଗୃହରେ ଏହି ତାଲିମ ଶିବିର ହୋଇଥିଲା। ଏଥିରେ ସାଧାରଣ ଚଳଣି ଓ ସ୍ୱାସ୍ଥ୍ୟ ଗଠନ ଦିଗରେ ସମସ୍ୟା ଦେଖାଦେଇଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଯୋଗଶିକ୍ଷା, ଖେଳକୁଦ, ପାଠ୍ୟକ୍ରମରେ ସାହିତ୍ୟ ଭାଷା, ବିଜ୍ଞାନ, ପରିବେଶ ବିଜ୍ଞାନ ଓ ଗଣିତ ଆଦି ବିଷୟରେ ସୁହାଇଲା ଭଳି ଶିକ୍ଷାଦାନ କିପରି ଦିଆଯାଇପାରେ ସେ ନେଇ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ତାଲିମ ଦିଆଯିବ। ଉଦ୍‌ଘାଟନ ଉତ୍ସବରେ ମଣ୍ଡଳ ସାଧନକେନ୍ଦ୍ର ସଂଯୋଜକ କୈଳାସ ଚନ୍ଦ୍ର ସେଠୀ, ମଣ୍ଡଳ ସାଧନକର୍ମୀ ରଶ୍ମିତା ସାହୁ, ରଞ୍ଜିତା ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶିକ୍ଷକଭାବେ ସ୍ମୃତି ପଟ୍ଟନାୟକ, ସନ୍ତୋଷ କୁମାର ମହାପାତ୍ର, ଅର୍ଚ୍ଚନା ମହାପାତ୍ର ଏବଂ ସୌମ୍ୟରଞ୍ଜନ ଦୀକ୍ଷିତ ତାଲିମ ପ୍ରଦାନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ବ୍ଲକର ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର ୭୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ତାଲିମ ନେଇଥିଲେ। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସୂର୍ଯ୍ୟ ନାରାୟଣ ପଣ୍ଡା, ସନ୍ଧ୍ୟାରାଣୀ ରଥ, ହେମନ୍ତ ସାହୁ, ଦାଶରଥି ପ୍ରଧାନ, ରାମାନନ୍ଦ ଦାସ ପ୍ରମୁଖ ସହଯୋଗ କରିଥିଲେ। ସିଆର୍‌ସିସି ସରୋଜ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ପଦୋନ୍ନତିରେ ବିଳମ୍ବ ପ୍ରତିବାଦରେ ଧାରଣା

**ଖୋର୍ଦ୍ଧା,୧୯(ପ୍ରଭାତ ପାଣିଗ୍ରାହୀ)**



ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଓଡ଼ିଶା ବହୁମୂଖୀ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ଖୋର୍ଦ୍ଧା ଶାଖା ପକ୍ଷରୁ ଧାରଣା ଦିଆଯାଇଛି।

ପଦୋନ୍ନତି ପାଇବାରେ ବିଳମ୍ବ ପ୍ରତିବାଦରେ ଓଡ଼ିଶା ବହୁମୂଖୀ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ଖୋର୍ଦ୍ଧା ଶାଖା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ସୋମବାର ଧାରଣା ଦିଆଯାଇଥିଲା। ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ପଦୋନ୍ନତି ଲାଗି କମିଟି ଗଠନ ଲାଗି ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ସରକାର ସ୍ୱାସ୍ଥ୍ୟକର୍ମୀଙ୍କ ନୂତନ କ୍ୟାଡର ଗଠନ କରିବାକୁ ସମସ୍ତ ସିଡିଏମ୍‌ଓଙ୍କୁ ଚିଠି ଲେଖିଥିଲେ। ତେବେ ପଦୋନ୍ନତି କମିଟି ସମୟ ଅବଧି ମଧ୍ୟରେ ଗଠନ ହୋଇପାରିଲା ନାହିଁ। ଏହାର ସୁଯୋଗ ନେଇ କନିଷ୍ଠ ସ୍ୱାସ୍ଥ୍ୟକର୍ମୀ ମେରିଟ ବେସିସ୍ ରୁଲ ଉପରେ ପଦୋନ୍ନତି କମିଟି ନ ବସାଇବା ଲାଗି କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଫଳରେ ବରିଷ୍ଠ ମହିଳା ସ୍ୱାସ୍ଥ୍ୟକର୍ମୀ ଏସଂକ୍ରାନ୍ତରେ କୋର୍ଟଙ୍କ ନିକଟରେ ନିଜ ଯୁକ୍ତି ଉପସ୍ଥାପନ କରି ନିଜ ମତ ରଖିଥିଲେ। ଗତ ଜୁଲାଇ ୨୯ରେ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟରେ ପଦୋନ୍ନତି କମିଟି ବୈଠକ ବସିଥିଲା। ତେବେ କୋର୍ଟଙ୍କ ନିର୍ଦ୍ଦେଶନାମା ଆସିବା ପରେ ପରବର୍ତ୍ତୀ ପଦପେକ୍ଷ ଗ୍ରହଣ କରାଯିବା କହି ଏହାକୁ ସ୍ଥଗିତ ରଖାଗଲା। ଏହାର ପ୍ରତିବାଦ କରିଛି ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ। ପୂର୍ବରୁ ଗତ ଏପ୍ରିଲ ୨୫ରେ ଜିଲା ପ୍ରଶାସନ ଏବଂ ସିଡିଏମ୍‌ଓଙ୍କୁ ନେଇ ଅନୁଷ୍ଠିତ ବୈଠକରେ ୯ଜଣଙ୍କୁ ପଦୋନ୍ନତି ଦିଆଯିବା ବେଳେ କୋର୍ଟଙ୍କ ନିର୍ଦ୍ଦେଶର ଆବଶ୍ୟକତା ପଡିନଥିବା ବେଳେ ଏବେ କେଉଁ ଆଧାରରେ କୋର୍ଟଙ୍କ ନିର୍ଦ୍ଦେଶକୁ ଆଳ କରାଯାଇ ସ୍ଥଗିତ ରଖାଯାଇଛି ବୋଲି ପ୍ରଶ୍ନ କରିଛନ୍ତି। ସମାନ କୋର୍ଟଙ୍କ ଆଦେଶ ଉପରେ କେନ୍ଦ୍ରପଡ଼ା, ସମ୍ବଲପୁର, କଳାହାଣ୍ଡି ଜିଲା ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ପଦୋନ୍ନତି ଦେଇଥିବା ବେଳେ ଖୋର୍ଦ୍ଧା ଜିଲାରେ ଏହାର ବ୍ୟତିକ୍ରମ କରାଯାଇଛି। ଅନେକ ବରିଷ୍ଠ ମହିଳା ସ୍ୱାସ୍ଥ୍ୟକର୍ମୀ ଚାକିରୀ କାଳ ସମୟ ୬ରୁ ୭ମାସ ରହିଛି। ଏହା ସତ୍ତ୍ୱେ ପ୍ରଶାସନ କିମ୍ବା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ମାନସିକ ଚାପରେ କୌଣସି ଅସୁବିଧା ହେଲେ ସରକାର ଦାୟୀ ରହିବେ ବୋଲି ଗଣମାଧ୍ୟମରେ କହିଛନ୍ତି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୧୯।୨୦୨୫

| ୪,୪୪,୧୯୪ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ୩୦.୪୦୦ ଗ୍ରାମ |

# ଶ୍ରୀମନ୍ଦିର ନାଁରେ ଫେକ୍ ୱେବ୍‌ସାଇଟ୍ ବ୍ଲକ୍ କଲା ପୋଲିସ

**ପୁରୀ,୧୯(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିରକୁ ନେଇ ଅନେକ ଫେକ୍ ୱେବ୍‌ସାଇଟ୍ ଦେଖିବାକୁ ମିଳୁଛି। ଏହି ସବୁ ୱେବ୍‌ସାଇଟରେ ଟଙ୍କା ଦେଇ ଭିଆଇପି ଦର୍ଶନ ବାବଦରେ ମିଥ୍ୟା ସୂଚନା ରହିଛି। ଏଭଳି କେତେକ ଫେକ୍ ୱେବ୍‌ସାଇଟ୍ ନଜରକୁ ଆସିବା ପରେ ପୁରୀ ପୋଲିସ ପକ୍ଷରୁ ସେଗୁଡ଼ିକୁ ବ୍ଲକ୍ କରିଦିଆଯାଇଛି। ୨୦୨୫ ଅଗଷ୍ଟ ପର୍ଯ୍ୟନ୍ତ ୪୦୮ଟି ଅନଲାଇନ୍ ଆର୍ଥିକ ଠକେଇ ଅଭିଯୋଗ ହୋଇଥିବାବେଳେ ୩୯୦ଟି ବ୍ୟାଙ୍କ ଆକାଉଣ୍ଟକୁ ରଦ୍ଦ କରାଯାଇଛି। ସେହିପରି ୧୨୫ଟି ଫେକ୍ ୱେବ୍‌ସାଇଟକୁ ଅକାମୀ କରାଯାଇଥିବାବେଳେ ୬୬ଟି ସୋସିଆଲ ମିଡିଆ ଆକାଉଣ୍ଟ ବ୍ଲକ୍ କରାଯିବା ସହ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଫେକ୍ ୱେବ୍‌ସାଇଟ୍ ସମ୍ପର୍କରେ ଲୋକେ ସଚେତନ ହେବା ଆବଶ୍ୟକ ବୋଲି ପୋଲିସ କହିଛି।

ସୂଚନା ଅନୁଯାୟୀ, ଗତ ୩୦ ତାରିଖରେ 'ପୂଜା ପରି ସେବା ଡଟ୍ କମ୍' ନାମକ ଏକ ନକଲି ୱେବସାଇଟ୍ ପୁରୀ ପୋଲିସ ନଜରକୁ ଆସିଥିଲା। ଯାହା ଶ୍ରୀଜଗନ୍ନାଥ ମନ୍ଦିରରେ 'ବିଶେଷ ପୂଜା ସେବା' ପ୍ରଦାନ କରୁଥିବା ନେଇ ଉଲ୍ଲେଖ ରହିଥିଲା। ଏ ସଂକ୍ରାନ୍ତରେ ପୋଲିସ ନିଜ ଆଡୁ ସିଂହଦ୍ୱାର ଥାନାରେ ଏକ ମାମଲା (ନଂ. ୧୩୪/୨୫) ରୁଜୁ କରିଥିଲା। ସମ୍ପୃକ୍ତ ଫେକ୍ ୱେବସାଇଟ୍‌କୁ ବ୍ଲକ୍ କରାଯାଇଛି। ସେହିପରି ଗତ ୩୧ ତାରିଖରେ 'ଇଣ୍ଡିଆ ଥ୍ରିଲ୍ସ' ଏବଂ 'ଜଗନ୍ନାଥ ପୁରୀ ଦର୍ଶନ' ନାମକ ନକଲି ୱେବସାଇଟ୍ ଚିହ୍ନଟ ହୋଇଥିଲା, ଯାହା 'ବିଶେଷ ଦର୍ଶନ' ସେବା ପ୍ରଦାନ କରୁଥିଲା। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଅଭିଯୋଗ ଭିତ୍ତିରେ ସାଇବର ଥାନାରେ ଏ ନେଇ ଏକ ମାମଲା (ନଂ. ୧୮/୨୫) ରୁଜୁ କରାଯାଇଥିଲା। ଏହି ସାଇଟ୍‌କୁ ବ୍ଲକ୍ କରାଯାଇଛି। ପୁରୀ ପୋଲିସ କହିଛି, ଏପରି ଫେକ୍ ୱେବସାଇଟ୍‌କୁ ସାବଧାନ ରହନ୍ତୁ ଏବଂ ସଦା ଅଧିକୃତ ଓ ବିଶ୍ୱସନୀୟ ସାଇଟ୍‌କୁ ଅନୁସରଣ କରନ୍ତୁ। କୌଣସି ସାଇବର୍ ଠକେଇର ସନ୍ଦେହ ହେଲେ, ତତ୍‌କ୍ଷଣାତ୍ ପୁରୀ ସାଇବର୍ ପୋଲିସ ଷ୍ଟେଶନ୍ (ନଂ. ୮୨୮୦୪୯୧୩୦୦) ସହିତ ସମ୍ପର୍କ କରନ୍ତୁ। ଜିଲାରେ ପର୍ଯ୍ୟଟକମାନେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ୧୧୨ କିମ୍ବା ପର୍ଯ୍ୟଟକ ହେଲ୍ପଲାଇନ୍ ୬୩୭୦୯୬୭୧୦୦କୁ କଲ୍ କରିପାରିବେ। ସେହିପରି ସମସ୍ତ ହୋଟେଲ୍ ମାଲିକ ଏବଂ ସର୍ଭିସ୍ ପ୍ରଦାନକାରୀଙ୍କୁ ଅନୁରୋଧ କରାଯାଇଛି ଯେ, ସେମାନଙ୍କ ହୋଟେଲ୍ ନାମକୁ କୌଣସି ଭୁଲ ୱେବସାଇଟ୍‌ରେ ଦୁରୁପଯୋଗ କରାଯାଉଛି କି ନାହିଁ ସେଥିପାଇଁ ନିୟମିତ ଯାଞ୍ଚ କରନ୍ତୁ। ଯଦି ଏପରି କିଛି ଚିହ୍ନଟ ହୋଇଥାଏ, ତେବେ ସାଇବର୍ ପୋଲିସକୁ ଜଣାନ୍ତୁ। ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷା, ବିଶ୍ୱାସ ଏବଂ ସନ୍ତୋଷ ପୁରୀ ପୋଲିସର ଲକ୍ଷ୍ୟ। ଶ୍ରୀଜଗନ୍ନାଥଙ୍କ ନାମରେ ଠକେଇ କରିବାକୁ ଉଦ୍ୟମ କରିଥିବା ବ୍ୟକ୍ତିମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ପ୍ରତୀକ ସିଂ କହିଛନ୍ତି।




ନିମାପଡ଼ାର କୁଶଭଦ୍ରା ନଦୀତଟସ୍ଥ ପ୍ରଭୁ ସିଦ୍ଧେଶ୍ୱର ମହାଦେବଙ୍କ ପୀଠରେ ସୋମବାର କୁଶଭଦ୍ରା ବଞ୍ଚାଅ ଅଭିଯାନ ସଂଗଠନ ପକ୍ଷରୁ ଆୟୋଜିତ ସମାବେଶ ଅବସରରେ ନଦୀ ସୁରକ୍ଷା ପାଇଁ ସାମୂହିକ ଶପଥ ନେଉଥିବା ବ୍ୟକ୍ତିମାନେ। (ଫଟୋ– ବିଚିତ୍ରାନନ୍ଦ ସାହୁ)

# ନଡ଼ିଆ ପାଣିରେ ରହିଛି ରୋଗ ପ୍ରତିରୋଧକ ଶକ୍ତି




ସଂକଳ୍ପ ଫାଉଣ୍ଡେଶନ ଟ୍ରଷ୍ଟ ପରିବାର ପକ୍ଷରୁ ଗଙ୍ଗା ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ପୁରୀ,୧୯(ଅଜିତ୍ କୁମାର ମହାନ୍ତି)**

ସ୍ୱାସ୍ଥ୍ୟ ପକ୍ଷେ ନଡ଼ିଆର ଉପକାରିତା ଓ ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ୨ରେ ବିଶ୍ୱ ନାରିକେଳ ଦିବସ ପାଳନ କରାଯାଏ। ଏହି ପରିପ୍ରେକ୍ଷୀରେ ସୋମବାର ସଂକଳ୍ପ ଫାଉଣ୍ଡେଶନ ଟ୍ରଷ୍ଟ ପରିବାର, ପୁରୀ ପକ୍ଷରୁ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଦୀର୍ଘ ବର୍ଷ ହେଲା ପଇଡ଼ ବିକ୍ରି କରି ପରିବାର ପ୍ରତିପୋଷଣ କରି ଆସୁଥିବା ସ୍ଥାନୀୟ ତୋଟାସାହି ନିବାସୀ ଗଙ୍ଗା ବେହେରା(୬୦)ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଂକଳ୍ପ ଫାଉଣ୍ଡେଶନ ଟ୍ରଷ୍ଟ ପରିବାର ଦ୍ୱାରା ପରିଚାଳିତ ଜରାଶ୍ରମର ସମସ୍ତ ଅନ୍ତେବାସୀଙ୍କ ପାଇଁ ପଇଡ଼ ପାଣିର ବ୍ୟବସ୍ଥା କରାଯାଇଥିଲା। ଅନୁଷ୍ଠାନର ରସାସୁଷମା ସାହୁ, ହିତବ୍ରତ ବାହିନୀପତି, ରାକେଶ ଦାସ, ଯୋଗେନ୍ଦ୍ର ସାହୁ, ପୂର୍ଣ୍ଣିମା ରଥ, ବାସନ୍ତୀ ସାହୁ, ସୁଷମା ବେହେରା, ଗାୟତ୍ରୀ ବିଶ୍ୱକର୍ମା ଏବଂ ହରଷ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରଷ୍ଟ କର୍ମକର୍ତ୍ତା କହିଥିଲେ ଯେ, ନଡ଼ିଆ ଉତ୍ପାଦନରେ ଓଡ଼ିଶା ଦେଶରେ ପଞ୍ଚମ ସ୍ଥାନରେ ରହିଛି। ଜଳରୁ ଜାଳ ପର୍ଯ୍ୟନ୍ତ ଏହା ସଭିଙ୍କ କଲ୍ୟାଣରେ ଲାଗିଥାଏ। ଏହି ସୁବର୍ଣ୍ଣ ଫଳର ପାଣି ପରି ଏହାର ରସ ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ। ନଡ଼ିଆରେ ଅନେକ ପ୍ରକାର ପୋଷକ ତତ୍ତ୍ୱ ରହିଛି, ଯାହା ଆମ ଶରୀର ପାଇଁ ନିତାନ୍ତ ଆବଶ୍ୟକ। ଏଥିରେ ଥିବା ଲୌରିକ ଏସିଡ୍ ଆମ ଶରୀରକୁ ଜୀବାଣୁ, କୀଟାଣୁ ଓ କବକ ଦ୍ୱାରା ହେଉଥିବା ରୋଗକୁ ପ୍ରତିରୋଧ କରିବାରେ ସହାୟକ ହୋଇଥାଏ।

## ସଂକ୍ଷେପରେ

### ଚା' ପିଇସାରି ଟଳିପଡ଼ିଲେ ଯୁବକ

**ଗୋପ,୧୯(ଭାରତୀ ଭୂଷଣ ଉପାଧ୍ୟାୟ)**

ଗୋପ ଥାନା ଅଧୀନସ୍ଥ ନାଗପୁର ବଜାର ଠାରେ ଥିବା ଏକ ଚା' ଦୋକାନରେ ଚା' ପିଇ ସାରି କଥା ହେଉଥିବା ସମୟରେ ଜଣେ ଯୁବକ ଟଳି ପଡ଼ି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଏହି ମୃତ୍ୟୁ ହୃଦ୍‌ଘାତଜନିତ ହୋଇଥିବା ପ୍ରାଥମିକ ଭାବେ ଜଣାପଡ଼ିଛି। ସୂଚନାଯୋଗ୍ୟ, ପ୍ରତିଦିନ ପରି ଆଜି ନାଗପୁର ଗ୍ରାମର ରବୀନ୍ଦ୍ର କୁମାର ମଲ୍ଲିକ ଚା' ପିଇବା ଲାଗି ନାଗପୁର ବଜାରକୁ ଆସିଥିଲେ। ଏକ ଚା ଦୋକାନରେ ଚା' ପିଇ ଗପସପ କରୁଥିବା ସମୟରେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ପରେ ସେଠାରେ ଚେତାଶୂନ୍ୟ ହୋଇ ତଳେ ପଡ଼ି ଯାଇଥିଲେ। ଉପସ୍ଥିତ ଥିବା ଲୋକମାନେ ପରିବାର ଲୋକଙ୍କୁ ଖବର ଦେବାପରେ ଚିକିତ୍ସା ନିମନ୍ତେ ରବୀନ୍ଦ୍ରଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ, ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୋପ ପୋଲିସ ପହଞ୍ଚି ରବୀନ୍ଦ୍ର ମଲ୍ଲିକଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବାବେଳେ ତଦନ୍ତ ଜାରି ରହିଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ପଡ଼ିଆରୀ ସୂଚନା ଦେଇଛନ୍ତି।

### ଜିଲାପାଳ ଶୁଣିଲେ ୧୨୨ ଅଭିଯୋଗ

**ପୁରୀ,୧୯(ଅଜିତ କୁମାର ମହାନ୍ତି)**

ପୁରୀ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ସୋମବାର ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଦିବ୍ୟରଞ୍ଜନ ପରିଡ଼ା ଯୋଗଦେଇ ମୋଟ ୧୨୨ଟି ଅଭିଯୋଗ ଶୁଣିଥିଲେ। ତନ୍ମଧ୍ୟରେ ୯୪ଟି ବ୍ୟକ୍ତିଗତ, ୨୦ଟି ଗ୍ରାମ ସମ୍ବନ୍ଧୀୟ ଓ ୮ଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କିତ ରହିଥିଲା। ତତ୍‌କ୍ଷଣାତ ୧୬ଟି ଅଭିଯୋଗର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକୁ ଆଇନ ଅନୁଯାୟୀ ସମାଧାନ ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ପଠାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପ୍ରମୁଖ ଉପସ୍ଥିତ ଥିଲେ। ସେପ୍ଟେମ୍ବର ୮ରେ ପିପିଲି, ୧୫ରେ ଡେଲାଙ୍ଗ ଓ ୨୨ ତାରିଖରେ ଗୋପ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୦ଟାରେ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ।

# କୌଣସି ନେତାଙ୍କଠାରୁ ସହଯୋଗ ମିଳିନି: ପ୍ରିୟଦର୍ଶନ

**ପୁରୀ,୧୯(ଅଜିତ୍ କୁମାର ମହାନ୍ତି)**

### କୋହିନୁର ହୀରା ପ୍ରସଙ୍ଗ

ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଲଣ୍ଡନରୁ କୋହିନୁର ହୀରାକୁ ଫେରାଇ ଆଣିବା ନେଇ ତାଙ୍କୁ ଶାସକ ଓ ବିରୋଧୀ ଦଳର କେହି ନେତା ସହଯୋଗ କରି ନ ଥିବା ଶ୍ରୀଜଗନ୍ନାଥ ସେନା ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଅଭିଯୋଗ ଆଣିଛନ୍ତି। ପଟ୍ଟନାୟକ କହିଛନ୍ତି, କୋହିନୁର ହୀରାକୁ ଫେରାଇ ଆଣିବା ପାଇଁ କିଛି ମାସ ତଳେ ସେ ଆନ୍ତର୍ଜାତିକ କୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ଏହାପରେ ସେ ଶାସକ ଦଳ ଓ ବିରୋଧୀ ଦଳଙ୍କ ସହ ଦେଖାହୋଇ ଆଲୋଚନା କରିବେ ବୋଲି କହିଥିଲେ। ସେହି ଅନୁଯାୟୀ ସେ ଦିଲ୍ଲୀ ଯାଇ ଶାସକ ଦଳ ଏବଂ ବିରୋଧୀ ଦଳ ନେତାଙ୍କ ସହଯୋଗ ଲୋଡ଼ିଥିଲେ ମଧ୍ୟ କେହି ତାଙ୍କୁ ସାହାଯ୍ୟ କରି ନ ଥିଲେ। ଏପରିକି ଭାଜପାର ରାଷ୍ଟ୍ରୀୟ ସଭାପତି ଭେଟିବାକୁ ସମୟ ଦେଇ ମଧ୍ୟ ପରେ ଦେଖା କରି ନ ଥିଲେ। ଶ୍ରେୟ ନ ମିଳିବା ଭୟରେ ସାଂସଦମାନେ ଏଭଳି କରିଥିଲେ। ଏପରିକି ପୁରୀ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆଙ୍କୁ କହିବାରୁ ସେ ଆସନ୍ତା ଡିସେମ୍ବର ଅଧିବେଶନରେ ଏ ପ୍ରସଙ୍ଗ ଗୃହରେ ଉଠାଇବେ ବୋଲି କହିଥିଲେ। ଫଳରେ ସମସ୍ତଙ୍କଠାରୁ ନିରାଶ ହୋଇଥିବା ପଟ୍ଟନାୟକ କହିଛନ୍ତି। ତେବେ ଦରକାର ପଡ଼ିଲେ ଲଣ୍ଡନର ସମ୍ପୃକ୍ତ ମ୍ୟୁଜିୟମକୁ ଯାଇ ଜଗନ୍ନାଥ ସେନା ଅନଶନ କରିବ ଏବଂ ସେ ଜେଲ ଯିବାକୁ ପ୍ରସ୍ତୁତ ବୋଲି ପଟ୍ଟନାୟକ କହିଛନ୍ତି। ସେହିପରି ଶ୍ରୀମନ୍ଦିରରେ ଧାଡ଼ିଦର୍ଶନ ଉପରେ ପଟ୍ଟନାୟକ ପ୍ରଶ୍ନ ଉଠାଇଛନ୍ତି। ଧାଡ଼ିଦର୍ଶନ ଫଳରେ ଭକ୍ତମାନେ ସମସ୍ୟାର ସମ୍ମୁଖୀନ ହେବେ। ପରିଚାଳନା କମିଟି ବସିବା ପୂର୍ବରୁ ଏହି ଘୋଷଣା କରାଯିବା କେତେଦୂର ଠିକ୍। ପରିଚାଳନା କମିଟିକୁ ସରକାର ତାଙ୍କ ହାତରେ ରଖିବାକୁ ଚେଷ୍ଟା କରୁଛନ୍ତି। ଶ୍ରୀମନ୍ଦିର ପରମ୍ପରା ଓ ସଂସ୍କୃତି ବିଷୟରେ ଜାଣି ନ ଥିବା କେତେଜଣ ବ୍ୟକ୍ତିଙ୍କୁ କମିଟିରେ ରଖାଯାଇଛି। ସମସ୍ତଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବା ଉଚିତ। ଭିଆଇପି ଦର୍ଶନ ବନ୍ଦ କରାଯାଉ ବୋଲି ପଟ୍ଟନାୟକ କହିଛନ୍ତି।

# ଥାନା ସମ୍ମୁଖରେ ୩ଘଣ୍ଟା ଧାରଣା

## -ଆମ୍ବଗଛରୁ ମୃତଦେହ ଜବତ ଘଟଣାକୁ ୧୮ ଦିନ ପୂରିଲା

**ଗୋପ,୧୯(ଭାରତୀ ଭୂଷଣ ଉପାଧ୍ୟାୟ)**

ଆମ୍ବ ଗଛରୁ ଝୁଲନ୍ତା ଅବସ୍ଥାରେ ଜବତ ହୋଇ ଗୋପ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଯୁବକଙ୍କୁ ମୃତ ଘୋଷଣା କରାଯାଇଥିଲା। ଏହି ଘଟଣା ଉପରେ ମୃତକଙ୍କ ବାପାଙ୍କ ଅଭିଯୋଗକୁ ନେଇ ଗୋପ ଥାନାରେ ଅପମୃତ୍ୟୁ ମାମଲା ୧୭/୨୫ ରୁଜୁ କରାଯାଇଛି। ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡ଼ିହାରୀ କହିଛନ୍ତି। ମୃତକ ଯୁବକ ହେଉଛନ୍ତି ଗୋପ ଥାନା ଅନ୍ତର୍ଗତ ଖଡ଼ିଶ ଗ୍ରାମର ବିପିନ ଭୋଇଙ୍କ ଏକମାତ୍ର ପୁଅ ତ୍ରିନାଥ ଭୋଇ (୨୨) ବର୍ଷ ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ଅଗଷ୍ଟ ୧୪ ତାରିଖ ଭୋର୍ ସମୟରେ ଗାଁ ନିକଟସ୍ଥ ଗୋଟିଏ ଆମ୍ବ ଗଛରୁ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ସଙ୍ଗେ ସଙ୍ଗେ ଗ୍ରାମର କେତେଜଣ ଯୁବକ ଗୋପ ଡାକ୍ତରଖାନାକୁ ଆଣିବା ପରେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଅଭିଯୋଗ ପରେ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ମୃତ୍ୟୁ ଘଟଣା ପଛରେ ସେହି ଗ୍ରାମର ଜଣେ ଯୁବକଙ୍କ ହାତ ଥିବା ଓ ମୋ ପୁଅକୁ ହତ୍ୟା କରାଯାଇଥିବା ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି। ପୋଲିସ ଏ ପର୍ଯ୍ୟନ୍ତ କୌଣସି କାର୍ଯାନୁଷ୍ଠାନ ଗ୍ରହଣ ନ ନେବାରୁ ସୋମବାର ପୂର୍ବାହ୍ନରେ ଖଡ଼ିଶ ଗ୍ରାମର ଶତାଧିକ ଲୋକ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ଦାବି କରି ଗୋପ ଥାନା ଘେରାଉ କରିଥିଲେ। ଦୀର୍ଘ ୩ ଘଣ୍ଟା ଧରି ଥାନା ଆଗରେ ଧାରଣା ଦେବାପରେ ନିମାପଡ଼ା ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ, ଗୋପ ଥାନାଧିକାରୀ ପ୍ରଶାନ୍ତ କୁମାର ପଡ଼ିହାରୀ, ଏସ୍‌ଆଇ ବୁଦ୍ଧରାୟ ମାଝୀ, ଏଏସ୍‌ଆଇ ବୁଲୁ ସେଠୀ ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚି ବୁଝଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ୭ ପ୍ରକଳ୍ପର ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ୫ଟି ମେଗା ଡ୍ରେନ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

**ନିମାପଡ଼ା,୧୯(ବିଚିତ୍ରାନନ୍ଦ ସାହୁ)**

### ୩ ମାସରେ ସରିବ ଡ୍ରେନ୍ କାମ: ଉପମୁଖ୍ୟମନ୍ତ୍ରୀ

ନିମାପଡ଼ା ଏନ୍‌ଏସିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରବିବାର ୪ କୋଟି ୪୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୭ଟି ନୂତନ ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୯୭ ଲକ୍ଷ ୯୧ ହଜାର ଟଙ୍କା ବ୍ୟୟ ଅଟକଳରେ ଜୟଶ୍ରୀ ଛକ ଗଣେଶ ଘରଠାରୁ ରତ୍ନାକର ବିହାର ପର୍ଯ୍ୟନ୍ତ ଏବଂ ଅମଲାପଡ଼ା ପିଏଚ୍‌ଡି ପମ୍ପହାଉସଠାରୁ ନୂଆ ପୋଖରୀ ପର୍ଯ୍ୟନ୍ତ ଡ୍ରେନ, ୯୫ ଲକ୍ଷ ୪୫ ହଜାର ଟଙ୍କା ବ୍ୟୟରେ ଭୁବନପୁର ସ୍ୱାଧୀନ କଲୋନୀଠାରୁ ନୂଆ ପୋଖରୀ ସଫେଇ ପର୍ଯ୍ୟନ୍ତ, ୭୦ ଲକ୍ଷ ୨୦ ହଜାର ଟଙ୍କା ବ୍ୟୟରେ କିଆକଣ୍ଟା ମେଳକ ଶ୍ମଶାନ ଠାରୁ ପ୍ରାଇମେରୀ ସ୍କୁଲ ପର୍ଯ୍ୟନ୍ତ, ୯୫ ଲକ୍ଷ ୧୭ ହଜାର ଟଙ୍କା ବ୍ୟୟରେ ପାଟପୁର ସ୍ୱାଇଁ ସାହି ଠାରୁ ଧର୍ଜନାମୁହାଁ ପର୍ଯ୍ୟନ୍ତ, ୭୩ ଲକ୍ଷ ୨୦ ହଜାର ଟଙ୍କାରେ ଅମଲାପଡ଼ା ନିତିଆ ସୁଇଟି ଷ୍ଟଲଠାରୁ ମହେନ୍ଦ୍ର ସିଂ ଭାଟିଆ କ୍ଲଥ ଷ୍ଟୋର ଓ ମାଛ ମାର୍କେଟ ପର୍ଯ୍ୟନ୍ତ ୫ଟି ନୂତନ ମେଗା ଡ୍ରେନ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ୮ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିମାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ମହାତ୍ମାଗାନ୍ଧୀ ଓ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ନିର୍ମିତ ୱାଟର ଫାଉଣ୍ଟେନ ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି। ଏହିଅବସରରେ ଜୟଶ୍ରୀ ଛକଠାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଯୋଗଦେଇ କହିଛନ୍ତି, ମେଗା ଡ୍ରେନ ନିର୍ମାଣ ହେଲେ ପୌରାଞ୍ଚଳରେ ଜଳ ନିଷ୍କାସନ ସମସ୍ୟା ରହିବ ନାହିଁ। ଏହି ୫ଟି ମେଗା ଡ୍ରେନ ନିର୍ମାଣ କାର୍ଯ୍ୟ ଆସନ୍ତା ୩ମାସ ଭିତରେ ଶେଷ ହେବ ଓ ପୌରବାସୀ ଏହାର ସୁଫଳ ପାଇପାରିବେ। ସମାରୋହରେ ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ସହକାରୀ ଯନ୍ତ୍ରୀ ଅନନ୍ତ ସାହୁ, ୱାଟ୍‌କୋ ମ୍ୟାନେଜର ପ୍ରଫୁଲ୍ଲ କୁମାର ବେହେରା, ଏମ୍‌ପି ପ୍ରତିନିଧି ମିନଲତା ମହାନ୍ତି, ବିଧାୟିକା ପ୍ରତିନିଧି ଯତିନ୍ଦ୍ରନାଥ ସ୍ୱାଇଁ, ଭାଜପା ନଗର ମଣ୍ଡଳ ସଭାପତି ନିରଞ୍ଜନ ନାୟକ, ଭାଜପା ନେତା ସନ୍ତୋଷ ଓଝାଙ୍କ ସମେତ ବହୁ କାଉନସିଲର ଉପସ୍ଥିତ ଥିଲେ। ଏନଏସି ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# ନାବାଳିକାଙ୍କ ଅଭିଯୋଗ ସତ୍ତ୍ୱେ ପୋଲିସ ସହାୟତା ମିଳିଲାନି

**କାକଟପୁର/ଅସ୍ତରଙ୍ଗ, ୧୯**
**(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)**

କାକଟପୁର ଅଞ୍ଚଳର ଜଣେ ୧୭ବର୍ଷୀୟା ନାବାଳିକାଙ୍କୁ ରଙ୍ଗ ନମ୍ବରରେ କଲ୍ କରି ପ୍ରେମ ଜାଲରେ ଫସାଇବା ସହ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା କରିଥିବା ନେଇ କାକଟପୁର ଥାନାରେ ଅଭିଯୋଗ ହୋଇଛି। ତେବେ ସେ ପୋଲିସ ସହାୟତା ଜରୁରୀକାଳୀନ ନମ୍ବର ୧୧୨କୁ ଯୋଗାଯୋଗ କରିଥିଲେ ମଧ୍ୟ ସହାୟତା ମିଳି ନ ଥିବା ନାବାଳିକା ଜଣକ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷରେ ଏ ନେଇ ଥାନା ଅଧିକାରୀ ବସନ୍ତ ସାହୁଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ନାବାଳିକାଙ୍କୁ ଜଣେ ଯୁବକଙ୍କ ଫୋନ୍ ଆସିଥିଲା। ତେବେ ତାହା ରଙ୍ଗ ନମ୍ବର ବୋଲି ସେ ଜାଣିବାକୁ ପାଇଥିଲେ। ଏହାପରେ ଯୁବକ ଜଣକ ପ୍ରଲୋଭନ ଦେଖାଇ ବାରମ୍ବାର ଫୋନ କରିବା ସହ ବିବାହ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ନାବାଳିକା ଅରାଜି ହେବାରୁ ଯୁବକ ଆତ୍ମହତ୍ୟା କରିବାକୁ କହିବାରୁ ତାଙ୍କୁ ସେ ଭଲ ପାଇ ବସିଥିଲେ। ଯୁବକ ଜଣକ ସମ୍ପୃକ୍ତା ନାବାଳିକାଙ୍କୁ ବିଭିନ୍ନ ଜାଗାକୁ ନେଇ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରୁଥିଲେ। ନାବାଳିକା ରାଜି ନ ହେବାରୁ ତାଙ୍କର ଅଶ୍ଳୀଳ ଫଟୋ ଭାଇରଲ କରିଦେବେ ବୋଲି ଧମକ ଦେଉଛନ୍ତି। ଅଗଷ୍ଟ ୩୧ତାରିଖ ସନ୍ଧ୍ୟାରେ ନାବାଳିକା ଜଣକ ମଙ୍ଗଳା ମନ୍ଦିର ଦର୍ଶନ ସାରି ଘରକୁ ଫେରୁଥିବାବେଳେ ସେ ଓ ସାଙ୍ଗଙ୍କୁ ଯୁବକ ଜଣକ କନ୍ଦଳପୁର ରାସ୍ତାରେ ଗାଡ଼ିରେ ଅପହରଣ କରିନେବାକୁ ଟଣାଓଟରା କରିଥିଲେ। ଫଳରେ ନାବାଳିକାଙ୍କ ଡ୍ରେସ୍ ଚିରିଯାଇଥିଲା। ନାବାଳିକା ଓ ସାଙ୍ଗଙ୍କୁ ଯୁବକ ଜଣକ ମାଡ଼ ମାରିବାରୁ ଦୁହେଁ ଚିତ୍କାର କରିଥିଲେ। ଘଟଣାସ୍ଥଳରେ କେତେଜଣ ଲୋକ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଥିଲେ। ପରେ ଦୁହେଁ ଏ ନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ।

# କୋଣାର୍କକୁ ସମୃଦ୍ଧ ଏନ୍‌ଏସି ଭାବେ ଗଢ଼ି ତୋଳିବାକୁ ସଂକଳ୍ପ

**କୋଣାର୍କ,୧୯(ଜ୍ୟୋତିରାଜ ମହାନ୍ତି)**

### ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ

କୋଣାର୍କ ଏନ୍‌ଏସି ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଏନ୍‌ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ଏନ୍‌ଏସି ଅଧୀନସ୍ଥ ଶୋଭନୀୟ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତଫେରିରେ ରାମଧୂନ ଗାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ଡ. ବିଭୂ ପ୍ରସାଦ ତରାଇ ଓ ସମ୍ମାନିତ ଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରାଙ୍କ ସମେତ ପରିଷଦର ସଦସ୍ୟାସଦସ୍ୟମାନେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କାର୍ଯ୍ୟାଳୟ ଠାରେ ମୁଖ୍ୟ ଅତିଥି ତରାଇ ଓ କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ତ୍ରିପାଠୀ ଜାତୀୟ ପତାକା ଉତ୍ତୋଳନ ପୂର୍ବକ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। କୋଣାର୍କ ଏନ୍‌ଏସିକୁ ସରସ, ସୁନ୍ଦର ଓ ସମୃଦ୍ଧ ଏନ୍‌ଏସି ଭାବେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ମୁଖ୍ୟ ଅତିଥି ଏମ୍‌ପି ତରାଇ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ବିଧାୟକ ବେହେରା ଯୋଗଦେଇ ଏନ୍‌ଏସିର ସାମଗ୍ରିକ ବିକାଶ ଓ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ଓ ଏନ୍‌ଏସି ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟଙ୍କ ସମେତ ପରିଷଦର ନିର୍ବାଚିତ କାଉନ୍‌ସିଲରମାନେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ କୋଣାର୍କ ଏନ୍‌ଏସି ଅଧୀନସ୍ଥ ଜୁଣେଇଠାରେ ନୂତନ କଲ୍ୟାଣମଣ୍ଡପ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପରିପ୍ରେକ୍ଷୀରେ ପରିଷଦର ସଫେଇ କର୍ମଚାରୀ ଓ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ମୁଖ୍ୟ ଅତିଥି ଏମ୍‌ପି ତରାଇ ଓ ବିଧାୟକ ବେହେରା ସେମାନଙ୍କୁ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରମାଣପତ୍ର ସହ ପୋଷାକ ବିତରଣ କରିଥିଲେ। କୋଣାର୍କ ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୋଣାର୍କର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ଫଳ ବଣ୍ଟନ କରାଯାଇଥିଲା। ଶେଷରେ କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଏମ୍‌ପି, ବିଧାୟକ, ଏନ୍‌ଏସି ଅଧ୍ୟକ୍ଷାଙ୍କ ସମେତ ଅନ୍ୟମାନେ ।

# ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଭାଗବତ କାଳଜୟୀ

**ପୁରୀ,୧୯(ଅଜିତ କୁମାର ମହାନ୍ତି)**

ଅତିବଡ଼ୀ ଜଗନ୍ନାଥ ଦାସଙ୍କ କାଳଜୟୀ ଓଡ଼ିଆ ଭାଗବତ ଓଡ଼ିଆ ଅସ୍ମିତାର ପ୍ରତୀକ। ଏହା ଯୁଗ ଯୁଗକୁ ଆମ ସଂସ୍କୃତିର ରକ୍ଷାକବଚ ପାଲଟିଥିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସୋମବାର ପୁରୀ ସାତଲହଡ଼ି ମଠରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଏହି ଅବସରରେ 'ଶ୍ରୀଜଗନ୍ନାଥ ଓ ଭାଗବତ ଧର୍ମ ଭାବନା କ୍ଷେତ୍ରରେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଶୁକଦେବ ମହାନ୍ତି ଯୋଗଦେଇ ଭାଗବତ ସମର୍ପଣ ଓ ଭକ୍ତିର ସୂତ୍ର ବୋଲି କହିଥିଲେ। ଏହାକୁ ଏତେ ସରଳ, ଭାବ ଓ ସାବଲୀଳ ଭାଷାରେ ଅତିବଡ଼ୀ ଜଗନ୍ନାଥ ଦାସ ରଚନା କରିଛନ୍ତି ଯେ, ଅତି ସାଧାରଣ ଲୋକଟିଏ ମଧ୍ୟ ଏହାକୁ ପଢ଼ି, ଶୁଣି, ବୁଝି ପ୍ରଭାବିତ ହୋଇପାରୁଛନ୍ତି। ଯୁଗ ଯୁଗ ପାଇଁ ଏହା ସମଗ୍ର ମାନବ ଜାତିକୁ ପ୍ରେରଣା ଦେଇ ଚାଲିଥିବ ବୋଲି ସେ କହିଥିଲେ।




ପୁରୀ ସାତଲହଡି ମଠ ପରିସରରେ ଅତିବଡ଼ି ଜଗନ୍ନାଥ ଦାସଙ୍କ ଜୟନ୍ତୀ ଅବସରରେ ମଞ୍ଚାସୀନ ଅତିଥିମାନେ ।

ଆଲୋଚକ ଭାବେ ପ୍ରବକ୍ତା ଦୟାନିଧି ତ୍ରିପାଠୀ, ନିର୍ମଳା ଫତେସିଂହ, ପଣ୍ଡିତ ବିପିନ ବିହାରୀ ମିଶ୍ର, ଭାଷ୍ୟକାର ବଦ୍ରି ମିଶ୍ର ପ୍ରମୁଖ ଯୋଗଦେଇ ଭାଗବତର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ଆମ ଜୀବନ ଚର୍ଯ୍ୟାରେ ଏହାର ଭୂମିକା ସମ୍ପର୍କରେ ଆଲୋଚନା କରିବା ସହ ଜନ୍ମ ପୂର୍ବରୁ ଓ ପରେ ମଧ୍ୟ ଭାଗବତର ପ୍ରାସଙ୍ଗିକତା ରହିଛି ବୋଲି କହିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଡ. କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଭାଗବତ ଚିରକାଳ ଆମକୁ ଶାନ୍ତି ଓ ମୁକ୍ତି ପ୍ରଦାନର ମାଧ୍ୟମ ହୋଇଥିବ ବୋଲି କହିଥିଲେ। ଏକାଡେମୀ ସହସଚିବ ସଞ୍ଜୟ ଛୁଆଳସିଂ ପ୍ରାରମ୍ଭିକ ସୂଚନା ଓ ଶେଷରେ ଧନ୍ୟବାଦ ଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଶ୍ରୀମନ୍ଦିର ମୁଖ୍ୟ ସୁରକ୍ଷା ଅଧିକାରୀ ହେମନ୍ତ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସିଂହଦ୍ୱାରଠାରେ ଦୀପଦାନ କରାଯାଇଥିଲା। ସଂକୀର୍ତ୍ତନ ଦଳମାନଙ୍କ ସହଯୋଗରେ ଏକ ଶୋଭାଯାତ୍ରା ସାତଲହଡ଼ି ମଠ ପର୍ଯ୍ୟନ୍ତ ଯାଇଥିଲା। ମଠରେ ବଦ୍ରି ମିଶ୍ରଙ୍କ ଦ୍ୱାରା ଭାଗବତ ପଠନ କରାଯାଇଥିଲା। କାର୍ଯ୍ୟକ୍ରମରେ କୁମାର ଭୀମସେନ, କୃଷ୍ଣଚନ୍ଦ୍ର ରଥ, ବିପିନ ବିହାରୀ ମହାନ୍ତି, ବିଜୟଲକ୍ଷ୍ମୀ ଦାଶ ମିଶ୍ର, ରାମଚନ୍ଦ୍ର ସୁର, ବିଜୟ କୁମାର ପଣ୍ଡା, ସୁବାସ ଚନ୍ଦ୍ର ପରିଡ଼ା, ପ୍ରମୋଦ କୁମାର ପ୍ରଧାନ, ଦେବରାଜ ପ୍ରଧାନ, ପ୍ରଶାନ୍ତ କୁମାର ତ୍ରିପାଠୀ, ପ୍ରଭାକର ପ୍ରଧାନ, ଡ. ପ୍ରମୋଦ କୁମାର ଆଚାର୍ଯ୍ୟ ଏବଂ ପ୍ରମୁଖ ଉପସ୍ଥିତ ଥିଲେ।

# ନଡ଼ିଆ ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ

ସାକ୍ଷୀଗୋପାଳ,୧୯(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

## ଆଜି ବିଶ୍ୱ ନାରିକେଳ ଦିବସ



ରାଜ୍ୟ ତଥା ଦେଶରେ ସାକ୍ଷୀଗୋପାଳ ଅଞ୍ଚଳ ନାରିକେଳ ରାଜଧାନୀ ଭାବେ ବେଶ୍ ପରିଚିତ ଥିଲା। ୧୯୬୪ ମସିହାରେ ପୁରୀ ରାଜପଥ ପାର୍ଶ୍ୱରେ ଅବସ୍ଥିତ ୧୨୪ ହେକ୍ଟର ପରିମିତ ଆଞ୍ଚଳିକ ନାରିକେଳ ଗବେଷଣା କେନ୍ଦ୍ରରେ ବିଭିନ୍ନ ପ୍ରଜାତି ଓ ସଙ୍କରଜାତୀୟ ନଡ଼ିଆଚାରା ଉତ୍ପାଦନ କରାଯାଉଥିଲା। ଗବେଷଣା କେନ୍ଦ୍ରରେ ପରଭୋଜି କୀଟ ପ୍ରଜନନ ଗବେଷଣା କେନ୍ଦ୍ରରେ କିଟ୍ ପ୍ରସ୍ତୁତ କରାଯାଇ ନଡ଼ିଆ ଗଛରେ ଛଡ଼ାଯାଉଥିଲା । ଗବେଷଣାଗାରରେ ପ୍ରସ୍ତୁତ ଏହି କିଟ୍ ନଡ଼ିଆ ଗଛକୁ ବାହ୍ୟ କୀଟ ଆକ୍ରମଣରୁ ସୁରକ୍ଷା ପ୍ରଦାନ କରୁଥିଲା। ପର୍ଯ୍ୟାୟକ୍ରମେ ଏହି କାର୍ଯ୍ୟକ୍ରମ ଶିଥିଳ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ଏହି ଜମିରୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟକୁ ୪୨ ଏକର, କୃଷି ବିଭାଗକୁ ୬ ଏକର ଓ ଆଦର୍ଶ ବିଦ୍ୟାଳୟକୁ ୧୦ ଏକର ଜମି ପ୍ରଦାନ କରାଯାଇଛି। ଅବଶିଷ୍ଟ ୬୪ ଏକର ଜମିକୁ ଏଗ୍ରିଟେକ୍ ସ୍ମାର୍ଟ ଫାର୍ମ କରି ଘରୋଇ ସଂସ୍ଥାକୁ ଦିଆଯିବ ବୋଲି ଜଣାପଡ଼ିଛି। ଏହି ଘରୋଇ ସଂସ୍ଥା ପକ୍ଷରୁ ଏଠାରେ ନଡ଼ିଆଚେଲ ପ୍ରସ୍ତୁତ, ପୁଷ୍କରିଣୀର ବିକାଶ ଓ ଆଗ୍ରୋ ଇକୋ ଟୁରିଜିମ୍ କେନ୍ଦ୍ର ସମେତ ଅନ୍ୟାନ୍ୟ ଉଦ୍ୟୋଗ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ୫ ହେକ୍ଟର ଜମି ଉପରେ ପ୍ରତିଷ୍ଠିତ ବିଭାଗୀୟ କାର୍ଯ୍ୟାଳୟ ଓ ବାୟୋ କଣ୍ଟ୍ରୋଲ ଟେଷ୍ଟିଙ୍ଗ ଲାବରେଟୋରି ଅଞ୍ଚଳକୁ ଏହି ପ୍ରକ୍ରିୟାରୁ ବାଦ୍ ଦେବା ନିମନ୍ତେ ବିଭାଗ ତରଫରୁ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଏକ ଚିଠି ପ୍ରେରଣ ହୋଇଥିବା ଜଣାପଡ଼ିଛି। ବାରମ୍ବାର ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରେ ନଡ଼ିଆଚାଷ ଉଜୁଡ଼ି ଯାଉଥିବା ବେଳେ ଏହା ଉପରେ ନିର୍ଭରଶୀଳ ନଡ଼ିଆ ବଜାର, କୁଟିରଶିଳ୍ପ କ୍ଷେତ୍ରମାନ ପ୍ରଭାବିତ ହୋଇଛି। ଚାଷୀମାନେ ଏବେ ନଡ଼ିଆ ଚାଷରୁ ମୁହଁ ଫେରାଇବାକୁ ବାଧ ହୋଇଛନ୍ତି।

---

GOVERNMENT OF ODISHA
DEPARTMENT OF AGRICULTURE AND FARMERS' EMPOWERMENT,

## OFFICE OF THE EXECUTIVE ENGINEER (AGRIL), GANJAM DIVISION, BERHAMPUR, RANGEILUNDA

Notice No. 1296 // EE. Agril. Dt.30.08.2025

### INVITATION FOR BIDS (IFB)

e-procurement notice

Bid identification number / Tender call notice no. - EE (A), Ganjam-03 of 2025-26

No.L-59 : The Executive Engineer (Agril.), Ganjam Division, Berhampur who has been authorized as the procuring officer for Ganjam Division is directed to invite percentage rate bid on behalf of the Governor of Odisha for the Civil construction works under Ganjam Division. The cost of the project is approximately 18.00 lakhs (Excluding GST& LC). Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from https://tendersodisha.gov.in from **01.09.25 at 11.00 hours to 08.09.25 at 17.00 hours**. The bid will be opened on **10.09.25 at 15:00 hours** onwards in the O/o. Executive Engineer (Agril.), Ganjam Division, Berhampur, RITE Campus, Rangeilunda. All other details regarding term and conditions, corrigendum from time to time if any, DTCN etc. can be seen and downloaded from https://tendersodisha.gov.in.

Sd./- Executive Engineer (Agril)
Ganjam Division, Berhampur

OIPR-01508/11/0009/2526

---

GOVERNMENT OF ODISHA
DEPARTMENT OF WATER RESOURCES
INVITATION FOR BIDS (IFB)

## OFFICE OF THE EXECUTIVE ENGINEER BOUDH IRRIGATION DIVISION, BOUDH, PIN-762014

e-mail i.d - eebidboudh@gmail.com

"e"-Procurement Notice No.-05/2025-26

Bid Identification No. EE BOD-05/2025-26

No.2708 /Date:26.08.2025

No.A-563 : The **Executive Engineer, Boudh Irrigation Division, Boudh**, on behalf of Governor of Odisha invites online **Percentage rate** tenders in **Single cover system** to be received in online mode only for the works as detailed below. Bid documents consisting of work, estimated cost, cost of tender paper, EMD, time of completion, Class of contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the work | Canal work, River embankment |
| 2 | No. of Works | 19 Nos. |
| 3 | Class of Contractor | **"B" & "C" Class (Odisha PWD or relevant class of other licensing Authority)** |
| 4 | Bid Identification No. | EEBOD-05/2025-26 |
| 5 | Estimated Cost | Varies Approximately from 21.02 lakhs to 33.87 lakhs |
| 6 | Period of Completion | 4 (Four) Calendar Months |
| 7 | Date & time of availability of bid documents in the Portal | **From 03.09.2025 (11.00 A.M.) to 16.09.2025 (05.00 P.M.)** |
| 8 | Last date/time for receipt of bids through online | **16.09.2025 upto 05.00 P.M.** |
| 9 | Date of Opening of Bid through online | **17.09.2025 (11.00 A.M. onwards in the Office of the undersigned)** |
| 10 | Name of the Officer inviting Bid | **Executive Engineer, Boudh Irrigation Division, Boudh (Dist.-Boudh)** |

Further details can be seen from the e-Procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in said website.

Sd./- Executive Engineer
Boudh Irrigation Division, Boudh

OIPR-32111/11/0012/2526

---

No.L-60

## DIRECTORATE OF AGRICULTURE & FOOD PRODUCTION, ODISHA

REQUEST FOR PROPOSAL

**"Selection of Agency for the role of Programme Secretariat for the state sector scheme "Revival and Sustainable Intensification of Forgotten Food & Neglected crops in Odisha" under the Administrative Control of Director of Agril & FP (Odisha).**

**RFP No 29523 Dated 30.08.2025** : The Director of Agriculture & Food Production, Odisha, Bhubaneswar of Department of Agriculture & Farmers Empowerment, Odisha invites proposal through e-procurement mode from the interested bidders "Selection of Agency for the role of Programme Secretariat for the state sector scheme "Revival and Sustainable Intensification of Forgotten Food & Neglected crops in Odisha" under the Administrative Control of Director of Agril & FP (Odisha).

The RFP document is available and can be downloaded from the **tendersodisha.gov.in** from 02.09.2025. Last date for submission of proposals through e-procurement portal is 24.09.2025 at 17.00 hrs. (IST). Further updates on this tender will be available on this website only.

The proposals received beyond the scheduled last date & time will be rejected out rightly. The Director of Agriculture & Food Production, Odisha, Bhubaneswar reserves the right to reject any/all proposals without assigning any reason thereof.

PT2-DAFP-RTI-SG-0002-2024

Sd./- Director of Agriculture & Food Production, Odisha

OIPR-01102/11/0030/2526

---

See Career Appointment on every Wednesday & Saturday

---

## OFFICE OF THE GENERAL MANAGER WATCO DIVISION, BERHAMPUR

e-mail:gmwatcobam@gmail.com,Ph.No.06802233978

### 1st CORRIGENDUM to WATCOBAM-07/2025-26, Dt.20.08.2025

**(Tender Id-2025_WDBAM_117372_1 Dt.26.08.2025)**

Letter No.3301 Date:30.08.2025

No.C-980: The corrigendum to DTCN of tender identification No. WATCOBAM-07/2025-26, Dt.20.08.2025 (Tender Id-2025_WDBAM_117372_1 Dt.26.08.2025) has changes to Bill of Quantity item make.

| Earlier uploaded BOQ | To be modified to bill of quantity item make |
|---|---|
| Bill of Quantity Sl.No.7 & 8 150mm dia K-7 Ductile Iron pipe (P 1:6) 100mm dia K-7 Ductile Iron pipe (P 1:6) | Bill of Quantity Sl.No. 7 & 8 150mm dia K-7 Ductile Iron pipe 100mm dia K-7 Ductile Iron pipe |

The Bidder are requested to go through the above corrigendum carefully and act accordingly.
All other terms & conditions remain unaltered.

Sd./- General Manager
WATCO Division, Berhampur

OIPR-13210/11/0006/2526

---

## POLICE COMMISSIONERATE BHUBANESWAR-CUTTACK

ODISHA SPECIAL ARMED POLICE 7TH BATTALION, BHUBANESWAR

ପ୍ରାପ୍ତେଷୁ
ବାସିଲ କିରୋ, ସିପାହୀ-୧୧୮
ପିତା:ଫ୍ଲାବିଆନୋସ କିରୋ
ଗ୍ରାମ:ପ୍ରତାପପୁର, ଥାନା:ରାଜଗଙ୍ଗପୁର
ପୋଷ୍ଟ ଅ:ଇଢ଼ପୁର, ଜିଲ୍ଲା-ସୁନ୍ଦରଗଡ଼

No.D-192:ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆପଣ ତା.୦୧.୦୭.୨୦୨୩ ରିଖ ପୂର୍ବାହ୍ନ ୮ ଘଟିକାଠାରୁ ବିନା ଅନୁମତିରେ କାର୍ଯ୍ୟାଳୟରୁ ପଳାୟନ ଅଛନ୍ତି । ଆପଣ କୌଣସି ଛୁଟି ନନେଇ ଉକ୍ତଦିନ ଠାରୁ ଆଜି ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି । ଆପଣଙ୍କ ଅନୁପସ୍ଥିତି ବିଷୟରେ ଉପରିସ୍ଥ ଅଫିସରଙ୍କୁ କିମ୍ବା କାର୍ଯ୍ୟାଳୟକୁ ଆଜି ପର୍ଯ୍ୟନ୍ତ କୌଣସି ତଥ୍ୟ ଜଣାଇନାହାନ୍ତି । ଆପଣଙ୍କ ଅନଧିକୃତ ଅନୁପସ୍ଥିତି ପାଇଁ କାର୍ଯ୍ୟାଳୟ ତରଫରୁ ଚିଠି ସଂଖ୍ୟା ୮୨୫/RO, ତା.୧୮.୦୫.୨୦୨୪ ଏବଂ ୧୦୧୨/RO, ତା.୨୨.୦୬.୨୦୨୪ ରିଖ ମାଧ୍ୟମରେ କର୍ତ୍ତବ୍ୟରେ ଯୋଗ ଦେବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା । ଆପଣ ଉକ୍ତ ଚିଠି ଦ୍ୱୟ ଗ୍ରହଣ କରିବା ସତ୍ତ୍ୱେ ମଧ୍ୟ ଜାଣିଶୁଣି ନିଜ କାର୍ଯ୍ୟରେ ଯୋଗ ଦେଇନଥିବାରୁ ଆପଣଙ୍କ ବିରୋଧରେ ବିଭାଗୀୟ ପ୍ରୋସିଡିଙ୍ଗ ନମ୍ବର-୦୩, ତା.୧୪.୦୫.୨୦୨୫ ଆରମ୍ଭ କରାଯାଇଅଛି ।

ଏଣୁ ଆପଣଙ୍କୁ ଏତଦ୍ ଦ୍ୱାରା ଅବଗତ କରାଇ ଦିଆଯାଉଅଛି କି, ଆପଣ ଏହି ସୂଚନା ପ୍ରକାଶନର ୧୫ ଦିନ ମଧ୍ୟରେ ଓ.ଏସ୍.ଏ.ପି ୭ମ ବାଟାଲିୟନ, ଭୁବନେଶ୍ୱର କାର୍ଯ୍ୟାଳୟରେ ଯୋଗଦାନ କରିବା ହେବେ । ନଚେତ୍ ଧରି ନିଆଯିବ ଯେ ଆପଣ କାର୍ଯ୍ୟରେ ଯୋଗଦାନ କରିବାର ନାହିଁ ଏବଂ ଉକ୍ତ ପ୍ରୋସିଡିଙ୍ଗର ଏକତରଫା ତଦନ୍ତ କରି ଆପଣଙ୍କୁ ସରକାରୀ ଚାକିରିରୁ ବହିଷ୍କାର କରିଦିଆଯିବ ।

ସ୍ୱା./-ଆରକ୍ଷୀ ଉପ-ଆୟୁକ୍ତ (ସଶସ୍ତ୍ର)
ଓ.ଏସ୍.ଏ.ପି. ୭ମ ବାଟାଲିୟନ, ଭୁବନେଶ୍ୱର

OIPR-12121/11/0001/2526

---

GOVERNMENT OF ORISSA

## OFFICE OF THE NOTIFIED AREA COUNCIL, KODALA

Odisha, Pin - 761032, e-Mail : nackodala@gmail.com

Lt. No.2582/ Dev / 2025 Dated : 30/08/2025

e-NOTICE

### BID IDENTIFICATION NO. KOD-NAC-11/2025-26

No.C-979 : The Executive Officer, NAC, Kodala on behalf of Governor of Odisha invites for bidders of eligible class registered with the State Govt. and bidders of equivalent grade/class registered with Central Govt./MES/Railways according to norm of e-procurement system in online mode for the work as per DTCN.

1. Name of the Work : Civil Work
2. Number of Work : 10 Nos.
3. Estimated cost : As per DTCN
4. Period of Completion : As per DTCN
5. Date and Time of availability of Bid Document in the Portal : **From 10.00 A.M. of Dt. 01.09.2025 to 05.00 P.M. of Dt. 09.09.2025**
6. Last date and time for receipt of Bid in the Portal : **05.00 P.M. of Dt. 09.09.2025**
7. The bid received online shall be opened on **11.00 A.M. of dtd. 10.09.2025**
8. Name and Address of the Officer inviting Bid : Executive Officer, NAC, Kodala

Further details can be seen from the Procurement Portal : www.tendersorissa.gov.in

Sd./- Executive Officer
Kodala NAC

OIPR-13203/11/0048/2526

---

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା 16139/ଭୁ.ଉ.କ., ଭୁବନେଶ୍ୱର ତା.୧୪.୦୮.୨୫ ରିଖ

SRE-21/88

### ସୂଚନା

No.CAD-1634:ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଣୀତ ସତ୍ୟନଗର ଡେଭେଲପମେଣ୍ଟ ସ୍କିମ୍, ପାଟିଆ, ଭୁବନେଶ୍ୱର ଅନ୍ତର୍ଗତ HIG ପ୍ଲଟ ନଂ. କେ.୮-୧୨୬କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୪୮୦୦/AL ତା.୦୪.୦୩.୧୯୯୭ ରିଖ ଅନୁଯାୟୀ ଶ୍ରୀ ଅଶୋକ କୁମାର ମିଶ୍ର, ପିତା-ସ୍ୱର୍ଗତ ଅଭିମନ୍ୟୁ ମିଶ୍ର, ପ୍ଲଟ ନମ୍ବର-୪୫, ଫରେଷ୍ଟ ପାର୍କ, ଅଶୋକ ନଗର, ଥାନା-କ୍ୟାପିଟାଲ, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ଆବଣ୍ଟନକାରୀ ଅଶୋକ କୁମାର ମିଶ୍ର ଗତ ତା.୨୦.୦୩.୨୦୨୩ରିଖରେ ମୃତ୍ୟୁବରଣ କରିଅଛନ୍ତି (Death Certificate No-613357 Dated 27.03.2023, Legal heir certificate No- E-LHC/2023/220411) ବର୍ତ୍ତମାନ (୧) ସବିତା ମିଶ୍ର (ସ୍ତ୍ରୀ) (୨) ସୁଚରିତା ମିଶ୍ର (ଝିଅ) (୩) ଅଂଶୁମାନ ମିଶ୍ର (ପୁତ୍ର) ଉକ୍ତ ପ୍ଲଟର ଉତ୍ତରାଧିକାରୀ ଅଛନ୍ତି ।

ଏଣୁ ଉକ୍ତ ପ୍ଲଟର ନୂତାୟନ ଅବରାର ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ୧୫ ଦିନ ଭିତରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ, ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି / ଅଭିଯୋଗ ଶୁଣାଯିବ ନାହିଁ ଏବଂ ଉକ୍ତ ବୃହତ ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା./- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର

OIPR-13033/11/0355/2526

---

## ଜିଲ୍ଲା ପରିଷଦ, ପୁରୀ

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

## ZILLA PARISHAD, PURI

Panchayati Raj & Drinking Water Department, Govt. of Odisha

Notice No.4712, Date: 30.08.2025

Zilla Parishad, Puri, Kacheri Road, Puri-752001,
Ph:06752-225441, 222136, Email:ori-dpuri@nic.in, drdapuri@gmail.com

### TENDER NOTICE

No.CAD-1654:Sealed tenders are invited from reputed Manpower Agencies/Service Providers to provide the services of DPC, DPE, CCE, BPC, BPA (1no.+1no.+1no.+11nos.+11nos.) for Z.P & 11 Blocks for handling Rural Housing Schemes related works for a period of 01 (One) year on contract basis for day to day official work. The engagement of Manpower Agencies/Service Provider Firm shall be made through two bid systems i.e. Technical & Financial Bid separately. The technically qualified Manpower Agencies/Service Providers Firms can only participate in the Financial Bid. The undersigned reserves the right to accept or cancel any application without assigning any reason(s) thereof.

For more details please visit our website in https://puri.nic.in

1.Last date of receipt of Sealed Bid is on Dt.22.09.2025 upto 5.30 P.M. through Registered/Speed Post only. (any other mode of Submission of Tender is not acceptable.)

2.Opening of Bid papers i.e. (i) Technical Bid on Dt.23.09.2025 at 11.00 AM. (ii) Financial Bid of eligible Tenders on: Dt.24.09.2025 at 11.00 AM.

Sd./- CDO-cum-EO
Zilla Parishad, Puri

OIPR-19256/11/0017/2526

---

## Bhubaneswar Smart City Limited

5th Floor, BMC-ICOMC Tower, Bhoi Nagar, Unit-9, Bhubaneswar-751022
E-mail Id: bbsr.bscl@gmail.com, CIN:U74900OR2016PLC020016
Telephone-0674-2548428, 0674-2540811

No.1183/ BSCL/ 2025 Date:30.08.2025

No.C-983:

### TENDER CALL NOTICE

| Sl. No. | Name of the Work | Bid Identification No. | Availability of Tender Document From | To |
|---|---|---|---|---|
| 1 | RFP for selection of agency for Supply, Installation, Commissioning and Maintenance of Adaptive Traffic Signal Control System with Mobile application for Emergency Vehicle Movement and CDT (Amber and Red) for 25 Location in Bhubaneswar City | 1180/BSCL/ 2025 Dated 30.08.2025 | 02.09.2025 17.30 Hrs. | 04.10.2025 17.30 Hrs. |
| 2 | RFP for Selection of agency for design implementation and management of IP CCTV, ITMS and FRS SYSTEM on OPEX Model | 1181/ BSCL/2025 Dated 30.08.2025 | 02.09.2025 17.30 Hrs. | 08.10.2025 17.30 Hrs. |

Further details can be seen from website https://tendersodisha.gov.in/ Any Corrigendum or Addendum, it any will not be published in newspaper and can only be seen in the above-mentioned website.

By Order Managing Director

Sd./- General Manager (Admin)
Bhubaneswar Smart City Limited

OIPR-13070/11/0013/2526

---

## ଜିଲ୍ଲା ପରିଷଦ : ଝାରସୁଗୁଡ଼ା

## ZILLA PARISHAD : JHARSUGUDA

Near Collectorate, Jharsuguda - 768204
Phone - 06645272997, ori-djharsuguda@nic.in

No.3919 Date : 30.08.2025

### TENDER NOTICE

No.CAD-1648 : Sealed tenders are invited from reputed Manpower Agencies/Service Providers to provide the services of **DPC, DPE, CCE, BPC, BPA (1no.+1no.+1no.+05nos.+05nos.) for Z.P & 05 Blocks for handling Rural Housing Schemes** related works for a period of 01(one) year on contract basis for day to day official work. The engagement of Manpower Agencies/Service Provider Firm shall be made through two Bid systems i.e. Technical & Financial Bid separately. The Technically qualified Manpower Agencies/Service Providers Firms can only participate in the Financial Bid. The undersigned reserves the right to accept or cancel any application without assigning any reason(s) thereof. For more details please visit our website in **https://jharsuguda.odisha.gov.in**

1. Last date of receipt of Sealed Bid is on **24.09.2025** up to **5.30 PM** through Registered/Speed Post only.
2. Opening of Bid papers i.e. (i) Technical Bid on **dt. 25.09.2025, 11:00 AM** (ii) Financial Bid of eligible Tenders on : **dt.25.09.2025, 3:00 PM**

Sd./- CDO-cum-EO,
Zilla Parishad, Jharsuguda

OIPR-19321/11/0004/2526

---

## OFFICE OF THE REGULATED MARKET COMMITTEE, BANKI

E-PROCUREMENT NOTICE

**Organisation Chain-Odisha State Agricultural Marketing Board/RMC Banki**

**Tender Reference No.RMC/BANKI-01/2025-26**

NO.H-20

1. The Sub-Collector, Banki-cum-Chairman, R.M.C. Banki invites percentage rate bids in single cover system (**Technical Bid & Price Bid**) in **ONLINE MODE** from the eligible Contractors for the Civil Construction works as mentioned below.
2. Nature of Works : Repair and Renovation of existing infrastructure at 5 (five) Branches of Banki C.C.B. Ltd., Banki
3. Nos. of Works : 5 (five) Nos.
4. Tender Paper Cost : Rs.4,000/-
5. Class of Contractors : 'D' & 'C'
6. Available of bid documents in the website : From 11.00 A.M. of dt.03.09.2025 to 05.00 P.M. of dt.12.09.2025
7. Date of opening of Bid : Dt.15.09.2025 at 11 A.M.

The bidders have to participate in **ONLINE** bidding only. Further details can be seen from the website : http://tendersodisha.gov.in. Any addendum/corrigendum/cancellation of the tender can also be seen in the website.

Sd./- Sub-Collector, Banki-cum-Chairman,
R.M.C. Banki

OIPR-01550/11/0007/2526

---

## OFFICE OF THE REGISTRAR VIKRAM DEV UNIVERSITY, JEYPORE, KORAPUT, ODISHA

No.2142/VDU/25 DATE:30.08.2025

### CORRIGENDUM

No.CAD-1646: In partial modification of this office advertisement no.1071/VDU/25 dated 22.08.2025, the date of walk-in-interview for engagement of Assistant Professor in the Department of Master of Business Administration and Master of Computer Science on contractual basis will be held as per the following dates and time.

| Date | Time | Subject | Venue |
|---|---|---|---|
| 04.09.2025 | 10.00 AM | Master of Business Administration | Vice-Chancellor's Office Chamber |
| 06.09.2025 | 10.00 AM | Master of Computer Science | Vice-Chancellor's Office Chamber |

All other terms and condition in the said advertisement will remain unchanged.

Sd./- Registrar
Vikram Dev University, Jeypore, Dist:Koraput

OIPR-11133/11/0014/2526

---

## OFFICE OF THE SUPERINTENDING ENGINEER RWS&S DIVISION, JAGATSINGHPUR

Mail - rwssjpur@gmail.com

### Quotation Call Notice No. 02 of 2025-26

No.O-666 : On behalf of Governor of Odisha the Executive Engineer, RWS&S Division, Jagatsinghpur at Punanga (Near Police Barrack) invites sealed quotations from registered agencies on their official letterhead for finalization of rates for the following items

| Sl. No. | Description of work | Qnty | Unit | Rate In figures | Rate In words |
|---|---|---|---|---|---|
| 1 | Supplying of 5 HP submersible Pump Motor of Motor Type-BPD+UMA I/H 150 & Size-242/4A + 3/22) | 1 | Each | | |
| 2 | Supplying of 7.5 HP submersible Pump Motor of Motor Type-BPD+UMA I/H 150 & Size-242/6A + 6/22 (DOL) | 1 | Each | | |
| 3 | Supplying of 10 HP submersible Pump Motor of Motor Type-BPD+UMA I/H 150 & Size-273/7A + 8/22) | 1 | Each | | |
| 4 | Supplying of 12.5 HP submersible Pump Motor of Motor Type-BPD+UMA I/H 150 & Size-273/8A + 9/22) | 1 | Each | | |
| 5 | Supplying of 15 HP submersible Pump Motor of Motor Type-BPD+UMA I/H 150 & Size-273/8 + 13/22) | 1 | Each | | |

| | |
|---|---|
| Receipt of Quotation paper | : On dt. 03.09.2025 to 11.09.2025 up to 5.30 P.M. during office working hours in the office of the Superintending Engineer, RWS&S Division, Jagatsinghpur |
| Opening of Quotation | : On dt.12.09.2025 at 11.30 A.M. in the office of the Superintending Engineer, RWS&S Division, Jagatsinghpur |

**GENERAL CONDITIONS :**

1) Interested agencies must submit their quotation in a sealed envelope, clearly mentioning Quotation for Submersible Pump Motor (BPD+UMA I/H 150) on the cover.
2) The quotations in sealed covers should be sent to the office of the Superintending Engineer, RWS&S Division, Jagatsinghpur.
3) The quotations may be sent by post or delivered at reception of the above office address.
4) The quotation in the sealed cover containing the financial and technical bids must reach this office on or before 03.09.2025 to 11.09.2025 at 5.30 P.M quotations received & the opening of quotation on dt.12.09.2025 at 11.30 A.M after the due date/time shall not be entertained.
5) Valid GST registration Certificate and PAN card must be accompanied along with quotation.
6) The GST will be paid extra as applicable on production of authentic registration certificate.
7) The prices quoted shall be inclusive of the all taxes, duties and charges for delivery, installation and commissioning at out site.
8) Any other information relating to this quotation can be collected from the office of the undersigned during the office working hours till the last date of receipt of the quotation paper.

The authority reserves the right to reject/accept any or all the quotation without assigning any reason thereof.

Sd./- Executive Engineer
RWS&S Divn. Jagatsinghpur

OIPR-25024/11/0020/2526

---

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BALASORE

No.O-679

E_mail ID : serw_balasore@yahoo.in, Ph No - 06782/260318, Balia, Balasore

### "e"-Procurement Notice for Road Work

**Identification No. - Online Tender - Bridge N.C.B. No. 25 for 2025-26**

**Letter No. : 3000 Dt. : 26.08.2025**

1. Name of the work : **Balance road Works under PMGSY-III (2022-23)**, 2. Total No. of work : **01 No.**, 3. Estimated Cost : Rs.280.43 lakhs (Approximately), 4. Eligible Class of Contractor : 'B' & 'A' Class (of Odisha P.W.D.) or relevant Class of other licensing authorities (as per annexure), 5. Period of Completion : As per annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding From | To | Last Date & Time of Seeking Tender Clarification | Date & Time of Opening of Tender in O/o C.C.E.R.W. Circle, Balasore Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| **Chief Construction Engineer, Rural Works Circle, Balasore** | NCB No. 25 of 2025-26 | Dt.02.09.2025 at 11.00 A.M. | Dt.10.09..2025 up to 5.00 P.M. | Dt.09.09.2025 up to 5.00 P.M. | Dt.11.09.2025 at 11.00 A.M. | **Will be intimated later** |

* **Further details can be seen from the website : www.pmgsytenders.gov.in**

Sd./- Chief Construction Engineer,
R.W. Circle, Balasore

OIPR-25105/11/0074/2526

---

## ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

## ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର

No.PP:ଚଳିତ ଆର୍ଥିକ ବର୍ଷ (୨୦୨୫-୨୬) ପାଇଁ ନିମ୍ନଲିଖିତ ଜାତୀୟସ୍ତରୀୟ ପ୍ରଦର୍ଶନୀ/ରାଜ୍ୟସ୍ତରୀୟ ପ୍ରଦର୍ଶନୀରେ ଭାଗ ନେବା ନିମନ୍ତେ ହସ୍ତଶିଳ୍ପୀ କାରିଗର/ ସମବାୟ ସମିତି / ସ୍ୱୟଂ ସହାୟକ ଗୋଷ୍ଠୀ / ଉତ୍ପାଦକ ଗୋଷ୍ଠୀ / ହସ୍ତଶିଳ୍ପ ସମ୍ପୃକ୍ତ ଅଣ ସରକାରୀ ସଂସ୍ଥାମାନେ ତା୦୩.୦୯.୨୦୨୫ରିଖରୁ ତା୨୨.୦୯.୨୦୨୫ରିଖ ପର୍ଯ୍ୟନ୍ତ ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଆବେଦନ କରିପାରିବେ ।

| କ୍ର.ସଂ. | ପ୍ରଦର୍ଶନୀର ନାମ | ସ୍ଥାନ | ପ୍ରସ୍ତାବିତ ମାସ |
|---|---|---|---|
| ୧. | ବାର୍ଷିକ ଟେରାକୋଟା ପ୍ରଦର୍ଶନୀ "ମୃତ୍ତିକା-୨୦୨୫" (Mruttika-2025) | IDCO ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଭୁବନେଶ୍ୱର | ଅକ୍ଟୋବର,୨୦୨୫ |
| ୨. | ୨୦ତମ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା (20th Toshali National Crafts Mela) | ଜନତା ମଇଦାନ, ଭୁବନେଶ୍ୱର | ଡିସେମ୍ବର, ୨୦୨୫ |
| ୩ | କୋଣାର୍କ ଫେଷ୍ଟିଭାଲ ୨୦୨୫ (Konark Festival 2025) | କୋଣାର୍କ, ପୁରୀ | ଡିସେମ୍ବର, ୨୦୨୫ |
| ୪ | ଶିଶିର ସରସ (Sisir Saras) (ORMAS ଦ୍ୱାରା ସଂଗଠିତ) | ଭୁବନେଶ୍ୱର | ଜାନୁୟାରୀ, ୨୦୨୬ |
| ୫ | ଆଦିବାସୀ ମେଳା-୨୦୨୬ (Adivasi Mela-2026) (ଅନୁସୂଚିତ ଜନଜାତିଙ୍କ ନିମନ୍ତେ) | ଆଦିବାସୀ ପଡ଼ିଆ, ଭୁବନେଶ୍ୱର | ଜାନୁୟାରୀ, ୨୦୨୬ |
| ୬ | ରାଜ୍ୟସ୍ତରୀୟ ଟେରାକୋଟା ପ୍ରଦର୍ଶନୀ-୨୦୨୬ (State Level Terracotta Exhibition-2026) | ବାରବାଟୀ କିଲ୍ଲା ପଡ଼ିଆ (ଖ୍ରୀଷ୍ଟିଆନ ସାହି ପଡ଼ିଆ, ଚିଲ୍ଡ୍ରେନ ପାର୍କ), କଟକ | ଫେବୃୟାରୀ, ୨୦୨୬ |

**ଆବେଦନ କରିବା ନିମନ୍ତେ ସାଧାରଣ ଯୋଗ୍ୟତା ତଥା ଦରକାରୀ ଦସ୍ତାବିଜ**

- ପ୍ରଦର୍ଶନୀରେ ଭାଗ ନେବା ନିମନ୍ତେ ଆବେଦନକାରୀଙ୍କ ନାମ ସମ୍ପୃକ୍ତ ଜିଲ୍ଲା ହସ୍ତଶିଳ୍ପ କାରିଗର ସର୍ବେକ୍ଷଣ ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା ନିହାତ ଆବଶ୍ୟକ । ଆବେଦନକାରୀଙ୍କ ବୟସ ସୀମା ୧୮ ବର୍ଷ ବା ତଦୁର୍ଦ୍ଧ୍ୱ ହୋଇଥିବ ।
- ଆବେଦନ ନିମନ୍ତେ ଦରକାରୀ ଦସ୍ତାବିଜ: ନିଜ ଆଧାର କାର୍ଡ ନମ୍ବର ଏବଂ ବ୍ୟାଙ୍କ ପାସବୁକ୍/ଚେକ୍ ବହିର ନକଲ । ଆବେଦନକାରୀ ଉପରୋକ୍ତ ଯୋଜନାରେ ପ୍ରଦର୍ଶନୀରେ ଭାଗ ନେବା ନିମନ୍ତେ ଅନଲାଇନ ମାଧ୍ୟମରେ https://crafts.odisha.gov.in/ ୱେବସାଇଟ ପରିଦର୍ଶନ କରି Apply Online ଉପରେ Click କରି https://spdp.odisha.gov.in/ ରେ ପ୍ରବେଶ କରିବା ପରେ "Exhibition Participation" ରେ Apply Now ଉପରେ Click କରି ଆବେଦନ କରିପାରିବେ । ଆବେଦନ କରିବାର ସବିଶେଷ ବିବରଣୀ ତଥା ପ୍ରଦର୍ଶନୀରେ ଦିଆଯାଉଥିବା ସମସ୍ତ ସୁବିଧା ଓ ସହାୟତାର ସୂଚନା ଏହି ୱେବସାଇଟରେ ଉପଲବ୍ଧ ଅଛି । ଆବେଦନ କରିବାର ଅନ୍ତିମ ତାରିଖ ୨୨.୦୯.୨୦୨୫ । ଏସମ୍ବନ୍ଧୀୟ ବିଶେଷ ତଥ୍ୟ ପାଇଁ ସମ୍ପୃକ୍ତ ଜିଲ୍ଲା ହସ୍ତଶିଳ୍ପ କାରିଗର ତଥା ଏହି ନିର୍ଦ୍ଦେଶାଳୟର ନିଃଶୁଳ୍କ ଟେଲିଫୋନ ସେବା-୧୮୦୦ ୩୪୫ ୭୫୦୦ରେ ଯୋଗାଯୋଗ କରିବାକୁ ଅନୁରୋଧ । ଆବଶ୍ୟକ ସ୍ଥଳେ ଓଡ଼ିଶା ସରକାର ଉପରୋକ୍ତ ନିୟମାବଳୀର ପରିବର୍ତ୍ତନ କରିପାରିବେ ।

ସ୍ୱା./- ନିର୍ଦ୍ଦେଶିକା
ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

OIPR-31034/11/0003/2526

---

ODISHA LIFT IRRIGATION CORPORATION LIMITED
(A Government of Odisha Undertaking)

## OFFICE OF THE EXECUTIVE ENGINEER, L.I. DIVISION, ANGUL

Email ID - eeliangul@gmail.com

### e-Tender Notice

**Bid Identification No E.E. ANGUL (OLIC) 02/2025-26 Date 25.08.2025**

No.CAD-1640 : The Executive Engineer, Lift Irrigation Division, Angul, Odisha, invites tender on behalf of the Managing Director, OLIC Ltd,. Bhubaneswar through e-procurement in shape of **percentage rate** bids in online mode only for the work **"Revival & Reinforcement** of following L.I. Projects under **Angul, Athamallik, Banarpal, Chhendipada, Kaniha, Kishorenagar, Pallahara & Talcher** blocks in Angul district on turn-key basis as detailed in the table below. The contractors must have valid Civil license of requisite class as per the Tender Call Notice and valid H.T. license and validity of both the licenses should be for a period at least 1 month from the date of the opening of the tender. Valid Joint Venture agreement should be made between Civil and Electrical Licences in case of separate Licences, where Civil Licence holder will be treated as prime contractor as because of the evaluation to be done under the capacity of PWD Contractor. The H.T. Electrical License should be issued by E.L.B.O. & Valid Civil Licence should be registered within the State, issued by PWD/ PHED/ RWSS/ Irrigation/ M.I. Deptt./ Rural works. The scanned copy of the joint venture agreement should be uploaded along with the bid, any deviations found will be summarily rejected. The bids should be submitted online on the website: **www.tendersorissa.gov.in**

1. **Name of Works** : Revival and Reinforcement of River Lift Projects with supply of all materials on Turnkey basis.
2. **Total Nos. of Packages** : **32 Nos**
3. **Approximate Estimated Cost** : **Rs. 5.427** Lakh to **Rs. 27.750** Lakh
4. **Class of Contractor** : "D", "C" & "B" valid civil Class with H.T. valid Licence
5. **Period of completion** : 90 Days from the date of issue of work order
6. **Other details as follows**

| Procurement Officer | Bid Identification No | Availability of tender On-line for bidding From | To | Last date & time of seeking tender clarification | date & Time of Opening of tender in the office of the Executive Engineer, L.I. Division, Angul |
|---|---|---|---|---|---|
| 1 | 2 | 3 | 4 | 5 | 7 |
| Executive Engineer, L.I. Division, Angul | 02/2025-26 | 03.09.2025 10.00 AM | 11.09.2025 Up to 5.00 PM | 09.09.2025 | 12.09.2025 11.00 AM |

* Details can be seen from the Website **www.tendersorissa.gov.in / www.angul.odisha.gov.in**.
* Any Corrigendum / Addendum will be displayed in the above website only.

Sd./- (Er. Debaraj Sethi)
Executive Engineer, L.I. Division, Angul

OIPR-32547/11/0003/2526

### ୮ ଯାତ୍ରୀଙ୍କ ସହ ହେଲିକପ୍ଟର ନିଖୋଜ

ଇଣ୍ଡୋନେସିଆର ବର୍ନିଓ ଦ୍ୱୀପରେ ସୋମବାର ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଥିବା ଆଶଙ୍କା କରାଯାଉଛି। ୮ ଜଣଙ୍କୁ ନେଇ ଯାଉଥିବା 'ଏୟାର ବସ୍ ବିକେ୧୧୧ ଡି-୩' ହେଲିକପ୍ଟରଟି ସୋମବାର ସ୍ଥାନୀୟ ସମୟ ସକାଳ ୮ଟା ୪୬ରେ ଉଡ଼ାଣ ଭରିଥିବାବେଳେ ୮ଟା ୫୪ଠାରୁ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା।


## ସଂକ୍ଷେପରେ

### ହେଲିକପ୍ଟର ଦୁର୍ଘଟଣାରେ ୫ ପାକ୍ ସୈନ୍ୟ ମୃତ

ଇସଲାମାବାଦ, ୧୯ (ପି.ଟି.)

ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ର ଗିଲ୍‌ଗିଟ-ବଲ୍‌ଟିସ୍ତାନ ଅଞ୍ଚଳରେ ସୋମବାର ଏକ ହେଲିକପ୍ଟର ଦୁର୍ଘଟଣା ଘଟି ପାକିସ୍ତାନ ସେନାର ୫ କର୍ମଚାରୀଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୨ ଜଣ ପାକ୍ ସୈନ୍ୟ ଅଧିକାରୀ ଥିବା ଜଣାପଡ଼ିଛି। ନିୟମିତ ପ୍ରଶିକ୍ଷଣ ସମୟରେ ପାକିସ୍ତାନ ସେନାର ଏମ୍‌ଆଇ-୧୭ ନାମକ ଉକ୍ତ ହେଲିକପ୍ଟରରେ ବୈଷୟିକ ତ୍ରୁଟି ଦେଖାଯାଇଥିଲା। ଫଳରେ ଏହା କ୍ରାଶ୍ ଲାଣ୍ଡିଂ ହୋଇଯାଇଥିଲା ବୋଲି ପାକିସ୍ତାନ ସେନା ପକ୍ଷରୁ ସୂଚନା ଦିଆଯାଇଛି।

### ଭାରତ ଶୂନ ଟାରିଫ୍ ପ୍ରସ୍ତାବ ଦେବାରେ ବିଳମ୍ବ କରିଥିଲା: ଟ୍ରମ୍ପ


ଡୋନାଲ୍ଡ ଟ୍ରମ୍ପ

ୱାଶିଂଟନ, ୧୯

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତକୁ ଟାର୍ଗେଟ କରି ଅନେକ ନିରାଧାର ଦାବି ଓ ମନ୍ତବ୍ୟ ଦେଇଆସୁଥିବାବେଳେ ନିଜ ଟାରିଫ୍ ନିଷ୍ପତ୍ତିର ଯଥାର୍ଥତା ଦର୍ଶାଇବାକୁ ଯାଇ ନୂଆଦିଲ୍ଲୀ ଏହାର ଟାରିଫ୍ ଶୂନକୁ ହ୍ରାସ କରିବା ପାଇଁ ପ୍ରସ୍ତାବ ଦେଇଥିଲା ବୋଲି ସୋମବାର କହିଛନ୍ତି। କିନ୍ତୁ ସେତେବେଳକୁ ବହୁ ବିଳମ୍ବ ହୋଇଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏବଂ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କୁ ଭେଟିବା ପରେ ଟ୍ରମ୍ପ ସୋସିଆଲ ମିଡିଆ ପୋଷ୍ଟରେ ଏଭଳି ଦାବି କରିଛନ୍ତି। ସେ କହିଛନ୍ତି, ଭାରତର ଅତ୍ୟଧିକ ଟାରିଫ୍ ଯୋଗୁ ଆମେରିକା ସେଠାରେ ସାମଗ୍ରୀ ବିକିପାରୁ ନାହିଁ। ଭାରତ ସହ ବାଣିଜ୍ୟ ସମ୍ପୂର୍ଣ୍ଣ 'ଏକପାଖିଆ ବିପର୍ଯ୍ୟୟ' ବୋଲି ସେ ଅଭିଯୋଗ କରିଛନ୍ତି।

## ଦିଲ୍ଲୀରେ ଆଜି



ଦିଲ୍ଲୀ ବିଧାନସଭାର ପ୍ରଥମ ବାଚସ୍ପତି ଚରାତିଲାଲ୍ ଗୋୟଲଙ୍କ ୯୮ତମ ଜନ୍ମବାର୍ଷିକୀ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ କିରେନ୍ ରିଜିଜୁ, ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ଦିଲ୍ଲୀ ବିଧାନସଭାର ବାଚସ୍ପତି ବିଜେନ୍ଦର ଗୁପ୍ତା ପ୍ରମୁଖ ଯୋଗ ଦେଇଛନ୍ତି। (ଫଟୋ-ଚମନ ଗୌତମ)

# ପହଲଗାମ୍ ଆକ୍ରମଣକୁ ଏସ୍‌ସିଓର ନିନ୍ଦା

ତିଆଞ୍ଜିନ୍, ୧୯(ପି.ଟି.)

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଏପ୍ରିଲ ୨୨ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସୋମବାର ଦୃଢ଼ ନିନ୍ଦା କରିଛି। ଆତଙ୍କବାଦ ବିରୋଧରେ ଲଢ଼େଇରେ ଦୋମୁହାଁ ନୀତି ଗ୍ରହଣୀୟ ନୁହେଁ ବୋଲି ଭାରତର ଆଭିମୁଖ୍ୟକୁ ସମିଟ୍‌ରେ ସହମତି ମିଳିଛି। ଚାଇନାର ବନ୍ଦର ସହର ତିଆଞ୍ଜିନ୍‌ରେ ୨ ଦିନିଆ ଏସ୍‌ସିଓ ସମ୍ମିଳନୀ ଶେଷରେ ପ୍ରକାଶିତ ମିଳିତ ଘୋଷଣାନାମାରେ ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ଦୃଢ଼ ସଂକଳ୍ପ ନିଆଯାଇଛି। ଏଥିରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ, ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏବଂ ଅନେକ ବିଶ୍ୱନେତା ଯୋଗଦେଇଥିଲେ।

ଗାଜାରେ ଇସ୍ରାଏଲ୍‌ର ଆକ୍ରମଣ ଜାରି ରହିଥିବାବେଳେ ଏଥିରେ ଅନେକ ଲୋକ ମୃତାହତ ହେବା ସହ ମାନବୀୟ ସଙ୍କଟ ସୃଷ୍ଟି ହୋଇଛି। ଏଭଳି ଆକ୍ରମଣକୁ ଏସ୍‌ସିଓ ସଦସ୍ୟମାନେ ନିନ୍ଦା କରିଛନ୍ତି। ଘୋଷଣାନାମାରେ ଆଞ୍ଚଳିକ ସୁରକ୍ଷା ବଢ଼ାଇବା ଦିଗରେ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ କରାଯିବା ସହ ଆତଙ୍କବାଦ ବିରୋଧରେ ଲଢ଼େଇକୁ ବଡ଼ ଚ୍ୟାଲେଞ୍ଜ ଭାବେ ନିଆଯାଇଛି। ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ଖୁଜଦାର ଆତଙ୍କବାଦୀ ଆକ୍ରମଣ ଏବଂ ଜାଫରଏକ୍ସପ୍ରେସ୍‌ଆକ୍ରମଣଘଟଣାକୁମଧ୍ୟ ଏସ୍‌ସିଓ ସଦସ୍ୟମାନେ ନିନ୍ଦା କରିଛନ୍ତି। ସେମାନେ ମୃତାହତଙ୍କ ପରିବାରକୁ ଗଭୀର ସମବେଦନା ଜଣାଇଛନ୍ତି। ଏଭଳି ଆକ୍ରମଣର ଅପରାଧୀ, ଆୟୋଜକ ଓ ପ୍ରାୟୋଜକମାନଙ୍କୁ ଆଇନର କାଠଗଡ଼ାକୁ ନିଶ୍ଚୟ ଆଣିବାକୁ ହେବ ବୋଲି ଘୋଷଣାନାମାରେ କୁହାଯାଇଛି। ଆତଙ୍କବାଦ, ବିଚ୍ଛିନ୍ନତାବାଦ ଓ ଉଗ୍ରବାଦ ବିରୋଧରେ ଲଢ଼େଇ ପାଇଁ ଏସ୍‌ସିଓ ଦୃଢ଼ ପ୍ରତିଶ୍ରୁତି ଦେଇଛି। ଆତଙ୍କବାଦ ଓ ଉଗ୍ରବାଦ ବିରୋଧୀ ଲଢ଼େଇରେ ସାମିଲ ଥିବା ସାର୍ବଭୌମ ରାଷ୍ଟ୍ର ଓ ଏହାର ସରକାରଙ୍କ ପ୍ରମୁଖ ଭୂମିକାକୁ ସ୍ୱୀକୃତି ଦିଆଯାଇଛି। ୟୁଏନ୍ ଚାର୍ଟର ଏବଂ ଅନ୍ତର୍ଜାତୀୟ ଆଇନର ସିଦ୍ଧାନ୍ତ ଅନୁଯାୟୀ ଜାତିସଂଘ ସୁରକ୍ଷା ପରିଷଦର ସଂକଳ୍ପ ଏବଂ ବୈଶ୍ୱିକ ଆତଙ୍କବାଦୀ ନିରୋଧୀ ରଣନୀତିକୁ ପୂର୍ଣ୍ଣ କାର୍ଯ୍ୟକାରୀ କରିବାରେ ମୁଖ୍ୟ ଭୂମିକା ଜାତିସଂଘର ବୋଲି ଏସ୍‌ସିଓ କହିଛି।

### ଭାରତ-ରୁଷିଆ ସମ୍ପର୍କ ଆଞ୍ଚଳିକ, ବୈଶ୍ୱିକ ସ୍ଥିରତାର ସ୍ତମ୍ଭ: ମୋଦି

ତିଆଞ୍ଜିନ୍, ୧୯(ପି.ଟି.)


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍।

ଅତ୍ୟନ୍ତ କଠିନ ସ୍ଥିତିଠାରୁ ଆରମ୍ଭ କରି ସବୁ ସମୟରେ ଭାରତ ଓ ରୁଷିଆ କାନ୍ଧକୁ କାନ୍ଧ ମିଳାଇ ଛିଡାହୋଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ କହିଛନ୍ତି। ଚାଇନାର ତିଆଞ୍ଜିନ୍‌ରେ ଅନୁଷ୍ଠିତ ଏସ୍‌ସିଓ ସମିଟ୍ ଅବସରରେ ମୋଦି ଓ ପୁଟିନ୍ ପରସ୍ପରକୁ ଭେଟିଥିଲେ। ଅର୍ଥନୈତିକ ଏବଂ ଶକ୍ତି ସେକ୍ଟରରେ ଦ୍ୱିପାକ୍ଷିକ ସହଯୋଗ ବଢ଼ାଇବା ଉପରେ ୨ ନେତା ଗୁରୁତ୍ୱାରୋପ କରିଛନ୍ତି। ଆନୁଷ୍ଠାନିକ ଆଲୋଚନା ପୂର୍ବରୁ ମୋଦି ପୁଟିନ୍‌ଙ୍କ ସହ ତାଙ୍କ କାର୍‌ରେ ବୈଠକ ସ୍ଥଳକୁ ଯିବାବେଳେ ୪୦ ମିନିଟ୍ ଧରି ଅଣଆନୁଷ୍ଠାନିକ ଆଲୋଚନା କରିଥିଲେ। ୟୁକ୍ରେନ୍‌ରେ ଶାନ୍ତି ପ୍ରତିଷ୍ଠା ଦିଗରେ ନିକଟରେ ନିଆଯାଇଥିବା ସମସ୍ତ ଉଦ୍ୟମକୁ ଭାରତ ସ୍ୱାଗତ କରୁଥିବା ମୋଦି କହିବା ସହ ଯଥାଶୀଘ୍ର ସମ୍ଭବ ଯୁଦ୍ଧ ବନ୍ଦ ପାଇଁ ମାର୍ଗ ବାହାର କରିବା ମାନବୀୟତାର ଆହ୍ୱାନ ବୋଲି କହିଥିଲେ। ଗତ ଶନିବାର ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଟେଲିଫୋନ୍ କଥାବାର୍ତ୍ତା ସମ୍ପର୍କରେ ପୁଟିନ୍‌ଙ୍କୁ ଅବଗତ କରାଯାଇଥିଲା। ପୁଟିନ୍ କହିଛନ୍ତି, ବହୁ ଦଶନ୍ଧି ଧରି ଭାରତ ଓ ରୁଷିଆ ମଧ୍ୟରେ ସ୍ୱତନ୍ତ୍ର ବନ୍ଧୁତ୍ୱପୂର୍ଣ୍ଣ ଓ ବିଶ୍ୱାସ ଆଧାରିତ ସମ୍ପର୍କ ରହିଆସିଛି। ଭବିଷ୍ୟତରେ ସମ୍ପର୍କର ବିକାଶ ଦିଗରେ ଏହା ମୂଳ ଆଧାର। ଏହି ସମ୍ପର୍କ ଦଳୀୟ ରାଜନୀତିଠାରୁ ଉର୍ଦ୍ଧ୍ୱରେ ଏବଂ ଆମ ଲୋକମାନଙ୍କର ଏଥିପ୍ରତି ସଂଖ୍ୟାଗରିଷ୍ଠ ସମର୍ଥନ ରହିଥିବା ପୁଟିନ୍ କହିଛନ୍ତି।

### ମଙ୍ଗଳବାର ସୁଦ୍ଧା ମୁମ୍ବାଇର ସବୁ ରାସ୍ତା ଖାଲି କର

**ମରାଠା ସଂରକ୍ଷଣ ଆନ୍ଦୋଳନକାରୀଙ୍କୁ ବମ୍ବେ ହାଇକୋର୍ଟଙ୍କ ଭର୍ତ୍ସନା**

ମୁମ୍ବାଇ, ୧୯

ମନୋଜ ଜରାଙ୍ଗେଙ୍କ ନେତୃତ୍ୱରେ ମରାଠା ସଂରକ୍ଷଣ ଆନ୍ଦୋଳନକୁ ନେଇ ସୋମବାର ବମ୍ବେ ହାଇକୋର୍ଟ ଆନ୍ଦୋଳନକାରୀଙ୍କୁ ଭର୍ତ୍ସନା କରିବା ସହ ମଙ୍ଗଳବାର ଅପରାହ୍ନ ସୁଦ୍ଧା ମୁମ୍ବାଇର ଆଜାଦ ମଇଦାନ ବ୍ୟତୀତ ଅନ୍ୟ ସମସ୍ତ ସ୍ଥାନ ଖାଲି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରାଙ୍ଗେଙ୍କର ଆନ୍ଦୋଳନ କରିବାର ଅଧିକାର ରହିଛି କିନ୍ତୁ ଆନ୍ଦୋଳନ ଦ୍ୱାରା ଲୋକେ ସମସ୍ୟାରେ ପଡ଼ିବାକୁ ଗ୍ରହଣ କରାଯାଇ ପାରିବନି। ଆନ୍ଦୋଳନର ସର୍ତ୍ତକୁ ଭଙ୍ଗ କରାଯାଇଥିବା ହାଇକୋର୍ଟ ଟିପ୍ପଣୀ ଦେଇଛନ୍ତି। ମରାଠା ସଂରକ୍ଷଣକୁ ନେଇ ଆଜାଦ ମଇଦାନରେ ୪ ଦିନ ହେବ ଅନଶନରେ ବସିଥିବା ଜରାଙ୍ଗେ ସୋମବାରଠାରୁ ଜଳ ତ୍ୟାଗ କରିଛନ୍ତି। ତାଙ୍କ ସମର୍ଥକମାନେ ବିଭିନ୍ନ ରାସ୍ତାକୁ ଅବରୋଧ କରିଥିବାରୁ ସହରରେ ବ୍ୟାପକ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି।

### ଭୂସ୍ଖଳନରେ ୭ ମୃତ

ଶିମ୍‌ଲା, ୧୯

ହିମାଚଳପ୍ରଦେଶରେ ପ୍ରବଳ ବର୍ଷା ଯୋଗୁ ସୋମବାର ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଘଟି ୫ ଜଣ ପ୍ରାଣ ହରାଇଥିବାବେଳେ ଉତ୍ତରାଖଣ୍ଡରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ସର୍ବାଧିକ ପ୍ରଭାବିତ ଶିମ୍‌ଲାରେ ୧୨୨.୮ ମି.ମି. ବର୍ଷା ରେକର୍ଡ କରାଯାଇଛି। ଅଧିକ ବର୍ଷା ସମ୍ଭାବନା ଥିବାରୁ ମଙ୍ଗଳବାର ଶିମ୍‌ଲାର ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ ଘୋଷଣା କରାଯାଇଛି। ଭୂସ୍ଖଳନ ଯୋଗୁ ଶିମ୍‌ଲା-କାଲ୍‌କା ରେଳଲାଇନରେ ୬ଟି ଟ୍ରେନ୍‌କୁ ବାତିଲ କରାଯାଇଥିବାବେଳେ ରାଜ୍ୟର ୧,୨୮୧ଟି ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ରହିଛି।

### ଟିଏମ୍‌ସି ବିକ୍ଷୋଭ ମଞ୍ଚ ଭାଙ୍ଗିଦେଲା ସେନା

କୋଲକାତା, ୧୯

ଭାଜପା ଶାସିତ ରାଜ୍ୟଗୁଡ଼ିକରେ ବଙ୍ଗଳାଭାଷୀ ପ୍ରବାସୀଙ୍କ ପ୍ରତି ଅତ୍ୟାଚାର ବିରୋଧରେ ବିକ୍ଷୋଭ ପାଇଁ କୋଲକାତାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନିର୍ମାଣ କରିଥିବା ମଞ୍ଚକୁ ସେନା ଭାଙ୍ଗିଦେଇଛି। ମଞ୍ଚ ଭାଙ୍ଗିବାରେ ସେନାକୁ ବ୍ୟବହାର କରାଯାଇଥିବାରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କେନ୍ଦ୍ର ସରକାରଙ୍କୁ ନିନ୍ଦା କରିଛନ୍ତି। ସେନାକୁ ଏଥିପାଇଁ ଦାୟୀ କରୁନାହିଁ। ଏହା ପଛରେ ଭାଜପାର ପ୍ରତିଶୋଧ ରାଜନୀତି ରହିଛି। ସେମାନେ ସେନାର ଦୁରୁପଯୋଗ କରୁଛନ୍ତି, ଯାହା ଅନୈତିକ ଓ ଅଗଣତାନ୍ତ୍ରିକ ବୋଲି ଟିଏମ୍‌ସି ସୁପ୍ରିମୋ କହିଛନ୍ତି।

### ଇ୨୦ ବିରୋଧୀ ପିଆଇଏଲ୍ ସୁପ୍ରିମକୋର୍ଟରେ ଖାରଜ

ନୂଆଦିଲ୍ଲୀ, ୧୯

ଦେଶବ୍ୟାପୀ ୨୦% ଇଥାନଲ ମିଶ୍ରିତ ପେଟ୍ରୋଲ (ଇ୨୦)ର ବିକ୍ରିକୁ ବିରୋଧ କରି ଦାଖଲ ହୋଇଥିବା ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)କୁ ସୋମବାର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଦେଶବ୍ୟାପୀ ଇ୨୦ ପେଟ୍ରୋଲର ବିକ୍ରି ଉପରେ ହସ୍ତକ୍ଷେପ କରାଯିବାର ଆବଶ୍ୟକତା ନାହିଁ ବୋଲି ପ୍ରଧାନ ବିଚାରପତି ବି.ଆର୍. ଗବଇ ଓ ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଇ୨୦ ପେଟ୍ରୋଲ ଦେଶରେ ବ୍ୟବହୃତ ହେଉଥିବା ଅଧିକାଂଶ ଗାଡ଼ିକୁ ଦୃଷ୍ଟିରେ ରଖି ଡିଜାଇନ୍ ହୋଇ ନାହିଁ। ଏହାସତ୍ତ୍ୱେ ମଧ୍ୟ ସମ୍ପ୍ରତି ଅନେକ ଲକ୍ଷ ଗାଡ଼ି ଚାଳକ ଉକ୍ତ ପେଟ୍ରୋଲକୁ ବ୍ୟବହାର କରିବା ପାଇଁ ବାଧ ହେଉଛନ୍ତି ବୋଲି ପିଆଇଏଲ୍‌ରେ କୁହାଯାଇଥିଲା। ପେଟ୍ରୋଲ ପମ୍ପଗୁଡ଼ିକରେ ଇଥାନଲମୁକ୍ତ ପେଟ୍ରୋଲ ଯୋଗାଇବା ପାଇଁ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଅକ୍ଷୟ ମାଲ୍‌ହୋତ୍ରା ନାମକ ଜଣେ ଆଇନଜୀବୀ ଉକ୍ତ ପିଆଇଏଲ୍‌ରେ ଦାବି କରିଥିଲେ।

### ସମୟସୀମା ପରେ ଆପତ୍ତି ଗ୍ରହଣ କରାଯିବ: ଇସି

ନୂଆଦିଲ୍ଲୀ, ୧୯(ପି.ଟି.)

**ବିହାର ଏସ୍‌ଆଇଆର୍**

ବିହାରରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଅବସରରେ ପ୍ରସ୍ତୁତ ଚିଠା ଭୋଟର ତାଲିକା ଉପରେ ଆପତ୍ତି ଅଭିଯୋଗ ଓ ସଂଶୋଧନ ପାଇଁ ଆବେଦନ ସେପ୍ଟେମ୍ବର ୧ ଶେଷ ତାରିଖ ପରେ ଗ୍ରହଣ କରାଯିବ ବୋଲି ନିର୍ବାଚନ କମିଶନ (ଇସି) ସୋମବାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ଭୋଟର ତାଲିକା ଚୂଡ଼ାନ୍ତ ହେବା ବେଳେ ସେଗୁଡ଼ିକୁ ବିଚାରକୁ ନିଆଯିବ। ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀରେ ନାମାଙ୍କନ ଫର୍ମର ଶେଷ ତାରିଖ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ବୋଲି ଇସିଙ୍କ ପ୍ରସ୍ତାବକୁ ଜଷ୍ଟିସ ସୂର୍ଯ୍ୟ କାନ୍ତ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଗ୍ରହଣ କରିଛନ୍ତି। ବିହାର ଏସ୍‌ଆଇଆର୍ ବିଶ୍ୱାସର ପ୍ରସଙ୍ଗ ହୋଇଥିବାବେଳେ ଭୋଟର ଏବଂ ରାଜନୈତିକ ଦଳଗୁଡ଼ିକ ଚିଠା ଭୋଟର ତାଲିକା ଉପରେ ଆପତ୍ତି ଅଭିଯୋଗ ଦାଖଲ କରିବାରେ ସହାୟତା ପାଇଁ ପାରାଲିଗାଲ ସ୍ୱେଚ୍ଛାସେବୀ ନିୟୋଜିତ କରିବାକୁ ଅଦାଲତ ରାଜ୍ୟ ଆଇନ ସେବା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ବାଚନ କମିଶନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀ ଉପସ୍ଥିତ ରହି କହିଥିଲେ, ସମୟସୀମା ବଢ଼ାଇବା ଦ୍ୱାରା ସମଗ୍ର ପ୍ରକ୍ରିୟା ଏବଂ ଭୋଟର ତାଲିକା ଚୂଡ଼ାନ୍ତ କରିବାରେ ପ୍ରତିବନ୍ଧକ ସୃଷ୍ଟି ହେବ। ଚିଠା ତାଲିକାରେ ଥିବା ଭୋଟରଙ୍କ ମଧ୍ୟରୁ ୯୯.୫ ପ୍ରତିଶତ ଯୋଗ୍ୟତା ଦସ୍ତାବିଜ ଦାଖଲ କରିଛନ୍ତି। ୩୬ଟି ଅଭିଯୋଗ ଦାଖଲ ହୋଇଥିବା ନେଇ ଆର୍‌ଜେଡିର ଅଭିଯୋଗକୁ ସେ ଖଣ୍ଡନ କରିଥିଲେ।

### ରୁଷୀୟ ତୈଳରୁ ଭାରତରେ ବ୍ରାହ୍ମଣ ଲାଭବାନ ହେଉଛନ୍ତି: ନାଭାରୋ

ୱାଶିଂଟନ୍, ୧୯



ରୁଷିଆରୁ ତୈଳ କିଣୁଥିବାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ସାମଗ୍ରୀ ଉପରେ ୫୦% ଟାରିଫ୍ ଲଗାଇଛନ୍ତି। ତେବେ ଏହି ପ୍ରସଙ୍ଗକୁ ନେଇ ହ୍ୱାଇଟହାଉସ୍‌ର ବାଣିଜ୍ୟ ପରାମର୍ଶଦାତା ପିଟର ନାଭାରୋ ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ରୁଷିଆ ସହ ତୈଳ ବାଣିଜ୍ୟରୁ ଭାରତୀୟମାନେ ଲାଭବାନ ହେବା ବଦଳରେ ସେଠାକାର ବ୍ରାହ୍ମଣମାନେ ଏହାର ସର୍ବାଧିକ ଲାଭ ପାଉଛନ୍ତି। ଫକ୍ସ ନ୍ୟୁଜକୁ ଏକ ସାକ୍ଷାତ୍କାର ଦେଇ ସେ କହିଛନ୍ତି, ପୂର୍ବରୁ ଭାରତ ରୁଷିଆଠାରୁ ଅଧିକ ତୈଳ କିଣୁ ନ ଥିଲା। ତେବେ ୟୁକ୍ରେନ୍ ସହ ରୁଷିଆର ଯୁଦ୍ଧ ପରଠାରୁ ଭାରତ ରୁଷିଆଠାରୁ ଅତ୍ୟଧିକ ତୈଳ କିଣି ଯୁଦ୍ଧକୁ ପରୋକ୍ଷରେ ସମର୍ଥନ କରିଛି। ଭାରତୀୟ ଲୋକଙ୍କ ମୂଲ୍ୟରେ ଦେଶର ବ୍ରାହ୍ମଣମାନେ ଏହାର ଫାଇଦା ଉଠାଉଛନ୍ତି, ଯାହା ବନ୍ଦ ହେବା ଆବଶ୍ୟକ।

### 'ଭୋଟ ଚୋରି ହାଇଡ୍ରୋଜେନ୍ ବୋମା ଆସୁଛି'

ପାଟନା, ୧୯ (ପି.ଟି.)

**ବିହାରରେ ଶେଷହେଲା ଭୋଟର ଅଧିକାର ଯାତ୍ରା**



ପାଟନାର ଗାନ୍ଧୀ ମଇଦାନରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ରାଲିକୁ ସମ୍ବୋଧନ କରୁଛନ୍ତି।

ବିହାରରେ କଂଗ୍ରେସର ଭୋଟର ଅଧିକାର ଯାତ୍ରାର ସମାପ୍ତି ହୋଇଛି। ପାଟନାର ଗାନ୍ଧୀ ମଇଦାନଠାରେ ଏହି ଯାତ୍ରାର ଉଦ୍‌ଯାପନୀ ସଭାରେ ନିଜ ସମର୍ଥକଙ୍କୁ ସମ୍ବୋଧନ କରି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି, ଭାଜପାର ଲୋକମାନେ ସାବଧାନ ହେବାର ସମୟ ଆସିଯାଇଛି। ଖୁବ୍‌ଶୀଘ୍ର ଭୋଟ ଚୋରିକୁ ନେଇ ହାଇଡ୍ରୋଜେନ୍ ବୋମା ଆସିବାକୁ ଯାଉଛି। ଏହାଦ୍ୱାରା ଭୋଟ ଚୋରିର ସତ୍ୟତାକୁ ନେଇ ସାରା ଦେଶ ଅବଗତ ହୋଇପାରିବ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ତାଙ୍କ ମୁହଁ ଦେଖାଇପାରିବେ ନାହିଁ। ବିହାରରେ ଭୋଟର ଅଧିକାର ଯାତ୍ରା ସଫଳ ହୋଇଛି ଏବଂ ଏହାଦ୍ୱାରା ପୂରା ଦେଶକୁ ଭୋଟ ଚୋରି ବିରୋଧରେ ବାର୍ତ୍ତା ବ୍ୟାପିଥିବା ସେ କହିଛନ୍ତି। ବିହାରବାସୀ 'ଭୋଟ ଚୋର ସିଂହାସନ ଛାଡ଼' ସ୍ଲୋଗାନକୁ ତୀବ୍ର କରିଛନ୍ତି। ତେବେ ଏପରି ଦାୟିତ୍ୱହୀନ ମନ୍ତବ୍ୟ ଦେଇ ରାହୁଲ ଲୋକ ସଭାର ବିରୋଧୀ ଦଳ ନେତା ପଦବୀକୁ ଅସମ୍ମାନିତ କରୁଛନ୍ତି ବୋଲି ବରିଷ୍ଠ ଭାଜପା ନେତା ରବିଶଙ୍କର ପ୍ରସାଦ କହିଛନ୍ତି। ନିର୍ବାଚନ ଫଳାଫଳ ଉପରେ ପ୍ରଶ୍ନବାଚୀ ଉଠାଇ ସେ ଭୋଟରଙ୍କୁ ଅପମାନିତ କରୁଥିବା ଭାଜପା କହିଛି।

### ମହିଳାଙ୍କୁ ଜାଳିଦେଲେ ପୂର୍ବତନ ପାର୍ଟନର

ବେଙ୍ଗାଲୁରୁ, ୧୯

ବେଙ୍ଗାଲୁରୁର ଇଲେକ୍ଟ୍ରୋନିକ୍ ସିଟି ଥାନା ଅଞ୍ଚଳରେ ଜଣେ ୩୫ ବର୍ଷୀୟା ମହିଳାଙ୍କୁ ତାଙ୍କ ପୂର୍ବତନ ଲିଭ୍-ଇନ୍ ପାର୍ଟନର ପେଟ୍ରୋଲ ଢାଳି ଜାଳିଦେଇଛନ୍ତି। ଗତ ଶନିବାର ଏହି ଘଟଣା ଘଟିଥିବାବେଳେ ଅଭିଯୁକ୍ତ ବିଠଲ(୫୨)ଙ୍କୁ ଗିରଫ କରାଯାଇଛି। ବନଜାକ୍ଷୀ ଏବଂ ବିଠଲ ୪/୫ ବର୍ଷ ପୂର୍ବରୁ ଲିଭ୍-ଇନ୍ ସମ୍ପର୍କରେ ଥିଲେ। ଉଭୟ ପୂର୍ବରୁ ବିବାହିତ। ତେବେ ବିଠଲ ମଦ ପିଇ ହଇରାଣ କରୁଥିବାରୁ ବନଜାକ୍ଷୀ ତାଙ୍କଠାରୁ ଦୂରେଇଯାଇ କିଛିଦିନ ପୂର୍ବରୁ ମାରିଆପ୍ପା ନାମକ ଅନ୍ୟ ଜଣଙ୍କ ସହ ସମ୍ପର୍କ ରଖିଥିଲେ। ଶନିବାର ବନଜାକ୍ଷୀଙ୍କୁ ମାରିଆପ୍ପାଙ୍କ ସହ କାର୍‌ରେ ଦେଖିବା ପରେ ବିଠଲ ସେମାନଙ୍କୁ ପିଛା କରିଥିଲେ। ଟ୍ରାଫିକ୍‌ରେ ସେମାନେ ଅଟକିବାରୁ ବିଠଲ ପେଟ୍ରୋଲ ଫିଙ୍ଗି ନିଆଁ ଲଗାଇଦେଇଥିଲେ। ବନଜାକ୍ଷୀଙ୍କ ଶରୀରର ୬୦ ଭାଗ ପୋଡ଼ିଯାଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

### ସୁମୋନାଙ୍କୁ ଅସଦାଚରଣ

ମୁମ୍ବାଇ


ସୁମୋନା ଚକ୍ରବର୍ତ୍ତୀ

ହାସ୍ୟ ଅଭିନେତ୍ରୀ ସୁମୋନା ଚକ୍ରବର୍ତ୍ତୀଙ୍କ କାର୍‌କୁ ମୁମ୍ବାଇରେ ଆକ୍ରମଣ ହୋଇଛି। ଏନେଇ ସେ ରବିବାର ରାତିରେ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି। ବିକ୍ଷୋଭ ପ୍ରଦର୍ଶନ କରୁଥିବା କେତେଜଣ ଲୋକଙ୍କ ଭିଡ଼ ତାଙ୍କ କାର୍‌କୁ ଘେରିଯାଇ କାର୍ ମଧ୍ୟରେ ଥିବା ତାଙ୍କୁ ଓ ତାଙ୍କ ବନ୍ଧୁଙ୍କୁ ଅସଦାଚରଣ କରିଥିଲେ ବୋଲି ସୁମୋନା ଏହି ପୋଷ୍ଟରେ କହିଛନ୍ତି।

ରିପୋର୍ଟ ଅନୁଯାୟୀ, ମୁମ୍ବାଇରେ ମରାଠା ସଂରକ୍ଷଣ ପାଇଁ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଥିବାବେଳେ ସୁମୋନା ରବିବାର ଦକ୍ଷିଣ ମୁମ୍ବାଇର କୋଲାବାରୁ ଫୋର୍ଟ ଆଡ଼କୁ ନିଜ କାର୍‌ରେ ଯାଉଥିଲେ। ଏହି ସମୟରେ ପ୍ରଦର୍ଶନକାରୀମାନେ ସୁମୋନାଙ୍କ କାର୍‌କୁ ଚାରିପାଖରୁ ଘେରି ଯାଇଥିଲେ। ସେମାନେ କାର୍‌ର ବୋନେଟ୍‌କୁ ପିଟିବା ସହ ସୁମୋନା ଓ ତାଙ୍କ ବନ୍ଧୁଙ୍କୁ ଗାଳିଗୁଲଜ୍ କରିଥିଲେ। ୫ ମିନିଟ ପର୍ଯ୍ୟନ୍ତ ପ୍ରଦର୍ଶନକାରୀମାନେ ତାଙ୍କୁ ଓ ତାଙ୍କ ବନ୍ଧୁଙ୍କୁ ଅସଦାଚରଣ କରି ଚାଲିଥିଲେ ଏବଂ ସେଠାରେ କୌଣସି ପୋଲିସ ଉପସ୍ଥିତ ନ ଥିଲେ ବୋଲି ସୁମୋନା କହିଛନ୍ତି। ସୁମୋନା ନିଜ ପୋଷ୍ଟରେ ଲେଖିଛନ୍ତି, ସେ ଦୀର୍ଘ ବର୍ଷ ଧରି ମୁମ୍ବାଇରେ ରହୁଥିଲେ ସୁଦ୍ଧା ଏହି ଘଟଣା ପରେ ସେ ପ୍ରଥମ ଥର ପାଇଁ ସହରରେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଜଣେ ମହିଳା କରଦାତା ଏବଂ ସହରକୁ ଭଲ ପାଉଥିବା ବ୍ୟକ୍ତି ଭାବରେ ମୁମ୍ବାଇରେ ନିଜକୁ ସୁରକ୍ଷିତ ମନେ କରିବା ପାଇଁ ସେ ହକ୍‌ଦାର ବୋଲି ସୁମୋନା ଏହି ପୋଷ୍ଟରେ ଲେଖିଛନ୍ତି। ତେବେ ସୋମବାର ଉକ୍ତ ପୋଷ୍ଟକୁ ସେ ଡିଲିଟ୍ କରିଦେଇଛନ୍ତି।

# ରେଳ କର୍ମଚାରୀ ପାଇବେ ୧.୬୦ କୋଟି ଯାଏ ବୀମା

## ଭାରତୀୟ ରେଳପଥ-ଏସ୍‌ବିଆଇ ମଧ୍ୟରେ ଏମ୍‌ଓୟୁ




ଭୁବନେଶ୍ୱର,୧।୯

ଭାରତୀୟ ରେଳପଥ (ଆଇଆର) ଏବଂ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସବିଆଇ) ମଧ୍ୟରେ ରେଲୱେ ସାଲାରି ପ୍ୟାକେଜ (ଆରଏସ୍‌ପି) ସମ୍ବନ୍ଧୀୟ ଏମଓୟୁ ସୋମବାର ସ୍ୱାକ୍ଷରିତ ହୋଇଯାଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ରେଳ ବୋର୍ଡ ଚେୟାରମ୍ୟାନ ସତୀଶ କୁମାର ଏବଂ ଏସବିଆଇ ଚେୟାରମ୍ୟାନ ସି. ଏସ. ସେଟ୍ଟୀଙ୍କ ଉପସ୍ଥିତିରେ ଏହି ଏମଓୟୁ ସ୍ୱାକ୍ଷର କରାଯାଇଛି। ଏହା ଅଧିନରେ ରେଳ କର୍ମଚାରୀ କୌଣସି ପ୍ରିମିୟମ ନଦେଇ ଏସବିଆଇରେ ସାଲାରି ଆକାଉଣ୍ଟ ଖୋଲି ଦୁର୍ଘଟଣାଜନିତ ମୃତ୍ୟୁରେ ୧ କୋଟିରୁ ୧.୬୦ କୋଟି ଟଙ୍କା ପର୍ଯ୍ୟନ୍ତ ବୀମା ଲାଭ ପାଇପାରିବେ। ବର୍ତ୍ତମାନ ସମୟରେ ରେଳ କର୍ମଚାରୀମାନେ ସିଜିଇଜିଆଇଏସ (ସେଣ୍ଟ୍ରାଲ ଗଭର୍ନମେଣ୍ଟ ଏମ୍ପ୍ଲଇଜ ଗ୍ରୁପ ଇନ୍ସୁରାନ୍ସ ସ୍କିମ୍) ଅଧୀନରେ ସେବା କାଳରେ ମୃତ୍ୟୁ ହେଲେ ଗ୍ରୁପ-ସି କର୍ମଚାରୀଙ୍କ ପାଇଁ ୩୦ ହଜାର, ଗ୍ରୁପ-ବି ପାଇଁ ୬୦ ହଜାର ଏବଂ ଗ୍ରୁପ-ଏ ପାଇଁ ୧.୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୀମା ପାଇଥାନ୍ତି। ରେଳପଥର ସର୍ବନିମ୍ନ ୭୦% ଶ୍ରମିକ ଏବଂ ଫ୍ରଣ୍ଟଲାଇନ ସେବାକର୍ତ୍ତା ଗ୍ରୁପ-ସି ବର୍ଗର, ଯାହାର ବୀମା ଆବରଣ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ସୀମିତ ଥାଇ ବଞ୍ଚିତ ପରିବାରଜନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାରେ ଅପର୍ଯ୍ୟାପ୍ତ ବୋଲି ବିବେଚନା କରାଯାଉଛି। ଏହି ନୂଆ ଏମଓୟୁ ଅନୁଯାୟୀ, ଏସିଆଇରେ ରେଲୱେ ସାଲାରି ଆକାଉଣ୍ଟ ଧାରକମାନେ କୌଣସି ପ୍ରିମିୟମ ନଦେଇ ଏବଂ କୌଣସି ମେଡିକାଲ ପରୀକ୍ଷା ନକରି ଦୁର୍ଘଟଣାଜନିତ ମୃତ୍ୟୁ (ଡ୍ୟୁଟିରେ ଏବଂ ଅଫ-ଡ୍ୟୁଟି ସମୟରେ) ପାଇଁ ୧ କୋଟି ଟଙ୍କା ବୀମା ସୁରକ୍ଷା ପାଇବେ। ବାୟୁ ଦୁର୍ଘଟନାଜନିତ ମୃତ୍ୟୁରେ ୧.୬୦ କୋଟି ଟଙ୍କା ବୀମା ସୁରକ୍ଷା ମିଳିବ। ବର୍ତ୍ତମାନ ୭ ଲକ୍ଷରୁ ଅଧିକ ରେଲୱେ କର୍ମଚାରୀଙ୍କର ଏସ୍‌ବିଆଇରେ ଆକାଉଣ୍ଟ ରହିଛି। ଏହି ଅବସରରେ ନେମିଙ୍କୁ ପ୍ରତ୍ୟେକେ ୧ କୋଟି ଟଙ୍କାର ୨ଟି ଚେକ୍ ଅନଲାଇନ ମୋଡରେ ଏସ୍‌ବିଆଇର ଚେୟାରମ୍ୟାନଙ୍କ ଦ୍ୱାରା ହୋଇଛି। ଅଗଷ୍ଟ ୨୦୨୫ର ଶେଷ ସପ୍ତାହରେ ୪ଟି ଏବଂ ୧ କୋଟିରୁ ପ୍ରତ୍ୟେକର ଦାବି ପ୍ରଦାନ କରାଯାଇଛି। ସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ କର୍ମଚାରୀଙ୍କୁ ୧୦ ଲକ୍ଷ ଟଙ୍କା ବୀମା ଲାଭ ମିଳିବ। ଏହି ସମସ୍ତ ଲାଭ ରେଳ କର୍ମଚାରୀଙ୍କ ଅନ୍ୟ ସରକାରୀ ଯୋଜନା/ବୀମା ନୀତିଗୁଡ଼ିକର ସହ ଅତିରିକ୍ତ ହେବ। ଏହି ପ୍ୟାକେଜ ଅଧୀନରେ ୪ଟି ପରିବାର ସଦସ୍ୟଙ୍କ ପାଇଁ ଏସବିଆଇ ରିସ୍ତେ ଫ୍ୟାମିଲି ସେଭିଙ୍ଗ ଆକାଉଣ୍ଟ ସମ୍ପୂର୍ଣ୍ଣ ସୁବିଧା ସହିତ ମିଳିବ। ଏହା ସହ ବ୍ୟକ୍ତିଗତ, ଘର, କାର୍ ଏବଂ ଶିକ୍ଷା ଲୋନରେ ଆକର୍ଷଣୀୟ ସୁଧ ହାର ଏବଂ ପ୍ରୋସେସିଙ୍ଗ ଫିରେ ୫୦%ରୁ ୧୦୦% ରିହାତି ପ୍ରଦାନ କରାଯିବ। ସାଲାରି ଆକାଉଣ୍ଟ ଧାରକ ଏବଂ ୪ଟି ପରିବାର ସଦସ୍ୟଙ୍କ ପାଇଁ ଲକର୍ ଭଡ଼ାରେ ୫୦% ରିହାତି ମିଳିବ।

## ସେମିକନ୍ ଇଣ୍ଡିଆ ସମ୍ମିଳନୀ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୧।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ନୂଆଦିଲ୍ଲୀର ଯଶୋଭୂମିଠାରେ 'ସେମିକନ୍ ଇଣ୍ଡିଆ-୨୦୨୫'ର ଉଦ୍‌ଘାଟନ କରିବେ। ଏହି ତିନିଦିନିଆ ସମ୍ମିଳନୀରେ ଭାରତରେ ଏକ ଦୃଢ଼, ସୁଦୃଢ଼ ଏବଂ ସ୍ଥାୟୀ ସେମିକଣ୍ଡକ୍ଟର ଇକୋ-ସିଷ୍ଟମକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦିଆଯିବ। ଏଥିରେ ୪୮ରୁ ଅଧିକ ଦେଶର ପ୍ରାୟ ୨୫୦୦ରୁ ଅଧିକ ପ୍ରତିନିଧି, ୫୦ରୁ ଅଧିକ ବିଶ୍ୱ ବ୍ୟକ୍ତିତ୍ୱଙ୍କ ସହିତ ୧୫୦ରୁ ଅଧିକ ବକ୍ତା ଏବଂ ୩୫୦ରୁ ଅଧିକ ପ୍ରଦର୍ଶନକାରୀଙ୍କ ସମେତ ମୋଟ ୨୦,୭୫୦ରୁ ଅଧିକ ଅଂଶଗ୍ରହଣକାରୀ ଯୋଗଦେବେ। ଏଥିରେ ୬ଟି ରାଷ୍ଟ୍ରୀୟ ଗୋଲଟେବୁଲ ଆଲୋଚନା, କଣ୍ଟ୍ରି ପାଭିଲିୟନ, କର୍ମଶକ୍ତି ବିକାଶ ଏବଂ ଷ୍ଟାର୍ଟଅପ ପାଇଁ ସମର୍ପିତ ପାଭିଲିୟନ ମଧ୍ୟ ଅନ୍ତର୍ଭୁକ୍ତ ହେବ। ସୂଚନା ଥାଉକି, ୨୦୨୨ରେ ବେଙ୍ଗାଲୁରୁ, ୨୦୨୩ରେ ଗାନ୍ଧୀନଗର ଏବଂ ୨୦୨୪ରେ ଗ୍ରେଟର ନୋଏଡାରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

# ସ୍ୱାୟକରର ୨୦ତମ ଷ୍ଟୋର ଉଦ୍‌ଘାଟିତ




ଭୁବନେଶ୍ୱର,୧।୯(ଅନୁରାଧା ମହାରଣା)

ଦେଶର ଅଗ୍ରଣୀ ଫ୍ୟାଶନ ବ୍ରାଣ୍ଡ ଭାବେ ଜଣାଶୁଣା ସ୍ୱାୟକରର ଏକ ନୂତନ ଏକ୍ସକ୍ଲୁସିଭ୍ ଷ୍ଟୋର ଭୁବନେଶ୍ୱରର ଖାରବେଳ ନଗରସ୍ଥିତ ନରୁଲା କମ୍ପ୍ଲେକ୍ସଠାରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱରରେ ଏହା ୬ଷ୍ଠ ଏବଂ ଓଡ଼ିଶାର ୨୦ତମ ଷ୍ଟୋର। ୬୫୦ ବର୍ଗଫୁଟ ବିଶିଷ୍ଟ ଏହି ନୂତନ ଷ୍ଟୋରରେ ଯୁବ ପିଢ଼ିଙ୍କୁ ସୁହାଇଲା ଭଳି ବିଭିନ୍ନ ପ୍ରକାରର ଡେନିମ, ଶାର୍ଟ, ଟି-ଶାର୍ଟ, ଶୀତବସ୍ତ୍ର, ପରଫ୍ୟୁମ୍ ଏବଂ ୱାଲେଟ୍ ଆଦି ୧୨୯୯ଟଙ୍କାରୁ ଆରମ୍ଭ କରି ୫୯୯୯ ଟଙ୍କାରେ ଉପଲବ୍ଧ ରହିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଶ୍ୱଜିତ ମିଶ୍ର ଏବଂ ଅରିଜିତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଫ୍ରାଞ୍ଚାଇଜ୍ ମାଲିକ ନମନ ନରୁଲା, ସଞ୍ଜୟ ନରୁଲା ଏବଂ ସେମାନଙ୍କର ପରିବାରବର୍ଗଙ୍କ ସମେତ ସ୍ୱାୟକରର ଏଏସ୍‌ଏମ୍ ବିକି ଗୁପ୍ତା ଯୋଗଦେଇଥିଲେ। ଏହି ଅବସରରେ ନମନ କହିଥିଲେ, ଭୁବନେଶ୍ୱରର ଏକ ପ୍ରମୁଖ ସ୍ଥାନରେ ଏଭଳି ଏକ ଫ୍ୟାଶନ୍ ଆଉଟ୍‌ଲେଟ୍ ଖୋଲାଯାଇଥିବାରୁ ସେ ବେଶ୍ ଉତ୍ସାହିତ ଅଛନ୍ତି। ଭାରତରେ ସ୍ୱାୟକରର ସଫଳତାକୁ ନୂତନ ଶିଖରରେ ପହଞ୍ଚାଇବା ପାଇଁ ଷ୍ଟୋର ସହାୟକ ହେବ ବୋଲି ସେ ଆଶା ରଖିଛନ୍ତି। ୮,୦୦୦ଟଙ୍କା କ୍ରୟ ଉପରେ ୧,୦୦୦ ଟଙ୍କାର ପ୍ରୋମୋ ଅଫର ରହିଥିବାବେଳେ ୧୪,୦୦୦ଟଙ୍କାର କ୍ରୟ ଉପରେ ୨,୦୦୦ଟଙ୍କା ଏବଂ ୨୦,୦୦୦ଟଙ୍କାର କ୍ରୟ ଉପରେ ୪୦୦୦ଟଙ୍କାର ପ୍ରୋମୋ ଅଫର ଥିବା ସେ କହିଛନ୍ତି। ସୂଚନା ଥାଉକି, ୧୯୯୨ ମସିହାରେ ପ୍ରତିଷ୍ଠା ହୋଇଥିବା ସ୍ୱାୟକର ବିଭିନ୍ନ ପ୍ରକାରର ଷ୍ଟାଇଲିସ୍, କଣ୍ଟେମ୍ପୋରାରି ଡିଜାଇନ୍ ଏବଂ ଆସେସୋରିଜ୍ ଯୋଗାଣ କ୍ଷେତ୍ରରେ ଏକ ପ୍ରମୁଖ ଫ୍ୟାଶନ ବ୍ରାଣ୍ଡ ଭାବେ ପରିଚିତ ହୋଇପାରିଛି।

# ଏଲ୍‌ଆଇସି କଟକ ମଣ୍ଡଳ ପକ୍ଷରୁ ବୀମା ସପ୍ତାହ ପାଳିତ




ଭୁବନେଶ୍ୱର,୧।୯(ଅନୁରାଧା ମହାରଣା)

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ଚଳିତବର୍ଷ ୭୦ ବର୍ଷରେ ପଦାର୍ପଣ କରିଛି। ଏହି ଅବସରରେ କଟକ ମଣ୍ଡଳ ପକ୍ଷରୁ ବୀମା ସପ୍ତାହ ପାଳନ କରାଯାଇଛି। କଟକ ମଣ୍ଡଳର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅସୀମ କୁମାର ସୋମବାର ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାରତୀୟ ଏଲ୍‌ଆଇସର ଅବସରପ୍ରାପ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଜୟ ଶଙ୍କର ମିଶ୍ର ଯୋଗଦେଇ ଏଲ୍‌ଆଇସିର ଅଗ୍ରଗତି ସମ୍ବନ୍ଧରେ ସୂଚନା ଦେଇଥିଲେ। ଦେଶବ୍ୟାପୀ ସମୁଦାୟ ୧୧୩ ମଣ୍ଡଳ ମଧ୍ୟରୁ କଟକ ମଣ୍ଡଳ ଅନ୍ୟତମ। ଓଡ଼ିଶାର ୧୦ ଜିଲାକୁ ନେଇ କଟକ ମଣ୍ଡଳର ଭୌଗୋଳିକ ସୀମା ପରିବ୍ୟାପ୍ତ। ପାଟଣାସ୍ଥିତ ପୂର୍ବ ମଧ୍ୟ କ୍ଷେତ୍ର ଅନ୍ତର୍ଭୁକ୍ତ ୧୧ ମଣ୍ଡଳ ମଧ୍ୟରୁ କଟକ ମଣ୍ଡଳ ସବୁ କ୍ଷେତ୍ରରେ ଅଗ୍ରଣୀ, ଯେଉଁଥିରେ କି ୧୯ଟି ଶାଖା, ୨୮ ସାଟେଲାଇଟ ଅଫିସ, ଗୋଟିଏ କଷ୍ଟମର ଜୋନ ଓ ଗୋଟିଏ ପ୍ରଶିକ୍ଷଣ କେନ୍ଦ୍ର ରହିଛି। କଟକ ମଣ୍ଡଳରେ କର୍ମଚାରୀ ମିଶି ୧୨୩୬ ଜଣ ଥିଲାବେଳେ ୨୫୦୪୯ ଜଣ ଅଭିକର୍ତ୍ତା କାର୍ଯ୍ୟରତ। କଟକ ମଣ୍ଡଳ ୨୦୨୪-୨୫ରେ ୪୦୧୨୧୯ଟି ନୂତନ ପଲିସି କରି ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ଦଖଲ କରିଛି। କାର୍ଯ୍ୟକ୍ରମରେ ମଣ୍ଡଳ ବିପଣନ ପ୍ରବନ୍ଧକ ରାମକୃଷ୍ଣ ମିଶ୍ର ଓ ଅଶୋକ କୁମାର ରାୟ ଉପସ୍ଥିତ ଥିଲେ।

# ୫ହଜାର ଟଙ୍କାରେ ରୁଫ୍‌ଟପ୍ ସୋଲାର ବ୍ୟବସ୍ଥା

ଭୁବନେଶ୍ୱର,୧।୯(ଅନୁରାଧା ମହାରଣା)

ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍କମ୍‌ଗୁଡ଼ିକ ପକ୍ଷରୁ ଭାରତ ସରକାରଙ୍କ 'ପିଏମ୍ ସୂର୍ଯ୍ୟଘର ମୁଫ୍‌ତ ବିଜ୍‌ଲି' ଯୋଜନାର ଅଂଶ ବିଶେଷ ଭାବେ ୟୁଟିଲିଟି ଲେଡ ଏଗ୍ରିଗେଶନ (ୟୁଏଲ୍‌ଏ) ମଡେଲ୍ ଅଧୀନରେ ଏକ ସ୍ୱତନ୍ତ୍ର ଏକ କିଲୋୱାଟ୍ ରୁଫ୍‌ଟପ୍ ସୋଲାର (ଆର୍‌ଟିଏସ୍) ସ୍କିମ୍ ସୋମବାର ଘୋଷଣା କରାଯାଇଛି। ଏକ କିଲୋୱାଟ୍‌ର ସୋଲାର ବ୍ୟବସ୍ଥା ସ୍ଥାପନ କରିବା ଲାଗି ୬୫,୦୦୦-୭୫,୦୦୦ ଟଙ୍କା ଆବଶ୍ୟକ ହେଉଥିବା ବେଳେ ୟୁଏଲ୍‌ଏ ମଡେଲ୍‌ରେ ଗ୍ରାହକମାନଙ୍କୁ ଏକକାଳୀନ ୫୦୦୦ ଟଙ୍କା ଦେବାକୁ ପଡ଼ିବ। ଟାଟା ପାୱାର ନେତୃତ୍ୱାଧୀନ ଡିସ୍କମ୍‌ଗୁଡ଼ିକ ଦ୍ୱାରା ଅଧିକାଂଶ ବ୍ୟୟ ଭାରକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସବ୍‌ସିଡି ଜରିଆରେ ଭରଣା କରାଯିବ। ଏହି ଅଭିଯାନରେ ନେଟ୍ ମିଟରକୁ ଡିସକମ୍‌ଗୁଡ଼ିକ ପ୍ରଦାନ କରିବେ ଏବଂ ସୋଲାର ଜେନେରେଶନ ମିଟର ଖର୍ଚ୍ଚ ଗ୍ରାହକଙ୍କୁ ବହନ କରିବାକୁ ପଡ଼ିବ। ଏକ କିଲୋୱାଟ୍‌ର ଆର୍‌ଟିଏସ ପାଇଁ ଉଭୟ କେନ୍ଦ୍ର ସରକାର ୩୦,୦୦୦ ଟଙ୍କା ଓ ଓ ରାଜ୍ୟ ସରକାର ୨୫,୦୦୦ ଟଙ୍କା ଅର୍ଥାତ୍ ମୋଟ୍ ୫୫,୦୦୦ ଟଙ୍କାର ସବ୍‌ସିଡି ପ୍ରଦାନ କରୁଛନ୍ତି। ଏହି ଅବସରରେ ଟିପ୍ ଓଡ଼ିଶା ପାୱାର ଡିଷ୍ଟ୍ରିବ୍ୟୁଶନ୍ ବିଜ୍‌ନେସ ଓ ଟିପିଏନ୍‌ଓଡିଏଲ୍‌ର ସିଇଓ ଗଜାନନ କାଲେ କହିଛନ୍ତି, ଏକ କିଲୋୱାଟ୍‌ର ସୋଲାର ରୁଫ୍‌ଟପ୍ ବ୍ୟବସ୍ଥା ଜରିଆରେ ଘରେ ମାସକୁ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ ଶକ୍ତି ଉତ୍ପାଦନ ହୋଇପାରିବ, ଯାହା ଫଳରେ ବାର୍ଷିକ ପ୍ରାୟ ୫୦୦୦ ଟଙ୍କାର ସଞ୍ଚୟ ହେବ। ଏହାକୁ ସ୍ଥାପନ କରିବାକୁ ଗ୍ରାହକମାନଙ୍କୁ ଏକ ଅନୁମତି ଫର୍ମ ପ୍ରଦାନ କରିବାକୁ ହେବ ଏବଂ ଏକକାଳୀନ ଦେୟ ଦେବାକୁ ହେବ। ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍କମ୍‌ଗୁଡ଼ିକ ସୋଲାର ପ୍ୟାନେଲ ସ୍ଥାପନାଠାରୁ ଆରମ୍ଭ କରି କ୍ୱାଲିଟି ଆସ୍ୟୁରାନ୍ସ ଏବଂ ବିକ୍ରି ପରବର୍ତ୍ତୀ ସେବା ପର୍ଯ୍ୟନ୍ତ ସମସ୍ତ ସେବାକୁ ସୁନିଶ୍ଚିତ କରିବେ। କମ୍ପାନୀ ପକ୍ଷରୁ ସିଷ୍ଟମ୍ ଉପକରଣ ଉପରେ ୫ ବର୍ଷର ୱାରେଣ୍ଟି ଓ ସୋଲାର ପ୍ୟାନେଲ୍ ଉପରେ ୨୫ ବର୍ଷର ୱାରେଣ୍ଟି ପ୍ରଦାନ କରାଯିବ।




# କଳାହାଣ୍ଡିରେ ବେଦାନ୍ତର ସ୍ୱାସ୍ଥ୍ୟସେବା

ଭୁବନେଶ୍ୱର,୧।୯(ଅନୁରାଧା ମହାରଣା)

ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଲାଞ୍ଜିଗଡ଼ ପକ୍ଷରୁ ଏହାର ସିଏସ୍‌ଆର ସ୍ୱାସ୍ଥ୍ୟସେବା ପଦକ୍ଷେପ ପ୍ରକଳ୍ପ 'ଆରୋଗ୍ୟ' ଅଂଶ ଭାବରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକର ୧୩ଟି ଗ୍ରାମକୁ ନେଇ କାନକୁଟ୍ରୁ ଗ୍ରାମପଞ୍ଚାୟତରେ ଏହି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିଲା। ଶିବିରରେ ପ୍ରାୟ ୪୦୦ ଜଣଙ୍କୁ ମାଗଣା ପରାମର୍ଶ, ରୋଗ ଚିହ୍ନଟ ଏବଂ ଔଷଧ ପ୍ରଦାନ କରାଯାଇଥିଲା। ଶିବିରରେ ସ୍ୱାସ୍ଥ୍ୟବିଶେଷଜ୍ଞଙ୍କ ଏକ ଉତ୍ସର୍ଗୀକୃତ ଦଳ ମାଗଣା ସାଧାରଣ ସ୍ୱାସ୍ଥ୍ୟପରୀକ୍ଷା, ଔଷଧ ପ୍ରଦାନ କରିଥିଲେ ଏବଂ ପ୍ରତିରୋଧକ ଯତ୍ନ ଏବଂ ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ବେଦାନ୍ତର ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ସ୍ୱାସ୍ଥ୍ୟ ସେବା ଏକ ମୌଳିକ ଅଧିକାର, ତଥାପି ଅନେକ ଗ୍ରାମୀଣ ସମ୍ପ୍ରଦାୟ ପାଇଁ ଏହାର ପ୍ରାପ୍ୟତା ଏକ ଚ୍ୟାଲେଞ୍ଜ ହୋଇ ରହିଛି। କଳାହାଣ୍ଡି ଜିଲାରେ ପ୍ରୋଜେକ୍ଟ ଆରୋଗ୍ୟ ମାଧ୍ୟମରେ ବେଦାନ୍ତ ବାର୍ଷିକ ୬୦,୦୦୦ରୁ ଅଧିକ ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା। ପ୍ରଦାନ କରୁଥିବା ସେ କହିଛନ୍ତି।

## ରାଜ୍ୟ ଖବର

# ଶ୍ରୀମନ୍ଦିର ଶୃଙ୍ଖଳିତ ନୀତିକାନ୍ତି ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ନବଗଠିତ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ

ଭୁବନେଶ୍ୱର,୧।୯
(ରବିନାରାୟଣ ଜେନା)

ଶ୍ରୀମନ୍ଦିରରେ କିଭଳି ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ନୀତିକାନ୍ତି ସମ୍ପନ୍ନ ହେବ ସେନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱାରୋପ କରିଛନ୍ତି।

ସୋମବାର ଲୋକସେବା ଭବନରେ ଶ୍ରୀମନ୍ଦିରର ପରିଚାଳନା କମିଟିରେ ନୂତନ ଭାବେ ମନୋନୀତ ହୋଇଥିବା ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ଅବସରରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହାପ୍ରଭୁଙ୍କ ସେବା ଓ ମନ୍ଦିର ବିକାଶ କାମରେ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଜାରି ରହିବ ବୋଲି ପରିଚାଳନା କମିଟି ସଦସ୍ୟମାନଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ପୁରୀକୁ ଦେଶର ସର୍ବଶ୍ରେଷ୍ଠ ଧର୍ମୀୟ ଓ ପର୍ଯ୍ୟଟନ ସ୍ଥଳ ଭାବେ ଗଢ଼ି ତୋଳିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଅବସରରେ ଶ୍ରୀମନ୍ଦିର ପରିଚାଳନା ନୂତନ କମିଟି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନା ବେଳେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ପରିଚାଳନା କମିଟି ସଦସ୍ୟ କୃଷ୍ଣଚନ୍ଦ୍ର ସାମନ୍ତରାୟ (ସୁଆର ମହାସଭା), ରଘୁବୀର ଦାସ (ମଠାଧୀଶ), ରାମନାରାୟଣ ଗୋଚ୍ଛିକାର (ପ୍ରତିହାରୀ ନିଯୋଗ), ମଧୁସୂଦନ ସିଂହାରୀ (ପୁଷ୍ପାଳକ ନିଯୋଗ) ଏବଂ ଜଗନ୍ନାଥ ପୂଜାପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଇଗ୍ନୁ ନାମଲେଖା ଅବଧି ୧୫କୁ ବୃଦ୍ଧି

ଭୁବନେଶ୍ୱର,୧।୯(ସୁଚିସ୍ମିତା ସାହୁ)

ବିଭିନ୍ନ ବର୍ଗର ଲୋକଙ୍କ ଆବଶ୍ୟକତାକୁ ଅନୁଧ୍ୟାନ କରି ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୁ) କର୍ତ୍ତୃପକ୍ଷ ଜୁଲାଇ ଶିକ୍ଷାସତ୍ର ପାଇଁ ନାମଲେଖା ଅବଧି ଏବଂ ପୁନଃପଞ୍ଜୀକରଣ ସମୟାବଧିକୁ ଚଳିତମାସ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ତେବେ ପୁନଃ ପଞ୍ଜୀକରଣ ପାଇଁ ଅତିରିକ୍ତ ୨୦୦ ଟଙ୍କା ବିଳମ୍ବ ଶୁଳ୍କ ଦେବାକୁ ହେବ। ଆଗ୍ରହୀ ଛାତ୍ରୀଛାତ୍ର ବିଭିନ୍ନ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଆବଶ୍ୟକ ସୂଚନା ଲାଗି ଇଗ୍ନୁ ୱେବ୍‌ସାଇଟ www.ignou.ac.inକୁ ଅନୁସରଣ କରିପାରିବେ ଓ ନାମ ଲେଖାଇବା ପାଇଁ https://ignouadmission.samarth.edu.inରେ ଆବେଦନ କରିପାରିବେ। ଅଣ୍ଡର ଗ୍ରାଜୁଏଟ୍ (ବିଏସ୍‌ସି.ଏମ୍, ବିକମ୍.ଏଫ୍., ବିଏ.ଏମ୍.) ପଢ଼ିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ପାଇଁ ନାମଲେଖା ଦେୟ ଏବଂ ପୁନଃ ପଞ୍ଜୀକରଣ ଦେୟ ୫୦% ଛାଡ଼ କରାଯାଇଛି। ତେବେ ଯେଉଁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ର ଅନ୍ୟ କୌଣସି ସୂତ୍ରରୁ ରିହାତିର ସୁବିଧା ପାଉଥିବେ, ସେମାନେ ଇଗ୍ନୁ ତରଫରୁ ଦିଆଯାଉଥିବା ଏହି ରିହାତି ପାଇବାକୁ ଯୋଗ୍ୟ ହେବେ ନାହିଁ।

ସେହିପରି ଚଳିତ ବର୍ଷ ଏମଏସ୍‌ସି ସହିତ ଆଉ କିଛି ନୂତନ ପାଠ୍ୟକ୍ରମ ଆରମ୍ଭ କରାଯାଇଛି। ଏମ୍‌ଏସ୍‌ସି ଇନ୍ ପ୍ରାଣୀବିଜ୍ଞାନ, ରସାୟନ ବିଜ୍ଞାନ, ବିଶ୍ଳେଷଣାତ୍ମକ ରସାୟନ ବିଜ୍ଞାନ, ଜୈବ ରସାୟନ ବିଜ୍ଞାନ, ଜିଓଇନ୍‌ଫରମେଟିକ୍, ଭୌତିକ ବିଜ୍ଞାନ, ଆପ୍ଲାଏଡ୍ ଷ୍ଟାଟିଷ୍ଟିକ୍ସ, ଭୂଗୋଳ ଏବଂ ଏଆଇସିଟିଇ ସ୍ୱୀକୃତିପ୍ରାପ୍ତ ଏମ୍‌ବିଏ ଓ ଏମସିଏ ରହିଛି। ଅଧିକ ସୂଚନା ପାଇବା ପାଇଁ ଇଗ୍ନୁ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱର ସହ ଯୋଗାଯୋଗ କରିବା ପାଇଁ ଆଞ୍ଚଳିକ କେନ୍ଦ୍ରର ବରିଷ୍ଠ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

# ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଭାଜପା ପାଳିବ ସେବା ପକ୍ଷ

ଭୁବନେଶ୍ୱର, ୧।୯(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନକୁ ସେବା ଦିବସ ଭାବେ ଭାଜପା ପକ୍ଷରୁ ପାଳନ କରାଯିବ। ସେହିପରି ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ କରି ୧୫ ତାରିଖ ପର୍ଯ୍ୟନ୍ତ ସେବା ପକ୍ଷ ଦଳ ପକ୍ଷରୁ ପାଳନ କରାଯିବ। ହେଲେ ଚଳିତ ବର୍ଷ ପ୍ରଧାନମନ୍ତ୍ରୀଙ୍କ ୭୫ ତମ ଜନ୍ମଦିନ ପାଳନ ହେବାକୁ ଥିବାବେଳେ ଆସନ୍ତା ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଦଳ ପକ୍ଷରୁ ଉତ୍ସାହର ସହ ସେବା ପକ୍ଷ ପାଳନ କରାଯିବ ବୋଲି ଦଳର ରାଜ୍ୟ ସାଧାରଣ ସମ୍ପାଦକ ଯତୀନ ମହାନ୍ତି କହିଛନ୍ତି।

ଏହି କାର୍ଯ୍ୟକ୍ରମ ପାଳନ ହେବା ପୂର୍ବରୁ ସୋମବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଦଳର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧକ୍ଷତାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଦଳର ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାରଙ୍କଠାରୁ ଆରମ୍ଭ କରି ବହୁ ବରିଷ୍ଠ ନେତା ଓ ଦଳର ବହୁ ନେତା ଓ ମନ୍ତ୍ରୀ ମଧ୍ୟ ଯୋଗଦେଇଥିଲେ। ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଯତୀନ କହିଛନ୍ତି, ସେବା ପକ୍ଷ ଉପଲକ୍ଷେ ଆସନ୍ତା ୧୭ରେ ରାଜ୍ୟସ୍ତରୀୟ, ୧୮ରେ ଜିଲାସ୍ତରୀୟ ଏବଂ ୧୯ରୁ ସେପ୍ଟେମ୍ବର ୨୭ ପର୍ଯ୍ୟନ୍ତ ମଣ୍ଡଳସ୍ତରରେ ସ୍ୱଚ୍ଛତା ଅଭିଯାନ, ରକ୍ତଦାନ ଶିବିରର ଆୟୋଜନ କରାଯିବ। ୧୭ରେ ପ୍ରଧାନମନ୍ତ୍ରୀଙ୍କ ଜୀବନୀ ଉପରେ ରାଜ୍ୟସ୍ତରୀୟ ପ୍ରଦର୍ଶନୀ, ୧୮ରୁ ୨୭ ଯାଏ ଜିଲାସ୍ତରୀୟ ପ୍ରଦର୍ଶନୀ କରାଯିବ। ଏହି ପ୍ରଦର୍ଶନୀ ସହିତ ଭୋକାଲ ଫର୍ ଲୋକାଲର ପ୍ରଚାର କରାଯିବ। ବିକଶିତ ଭାରତ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ହେବ। ୧୯ ଏବଂ ୨୦ରେ ମୋଦିଙ୍କ ଜୀବନୀ ଉପରେ ଫିଲ୍ମ ପ୍ରଦର୍ଶିତ କରାଯିବ। ୧୯ରୁ ୨୭ ଯାଏ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ପାଠାଗାର ଓ ପଞ୍ଚାୟତ ଭବନରେ ମୋଦିଙ୍କ ଜୀବନୀ ଉପରେ ପୁସ୍ତକ ବଣ୍ଟନ କରାଯିବ। ୨୧ରେ ମୋଦି ବିକାଶ ମାରାଥନ କାର୍ଯ୍ୟକ୍ରମ ହେବ। ୨୫ ଏବଂ ୨୬ରେ ଜିଲା ଓ ରାଜ୍ୟସ୍ତରୀୟ ପ୍ରତିଷ୍ଠିତ ବ୍ୟକ୍ତି ଏବଂ ଦିବ୍ୟାଙ୍ଗମାନଙ୍କୁ ସମ୍ମାନିତ କରାଯିବ। ଅକ୍ଟୋବର ୨ରେ ମହାତ୍ମା ଗାନ୍ଧୀ ଏବଂ ଲାଲ୍‌ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅନୁଷ୍ଠିତ ହେବ ବୋଲି ଯତୀନ କହିଛନ୍ତି।

## ସାର ଚୋରିରେ ଭାଜପା ସହ ବିଜେଡି ସମ୍ପୃକ୍ତ: ଭକ୍ତ

### ଚାଷୀଙ୍କଠାରୁ ଲୁଟ ହୋଇଛି ୨ହଜାର କୋଟି

ଭୁବନେଶ୍ୱର,୧।୯(ରବିନାରାୟଣ ଜେନା)

ରାଜ୍ୟରେ ଦେଖାଦେଇଥିବା ସାର ସଙ୍କଟ ସ୍ଥିତିକୁ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସ ରାଜ୍ୟ ସରକାର ଏବଂ ବିଜେଡି ଉପରେ ବର୍ଷିଛନ୍ତି। ସୋମବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭକ୍ତ କହିଛନ୍ତି, ଚଳିତବର୍ଷ ରାଜ୍ୟରେ ଚାଷୀଙ୍କଠାରୁ ବିଭିନ୍ନ ପ୍ରକାର ପ୍ରାୟ ୨ହଜାର କୋଟି ଟଙ୍କାର ଚୋରି ହୋଇଛି। ଏଥିରେ କେବଳ ଯେ, ଭାଜପା ସରକାର ତଥା ତାଙ୍କ ନେତୃବୃନ୍ଦ ସଂଶ୍ଳିଷ୍ଟ ଅଛନ୍ତି ତାହା ନୁହେଁ, ବିଜେଡି ମଧ୍ୟ ମିଶିକି ରହିଛି। ଯେଉଁଥି ପାଇଁ ଚାଷୀମାନଙ୍କଠାରୁ ଏତେବଡ଼ ଚୋରି ହୋଇପାରିଛି।

ସେ କହିଥିଲେ, ଭାଜପା ସହିତ ବିଜେଡିର ସଲାସୁତରାର ପ୍ରମାଣ ଆମ ପାଖରେ ଅଛି। କେନ୍ଦ୍ରର ବିଭିନ୍ନ ପ୍ରସଙ୍ଗରେ ବିଜେଡି ସମର୍ଥନ ଦେଇ ଆସୁଛି। ଆଗାମୀ ଉପରାଷ୍ଟ୍ରପତି ନିର୍ବାଚନରେ ମଧ୍ୟ ଦେବ। ତେଣୁ ବିଜେଡିର କୌଣସି ନୈତିକତା ନାହିଁ ବୋଲି ସେ କହିଛନ୍ତି।

## ସାର ପ୍ରଚୁର ଅଛି କହିଦେଇ ଶୋଇଛନ୍ତି ମନ୍ତ୍ରୀ: ବିଜେଡି

ଭୁବନେଶ୍ୱର, ୧।୯(ସୁନିତ୍ ମିଶ୍ର)

ରାଜ୍ୟରେ ସାରର ଉତ୍କଟ ଅଭାବ ସ୍ଥିତିକୁ ନେଇ କୃଷକମାନେ ରାସ୍ତାକୁ ଓହ୍ଲାଇଛନ୍ତି। ସାରର ଅଭାବକୁ ନେଇ ଚାଷୀମାନେ ହନ୍ତସନ୍ତ ହେଉଛନ୍ତି। ସାରର କଳାବଜାର ମଧ୍ୟ ବଢ଼ି ଚାଲିଛି। ସରକାର ଏହି ସମସ୍ୟାକୁ ଗୁରୁତ୍ୱର ସହ ନେବା ପରିବର୍ତ୍ତେ ସାର ପ୍ରଚୁର ପରିମାଣରେ ମହଜୁଦ ଅଛି ବୋଲି ଯୋଗାଣ ମନ୍ତ୍ରୀ ମନ୍ତବ୍ୟ ଦେଇ ଶୋଇ ରହିଛନ୍ତି ବୋଲି ବିଜେଡି ବରିଷ୍ଠ ନେତା ଅତନୁ ସବ୍ୟସାଚୀ ନାୟକ କହିଛନ୍ତି। ଶଙ୍ଖ ଭବନରେ ସେ କହିଛନ୍ତି, ୧୨୦୦ ସାର ବିକ୍ରୟ ସ୍ଥଳରେ ବିକ୍ରୟ କାର୍ଯ୍ୟ ଠିକ୍ ଭାବେ ହେଉ ନାହିଁ। ସରକାର ୬୨ଟି ବିକ୍ରୟ କେନ୍ଦ୍ରକୁ ସାମୂହିକ ଭାବେ ବନ୍ଦ କରିଦେଇଥିବା ବେଳେ ୩୦ଟି ବିକ୍ରୟ କେନ୍ଦ୍ରକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି। କୃଷକମାନଙ୍କ ସମସ୍ୟା ତୁରନ୍ତ ସମାଧାନ ନ ହେଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଅତନୁ କହିଛନ୍ତି।

# ଅସନ୍ତୁଷ୍ଟଙ୍କୁ ଆସିଲାଣି ନିଲମ୍ବନ ଧମକ

ଭୁବନେଶ୍ୱର, ୧।୯(ସୁନିତ୍ ମିଶ୍ର)

ବିଜେଡି ଯୁବ ଓ ଛାତ୍ର ଜନତା ଦଳ ସଭାପତି ଚୟନକୁ ନେଇ ଦଳ ଭିତରେ ଅସନ୍ତୋଷ ଥିବାବେଳେ ବର୍ତ୍ତମାନ ଏହାକୁ ପ୍ରଶମିତ କରିବା ଲାଗି ନିଲମ୍ବନ ଭୟ ଦେଖାଇବା ଆରମ୍ଭ କରାଯାଇଛି। ଦୀର୍ଘଦିନ ଧରି ଯୁବ ଜନତା ଦଳ ଦାୟିତ୍ୱରେ ଥିବା ଜଣେ ନେତା (ଯିଏ ପୁଣିଥରେ ସଭାପତି ପଦରେ ରହିବେ ବୋଲି ଆଶା ରଖିଥିଲେ) ଏବେ ଡରାଉଛନ୍ତି ଯେ, ଯେଉଁମାନେ ଦଳର ନିଷ୍ପତ୍ତି ନ ମାନିବେ ସିଏ ନିଲମ୍ବିତ ହେବେ। ଅସନ୍ତୁଷ୍ଟ ଛାତ୍ର ଓ ଯୁବ ନେତାମାନଙ୍କୁ ପୃଥକ୍ ପୃଥକ୍ ଭାବେ ଦଳର ବରିଷ୍ଠ ନେତାମାନେ ଭେଟି ଆଶ୍ୱାସନା ଦେଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ସୋମବାର ଦିନ ବେଳା ପ୍ରଥମେ ଅସନ୍ତୁଷ୍ଟ ଛାତ୍ର ନେତାମାନଙ୍କୁ ଦଳର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ(ବବି) ତାଙ୍କ ବାସଭବନରେ ଭେଟିଥିଲେ। ଏହି ଅବସରରେ ବରିଷ୍ଠ ନେତା ସଞ୍ଜୟ ଦାସବର୍ମା ଏବଂ ପ୍ରତାପ ଜେନା ଉପସ୍ଥିତ ରହି ଅସନ୍ତୁଷ୍ଟ ଛାତ୍ର ନେତାମାନଙ୍କ ଅଭିଯୋଗ ଶୁଣିଥିଲେ। ସେଠାରେ ଉପସ୍ଥିତ ଥିବା ଦୁଇ ଜଣ ଛାତ୍ର ନେତାଙ୍କ ସୂଚନା ମୁତାବକ, ସେମାନେ ପ୍ରଥମେ କେଉଁ ଆଧାରରେ ଛାତ୍ର ସଭାପତି ଚୟନ ହେଲା ବୋଲି ପ୍ରଶ୍ନ କରିଥିଲେ, ଯାହାର ରାଜ୍ୟରେ କେଉଁଠି ସଙ୍ଗଠନ ନାହିଁ, କିଛିଦିନ ହେବ ଦଳକୁ ଆସିଛନ୍ତି, ତାଙ୍କୁ କିପରି ଏହି ଦାୟିତ୍ୱ ଦିଆଗଲା ବୋଲି ପ୍ରଶ୍ନ ଉଠାଇଥିଲେ। ହେଲେ ବରିଷ୍ଠଙ୍କ ପାଖରେ କୌଣସି ଉତ୍ତର ନ ଥିଲା। ଏ ବିଷୟରେ ଆଲୋଚନା କରି ଜଣାଇବେ, ସମସ୍ତେ ଦଳର ନିଷ୍ପତ୍ତିକୁ ମାନିକି ଚାଲ ବୋଲି ବରିଷ୍ଠ ନେତାମାନେ କହିଥିଲେ।

ଏହାପରେ ଦ୍ୱିପହର ସମୟରେ ଅସନ୍ତୁଷ୍ଟ ଯୁବ ନେତାମାନଙ୍କୁ ଶଙ୍ଖ ଭବନ ଡକାଯାଇଥିଲା। ସେଠାରେ ଉପରୋକ୍ତ ୩ ବରିଷ୍ଠ ନେତାଙ୍କ ସମେତ ଦେବୀ ମିଶ୍ର ଉପସ୍ଥିତ ଥିଲେ। ଯୁବ ନେତାମାନେ ମଧ୍ୟ ସମାନ ପ୍ରଶ୍ନ କରିଥିଲେ। ଯିଏ ଅନ୍ୟ ଦଳରୁ ଆସିଛି ତାଙ୍କୁ ଏବେ ସଭାପତି କରାଗଲା, ଆଗକୁ ସିଏ ଆଉ କେଉଁ ପାର୍ଟିରୁ ଟିକେଟ ପାଇ ପଳେଇବେ, ତେବେ ଦୀର୍ଘଦିନ ଧରି ବିଜେଡିରେ କାମ କରୁଥିବା ନେତାଙ୍କୁ କ'ଣ ଲାଭ ମିଳିଲା ବୋଲି ସେମାନେ ପ୍ରଶ୍ନ କରିଥିଲେ। ଏହିଭଳି ଅନେକ ଆଲୋଚନା ପରେ ଉପସ୍ଥିତ ବରିଷ୍ଠ ନେତାମାନେ ୪୮ ଘଣ୍ଟାର ସମୟ ନେଇଛନ୍ତି। ସମସ୍ତେ ଶୃଙ୍ଖଳା ରଖିଲେ କିଛି ଆଲୋଚନା ସମ୍ଭବ ବୋଲି ମଧ୍ୟ ସେମାନଙ୍କୁ କହିଥିଲେ। ୪୮ ଘଣ୍ଟା ପରେ ଯେଉଁମାନଙ୍କର କିଛି ଅଭିଯୋଗ ରହିଛି, ସେମାନେ ବ୍ୟକ୍ତିଗତ ଭାବେ ଆସି ନିଜର ଗ୍ରୀଭାନ୍ସ ଜଣାଇପାରିବେ ବୋଲି ସେମାନଙ୍କୁ କୁହାଯାଇଛି। ଅନ୍ୟପକ୍ଷରେ ଦଳୀୟ ମହଲରୁ ମିଳିଥିବା ସୂଚନା ମୁତାବକ, ଅସନ୍ତୁଷ୍ଟ ନେତାମାନଙ୍କୁ ଏବେଠାରୁ ଭାଗ କରିବାକୁ ଦଳ ଭିତରେ ଉଦ୍ୟମ ଆରମ୍ଭ ହୋଇଯାଇଛି। ଚାକିରି ଛାଡି ପୂର୍ବରୁ ରାଜ୍ୟ ସଭା ଯାଇଥିବା ଜଣେ ନେତା ଏହି କାମରେ ଲାଗିପଡ଼ିଛନ୍ତି। ପ୍ରତ୍ୟେକଟି ଖବର ନବୀନ ନିବାସରେ ପହଞ୍ଚାଇବାକୁ ସେ ସବୁ ପ୍ରକାର ଉଦ୍ୟମ ଚଳାଇଛନ୍ତି। ଯୁବ ସଭାପତି ଆଶାୟୀ ଥିବା ଜଣେ ବିଧାୟକ ଟେଲିଫୋନ୍ କରି ଅସନ୍ତୁଷ୍ଟ ନେତାମାନେ ଯଦି ମେଳି ବାନ୍ଧିବା ବନ୍ଦ ନ କରନ୍ତି ତେବେ ସେମାନଙ୍କୁ ଦଳରୁ ନିଲମ୍ବନ କରାଯିବ ବୋଲି ଧମକ ଦେଉଥିବା ଜଣେ ଯୁବ ନେତା ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ଅନ୍ୟପଟେ ଧମକ ଦେଉଥିବା ବିଧାୟକ ଜଣକ କୁଆଡେ ପୂର୍ବରୁ ଏହି ମେଳି ବାନ୍ଧିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ହେଲେ ତାଙ୍କୁ ଯେତେବେଳେ ନିକଟରେ ଘୋଷଣା ହୋଇଥିବା କମିଟିରେ ସ୍ଥାନ ମିଳିଲା ଏବଂ ନବୀନ ନିବାସରୁ ଡକରା ଆସିଗଲା ତା'ପରେ ସେ ଅସନ୍ତୁଷ୍ଟମାନଙ୍କ ଗୋଷ୍ଠୀକୁ ଭାଙ୍ଗିବାର ଉଦ୍ୟମ କରୁଥିବା ଜଣାପଡ଼ିଛି।

# ନବୀନଙ୍କୁ ଭେଟିଲେ ଦଳର ବରିଷ୍ଠ ନେତା

## ରାଜ୍ୟର ସାମ୍ପ୍ରତିକ ସ୍ଥିତି ନେଇ ଆଲୋଚନା ହେଲା: ଅରୁଣ

ଭୁବନେଶ୍ୱର, ୧।୯(ସୁନିତ୍ ମିଶ୍ର)

ବିଜେଡିର କେତେଜଣ ବରିଷ୍ଠ ନେତା ସୋମବାର ଡକରା ପାଇ ନବୀନ ନିବାସ ଯାଇଥିଲେ। ସେଠାରେ ସେମାନେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ବିଭିନ୍ନ ବିଷୟ ଉପରେ ଆଲୋଚନା କରିଛନ୍ତି। ଏମାନଙ୍କ ମଧ୍ୟରେ ବିଧାୟକ ଅରୁଣ କୁମାର ସାହୁ, ବରିଷ୍ଠ ନେତା ଚିରଞ୍ଜୀବ ବିଶ୍ୱାଳ, ଭୃଗୁ ବକ୍ସିପାତ୍ର, ଲେନିନ ମହାନ୍ତି, ପ୍ରଫୁଲ୍ଲ ସିଂ ପ୍ରମୁଖ ରହିଥିଲେ। ନବୀନ ନିବାସରୁ ବାହାରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଅରୁଣ ସାହୁ କହିଛନ୍ତି, ସଭାପତିଙ୍କ ସହ ରାଜ୍ୟର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଆଲୋଚନା ହୋଇଛି। ରାଜ୍ୟ ସରକାରଙ୍କ ଜନବିରୋଧୀ କାର୍ଯ୍ୟକୁ ନେଇ ଆଗାମୀ ଦିନରେ ବିଜେଡି ରାସ୍ତାକୁ ଓହ୍ଲାଇବା ସହ ଲଢ଼େଇ କରିବ। ପ୍ରତ୍ୟେକ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଫଳତା ଓ ଜନବିରୋଧୀ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି। ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିବା, ଚାଷୀଙ୍କୁ ସାର ନ ମିଳିବା, ସାରର କଳାବଜାର, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଲୋକମାନେ ଭୋଗୁଥିବା ଅକଥନୀୟ ଦୁର୍ଦ୍ଦଶା ଆଦି ବିଷୟକୁ ନେଇ ବିଜେଡି ପକ୍ଷରୁ ତୀବ୍ର ବିରୋଧ କରାଯିବ ବୋଲି ଅରୁଣ କହିଛନ୍ତି।

# ହାଇଦ୍ରାବାଦରେ ଗ୍ୟାସ ଟାଙ୍କି ବିସ୍ଫୋରଣ: ୫ ଓଡ଼ିଆ ଗୁରୁତର

ବାଲେଶ୍ୱର, ୧।୯(ବାଞ୍ଛାନିଧି ଦେ)

ହାଇଦ୍ରାବାଦରେ ଗ୍ୟାସ ଟାଙ୍କି ବିସ୍ଫୋରଣରେ ୫ ଜଣ ଓଡ଼ିଆ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବାଲେଶ୍ୱର ଜିଲା ବସ୍ତା ଥାନା ବ୍ରାହ୍ମଣଦା ପଞ୍ଚାୟତ ଅଧୀନ ମୂଳିଦା ଗ୍ରାମର ଗୋଟିଏ ପରିବାରର ୫ ଜଣ ସଦସ୍ୟ। ଦୁଇ ଭଉଣୀ, ଭିଣୋଇ ଓ ଦୁଇ ପୁତୁରା ଗୁରୁତର ହୋଇ ହାଇଦ୍ରାବାଦରେ ଏକ ହସ୍‌ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

ସୂଚନା ଅନୁଯାୟୀ, ମୂଳିଦା ଗ୍ରାମର ଗୀତାଞ୍ଜଳି ବେହେରାଙ୍କ ସ୍ୱାମୀ ନିରୁଦ୍ଦିଷ୍ଟ ହେବା ପରେ ନିଜର ୭ ବର୍ଷର ଝିଅକୁ ମା' ପାଖରେ ଛାଡ଼ି ପରିବାର ପ୍ରତିପୋଷଣ ପାଇଁ ହାଇଦ୍ରାବାଦର କୁକୁଟାପାଲି କଲୋନୀରେ ନିଜ ଭଉଣୀ ଭିଣୋଇଙ୍କ ସହିତ ରହି ଦାଦନ ଶ୍ରମିକ ଭାବରେ କାମ କରୁଥିଲେ। ତେବେ ସେମାନେ ରହୁଥିବା କଲୋନୀରେ ରବିବାର ଗ୍ୟାସ ସିଲିଣ୍ଡର ଫାଟି ନିଆଁ ଲାଗିଯାଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଶୁଭମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨ କଲରାପତରିଆ ବାଘଛାଲ ଜବତ, ୪ ଗିରଫ

ରାୟଗଡ଼ା,୧।୯(ଆଶିଷ ରଞ୍ଜନ ପଣ୍ଡା)

ପଡ଼ୋଶୀ ଗଜପତି ଜିଲାରୁ ରାୟଗଡ଼ା ଜିଲା ଦେଇ ମହାରାଷ୍ଟ୍ରକୁ ବାଘଛାଲ ଚାଲାଣବେଳେ ରାୟଗଡ଼ା ବନ ବିଭାଗ ସହାୟତାରେ ମୁମ୍ବାଇସ୍ଥିତ ଡାଇରେକ୍ଟର ଅଫ୍ ରେଭିନ୍ୟୁ ଇଣ୍ଟେଲିଜେନ୍ସ ବିଭାଗ ୪ଜଣଙ୍କୁ ଗିରଫ କରିଛି। ବନ ବିଭାଗ ସମସ୍ତ ଅଭିଯୁକ୍ତଙ୍କୁ ରବିବାର ରାତିରେ କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ୨ଟି କଲରାପତରିଆ ବାଘ ଚମଡ଼ା ଜବତ କରାଯାଇଛି। ଗିରଫ ୪ ଅଭିଯୁକ୍ତଙ୍କ ମଧ୍ୟରୁ ୨ଜଣ ମହାରାଷ୍ଟ୍ରର ମୋତିନଗର ଅଞ୍ଚଳର ପ୍ରଭାକର ନାୟକ ଓ ରାଜ କୁମାର ଗୁପ୍ତା ଏବଂ ଅନ୍ୟ ଦୁଇଜଣ ରାୟଗଡ଼ା ଜିଲା ଗୁଣପୁର ବ୍ଲକ ପୁଟାସିଂ ଥାନା ଅଧୀନ ଅଞ୍ଜରସିଂ ଗ୍ରାମର ଜିସୟ ଗମାଙ୍ଗ ଓ ଗୁଣପୁର ଥାନା ଅଧୀନ ମାଛଖୁଣ୍ଟି ଗ୍ରାମର ମହେଶ ହୁଇକା ବୋଲି ଜଣାପଡ଼ିଛି। ଚଢ଼ାଉ ସମୟରେ ଏସିଏଫ୍ ଅଶୋକ ପ୍ରଧାନଙ୍କ ନେତୃତ୍ୱରେ ରେଞ୍ଜର କାମେଶ୍ୱର ଆଚାରି, ଫରେଷ୍ଟର ଗୌରୀ ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।


ଜବତ ବାଘଛାଲ ସହ ଗିରଫ ୪ ଅଭିଯୁକ୍ତ।

ବନ ବିଭାଗ ସୂଚନା ଅନୁସାରେ, ଜିସୟ ଓ ମହେଶ ବାଘ ଚମଡ଼ାକୁ ବିକ୍ରି କରିବା ପାଇଁ ପ୍ରଭାକର ଓ ରାଜଙ୍କ ସହିତ ଯୋଗାଯୋଗରେ ରହିଥିଲେ। ବାଘଛାଲ କାରବାର ବିଷୟରେ ମୁମ୍ବାଇସ୍ଥିତ ଡାଇରେକ୍ଟର ଅଫ୍ ରେଭିନ୍ୟୁ ବିଭାଗ ଜାଣିପାରି ରାୟଗଡ଼ା ବନ ବିଭାଗର ସହାୟତାରେ ଏହି ବାଘଛାଲ ର୍ୟାକେଟ୍‌ର ପର୍ଦ୍ଦାଫାଶ କରିଥିଲା। ଦୁଇ କଲରାପତରିଆ ବାଘ ଚମଡ଼ାକୁ ଗଜପତି ଜିଲାରୁ ଆଣି ମହାରାଷ୍ଟ୍ର ଚାଲାଣ ପାଇଁ ଯୋଜନା ହୋଇଥିଲା। ଉକ୍ତ ଦୁଇ ବାଘର ବୟସ ପ୍ରାୟ ୫ରୁ ୬ବର୍ଷ ହୋଇଥିବା ନେଇ ଅନୁମାନ କରାଯାଉଛି। ତେବେ ଏହି ବାଘ ଚମଡ଼ା କେଉଁଠାରୁ ଆସିଛି ତାହାର ତଦନ୍ତ ଚାଲିଛି ବୋଲି ଏସିଏଫ୍ ପ୍ରଧାନ ସୂଚନା ଦେଇଛନ୍ତି। ୨୦୨୩ ନଭେମ୍ବର ୮ ତାରିଖରେ ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନ ତାମ୍ପରାବୁଡୁଣିଠାରେ ଅନୁରୂପ ୨ କଲରାପତରିଆ ବାଘ ଛାଲ ଜବତ ସହ ୨ ଜଣଙ୍କୁ କ୍ରାଇମବ୍ରାଞ୍ଚ ସ୍ପେଶାଲ ଟାସ୍କଫୋର୍ସ ଗିରଫ କରିଥିଲା।

### ଗଜପତିରୁ ମହାରାଷ୍ଟ୍ର ଚାଲାଣ ଯୋଜନା ଥିଲା

ସୂଚନାଯୋଗ୍ୟ, ୨୦୧୭ରେ ହୋଇଥିବା ହାତୀ ଓ ବ୍ୟାଘ୍ର ଗଣନା ଅନୁସାରେ ଜିଲାର ୩ଟି ରେଞ୍ଜ ଗୁଡ଼ାରି, ମୁନିଗୁଡ଼ା ଓ କଲ୍ୟାଣସିଂହପୁର ବନାଞ୍ଚଳ ଅଧୀନରେ ଥିବା ଜଙ୍ଗଲରେ ମୋଟ ୧୬ ହାତୀ ଓ ୬ଟି କଲରାପତରିଆ ବାଘ ଥିଲେ। ତେବେ ଏସିଏଫ୍ ଅଶୋକ ପ୍ରଧାନଙ୍କ ସୂଚନା ଅନୁସାରେ ୨୦୨୩-୨୪ ଗଣନା ଅନୁସାରେ ଜିଲାରେ କୌଣସି ବାଘ ରହିଥିବା ନେଇ ଜଣାପଡ଼ି ନ ଥିଲା। ପଡ଼ୋଶୀ କଳାହାଣ୍ଡି ଓ କନ୍ଧମାଳ ଜିଲାରୁ ସମୟ ସମୟରେ ହାତୀ ଖାଦ୍ୟ ଅନ୍ୱେଷଣରେ ରାୟଗଡ଼ା ଜିଲା ଜଙ୍ଗଲରେ ମଧ୍ୟରେ ପ୍ରବେଶ କରୁଥିବା ନଜର ରହିଛି।

# ଖଣ୍ଡା ଧରି ଆତଙ୍କ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧।୯(ସତ୍ୟଜିତ୍ ରାଉତ)

ଖଣ୍ଡା ଧରି ଆତଙ୍କ ସୃଷ୍ଟି କରିବା ଘଟଣାରେ ମଞ୍ଚେଶ୍ୱର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ମା' ପାଟଦେବୀ ବସ୍ତିରେ ରହୁଥିବା ଖୋର୍ଦ୍ଧା ଭୁବନ ଅଞ୍ଚଳର ଅଶୋକ ପିଙ୍ଗୁଆ (୨୨)। ତାଙ୍କ ନିକଟରୁ ଖଣ୍ଡା ଜବତ ହୋଇଛି। ସୋମବାର କୋର୍ଟ ଚାଲାଣ ପରେ ଅଶୋକଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଶୋକ ଗଣେଶ ପୂଜା ପାଇଁ ଜୋରଜବରଦସ୍ତ ଟଙ୍କା ଆଦାୟ କରୁଥିଲେ। ଯେଉଁମାନେ ଚାନ୍ଦା ଦେବାକୁ ମନା କରୁଥିଲେ, ସେମାନଙ୍କୁ ବିଭିନ୍ନ ପ୍ରକାର ଭୟଭୀତ କରୁଥିଲେ। ଏପରି କି ସମେଇଗାଡ଼ିଆ ମଞ୍ଜନାଥ ସ୍କୁଲ ନିକଟରେ ରବିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟା ବେଳେ ଅଶୋକ ଖଣ୍ଡା ଧରି ଗାଳିଗୁଲଜ ସହ ହତ୍ୟା ଧମକ ଦେଉଥିଲେ ବୋଲି ଲୋକମାନେ ଅଭିଯୋଗ କରିଥିଲେ। ପୋଲିସ ଟିମ୍ ପହଞ୍ଚି ଅଶୋକଙ୍କୁ କାବୁ କରିଥିଲା। ଏନେଇ ଥାନା ପକ୍ଷରୁ ମାମଲା ରୁଜୁ (ନଂ.୫୨୩/୨୦୨୫) କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

# ପରକୀୟା ପ୍ରୀତି ସନ୍ଦେହରେ ଗୁଳିମାଡ଼, ଜଣେ ଗୁରୁତର

ଅନୁଗୋଳ,୧।୯(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ଆଠମଲ୍ଲିକ ଥାନା ଅଞ୍ଚଳର ଏକ ଦଳିତ ବସ୍ତିରେ ପରକୀୟା ପ୍ରୀତି ସନ୍ଦେହରେ ସୋମବାର ଗୁଳିମାଡ଼ ହୋଇଛି। ଏଥିରେ ଜଣେ ବ୍ୟକ୍ତି ଗୁରୁତର ହୋଇଥିବାବେଳେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଗୁଳିମାଡ଼ର ଶିକାର ହୋଇଥିବା ବ୍ୟକ୍ତିଙ୍କ ସ୍ତ୍ରୀଙ୍କ ସହ ଗୁଳିମାଡ଼ କରିଥିବା ଅଭିଯୁକ୍ତଙ୍କ ପ୍ରେମ ସମ୍ପର୍କ ଥିଲା। ଏହାକୁ ନେଇ ଅଭିଯୋଗକାରୀ ଓ ଅଭିଯୁକ୍ତଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ରହୁଥିଲା। ଗୁଳିମାଡ଼ର ଶିକାର ଅଭିଯୋଗକାରୀଙ୍କ ସ୍ତ୍ରୀ ଗତ ୧୨ ଦିନ ହେବ ପିଲାଛୁଆଙ୍କୁ ଛାଡ଼ି କୁଆଡେ ଚାଲିଯାଇଛନ୍ତି। ତେଣୁ ଅଭିଯୁକ୍ତ ତାଙ୍କ ସ୍ତ୍ରୀଙ୍କୁ ଲୁଚାଇ ରଖିଥିବା ଅଭିଯୋଗକାରୀ କହିବା ପରେ ସୋମବାର ସକାଳେ ଦୁହିଁଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତ ଏକ ବନ୍ଧୁକ ଆଣି ଗୁଳି ଚଳାଇଥିଲେ। ଫଳରେ ଅଭିଯୋଗକାରୀଙ୍କ ଡାହାଣ କାନ୍ଧ ଓ ଅଣ୍ଟା ପାଖରେ ୨ଟି ଗୁଳି ବାଜିଥିଲା। ତାଙ୍କୁ ଆଠମଲ୍ଲିକ ଉପଖଣ୍ଡ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ଆଠମଲ୍ଲିକ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସନ୍ଧ୍ୟା ସୁଦ୍ଧା ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ ହୋଇ ନ ଥିବାବେଳେ ଅଭିଯୁକ୍ତ ଫେରାର ଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ଅପହରଣ ବେଳେ ୬ଷ୍ଠ ଶ୍ରେଣୀ ଛାତ୍ରୀ ଉଦ୍ଧାର

ବଇଣ୍ଡା, ୧।୯
(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅଞ୍ଚଳର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ସୋମବାର ଜଣେ ଯୁବକ ଅପହରଣ କରି ନେଉଥିବା ବେଳେ ଲୋକେ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଛନ୍ତି। ସୂଚନା ଅନୁଯାୟୀ, ସମ୍ପୃକ୍ତ ଛାତ୍ରୀଙ୍କୁ ଅଭିଯୁକ୍ତ ଯୁବକ ବିଭିନ୍ନ ଲୋଭ ଦେଖାଇ ବସ୍‌ରେ କେଉଁଆଡ଼େ ନେଇଯାଉଥିଲେ। ହେଲେ ବସ୍ ଭିତରେ ଛାତ୍ରୀ ଜଣକ କାନ୍ଦିବାରୁ ଜରପଡ଼ା ଥାନା ମୁଣ୍ଡାସାହି ନିକଟରେ ସ୍ଥାନୀୟ ଲୋକେ ବସ୍‌ରୁ ଛାତ୍ରୀଙ୍କୁ ଉଦ୍ଧାର କରିଥିଲେ। ସେ ଘର ଠିକଣା କହିବା ପରେ ଉଦ୍ଧାରକାରୀମାନେ ତାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଘଟଣା ସମ୍ପର୍କରେ ପରିବାର ପକ୍ଷରୁ ଠାକୁରଗଡ଼ ଥାନାରେ ଅଭିଯୋଗ କରାଯାଇଛି। ହେଲେ ଠାକୁରଗଡ ଆଇଆଇସି ଶଶୀ ଭୂଷଣ ବେହେରା କହିଛନ୍ତି, ପରିବାର ଲୋକେ ଥାନାକୁ ଆସିଛନ୍ତି। ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ଅଭିଯୋଗ ହୋଇନାହିଁ।


## ପ୍ରଥମ ବାର୍ଷିକୀ ଜନ୍ମଦିନ ଶୁଭେଚ୍ଛା




ଶ୍ରୀୟାନ୍ ସ୍ୱାଇଁ (ଶୁଭମ୍)
ଖନ୍ଦୋଳ, ଇବ୍ରିସିଂହ, ଜଗତ୍‌ସିଂହପୁର
ଆଜି ପ୍ରଥମ ଜନ୍ମବାର୍ଷିକୀ ଉତ୍ସବରେ ତୁମ ଚଲାପଥ କୁସୁମିତ କରି ଭବିଷ୍ୟତ ଉଜ୍ଜ୍ୱଳ ସହ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ, ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥ ଓ ଜଗତ୍ ଜନନୀ ମା' ଶାରଳାଙ୍କ ନିକଟରେ ପ୍ରାର୍ଥନା। ଶୁଭେଚ୍ଛା ସହ : ବାବା, ମାମା, ଅମୁ ଦାଦା, ବସନ୍ତବୋଉ, ମିନାମାଆ, ପ୍ରଫୁଲ୍ଲଜେଜେ, ମାନୁନାନା, ବିରଜାପିଉସା, ଅଜା, ଆଇ, ପିହୁଦିଦି, ଅଂଶୁଭାଇ, ମାମୁ, ମାଇଁ, ଗେଲହୁନାନା, ଲଭ୍‌ଲିନାନା, ତ୍ରିଶାନାନା, ବନ୍ଧୁ ଓ ପରିବାରବର୍ଗ।
ଧ-୧୮୨୬


# ମହିଳା ବିକୁଥିଲେ ଗଞ୍ଜେଇ ସିଗାରେଟ୍

**ଭୁବନେଶ୍ୱର,୧।୯(ସତ୍ୟଜିତ୍ ରାଉତ):** ନୟାପଲ୍ଲୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସ୍କୁଲ ପାଚେରି ପାର୍ଶ୍ୱରେ ଗଞ୍ଜେଇ ସିଗାରେଟ୍ ବିକ୍ରି କରୁଥିବାବେଳେ ସୋମବାର ପୋଲିସ ଜଣେ ମହିଳାଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳରେ ରହୁଥିବା ସାବିତ୍ରୀ ବେହେରା(୫୩)। ତାଙ୍କଠାରୁ ୧୧୦ଟି ଗଞ୍ଜେଇ ସିଗାରେଟ୍ ଜବତ କରାଯାଇଛି। ଏନେଇ ନୟାପଲ୍ଲୀ ଥାନା ପକ୍ଷରୁ ମାମଲା (ନଂ.୫୦୧/୨୦୨୫) ରୁଜୁକରାଯାଇ ସାବିତ୍ରୀଙ୍କୁ କୋର୍ଟ ଚାଲାଣ କରାଯିବାପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୂର୍ବରୁ ତାଙ୍କ ନାଁରେ ନୟାପଲ୍ଲୀ ଥାନାରେ ୨ଟି ନିଶା କାରବାର ମାମଲା ରହିଛି।

# ଦୁଇ ବ୍ରାଉନ୍‌ସୁଗାର ବେପାରୀ ଗିରଫ, ବନ୍ଧୁକ ଜବତ

### ଅପରେଶନ ପ୍ରହାର ଆରମ୍ଭ

ଭୁବନେଶ୍ୱର,୧।୯(ସତ୍ୟଜିତ୍ ରାଉତ)

ନିଶା କାରବାର ଉପରେ ଅଙ୍କୁଶ ଲଗାଇବା ପାଇଁ ଓଡ଼ିଶା ପୋଲିସ ସୋମବାର ଅପରେଶନ ପ୍ରହାର ଆରମ୍ଭ କରିଛି। ପ୍ରଥମ ଦିନରେ ଭୁବନେଶ୍ୱର ଇନ୍‌ଫୋସିଟି ଥାନା ପୋଲିସ ଦୁଇ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ସେକ୍ ମାସୁମ୍ ଓ ଛୋଟୁ ମଣ୍ଡଳ। ପ୍ରଶାନ୍ତି ବିହାର ଅଞ୍ଚଳର ଚିରଗାଲଟୋଲା ବସ୍ତିରେ ପୋଲିସ ଚଢ଼ାଉ କରି ଉଭୟଙ୍କୁ କାବୁ କରିଛି। ସେମାନଙ୍କଠାରୁ ୪୫ଗ୍ରାମ୍‌ର


ଗିରଫ ଦୁଇ ବ୍ରାଉନ୍ ସୁଗାର ବେପାରୀ।

ବ୍ରାଉନ୍‌ସୁଗାର, ୭.୬୫ ଏମ୍‌ଏମ୍ ଦେଶୀ ବନ୍ଧୁକ, ୪ ରାଉଣ୍ଡ ଜୀବନ୍ତ ଗୁଳି ଓ ଗୋଟିଏ ମୋବାଇଲ ଜବତ ହୋଇଛି। ଏନେଇ ଇନ୍‌ଫୋସିଟି ଥାନା ପକ୍ଷରୁ ଏକ ମାମଲା(ନଂ.୪୧୬/୨୦୨୫) ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ମାସୁମ୍‌ଙ୍କ ନାଁରେ ବିଭିନ୍ନ ଥାନାରେ ୮ଟି ମାମଲା ଏବଂ ଛୋଟୁଙ୍କ ନାଁରେ ୩ଟି ମାମଲା ରହିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ପୋଲିସ ଟିମ୍ ଦିନ ପ୍ରାୟ ୧ଟା ୩୦ ମିନିଟରେ ଚିରଗାଲଟୋଲା ବସ୍ତିସ୍ଥିତ ମାସୁମ୍‌ଙ୍କ ଘରେ ଚଢ଼ାଉ କରିଥିଲା। ସେଠାରେ ଛୋଟୁ ଥିବାବେଳେ ଉଭୟଙ୍କୁ କାବୁ କରାଯାଇଥିଲା। ଅପରେଶନ ପ୍ରହାର ଅଭିଯାନ ଦ୍ୱାରା ନିଶା କାରବାର ରୋକାଯାଇପାରିବ ବୋଲି ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ କହିଛନ୍ତି।

# କାଠଫାଳିଆରେ ପିଟି ବାପାଙ୍କୁ ମାରିଦେଲେ ପୁଅ

## କଳି ତୁଟାଇବାକୁ ଯାଇ ଜୀବନ ଗଲା

ବାଲିପାଟଣା,୧।୯(ଅଭିମନ୍ୟୁ ନାୟକ)

ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଅଧୀନ ଦେଉଳିଧରପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ପୁଅ କାଠଫାଳିଆରେ ପିଟି ବାପାଙ୍କୁ ହତ୍ୟା କରିଛି। ମୃତକ ହେଲେ ବ୍ରହ୍ମାନନ୍ଦ ଜେନା(୫୭)। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହ ହତ୍ୟାରେ ବ୍ୟବହୃତ କାଠଫାଳିଆକୁ ଜବତ କରିଛି। ଏ ସମ୍ପର୍କରେ ପୋଲିସ ନିଜ ଆଡୁ ଏକ ମାମଲା (ନଂ.୪୧୯/୨୫) ରୁଜୁ କରିବା ସହ ଆକ୍ରମଣକାରୀ ପୁଅ ରଞ୍ଜନଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସେହିପରି ରଞ୍ଜନଙ୍କ ଆକ୍ରମଣରେ ସାନଭାଇ ଲୋକନାଥ ଗୁରୁତର ଆହତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

ପୋଲିସ ସୂଚନା ମୁତାବକ, ରବିବାର ରାତିରେ ଦେଉଳିଧରପୁର ଗ୍ରାମର ରଞ୍ଜନ ନିଶାସକ୍ତ ଅବସ୍ଥାରେ ଘରେ ପହଞ୍ଚି କୌଣସି କାରଣକୁ ନେଇ ପାଟିତୁଣ୍ଡ କରିଥିଲେ। ପରେ ଦୁଇଭାଇ ରଞ୍ଜନ ଓ ଲୋକନାଥ ମାରପିଟ ହୋଇଥିଲେ। ଫଳରେ ବ୍ରହ୍ମାନନ୍ଦ ଓ ସାନପୁଅ ଲୋକନାଥ ତାଙ୍କୁ ଏକ ଘରେ ପୂରାଇ ତାଲା ପକାଇ ଦେଇଥିଲେ। ଏହାର କିଛି ସମୟ ପରେ ପରିବାରର ଅନ୍ୟ ଜଣେ ସଦସ୍ୟ ତାଲା ଖୋଲି ଦେଇଥିଲେ। ରଞ୍ଜନ ପୁଣି ଆସି ମାରପିଟ କରିଥିଲେ। ଏହି ସମୟରେ ବ୍ରହ୍ମାନନ୍ଦ ଉଭୟଙ୍କୁ ଅଟକାଇବା ପାଇଁ ଚେଷ୍ଟା କରିଥିଲେ। ଏଥିରେ ରଞ୍ଜନ ଉତ୍‌କ୍ଷିପ୍ତ ହୋଇ ଏକ କାଠଫାଳିଆରେ ସାନଭାଇ ଏବଂ ବାପାଙ୍କୁ ମାଡ଼ ମାରିଥିଲେ। କାଠଫାଳିଆ ମାଡ଼ରେ ବ୍ରହ୍ମାନନ୍ଦ ଏବଂ ଲୋକନାଥଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସୋମବାର ଡାକ୍ତର ବ୍ରହ୍ମାନନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ଗୁରୁତର ଲୋକନାଥଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ଥାନାରେ ବିଷାକ୍ତ ପଦାର୍ଥ ଖାଇ ନାବାଳିକା ଗୁରୁତର

ଗୋପାଳପୁର,୧।୯(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ଗୋପାଳପୁର ଥାନା ପରିସରରେ ସୋମବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ନାବାଳିକା ପର୍ସରେ ଆଣିଥିବା କିଛି ବିଷାକ୍ତ ପଦାର୍ଥ ଖାଇ ଗୁରୁତର ହୋଇପଡିଛନ୍ତି। ପୋଲିସ ନାବାଳିକାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଛି। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ଜଣାପଡିଛି।

ଖବରରୁ ପ୍ରକାଶ, ନିମଖଣ୍ଡି ଥାନା ଅଞ୍ଚଳର ଜଣେ ଯୁବକ ତାଙ୍କର ନାବାଳିକା ବାନ୍ଧବୀ(୧୭)ଙ୍କ ସହିତ ସୋମବାର ଗୋପାଳପୁର ବେଳାଭୂମିରେ କିଛି ସମୟ ବିତାଇବା ପରେ ଏକ ଲଜ୍‌ରେ ସେମାନେ ରହିଥିଲେ। ସେଠାରେ କୌଣସି କଥାକୁ ନେଇ ଦୁହିଁଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଉଭୟେ ଗୋପାଳପୁର ଥାନାକୁ ଯାଇଥିଲେ। ପୋଲିସ ନାବାଳିକାଙ୍କ ବାପା ଓ ମା'ଙ୍କୁ ଫୋନ କରି ଡାକିଥିଲା। ପରିବାର ଲୋକେ ଆସିବା ପରେ ନାବାଳିକା ଜଣକ ପର୍ସରେ ଆଣିଥିବା କିଛି ବିଷାକ୍ତ ପଦାର୍ଥ ଖାଇ ଦେଇଥିଲେ। ଫଳରେ ସେ ବାନ୍ତି କରି ଗୁରୁତର ହୋଇପଡିଥିଲେ।


# Classified Everyday
0674-2580101, 9692975378


REAL ESTATE
SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 9692276835, 7077632085. D-1698

Commercial cum residential plot, gharabari with compound wall touching to N.H.- 316 road (Nakhara to Niali) 10 KM from Nakhara & 15 KM to BBSR 80X30=2400sft. high land from road level @2500/- pervsft. 7809525452. D-76487

Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call- 9827439338. D-1803

Gharabari plot 2000sqft. near Lingaraj Temple, direct owner with boundarywall, No Litigation. Phone- 9178924698. D- 1689

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, 2BHK/3BHK Flat/ Duplex ଅଛି। 8327785834. D-1781




Newly open health benefits SPA by expert therapist. Contact- 8280961126. D-76935

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before the Executive Magistrate, Boudh, No.1127, date 08.08.25, I Sohani Mahapatra, D/o- Aswini Kumar Mahapatra, R/o- Boudh Town (Brahminsahi), P.O./ P.S./Dist.- Boudh, Odisha, PIN- 762014 declare that I have changed my name from Suhani Mahapatra to Sohani Mahapatra. Henceforth, I shall be known as Sohani Mahapatra for all purposes.
Sohani Mahapatra
D-1825

I, Srikant Kumar Sethi, S/o- Karunakar Sethi, Resident of Qr. No.- B-695, Sector-2, Saraswati Vihar, Nalco Township, Damanjodi, Dist.- Koraput, PIN- 763008, Odisha declare by this affidavit Cf No.- 11, dtd. 01.09.2025 that now onwards I shall be known as Srikanta Kumar Sethi for all future purposes. D-1824

I, Sashi Bhusan Majhi, S/o- Krushna Chandra Majhi, At/ P.O.- Dengapadar, Via- Mirganguda, Dist.- Koraput, Odisha- 764063 solemnly declare that I have changed my minor son's name "JAYATIRANJAN MAJHI" to "JYOTIRANJAN MAJHI" on dated 11.08.2025 before Notary Public, Borigumma. Henceforth, JAYATIRANJAN MAJHI shall be known as "JYOTIRANJAN MAJHI" for all future purposes.
D-1829

By virtue of an affidavit No.- 2334, sworn before the Executive Magistrate, Bari dated 26.08.2025, I, Sagar Ranjan Swain, S/o- Khageswara Swain, permanent resident of Vill/P.O.- Balibil, P.S.- Bari Ramachandrapur, Dist.- Jajpur, declare that I have changed my name from Sagar Ranjan Swain to Sagara Ranjan Swain. Henceforth, I shall be known as Sagara Ranjan Swain for all purpose. D-1828


# ହ୍ୟୁଜ୍ ଆପ୍‌ରେ ୧୬ ଲକ୍ଷ ଠକେଇ

କଟକ,୧।୯(କାର୍ତ୍ତିକ ସାହୁ)

ଏକ ଠକେଇ ମାମଲାରେ କଟକ ସାଇବର ଥାନା ପୋଲିସ ଜଣଙ୍କୁ ବାଲେଶ୍ୱରରୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ଅନ୍ତର୍ଗତ ଦାସିସାହାଡ଼ା ଗ୍ରାମର ପାର୍ଥ ସାରଥି ଦାସ (୬୪)। ତାଙ୍କ ନିକଟରୁ ୩ଟି ମୋବାଇଲ ଫୋନ୍, ୬୮,୦୦୦ ଟଙ୍କା ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଏଥିସହ ୨.୫୧ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା ଅଚଳ କରିଦିଆଯାଇଛି।

ଦରଘାବଜାର ଥାନା ଅନ୍ତର୍ଗତ କଦମ ରସୁଲ ବାସିନ୍ଦା ମିର୍ଜା ଅଦିଲ ବେଗ (୪୫)ଙ୍କ ଅଭିଯୋଗ ଅନୁଯାୟୀ, ମୋବାଇଲ୍ ହ୍ୟୁଜ୍ ଆପ୍ ଗତ ୨ ମାସ ଧରି ଉପଲବ୍ଧ ହୋଇଛି। ଏହି ଆପ୍ ମାଧ୍ୟମରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୨୦୦ ଲୋକ ପଞ୍ଜୀକରଣ ଦେୟ ୧୬,୫୦୦ ଟଙ୍କା ଜମା କରି ପଞ୍ଜୀକୃତ ହୋଇଛନ୍ତି। ଏ ବାବଦରେ ପ୍ରାୟ ୧୬


ଗିରଫ ପାର୍ଥ ସାରଥି ଦାସ।

ଲକ୍ଷ ଟଙ୍କାର ଠକେଇ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ଏହି ଆପ୍‌ରୁ କେତେଜଣ ଲୋକ ଲାଭବାନ ହୋଇଛନ୍ତି। ଫଳରେ ଅନ୍ୟମାନେ ଏଥିରେ ଭରସା କରି ଯୋଡ଼ି ହୋଇଥିଲେ। ହ୍ୟୁଜ୍ ଆପ୍ ଅଫିସ ବାଦାମବାଡ଼ି ନିଉ କଲୋନୀ ସ୍କୁଲ ସାମ୍ନାରେ ରହିଥିଲା। ଏହାର ପ୍ରମୋଟର ଭାବେ ପାର୍ଥ ସାରଥି ରହିଥିଲେ। ତେବେ ଗତ ଅଗଷ୍ଟ ୧୫ରେ କେତେଜଣ ବ୍ୟକ୍ତି

### ବାଲେଶ୍ୱରରୁ ଗିରଫ ହେଲେ ଅଭିଯୁକ୍ତ

ଅର୍ଥ ଫେରାଇବା ପାଇଁ କହିଥିଲେ। ମାତ୍ର ସେମାନଙ୍କୁ ବାର୍ଷିକ ଦେୟ ବାବଦରେ ୪,୯୫୦ ଟଙ୍କା ଦେବାକୁ କୁହାଯାଇଥିଲା। ବହୁ ବ୍ୟକ୍ତି ଆପ୍ ମାଧ୍ୟମରେ ଏହି ଦେୟ ଦେଇଥିଲେ। ମାତ୍ର ଅଗଷ୍ଟ ୧୯ରେ ଆପ୍ ହଠାତ୍ ବନ୍ଦ ହୋଇଯାଇଥିଲା। ଅର୍ଥ ନିବେଶ କରିଥିବା ଲୋକମାନେ ଯେତେ ଚେଷ୍ଟା କଲେ ବି ତାହା ଆଉ ଖୋଲି ନ ଥିଲା। ଫଳରେ ଲୋକମାନେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ଠକେଇ ଶିକାର ହୋଇଥିବା ଲୋକମାନେ ସାଇବର ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ସାଇବର ଥାନାରେ ମାମଲା (ନଂ. ୬୨/୨୦୨୫) ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା।

# ରାସ୍ତାରୁ ମହିଳାଙ୍କ ମୃତଦେହ ଜବତ, ହତ୍ୟା ଅଭିଯୋଗ

ବେଲପାହାଡ଼, ୧।୯(ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ବନହରପାଲି ଥାନା କୁମ୍ଭାରବନ୍ଧ ଫାଣ୍ଡି ଅନ୍ତର୍ଗତ ବତଲଗା ଗ୍ରାମର ବିଲ ନିକଟ ରାସ୍ତାରୁ ପୋଲିସ ଜଣେ ମହିଳାଙ୍କ ମୃତଦେହ ସୋମବାର ଜବତ କରିଛି। ସେ ହେଲେ ଉକ୍ତ ଗ୍ରାମର ଲିଲିମା ମିର୍ଦ୍ଧା। ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଲିଲିମା ୨୦୦୪ରେ ସମ୍ବଲପୁର ଜିଲାର ଗୁରୁପାଲି ଗ୍ରାମରେ ବିବାହ କରିଥିଲେ। ତାଙ୍କର ଏକ ପୁତ୍ର ଓ କନ୍ୟା ସନ୍ତାନ ଅଛନ୍ତି। ପ୍ରାୟ ୭/୮ ବର୍ଷ ହେବ ପାରିବାରିକ ବିବାଦ କାରଣରୁ ବିବାହ ବିଚ୍ଛେଦ ହେବା ପରେ ସେ ବାପଘରକୁ ଚାଲିଆସିଥିଲେ। ହେଲେ ମା'ବାପା ନ ଥିବାରୁ ସେ ଦାଦା, ଖୁଡ଼ୀଙ୍କ ଘରେ ରହୁଥିଲେ। ଏଥିସହ ବନହରପାଲିଠାରେ ଥିବା ଏକ କମ୍ପାନୀରେ ଠିକା ଶ୍ରମିକ ଭାବେ କାମ କରୁଥିଲେ। ରବିବାର ଡ୍ୟୁଟି ସାରି ଘରକୁ ଆସିବା ପରେ ରାତି ପ୍ରାୟ ୮ଟାରେ ପ୍ଲାଷ୍ଟିକ୍ ବାଲ୍ଟି ଧରି ଶୌଚ ପାଇଁ ବାହାରକୁ ଯାଇଥିଲେ। ହେଲେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ। ସୋମବାର ସକାଳେ ଦାଦାପୁଅ ଭାଇ କିଶୋର ବିଲ ପଟକୁ ଯାଇ ଦେଖିଲା ବେଳକୁ ରାସ୍ତା ମଝିରେ ଲିଲିମାଙ୍କ ମୃତଦେହ ପଡ଼ିଛି। ଏଥିସହ ତାଙ୍କର ଗୋଡ଼ ପାଖରେ ବାଲ୍ଟିରେ ପାଣି ଥିବା ଦେଖିଥିଲେ। ତେଣୁ ତାଙ୍କୁ ହତ୍ୟା କରାଯାଇଥିବା ନେଇ କିଶୋର କୁମ୍ଭାରବନ୍ଧ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଖବରପାଇ ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ବନହରପାଲି ଥାନା ଅଧିକାରୀ ରଞ୍ଜିତ୍ ନାଏକ, କୁମ୍ଭାରବନ୍ଧ ଫାଣ୍ଡି ଅଧିକାରୀ ପ୍ରକାଶ ଚନ୍ଦ୍ର ଦଳେଇ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀକୁକୁର ସହାୟତାରେ ତଦନ୍ତ କରିଛନ୍ତି। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏ ସମ୍ପର୍କରେ ଏସ୍‌ଡିପିଓ ପ୍ରଧାନ କହିଛନ୍ତି, ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡ଼ିବ।

# ସ୍ଲିଭ୍ ଲେସ୍ ଫ୍ୟାଶନ

**ଫ୍ୟାଶନ ଦୁନିଆରେ ସ୍ଲିଭ୍ ଲେସ୍ ବ୍ଲାଉଜ୍ ସବୁ ସମୟରେ ଏକ ଷ୍ଟାଇଲ୍ ଆଇକନ୍‌ଭାବେ ରହିଛି। ଏହା ମର୍ଡନ ଲୁକ୍ ଦେବା ସହ ପାରମ୍ପରିକ ବେଶଭୂଷାରେ ବି ଏକ ଖାସ୍ ଆକର୍ଷଣ ଦେଇଥାଏ। ତେବେ କେଉଁ ପ୍ରକାର ବଡି ଟାଇପ୍ ନିମନ୍ତେ କିଭଳି ସ୍ଲିଭ୍‌ଲେସ୍ ଚୟନ କରିବେ ସେସମ୍ପର୍କରେ ଜାଣନ୍ତୁ।**



←ଶାରୀରିକ ଗଠନ ବା ବଡି ଟାଇପ୍ ଅନୁସାରେ ଅଲଗା ପ୍ରକାର ସ୍ଲିଭ୍ ଲେସ୍ ବ୍ଲାଉଜ୍ ଚୟନ କରନ୍ତୁ, ନଚେତ୍ ଆଉଟ୍‌ଫିଟ୍ ଭଲ ଲାଗିବ ନାହିଁ।

←କମ୍ ହାଇଟ୍ ମହିଳା ସ୍ଲିଭ୍ ଲେସ୍ ବ୍ଲାଉଜ୍ ପିନ୍ଧିବାକୁ ଚାହୁଁଥିଲେ ପତଳା ଷ୍ଟ୍ରେପ୍ ବାଛନ୍ତୁ। ଏହା ବ୍ୟତୀତ ଡିପ୍ ନେକ୍‌ଲାଇନ ଥିବା ବ୍ଲାଉଜ୍ ସେମାନଙ୍କ ହାଇଟ୍‌କୁ ସାମାନ୍ୟ ଅଧିକ ଦେଖାଇବାରେ ସାହାଯ୍ୟ କରିବ। ହେଭି ୱାର୍କ ଥିବା ବ୍ଲାଉଜ୍ ପିନ୍ଧନ୍ତୁ ନାହିଁ।

←କର୍ଭି ଟାଇପ୍ ମହିଳା ସବୁବେଳେ ଫିଟିଂ ସ୍ଲିଭ୍‌ଲେସ୍ ବ୍ଲାଉଜ୍ ଡିଜାଇନ୍ କରନ୍ତୁ। ଏହା ସହ ବ୍ରଡ୍ ଷ୍ଟ୍ରେପ୍ ଓ ହାଇ ନେକ୍‌ଲାଇନ ଡିଜାଇନ ସେମାନଙ୍କୁ ଏକ ସୁନ୍ଦର ଲୁକ୍ ଦେବ। ତେବେ ଆର୍ମହୋଲ୍ ଡିପ୍ କରନ୍ତୁ ନାହିଁ। ଏହା ଫଳରେ ଅଣ୍ଡରଆର୍ମ ଫ୍ୟାଟ୍ ଦେଖାଯିବ।

←ପିୟର ଶେପ୍ ମହିଳାଙ୍କ ପାଇଁ ହାଲ୍ଟର ନେକ୍ ଓ ଅଫ୍ ସୋଲ୍‌ଡର ଡିଜାଇନ ସୁନ୍ଦର ବିକଳ୍ପ ହୋଇପାରିବ। ସ୍ଲିଭ୍‌ଲେସ୍ ବ୍ଲାଉଜ୍‌ରେ ଅପର ବଡି ଉପରେ ଫୋକସ୍ ରହୁଥିବାରୁ ଅଧିକ କାମଥିବା ଡିଜାଇନ ପିନ୍ଧନ୍ତୁ।

←ଯେଉଁମାନଙ୍କର ବଡି ଟାଇପ୍ ଆପଲ ଶେପ୍ ହୋଇଥାଏ ସେମାନେ ପ୍ଲଞ୍ଜିଂ ନେକ୍‌ଲାଇନ ଥିବା ସ୍ଲିଭ୍‌ଲେସ୍ ବ୍ଲାଉଜ୍ ଚୟନ କରନ୍ତୁ। ଏହା ଫଳରେ ଆପଣଙ୍କ ବେକ ତଳକୁ ଲମ୍ବା ଦେଖାଯିବ। ଷ୍ଟ୍ରେପ୍ ଚଉଡ଼ା ହେଲେ ଏକ ସୁନ୍ଦର ଲୁକ୍ ପାଇପାରିବେ।

←ଆପଣଙ୍କର ବଡି ଟାଇପ୍ ଯଦି ଅଧିକ ଲମ୍ବା ହୋଇଥାଏ, ତେବେ ବୋଟ୍ ନେକ୍ ବା ହାଇ ନେକ୍ ସ୍ଲିଭ୍ ଲେସ୍ ବ୍ଲାଉଜ୍ ଅଧିକ ସୁନ୍ଦର ଲାଗିବ। ଡିଜାଇନ ନେକ୍‌ଲାଇନ ବ୍ଲାଉଜ୍ ଫିଗରକୁ କର୍ଭି ଦେଖାଇବାରେ ସାହାଯ୍ୟ କରିଥାଏ। ଗାଢ଼ ରଙ୍ଗର ବ୍ଲାଉଜ୍ ପିନ୍ଧନ୍ତୁ ଏକ ସୁନ୍ଦର ଲୁକ୍ ମିଳିବ।

# ଏମିତି ବଢ଼ାନ୍ତୁ ଦୃଷ୍ଟିଶକ୍ତି

**ପାଠପଢ଼ା ହେଉ କି ଅଫିସ ବିଭିନ୍ନ କାମ ପାଇଁ ଅଧିକ ସମୟ କମ୍ପ୍ୟୁଟର ଓ ମୋବାଇଲ୍ ଫୋନ୍ ବ୍ୟବହାର କରିବାକୁ ପଡୁଛି। ଫଳରେ ଆଖିର ବିଭିନ୍ନ ସମସ୍ୟା ଦେଖାଦେଉଛି। ତେବେ ଏହି ସମସ୍ୟାରୁ ରକ୍ଷାପାଇବା ପାଇଁ ଜାଣନ୍ତୁ କିଛି ସହଜ ଉପାୟ..**

❖ଦୃଷ୍ଟିଶକ୍ତି ବୃଦ୍ଧି ପାଇଁ ବ୍ଲିଙ୍କିଂ ଏକ୍ସରସାଇଜ୍ କରନ୍ତୁ। ଅର୍ଥାତ୍ ଶୀଘ୍ର ଶୀଘ୍ର ଆଖିର ପଲକକୁ ବାରମ୍ବାର ପକାନ୍ତୁ ଓ ଖୋଲନ୍ତୁ। ୧୦ ରୁ ୧୫ ଥର ଏପରି କଲେ ଆଖିର କୋମଳତା ଅକ୍ଷୁଣ୍ଣ ରହିବ। ଆଖି ଅଧିକ ଶୁଷ୍କ ହେବ ନାହିଁ।

❖ଦୁଇ ହାତର ପାପୁଲିକୁ ଜୋର୍‌ରେ ଘଷି ଗରମ କରନ୍ତୁ। ଏବେ ଏହି ହାତକୁ ଆଖି ବନ୍ଦ କରି ତା' ଉପରେ କିଛି ସମୟ ରଖନ୍ତୁ। ମଝିରେ ମଝିରେ ଆଖିର ଏପରି ଏକ୍ସରସାଇଜ୍ କରିବା ଫଳରେ ଆଖିକୁ ଆରାମ ମିଳିଥାଏ।

❖ଲମ୍ବା ସମୟ ସ୍କ୍ରିନ୍ ଟାଇମ୍ ରହିବା ଫଳରେ ଆଖି ଥକିଯାଏ ଓ ଶୁଷ୍କତା ସହ ଆଖି ପୋଡ଼ିବା ଭଳି ସମସ୍ୟା ଦେଖାଦିଏ। ଏହି ସମସ୍ୟାରୁ ମୁକ୍ତି ପାଇଁ ତ୍ରାଟକ କ୍ରିୟା ଫଳପ୍ରଦ ହୋଇଥାଏ। ଏଥିପାଇଁ ଏକ ସ୍ଥିର ବିନ୍ଦୁକୁ ପଲକ ନ ପକାଇ କିଛି ସମୟ ପର୍ଯ୍ୟନ୍ତ ଦେଖିବାର ଅଭ୍ୟାସ କରନ୍ତୁ। ଏପରି କରିବା ଫଳରେ ଦୃଷ୍ଟିଶକ୍ତି ବଢ଼ିବା ସହ ମାନସିକ ଶାନ୍ତି ଓ ଏକାଗ୍ରତା ବୃଦ୍ଧି ପାଇଥାଏ।

❖ଆଇ ରୋଟେଶନ ମଧ୍ୟ ଏକ ସୁନ୍ଦର ଏକ୍ସରସାଇଜ୍। ଏଥିପାଇଁ ଆଖିକୁ ପ୍ରଥମେ ଉପର ତଳ ଓ ପରେ ବାମ ଡାହାଣ କରି ବୁଲାନ୍ତୁ। ବାରମ୍ବାର ଏଭଳି ଅଭ୍ୟାସ କରିବା ଫଳରେ ଆଖିର ମାଂସପେଶୀକୁ ଆରାମ ମିଳିଥାଏ।

❖ଆଖିର ସମସ୍ୟା ଦୂରକରିବା ପାଇଁ ପ୍ରାଣାୟାମ ଓ ସୂର୍ଯ୍ୟ ନମସ୍କାର ମଧ୍ୟ ବେଶ୍ ଫାଇଦା ଆଣିଥାଏ। ଏସବୁ ଅଭ୍ୟାସକୁ ନିୟମିତ କରିପାରିଲେ ଦୃଷ୍ଟିଶକ୍ତି ବୃଦ୍ଧିହେବା ସହ ସ୍ୱାସ୍ଥ୍ୟ ଭଲ ରହିବ।

# ବଡି ସେମିଂ

**ବିଭିନ୍ନ ପ୍ରକାର ଦାୟିତ୍ୱ ଓ କାମର ଚାପରେ ବିବାହ ପରେ ନିଜ ଲୁକ୍ ନେଇ ଏତେଟା ଧ୍ୟାନ ଦେଇପାରନ୍ତି ନାହିଁ ମହିଳା। ଫଳରେ ସେମାନଙ୍କ ଶାରୀରିକ ଗଠନରେ ଅନେକ ପରିବର୍ତ୍ତନ ଦେଖାଦିଏ। ଯାହାଦ୍ୱାରା ଅନେକ ସମୟରେ ସେମାନଙ୍କୁ ବଡି ସେମିଂର ବି ସାମ୍ନା କରିବାକୁ ପଡିଥାଏ। ଏମିତିରେ ମାନସିକ ସ୍ତରରେ ଦୁର୍ବଳ ନ ହୋଇ ନିଜ ଫିଗର ଓ ପର୍ସନାଲିଟି ମେଣ୍ଟେନ କରିବା ନିମନ୍ତେ ପ୍ରୟାସ ଦରକାର...**






ସୌନ୍ଦର୍ଯ୍ୟକୁ ନେଇ ପ୍ରଶଂସା ଶୁଣିବାକୁ ଭଲପାନ୍ତି ମହିଳା। ସେଥିପାଇଁ ତ ଶୋଳ ଶୃଙ୍ଗାରଠୁ ଆରମ୍ଭକରି କେତେ କ'ଣ ଷ୍ଟାଇଲ୍‌କୁ ଆପଣାଇଥାନ୍ତି। ହେଲେ ବିବାହ ପରେ ମହିଳାଙ୍କର ଅନେକ ପ୍ରକାର ଶାରୀରିକ ପରିବର୍ତ୍ତନ ହୋଇଥାଏ। ବିଶେଷକରି ପ୍ରସବ ପରେ ଏହା ଅଧିକ ଜଣା ପଡ଼ିଥାଏ। ତେଣୁ ଠିକ୍ ସମୟରେ ସଚେତନ ନ ହେଲେ ଶାରୀରିକ ଗଠନରେ ଯେଉଁ ପରିବର୍ତ୍ତନ ଆସେ ସେଇ ଲୁକ୍‌କୁ ନେଇ ସନ୍ତୁଷ୍ଟ ହୋଇପାରନ୍ତି ନାହିଁ। ଅନେକ ସମୟରେ ସେମାନଙ୍କୁ ବଡି ସେମିଂର ବି ସାମ୍ନା କରିବାକୁ ପଡିଥାଏ। ବିଭିନ୍ନ ପ୍ରକାରର ଆଧୁନିକ ଉପାୟ ଆପଣାଇ ନିଜ ବୟସକୁ ଲୁଚାଇ ସୌନ୍ଦର୍ଯ୍ୟ ଅକ୍ଷୁର୍ଣ୍ଣ ରଖିବାର ଅଭିଳାଷ ରଖିଥାନ୍ତି। ଅନେକେ ଆଧୁନିକ ମହିଳା ଏ ଦିଗରେ ଏତେ ସଫଳ ହୋଇଥାନ୍ତି ଯେ ବିବାହିତ ପରିଚୟକୁ ମଧ୍ୟ ଲୁଚାଇବାରେ ସକ୍ଷମ ହୋଇଥାନ୍ତି। ଅପରପକ୍ଷରେ ବିବାହ ପରେ ଯେଉଁମାନଙ୍କର ସୌନ୍ଦର୍ଯ୍ୟ ପ୍ରଭାବିତ ହୋଇଥାଏ ସେମାନେ ନିଜ ଲୁକ୍ ଠିକ୍ କରିବା ପ୍ରୟାସରେ ଢେର୍ ଚିନ୍ତିତ ହୋଇ ପଡ଼ନ୍ତି। କେହି କେହି ଏଥିପାଇଁ ଜିମ୍ ଯିବା, ଡାଏଟିଂ କିମ୍ବା ଯୋଗ ଆଦି କରନ୍ତି। ଯାହା ବି ହେଉ ଲୁକ୍ ଯେମିତି ଖରାପ ନ ହେବ ସେଥିପାଇଁ ସେମାନେ ଅଧିକ ସଚେତନ ହୋଇପଡନ୍ତି।

ସଫଳତା ପାଇଁ ସୁନ୍ଦର ଲୁକ୍ ଅନ୍ୟତମ ଆବଶ୍ୟକତା ମଧ୍ୟରୁ ଗୋଟିଏ କହିଲେ ଭୁଲ୍ ହେବ ନାହିଁ। କାହିଁକିନା ସୌନ୍ଦର୍ଯ୍ୟର ଏକ ବିଶେଷ ପ୍ରଭାବ ବି ରହିଛି। କ୍ଷଣିକ ହେଉ ବା କିଛି ସମୟ ପାଇଁ ହେଉ ଏଥିପାଇଁ ଅନେକ ସଫଳତା ବି ହାସଲ କରିହୁଏ। ସବୁଠୁ ବଡ଼ କଥା ହେଉଛି ଲୁକ୍ ଠିକ୍ ଥିବାର ଅନୁଭବ କଲେ ଆତ୍ମବିଶ୍ୱାସ ବଢ଼ିଥାଏ। ଆଉ ଏହି ଭାବନା ହିଁ ସବୁ କାମ କରିବା ନେଇ ଏକ ସାହସ ସୃଷ୍ଟି କରିଥାଏ। ସବୁ କାମ କରିବା ପାଇଁ ମନରେ ଭିନ୍ନ ଏକ ଉତ୍ସାହ ଆସିଥାଏ। ଘରେ ହେଉ କି ବାହାରେ ଅବା ଅଫିସ୍ ପ୍ରତ୍ୟେକ ସ୍ଥାନରେ ଲୁକ୍ ପାଇଁ ସମସ୍ତଙ୍କ ପାଖରେ ସୃଷ୍ଟି ହୋଇଥାଏ ଫାଷ୍ଟ ଇମ୍ପ୍ରେସନ୍। ଅନ୍ୟମାନଙ୍କ ପାଖରେ ନିଜର ଏକ ଛବି ସୃଷ୍ଟି ହୋଇଥାଏ, ଯାହା ଢେର ଦିନ ରହିଥାଏ। ତେଣୁ ଲୁକ୍‌ର ଏକ ପ୍ରଭାବ ରହିଛି ଏକଥାକୁ ଅସ୍ୱୀକାର କରି ହେବନାହିଁ।

ଅଫିସ୍‌ରେ ମଧ୍ୟ ଲୁକ୍ ପାଇଁ ଏକ ସ୍ୱତନ୍ତ୍ର ଇମେଜ୍ ସୃଷ୍ଟି ହୋଇଥାଏ, ଯାହା ପ୍ରଫେସନାଲ କ୍ୟାରିୟରରେ ପ୍ରଭାବ ପକାଇଥାଏ। ନିଜକୁ ଅନ୍ୟମାନଙ୍କ ଆଗରେ ଉପସ୍ଥାପନ କରିବାର ଏହା ଏକ ମାଧ୍ୟମ ହୋଇଥାଏ।







## ଏମାନେ କ'ଣ କରନ୍ତି

### ପ୍ରୟାସ ଜାରି ରହିଛି



ବିବାହର ଠିକ୍ ବର୍ଷେ ପରେ ମୁଁ ଟିକେ ମୋଟା ହୋଇଥିଲି। କିଛିଦିନ ପରେ ବହୁତ ମୋଟା ହୋଇଗଲି ଓ ମୋ ପେଟରେ ମଧ୍ୟ ଚର୍ବି ବଢ଼ିଯାଇଥିଲା। ଏଥିପାଇଁ ବହୁ ଖରାପ ଲାଗୁଥିଲା। ପେଟ କମ୍ କରିବା ପାଇଁ ପ୍ରଥମେ ଏକ ବେଲ୍ଟ ଆଣି ପିନ୍ଧିଲି, କିନ୍ତୁ ସେମିତି କିଛି ପ୍ରଭାବ ଦେଖାଗଲାନାହିଁ। ତା' ପରଠାରୁ ଖାଇବା ଟିକେ ନିୟନ୍ତ୍ରଣ କଲି ଆଉ କିଛି ସମୟ ପାଇଁ ଯୋଗ କଲି। ତାହା ବି ଏତେ ଶୀଘ୍ର କିଛି ଆଖିଦୃଶିଆ ଚେଞ୍ଜ ଭଳି ମନେହେଲାନାହିଁ। ଏମିତି ବିଭିନ୍ନ ପ୍ରକାର ପ୍ରୟାସ କରିବା ପରେ ଏବେ କିଛି ମାତ୍ରାରେ ମୋ ଲୁକ୍ ସଜାଡ଼ିପାରିଛି। ହେଲେ ଆହୁରି ପର୍‌ଫେକ୍ଟ କରିବା ପାଇଁ ଏବେ ବି ପ୍ରୟାସ ଜାରି ରହିଛି।

–**ପୁଷ୍ପାଞ୍ଜଳି କର,** *କର୍ମଜୀବୀ, ହାଇଟେକ୍ ହସ୍ପିଟାଲ୍, ଭୁବନେଶ୍ୱର*

### ସ୍କିନ୍‌ର ଯତ୍ନ ନେଉଛି



ଲୁକ୍ ସଜାଡ଼ିବା ପାଇଁ ମୋ ପାଖରେ ଆଦୌ ସମୟ ନ ଥିଲା। ପିଲାଙ୍କ କାମ, ଘର କାମ ଆଉ ପାଠପଢାଇବା ଭିତରେ ସମୟ ବାହାର କରିବା କଷ୍ଟକର ହେଉଥିଲା। ହେଲେ ମୋଟାପଣ ପାଇଁ ଲୋକଙ୍କ କଥା ଶୁଣି ଖରାପ ଲାଗୁଥିଲା। ତେଣୁ ଏନେଇ ସଚେତନ ହେବାକୁ ବାଧହେଲି। ବହୁ କଷ୍ଟରେ କିଛି ସମୟ ବାହାରକରି ଏକ୍ସରସାଇଜ୍ କରୁଛି। ଖାଦ୍ୟ ବି ନିୟନ୍ତ୍ରଣ କରୁଛି। ବାହାରେ କିଣା ଖାଦ୍ୟ କିଛି ବି ଖାଉନାହିଁ। ଏହା ସହ ସ୍କିନ୍‌ର ଯତ୍ନ ନେବାକୁ ପାର୍ଲର ବି ଯାଉଛି। ଏମିତି ପ୍ରୟାସ ପରେ ମୋ ଲୁକ୍ ବଦଳାଇପାରିଛି।

–**ଡ. କ୍ରୀଷ୍ଣାପ୍ରଦା ଦାଶ,** *ଅଧ୍ୟାପିକା, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, କଟକ*

### ଯୋଗ ଓ ଏକ୍ସରସାଇଜ୍ କରୁଛି



ବାହାଘର ପରେ ଲୁକ୍ ଖରାପ ହେଲେ ଚଳିବ ବୋଲି ସମସ୍ତେ କହନ୍ତି। ହେଲେ ପ୍ରକୃତ କଥା ହେଉଛି ମୋଟା ହୋଇଗଲା ପରେ ମନକୁ ଏମିତି କହି ବୁଝାଇବାକୁ ହୋଇଥାଏ। କିନ୍ତୁ ଲୁକ୍ ସଜାଡ଼ିବା ପାଇଁ ଅଧିକ ପରିଶ୍ରମ କରି ନ ପାରି ଏମିତି କହୁଥିଲି। ତା' ଛଡ଼ା ଖାଦ୍ୟ ନିୟନ୍ତ୍ରଣ କରିବା ମୋ ପାଇଁ ବହୁତ କଷ୍ଟ। ହେଲେ ବଡି ସେମିଂ ନେଇ ନେଗେଟିଭ୍ ଟିପ୍ପଣୀ ଶୁଣିବାକୁ ଭାରି ଖରାପ ଲାଗୁଥିଲା। ସେଥିପାଇଁ ବାଧହୋଇ ପତଳା ହେବାକୁ ପ୍ରଥମେ ହେଲ୍‌ଥ ଡ୍ରିଙ୍କ୍ ନେଲି। ଏସବୁ ଡ୍ରିଙ୍କ୍‌ରେ କିନ୍ତୁ ସାଇଡ୍‌ଇଫେକ୍ଟ ଅଛି ଜାଣିବା ପରେ ଏବେ ଏକ୍ସରସାଇଜ୍ କରୁଛି। ସବୁଦିନ ଅଧଘଣ୍ଟା ଚାଲିବା ପରେ ଅଳ୍ପ ଯୋଗ କରୁଛି।

–**ପୁନମ୍ ତ୍ରିପାଠୀ,** *କର୍ମଜୀବୀ, ସନ୍‌ସାଇନ୍ ହସ୍ପିଟାଲ, ଭୁବନେଶ୍ୱର*



**ସୌନ୍ଦର୍ଯ୍ୟ**

# ଫର୍ମେଣ୍ଟେଡ୍ ସ୍କିନ୍‌କେୟାର

**ମେକ୍‌ଅପ୍ ଦୁନିଆରେ ଏକ ନୂଆ ଟ୍ରେଣ୍ଡ ହେଉଛି ଫର୍ମେଣ୍ଟେଡ୍ ସ୍କିନ୍‌କେୟାର। କୋରିଆ ଓ ଜାପାନରେ ଆରମ୍ଭ ହୋଇଥିବା ଏହି ଶୈଳୀ ଏବେ ଆମ ଦେଶରେ ଖୁବ୍ ଲୋକପ୍ରିୟ ହେବାରେ ଲାଗିଛି। ଏହି ଶୈଳୀରେ ପ୍ରାକୃତିକ ଉପାୟରେ ବିଭିନ୍ନ ସାମଗ୍ରୀ ବ୍ୟବହାର କରାଯାଏ...**

★ବିଭିନ୍ନ ପ୍ରକାର ପ୍ରାକୃତିକ ଜିନିଷକୁ ବ୍ୟବହାରକରି ବ୍ୟୁଟି ପ୍ରଡ଼କ୍ଟ ସବୁ ତିଆରି କରାଯାଏ। ଫଳରେ ତ୍ୱଚାକୁ ନ୍ୟୁଟ୍ରିସନ୍ ସହ ପୋଷଣ ମିଳିଥାଏ।

★ଏହି ପ୍ରକ୍ରିୟା ଆପଣାଇଲେ ତ୍ୱଚାରେ ଭିଟାମିନ୍, ଏମିନୋ ଏସିଡ୍ ଓ ଆଣ୍ଟିଅକ୍ସିଡାଣ୍ଟର ମାତ୍ରା ବଢ଼ିଥାଏ। ଫଳରେ ତ୍ୱଚାରେ ଥିବା ମୃତକୋଷ ପୁଣି ଥରେ ହାଇଡ୍ରେଟ୍ ଓ ଉଜ୍ଜ୍ୱଳ ହୋଇଥାଏ।





★ ପ୍ରାକୃତିକ ଉପାୟରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରନ୍ତୁ। ଏବେ ମାର୍କେଟରେ ମଧ୍ୟ ହର୍ବାଲ ପ୍ରଡକ୍ଟ ସବୁ ମିଳୁଛି। ଏସବୁ ଚାହିଁଲେ ଆପଣ ବ୍ୟବହାର କରିପାରିବେ, ନଚେତ୍ ଘରେ ତିଆରି କରିପାରିବେ।

★ ଏହି ଶୈଳୀରେ ଫର୍ମେଣ୍ଟେଡ୍ ଗ୍ରୀନ୍ ଟି, ଫର୍ମେଣ୍ଟେଡ୍ ଚାଉଳ ପାଣି, ଫର୍ମେଣ୍ଟେଡ୍ ସୋୟା, ଦହି, ଦୋସା ଘୋଳ ସହିତ ଏଲୋଭେରା, ବିଭିନ୍ନ ପ୍ରକାର ଫଳ ଓ ପତ୍ର ସବୁକୁ ବ୍ୟବହାର କରି ତ୍ୱଚା ନିମନ୍ତେ ବ୍ୟୁଟି ପ୍ରଡକ୍ଟ ପ୍ରସ୍ତୁତ କରାଯାଉଛି।

★ ଏହି ପ୍ରକାର ଉପଚାରରେ ସ୍କିନ୍‌ର ଆଲର୍ଜି ପ୍ରାୟତଃ ହୋଇ ନ ଥାଏ। ଏହି ଉପାୟ ଆପଣାଇଲେ ସ୍କିନ୍ ହାଇଡ୍ରେଟ୍ ରହିଥାଏ, ଆଣ୍ଟି ଏଜିଂ କମ୍ କରିଥାଏ, ସ୍କିନ୍‌ର ଇଲାଷ୍ଟିସିଟି ବଢ଼ାଇବା ସହ ସ୍କିନ୍ ଅଧିକ ଗ୍ଲୋ କରିଥାଏ।

★ ଫର୍ମେଣ୍ଟେଡ୍ ସ୍କିନ୍ କେୟାର ପ୍ରଡକ୍ଟ ସବୁକୁ ଘରେ ଖୁବ୍ ସହଜରେ ପ୍ରସ୍ତୁତ କରିପାରିବେ। ଚାଉଳ ପାଣି ପ୍ରସ୍ତୁତି ନିମନ୍ତେ ଏକ ପାତ୍ରରେ କିଛି ଚାଉଳ ନିଅନ୍ତୁ। ଏହାକୁ ପାଣିରେ ଭିଜାଇ ରାତିସାରା ରଖି ଦିଅନ୍ତୁ। ସକାଳୁ ଚାଉଳକୁ ଛାଣି ସେହି ପାଣିକୁ ବୋତଲରେ ଭର୍ତ୍ତି କରି ଫ୍ରିଜରେ ରଖି ଦିଅନ୍ତୁ। ଏହି ପାଣିକୁ ଆପଣ ଟୋନର ଭଳି ବ୍ୟବହାର କରିପାରିବେ। ଏହିପରି ଅନ୍ୟ ସବୁ ସାମଗ୍ରୀ ପ୍ରସ୍ତୁତ କରିପାରିବେ।

**ଖାଦ୍ୟରୁଚି**

# ମଟର କୁଲ୍‌ଚା

**ଆବଶ୍ୟକ ସାମଗ୍ରୀ–** ମଟର ୧ କପ୍, ପିଆଜ ୧ଟି (ବଡ଼), ଟମାଟୋ ୧ଟି (ବଡ଼), କଞ୍ଚାଲଙ୍କା ୨ଟି, ଅଦା ଛୋଟ ଖଣ୍ଡେ, ଲେମ୍ବୁରସ ୧ ଚାମଚ, ଚାଟ ମସଲା ୧ ଚାମଚ, ଜୀରା ଗୁଣ୍ଡ ଅଧା ଚାମଚ, ଲଙ୍କାଗୁଣ୍ଡ ଅଧା ଚାମଚ, କଳାଲୁଣ ଅଳ୍ପ, ସୌନ୍ଧବ ଲୁଣ ସ୍ୱାଦ ଅନୁସାରେ, ଧନିଆପତ୍ର ଅଳ୍ପ, ଲହୁଣି କିମ୍ବା ଘିଅ ଅଳ୍ପ।

**ପ୍ରସ୍ତୁତି ପ୍ରଣାଳୀ–** ମଟରକୁ ଧୋଇ ଭଲଭାବେ ୭ରୁ ୮ ଘଣ୍ଟା ଭିଜାଇ ଦିଅନ୍ତୁ। ଏବେ ପାଣିରୁ ଛାଣି ଏହାକୁ ପ୍ରେସର କୁକରରେ ଲୁଣ ପକାଇ ସିଝାଇ ଦିଅନ୍ତୁ। ସିଝା ମଟରକୁ ପାଣିରୁ ଛାଣି ରଖିଦିଅନ୍ତୁ। ପିଆଜ, ଟମାଟୋ ଓ କଞ୍ଚାଲଙ୍କାକୁ ଛୋଟ ଛୋଟ କାଟି ଏଥିରେ ପକାନ୍ତୁ। ଅଦାକୁ କୋରି ଏଥିରେ ପକାନ୍ତୁ। ଲେମ୍ବୁରସ, ଚାଟ୍ ମସଲା, ଲଙ୍କାଗୁଣ୍ଡ, କଳାଲୁଣ ସବୁକୁ ଏଥିରେ ପକାଇ ଗୋଳାଇ ଦିଅନ୍ତୁ। ଧନିଆପତ୍ରକୁ ମଧ୍ୟ ଛୋଟ ଛୋଟ କାଟି ଏଥିରେ ପକାଇ ଦିଅନ୍ତୁ। ଶେଷରେ ଏକ ତାୱା ଗରମକରି ସେଥିରେ ଘିଅ ବା ଲହୁଣିକୁ ଗରମ କରି ଏହି ମିଶ୍ରଣରେ ଗୋଳାଇଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ମଟର କୁଲ୍‌ଚା। ଏହାକୁ ଗରମ ଗରମ ଖାଆନ୍ତୁ। ରୁଟି ସହିତ ବି ଖାଇପାରିବେ।



**ଏସିଆ କପ୍ ହକି**

## ଭାରତ ୧୫-୦ ଗୋଲ୍‌ରେ ବିଜୟୀ

**ରାଜଗିର୍, ୧।୯ (ପି.ଟି.):** ବିହାର ସ୍ପୋର୍ଟ୍ସ ୟୁନିଭର୍ସିଟି ହକି ଷ୍ଟାଡିୟମଠାରେ ଚାଲିଥିବା ଏସିଆ କପ୍ ପୁରୁଷ ହକି ଟୁର୍ନାମେଣ୍ଟର ପୁଲ୍ 'ଏ'ର ଏକ ମ୍ୟାଚରେ ଭାରତ ୧୫-୦ଗୋଲ୍‌ରେ କାଜାଖସ୍ତାନକୁ ହରାଇ ଦେଇଛି। ଧିମା ଆରମ୍ଭ ପରେ ଭାରତ ଖୁବ୍ ଶୀଘ୍ର ମ୍ୟାଚ୍‌କୁ ନିଜ ନିୟନ୍ତ୍ରଣକୁ ନେଇ ଆସିଥିଲା। ଭାରତ ଅଲ ୱିନ ରେକର୍ଡ ସହ ସୁପର-୪କୁ ଉନ୍ନୀତ ହୋଇଛି। ଦଳ ପକ୍ଷରୁ ଅଭିଷେକ (୫ମ, ୮ମ, ୨୦ତମ ଓ ୫୯ତମ ମିନିଟ), ଚାରୋଟି ଗୋଲ୍ ସ୍କୋର କରିଥିବା ବେଳେ ସୁଖଜିତ୍ ସିଂ (୨୪ତମ, ୩୨ତମ ଓ ୩୮ତମ) ଏବଂ ଯୁବରାଜ ସିଂ (୨୪ତମ, ୩୧ତମ ଓ ୪୭ତମ) ତିନୋଟି ଲେଖାଏଁ ଗୋଲ୍ ଦେଇଥିଲେ। ଅମିତ ରୋହିଦାସ (୨୯ତମ) ରାଜିନ୍ଦର ସିଂ (୩୨ତମ), ସଞ୍ଜୟ ସିଂ (୫୪ତମ), ଦିଲପ୍ରୀତ ସିଂ (୫୫ତମ) ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଥିଲେ। ଭାରତ ଏହାର ପୂର୍ବ ଦୁଇଟି ମ୍ୟାଚରେ ଚାଇନା ଓ ଜାପାନକୁ ହରାଇ ଦେଇଥିଲା। ଏହି ମହାଦେଶୀୟ ଟୁର୍ନାମେଣ୍ଟର ଚାମ୍ପିୟନ ଦଳ ଆସନ୍ତା ବର୍ଷ ବେଲଜିୟମ ଓ ନେଦରଲାଣ୍ଡ୍ସ ମିଳିତ ଭାବେ ଆୟୋଜନ କରୁଥିବା ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବ। ମାଲେସିଆ ଓ କୋରିଆ ସେମାନଙ୍କ ପୁଲ୍ 'ବି' ମ୍ୟାଚରେ ବିଜୟ ଲାଭ କରି ଏସିଆ କପ୍ ହକି ଟୁର୍ନାମେଣ୍ଟର ସୁପର-୪ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଚାଇନିଜ ତାଇପେ ବିପକ୍ଷରେ ମାଲେସିଆ ୧୫-୦ ଗୋଲ୍‌ରେ ବିଜୟ ଲାଭ କରିଥିବା ବେଳେ କୋରିଆ ୫-୧ରେ ବାଂଲାଦେଶକୁ ହରାଇ ଦେଇଛି।

## ଇରାନଠାରୁ ୩-୦ରେ ହାରିଲା ଭାରତ

**ହିସର, ୧।୯(ପି.ଟି.):** ଚଳିତ କାଫା ନେଶନ୍ସ କପ୍ ଫୁଟବଲ ଟୁର୍ନାମେଣ୍ଟରେ ସୋମବାର ଖେଳାଯାଇଥିବା ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ ୦-୩ ଗୋଲରେ ଡିଫେଣ୍ଡିଂ ଚାମ୍ପିୟନ ଇରାନଠାରୁ ପରାସ୍ତ ହୋଇଛି। ପୂରା ମ୍ୟାଚ୍‌ରେ ଇରାନର ଆକ୍ରମଣକୁ ପ୍ରତିହତ କରିଥିବା ଭାରତୀୟ ଡିଫେନ୍ସ ବିଭାଗ ଅନ୍ତିମ ୭ ମିନିଟ୍‌ରେ ଦୁଇଟି ଗୋଲ ବରଣ କରିଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲ୍ ଶୂନ୍ୟ ଭାବେ ଶେଷ ହୋଇଥିବା ବେଳେ ଦ୍ୱିତୀୟାର୍ଦ୍ଧର ୬୦ତମ ମିନିଟ୍‌ରେ ଆମିର୍ହୋସେନ ହୋସେନଜାଦେ ଇରାନ ପାଇଁ ପ୍ରଥମ ଗୋଲ୍ କରିଥିଲେ। ଶେଷ ଆଡ଼କୁ ଅଲୀ ଆଲୀପୌରଘରା (୮୯ତମ) ଓ ମେହଦି ତାରେମି (୯୦+୬) ଗୋଲ ଦେଇଥିଲେ। ଇରାନ ଫିଫା ର୍‍ୟାଙ୍କିଙ୍ଗ୍‌ରେ ୨୦ ଓ ଭାରତ ୧୩୩ତମ ସ୍ଥାନରେ ରହିଛି।

# କ୍ୱାର୍ଟରରେ ଜୋକୋଭିଚ୍, ଅଲ୍‌କାରାଜ



ରିଟର୍ନ ଶଟ୍ ଖେଳିବା ଅବସରରେ କାର୍ଲୋସ ଅଲ୍‌କାରାଜ।

**ୟୁଏସ୍ ଓପନ୍**

**ନ୍ୟୁୟର୍କ, ୧।୯**

ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଲକ୍ଷ୍ୟରେ ଥିବା ଟେନିସ ଲିଜେଣ୍ଡ ନୋଭାକ ଜୋକୋଭିଚ୍ ଓ ୱାର୍ଲ୍ଡ ନଂ-୨ କର୍ଲୋସ ଅଲକାରାଜ ୟୁଏସ୍ ଓପନ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ସୋମବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ସପ୍ତମ ସିଡ୍ ଜୋକୋଭିଚ୍ ୬-୩, ୬-୩, ୬-୨ ସେଟ୍‌ରେ ଜାନ-ଲେନାର୍ଡ ଷ୍ଟ୍ରଫଙ୍କୁ ପରାସ୍ତ କରିଛନ୍ତି। ଅନ୍ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଟେଲର ଫ୍ରିଜ୍ ୬-୪, ୬-୩, ୬-୩ ସେଟ୍‌ରେ ୨୧ତମ ସିଡ୍ ଟୋମାସ ମାକହାକଙ୍କୁ, ୨୦୨୨ ସଂସ୍କରଣର ଚାମ୍ପିୟନ ଅଲକାରାଜ ୭-୬(୭/୩), ୬-୩, ୬-୪ ସେଟ୍‌ରେ ଆର୍ଥର ରିଣ୍ଡରକ୍ନେଚଙ୍କୁ, ଅଷ୍ଟମ ସିଡ୍ ଆଲେକ୍ସ ଡି ମିନାଉର ୬-୩, ୬-୨, ୬-୧ ସେଟ୍‌ରେ ଲେଆଣ୍ଡ୍ରୋ ରିଏଡିଙ୍କୁ ଓ ୨୫ତମ ସିଡ୍ ଫେଲିକ୍ସ ଅଗର ଆଲିସିମେ ୭-୫, ୬-୩, ୬-୪ ସେଟ୍‌ରେ ଆନ୍ଦ୍ରେ ରୁବଲେଭଙ୍କୁ ହରାଇଛନ୍ତି।

### ରିବାକିନା ଆଉଟ୍; ସାବାଲେଙ୍କା କ୍ୱାର୍ଟରରେ

ମହିଳା ସିଙ୍ଗଲ୍ସରେ ୱାର୍ଲ୍ଡ ନଂ-୧ ଆରିନା ସାବାଲେଙ୍କା ଓ ଦ୍ୱିତୀୟ ସିଡ୍ ଇଗା ସ୍ୱିଟେକ ୟୁଏସ୍ ଓପନର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ବେଳେ ୨୦୨୨ ୱିମ୍ବଲଡନ ଚାମ୍ପିୟନ ଏଲିନା ରିବାକିନା ପରାଜୟ ସହ ବିଦାୟ ନେଇଛନ୍ତି। ମହିଳା ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ସାବାଲେଙ୍କା ୬-୧, ୬-୪ ସେଟ୍‌ରେ କ୍ରିଷ୍ଟିନା ବୁକସାଙ୍କୁ, ସ୍ୱିଟେକ ୬-୩, ୬-୧ ସେଟ୍‌ରେ ଏକାଟେରିନା ଆଲେକଜାଣ୍ଡ୍ରୋଭାଙ୍କୁ, ମର୍କେଟା ଭଣ୍ଡ୍ରୋସୋଭା ୬-୪, ୫-୭, ୬-୨ ରିବାକିନାଙ୍କୁ ଓ ଜେସିକା ପେଗୁଲା ୬-୧, ୬-୨ ସେଟ୍‌ରେ ଆନ ଲିଙ୍କୁ ହରାଇଛନ୍ତି। ସାବାଲେଙ୍କା ଓ ପେଗୁଲା କ୍ୱାର୍ଟର ଫାଇନାଲରେ ଯଥାକ୍ରମେ ଭଣ୍ଡ୍ରୋସୋଭା ଓ ବାରବୋରା କ୍ରେଜିକୋଭାଙ୍କୁ ଭେଟିବେ।

## ବାଳିକା ଦ୍ୱିତୀୟ ରାଉଣ୍ଡରେ ମାୟା

**ନ୍ୟୁୟର୍କ, ୧।୯(ପି.ଟି.)**

ସ୍ୱଳ୍ପ ବୟସ୍କା ଭାରତୀୟ ଟେନିସ ଖେଳାଳି ମାୟା ରାଜେଶ୍ୱରନ ରେଭଥି ୟୁଏସ୍ ଓପନ୍ ଜୁନିୟର ବାଳିକା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ସିଧାସଳଖ ସେଟ୍‌ରେ ପରାଜୟ ସହ ହୀତେଶ ଚୌହ୍ୱାନ ବିଦାୟ ନେଇଛନ୍ତି।

ପ୍ରଥମ ରାଉଣ୍ଡ ବାଳିକା ସିଙ୍ଗଲ୍ସ ମ୍ୟାଚ୍‌ରେ ଅଣସିଡ୍ ୧୬ ବର୍ଷୀୟା ମାୟା ୭-୬(୭/୫), ୬-୩ ସେଟ୍‌ରେ ଚାଇନାର ଝାଙ୍ଗ-କ୍ୱିଆନ ୱେଇଙ୍କୁ ପରାସ୍ତ କରିଛନ୍ତି। ଏହି ବିଜୟ ଲାଗି ତାଙ୍କୁ ଦେଢ଼ ଘଣ୍ଟା ଧରି କଡ଼ା ସଂଘର୍ଷ କରିବାକୁ ପଡ଼ିଥିଲା। କୋଏମ୍ବାଟୋରରେ ଜନ୍ମିତ ମାୟା ସ୍ପେନର ମାଲୋର୍କାସ୍ଥିତ ରାଫାଲ ନାଡାଲ ଏକାଡେମୀରେ ଟ୍ରେନିଂ ନେଉଛନ୍ତି। ସେ ଦ୍ୱିତୀୟ ରାଉଣ୍ଡରେ ଦ୍ୱିତୀୟ ସିଡ୍ ବ୍ରିଟେନର ହାନା କ୍ଲୁଗମାନଙ୍କୁ ଭେଟିବେ।

## ୟୁପି ଯୋଦ୍ଧାସ, ପୁନେରୀ ପଲ୍‌ଟନ ବିଜୟୀ

**ବିଶାଖାପାଟଣା, ୧।୯ (ପି.ଟି.):** ପ୍ରୋ-କବାଡ଼ି ଲିଗ୍ ସିଜନ ୧୨ର ସୋମବାର ଖେଳାଯାଇଥିବା ଏକ ମ୍ୟାଚରେ ୟୁପି ଯୋଦ୍ଧାସ ୩୪-୩୧ରେ ପାଟନା ପାଇରେଟ୍ସକୁ ହରାଇ ଦେଇଛି। ସୁମିତ ଓ ଆଶୁ ସିଂ ହାଇ ଫାଇଭ୍ ପାଇଥିବା ବେଳେ ଗଗନ ଗୌଡ଼ା ୭ ପଏଣ୍ଟ ସ୍କୋର କରିଥିଲେ। ଏଥିସହିତ ଯୋଦ୍ଧାସ ଦଳ ଚମତ୍କାର ବିଜୟ ହାସଲ କରିଥିଲା। ରାଜୀବ ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ପୁନେରୀ ପଲ୍‌ଟନ ୪୧-୧୯ରେ ଗୁଜରାଟ ଜାଏଣ୍ଟ୍ସକୁ ହରାଇ ଦେଇଛି।

## ଚାମ୍ପିୟନ ଦଳ ପାଇବ ପାଖାପାଖି ୪୦ କୋଟି

**ଆଇସିସି ମହିଳା କ୍ରିକେଟ ବିଶ୍ୱକପ୍**

**ଦୁବାଇ, ୧।୯ (ପି.ଟି.)**

ଆଗାମୀ ଆଇସିସି ମହିଳା କ୍ରିକେଟ ବିଶ୍ୱକପ୍‌ର ବିଜେତା ପାଇଁ ଉଦ୍ଦିଷ୍ଟ ପୁରସ୍କାର ରାଶିର ପରିମାଣକୁ ବୃଦ୍ଧି କରାଯାଇଛି। ଏଣିକି ଚାମ୍ପିୟନ ଦଳକୁ ମିଳିବ ୪.୪୮ ନିୟୁତ ଆମେରିକୀୟ ଡଲାର (୩୯.୫୫ କୋଟି ଟଙ୍କା), ଯାହାକି ଟୁର୍ନାମେଣ୍ଟ ଇତିହାସରେ ସର୍ବାଧିକ। ଗତ ସଂସ୍କରଣରେ ଚାମ୍ପିୟନ ଦଳକୁ ମିଳିଥିଲା ୧.୩୨ ନିୟୁତ ଡଲାର (୧୧.୬୫ କୋଟି ଟଙ୍କା)। ଟୁର୍ନାମେଣ୍ଟର ୧୩ତମ ସଂସ୍କରଣ ସେପ୍ଟେମ୍ବର ୩୦ରୁ ଆରମ୍ଭ ହେବାକୁଥିବା ବେଳେ ଭାରତ ଓ ଶ୍ରୀଲଙ୍କା ଏହାର ମିଳିତ ଆୟୋଜକ ଅଛନ୍ତି। ୮ଟି ଦଳକୁ ନେଇ ଅନୁଷ୍ଠିତ ହେବାକୁଥିବା ଏହି ଇଭେଣ୍ଟର ପୁରସ୍କାର ରାଶି ପ୍ରାୟ ୩ ଗୁଣା ବୃଦ୍ଧି ଘଟିଛି। ମେଗା ଇଭେଣ୍ଟର ମୋଟ ପୁରସ୍କାର ରାଶି ୧୩.୮୮ ନିୟୁତ ଆମେରିକୀୟ ଡଲାର କରାଯାଇଥିବା



ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପ୍ରକାଶ କରିଛି। ଏଣିକି ରନରଅପ୍ ଦଳ ୨.୨୪ ନିୟୁତ ଆମେରିକୀୟ ଡଲାର (ପ୍ରାୟ ୧୯.୭୭ କୋଟି) ପାଇବ। ଇଂଲଣ୍ଡରେ ଅନୁଷ୍ଠିତ ମହିଳା ବିଶ୍ୱ କପ୍‌ର ରନରଅପ୍ ପୁରସ୍କାର ରାଶି (୬୦୦,୦୦୦ ଡଲାର / ୫.୩୦ କୋଟି) ତୁଳନାରେ ଏହା ୨୭୩ ପ୍ରତିଶତ ଅଧିକ। ଗତଥର ଦୁଇ ଲୁଜିଂ ସେମିଫାଇନାଲିଷ୍ଟ ଦଳ ୩୦୦,୦୦୦ ଆମେରିକୀୟ ଡଲାର (୨.୬୫ କୋଟି) ପାଇଥିବା ବେଳେ ଏଥର ୧.୧୨ ଡଲାର (୯.୮୯ କୋଟି) ମିଳିବ। ଗ୍ରୁପ୍ ପର୍ଯ୍ୟାୟରେ ପ୍ରତ୍ୟେକ ବିଜୟୀ ଦଳକୁ ମିଳିବ ୩୪,୩୧୪ ଡଲାର(୩୦.୨୯ ଲକ୍ଷ ଟଙ୍କା)। ୫ମ ଓ ୬ଷ୍ଠ ସ୍ଥାନ ଅଧିକାର କରିଥିବା ଦଳ ପ୍ରତ୍ୟେକେ ୭୦୦,୦୦୦ ଡଲାର (ପ୍ରାୟ ୬୨ ଲକ୍ଷ ଟଙ୍କା) ଏବଂ ୭ମ ଓ ୮ମ ସ୍ଥାନ ଅଧିକାର କରିଥିବା ପ୍ରତ୍ୟେକ ଦଳ ୨୮୦,୦୦୦ ଡଲାର (ପ୍ରାୟ ୨୪.୭୧ ଲକ୍ଷ) ଲେଖାଏ ପାଇବେ। ଏହାଛଡ଼ା ପ୍ରତ୍ୟେକ ଅଂଶଗ୍ରହଣକାରୀ ଦଳ ୨୫୦,୦୦୦ ଡଲାର (ପ୍ରାୟ ୨୨ ଲକ୍ଷ ଟଙ୍କା) ଲେଖାଏ ପାଇବେ। ବିଶ୍ୱବ୍ୟାପୀ ମହିଳା କ୍ରିକେଟର ଲୋକପ୍ରିୟତା ବୃଦ୍ଧି କରିବା ଏବଂ ପୁରୁଷ କ୍ରିକେଟ ସହ ସମାନତା ଆଣିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଥିବା ଆଇସିସି କହିଛି ।

## ଦିଲ୍ଲୀରେ ବ୍ୟାଡ୍‌ମିଣ୍ଟନ ବିଶ୍ୱ ଚାମ୍ପିୟନଶିପ୍

**ପ୍ୟାରିସ, ୧।୯ (ପି.ଟି.):** ଆସନ୍ତା ବର୍ଷର ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ପାଇଁ ନୂଆଦିଲ୍ଲୀକୁ ଆୟୋଜକ ସହର ଭାବେ ମନୋନୀତ କରାଯାଇଛି। ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ତରଫରୁ ସୋମବାର ଏ ବିଷୟରେ ଘୋଷଣା କରାଯାଇଛି। ବିଡବ୍ଲ୍ୟୁଏଫ୍‌ର ସବୁଠାରୁ ମର୍ଯ୍ୟାଦାପୂର୍ଣ୍ଣ ଟୁର୍ନାମେଣ୍ଟ ୧୭ ବର୍ଷ ପରେ ଭାରତରେ ଆୟୋଜନ ହେବାକୁ ଯାଉଛି।

# ରାଜ୍ୟ ଶୁଟିଂ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୧।୯ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମର ୫୦ ମିଟର ଶୁଟିଂ ରେଞ୍ଜରେ ୧୪ଶ ରାଜ୍ୟ ଶୁଟିଂ ଚାମ୍ପିୟନଶିପ୍ ସୋମବାର ଉଦ୍‌ଘାଟିତ ହୋଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୨୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ୫୦ ମିଟର ରାଇଫଲ ପ୍ରୋନ, ୫୦ ମିଟର ରାଇଫଲ ୩ପି, ୨୫ ମିଟର ଷ୍ଟାଣ୍ଡାର୍ଡ ପିସ୍ତଲ, ୨୫ ମିଟର ସ୍ପୋର୍ଟ ପିସ୍ତଲ ଓ ୨୫ ମିଟର ସେନଟର ପିସ୍ତଲ ପ୍ରତିଯୋଗିତା ହେବ। ଏଥିସହ ଉତ୍କଳ କରାଟେ ସ୍କୁଲ ଶୁଟିଂ ରେଞ୍ଜରେ ୧୦ ମିଟର ଏୟାର ରାଇଫଲ ଓ ୧୦ ମିଟର ଏୟାର ପିସ୍ତଲ ଉଭୟ ଏନ୍‌ଆର ଓ ଆଇଏସ୍‌ଏସ୍‌ଏଫ୍ ବିଭାଗରେ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ ଅଂଶଗ୍ରହଣକାରୀ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇବା ସହ ୨୦୩୬ ଅଲିମ୍ପିକ ପାଇଁ ବନ୍ଧୁକ ଚାଳନାରେ ଓଡ଼ିଶା ନିମନ୍ତେ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବା ନିମନ୍ତେ ସଂଘର କର୍ମକର୍ତ୍ତାଙ୍କୁ ଅନୁରୋଧ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସଂଘ ସଭାପତି ଗୌରୀ ମହାନ୍ତି, ଉପସଭାପତି ଚିତ୍ତରଞ୍ଜନ ସ୍ୱାଇଁ ଓ ରୋମିଓ କାନ୍ତ ନନ୍ଦ, ଯୁଗ୍ମ ସମ୍ପାଦକ ଆଶିଷ ନାୟକ ଏବଂ କୋଷାଧ୍ୟକ୍ଷ ବଳଭଦ୍ର ଦାସ ଉପସ୍ଥିତ ଥିଲେ।


ବନ୍ଧୁକ ଚଳାଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

## ଚନ୍ଦନ 'ଚାମ୍ପିୟନ ଅଫ୍ ଚାମ୍ପିୟନ'


ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଚନ୍ଦନ ମହାପାତ୍ର।

**ଜାତୀୟ ସ୍ତରୀୟ ବାହୁକୁସ୍ତି**

**ଭୁବନେଶ୍ୱର, ୧।୯ (ତପନ ସ୍ୱାଇଁ)**

ପଞ୍ଜାବର ଲୁଧିଆନାଠାରେ ଅଗଷ୍ଟ ୨୯ରୁ ୩୧ ପର୍ଯ୍ୟନ୍ତ ଅନୁଷ୍ଠିତ ୪୭ ତମ ଜାତୀୟ ସ୍ତରୀୟ ବାହୁକୁସ୍ତି ପ୍ରତିଯୋଗିତାରେ ଓଡ଼ିଶାର ଚନ୍ଦନ ମହାପାତ୍ର ୟୁଥ୍ ଏବଂ ସିନିୟର୍ ବର୍ଗରେ 'ଚାମ୍ପିୟନ ଅଫ୍ ଚାମ୍ପିୟନ' ଆଖ୍ୟା ଅର୍ଜନ କରିଛନ୍ତି। କଟକର ଚନ୍ଦନ ୧୦୦ କେଜି ଡାହାଣ ହାତ ୟୁଥ୍ ଏବଂ ସିନିୟର ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହା ବ୍ୟତୀତ ଅଫଜଲ ଅଲ୍ଲୀ ୮୦+ କେଜି ବାମ ହାତ ଜୁନିୟର ବର୍ଗରେ ବ୍ରୋଞ୍ଜ, ଫୈଜାନ୍ ଅହମ୍ମଦ ୬୦ କେଜି ବାମ ହାତ ୟୁଥ୍ ବର୍ଗରେ ବ୍ରୋଞ୍ଜ, ଆଲୋକ ମହାପାତ୍ର ୬୦କେଜି ଡାହାଣ ହାତ ସିନିୟର୍ ବର୍ଗରେ ବ୍ରୋଞ୍ଜ, ପ୍ରବୀର ଷଡ଼ଙ୍ଗୀ ୮୦ କେଜି ଡାହାଣ ହାତ ସିନିୟର୍ ବର୍ଗରେ ବ୍ରୋଞ୍ଜ, ସନତ ମାହାର୍ ୮୦ କେଜି ଡାହାଣ ହାତ ମାଷ୍ଟର ବର୍ଗରେ ବ୍ରୋଞ୍ଜ, ସାଗର ନାୟକ ୯୦ କେଜି ବାମ ହାତ ମାଷ୍ଟର ବର୍ଗରେ ରୌପ୍ୟ, ନିର୍ମଳ ସାହୁ ୧୦୦+ କେଜି ବାମ ହାତ ମାଷ୍ଟର ବର୍ଗରେ ସ୍ୱର୍ଣ୍ଣ ଏବଂ ଶୁଭଜିତ ପାଢ଼ୀ ଭିନ୍ନକ୍ଷମ ବର୍ଗରେ ରୌପ୍ୟ ପଦକ ହାସଲ କରିଛନ୍ତି।

## ଭାରତରୁ ଭାଗନେବେ ୧୯ ଆଥଲେଟ୍

**ନୂଆଦିଲ୍ଲୀ, ୧।୯:** ଟୋକିଓରେ ଆସନ୍ତା ୧୩ରୁ ଆରମ୍ଭ ହେବାକୁ ଯାଉଥିବା ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଭାରତରୁ ୧୯ ଆଥଲେଟ୍ ଭାଗନେବେ। ଏମାନଙ୍କ ମଧ୍ୟରୁ କେତେକ ଏଣ୍ଟ୍ରି ଷ୍ଟାଣ୍ଡାର୍ଡ ସ୍ପର୍ଶ କରିଥିବାବେଳେ ଅନ୍ୟ କେତେକ ବିଶ୍ୱ ର୍‍ୟାଙ୍କିଙ୍ଗ୍ କୋଟାରେ ଯୋଗ୍ୟତା ହାସଲ କରିଛନ୍ତି। ଏହା ମଧ୍ୟରେ ଓଡ଼ିଶା ଏଚ୍‌ପିସିର ଅନିମେଷ କୁଜୁର ସାମିଲ ଅଛନ୍ତି। ଜାଭେଲିନ୍ ଥ୍ରୋ ତାରକା ନୀରଜ ଚୋପ୍ରା ଭାରତୀୟ ଚ୍ୟାଲେଞ୍ଜର ନେତୃତ୍ୱ ନେବେ। **ଭାରତୀୟ ଦଳ:** ପୁରୁଷ- ଅନିମେଷ କୁଜୁର, ଗୁଲଭୀର ସିଂ, ତେଜାସ ଶିର୍ସେ, ସର୍ଭେଶ ଅନିଲ କୁଶାରେ, ମୁରଲୀ ଶ୍ରୀଶଙ୍କର, ପ୍ରବୀଣ ଚିତ୍ରାଭେଲ, ଅବଦୁଲା ଅବୁବାକର, ନୀରଜ ଚୋପ୍ରା, ସଚିନ ଯାଦବ, ଯଶବୀର ସିଂ, ରୋହିତ ଯାଦବ, ସେର୍ଭିନ ସେବାଷ୍ଟିଆନ, ରାମ ବାବୁ ଓ ସନ୍ଦୀପ କୁମାର। ମହିଳା-ପୂଜା, ପାରୁଲ ଚୌଧାରୀ, ଅଙ୍କିତା, ଅନୁ ରାଣୀ, ପ୍ରିୟଙ୍କା।






## ବାସ୍କେଟବଲ ଲାଗି ୧୬ ଜଣିଆ ଓଡ଼ିଶା ଦଳ

**ସ୍ୱତନ୍ତ୍ର ଅଲିମ୍ପିକ୍ସ-ଭାରତ ଜାତୀୟ ଚାମ୍ପିୟନଶିପ**

**ଭୁବନେଶ୍ୱର, ୧।୯ (ତପନ ସ୍ୱାଇଁ)**

ରାଜସ୍ଥାନର ଶ୍ରୀଗଙ୍ଗାନଗରରେ ମଙ୍ଗଳବାରଠାରୁ ୬ ତାରିଖ ପର୍ଯ୍ୟନ୍ତ ଥିବା ସ୍ୱତନ୍ତ୍ର ଅଲିମ୍ପିକ୍ସ-ଭାରତ ଜାତୀୟ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାଲାଗି ସୋମବାର ଭୁବନେଶ୍ୱରରୁ ଏକ ୧୬ ଜଣିଆ ଓଡ଼ିଶା ବାସ୍କେଟବଲ୍ ଦଳ ବିମାନ ଯୋଗେ ରାଜସ୍ଥାନ ଯାତ୍ରା କରିଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଏବଂ ଯୁବ ସେବା ବିଭାଗ ଭୁବନେଶ୍ୱରରୁ ଦିଲ୍ଲୀକୁ ବିମାନ ଟିକେଟ ଯୋଗାଇ ଦିଆଯାଇଛି। ଭୁବନେଶ୍ୱର ବିମାନବନ୍ଦରରେ ଏଏଆଇର ମାନବ ସମ୍ବଳ ମୁଖ୍ୟ ନମିତା ଦେହୁରୀ ଦଳକୁ ବିଦାୟୀ ଶୁଭେଚ୍ଛା ଜଣାଇଥିଲେ। ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜକ ଅର୍ପିତା ମହାପାତ୍ର କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ ଏବଂ କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟଙ୍କ ସମର୍ଥନ ପାଇଁ କୃତଜ୍ଞତା ଜଣାଇଛନ୍ତି। ଗତ ଅଗଷ୍ଟରେ ଆଠଗଡ଼ରେ ଅନୁଷ୍ଠିତ ରାଜ୍ୟ ଚୟନ ପରୀକ୍ଷଣରେ ମନୋନୀତ ଖୋର୍ଦ୍ଧା, ଭଦ୍ରକ ଏବଂ ପୁରୀ ଜିଲାର ଖେଳାଳିମାନେ ରାଜ୍ୟ ଦଳରେ ସ୍ଥାନ ପାଇଛନ୍ତି। ରବିବାର ରାତିରେ ଓପନ୍ ଲର୍ନିଂ ସିଷ୍ଟମ୍ସର ସଚିବ ପ୍ରତାପ ରଥ, ଏସ୍‌ଓବି-ଓଡ଼ିଶା କ୍ଷେତ୍ର ନିର୍ଦ୍ଦେଶକ ପ୍ରକାଶ ରଥ, କୋଷାଧ୍ୟକ୍ଷ ସୁରେଶ ଖୁଣ୍ଟିଆ ଏବଂ ରାଜ୍ୟ କାର୍ଯ୍ୟକ୍ରମ ପରିଚାଳିକା ଅର୍ପିତା ମହାପାତ୍ରଙ୍କ ଦ୍ୱାରା ଖେଳାଳି ଏବଂ ପ୍ରଶିକ୍ଷକମାନଙ୍କୁ ଟିମ୍ ଟି-ଶାର୍ଟ ପ୍ରଦାନ କରାଯାଇଥିଲା। ପ୍ରତାପ ରଥ ନିଜ ଭାଷଣ ମାଧ୍ୟମରେ ଦଳର ସଦସ୍ୟମାନଙ୍କୁ ଉତ୍ସାହିତ କରିବା ସହ ଫଳାଫଳ ବିଷୟରେ ଅଯଥା ନ ଭାବିବାକୁ ପରାମର୍ଶ କରିଥିଲେ। ଏସ୍‌ଓବି-ଓଡ଼ିଶାର ସମଗ୍ର ବୋର୍ଡ ଓଡ଼ିଶା ଦଳର ସଫଳତା କାମନା କରିଛି। ଦଳର ମହିଳା ସଦସ୍ୟାମାନେ ହେଲେ: ଚୁମ୍‌କି, ନିର୍ଲିପ୍ତା, ରାଜଶ୍ରୀ ମହାପାତ୍ର, ଅର୍ପିତା ଚକ୍ରବର୍ତ୍ତୀ, ମଧୁସ୍ମିତା ନାୟକ, ଆଦ୍ୟାଶା ବେହେରା, ଦୀପ୍ତିମୟୀ ଦାସ। ପ୍ରଶିକ୍ଷକ: ସରିତା ରାଉତରାୟ। ସେହିପରି ପୁରୁଷ ସଦସ୍ୟମାନେ ହେଲେ ପୂର୍ଣ୍ଣ ଜେନା, ସନ୍ତୋଷ ମଲ୍ଲିକ, ଦେବାଶିଷ, ସବ୍ୟସାଚୀ ସାମଲ, ଦୀପଙ୍କର ରାଉତ, ବିଭୂତି ଜେନା, ବିଶ୍ୱଜିତ ନାୟକ। ପ୍ରଶିକ୍ଷକ: କାଳନ୍ଦୀ ଚରଣ ଭୋଇ।



ସ୍ୱତନ୍ତ୍ର ଅଲିମ୍ପିକ୍ସ-ଭାରତ ଜାତୀୟ ଚାମ୍ପିୟନଶିପ୍ ପାଇଁ ମନୋନୀତ ଓଡ଼ିଶା ଦଳ କର୍ମକର୍ତ୍ତାଙ୍କ ଗହଣରେ।

## ଓଡ଼ିଶା ଏଚ୍‌ପିସିରୁ ଭାଗନେବେ ୪ ଜିମ୍ନାଷ୍ଟ


ଏଫ୍‌ଆଇଜି ବିଶ୍ୱ ଚ୍ୟାଲେଞ୍ଜ କପ୍ ପାଇଁ ମନୋନୀତ ଏଚ୍‌ପିସିର ୪ ଜିମ୍ନାଷ୍ଟ।

**ଏଫ୍‌ଆଇଜି ବିଶ୍ୱ ଚ୍ୟାଲେଞ୍ଜ କପ୍**

**ଭୁବନେଶ୍ୱର, ୧।୯ (ତପନ ସ୍ୱାଇଁ)**

ଫ୍ରାନ୍ସର ପ୍ୟାରିସ ଓ ହଙ୍ଗେରୀର ଜୋମ୍ବାଥେଲିଠାରେ ଏଫ୍‌ଆଇଜି ବିଶ୍ୱ ଚ୍ୟାଲେଞ୍ଜ କପ୍ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରର ୪ ଜିମ୍ନାଷ୍ଟ ଅଂଶଗ୍ରହଣ କରିବେ। ସେମାନେ ହେଲେ ତପେଶ୍ୱର ଦାସ, ତପନ ମହାନ୍ତି, ପ୍ରଣତୀ ନାୟକ ଓ ତନୁ। ଜାତୀୟ ସ୍ତରରେ ମୋଟ ୧୧ ଜିମ୍ନାଷ୍ଟ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାଗନେବେ। ପୁରୁଷ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ (ଏମ୍‌ଏଜି) ତପେଶ୍ୱର ନାଥ ଓ ତପନ ମହାନ୍ତି ସେପ୍ଟେମ୍ବର ୧୩ ଓ ୧୪ରେ ପ୍ୟାରିସରେ ହେବାକୁଥିବା ଏଫ୍‌ଆଇଜି ବିଶ୍ୱ ଚ୍ୟାଲେଞ୍ଜ କପ୍‌ରେ ଅଂଶଗ୍ରହଣ କରିବେ। ଏହାପରେ ସେପ୍ଟେମ୍ବର ୨୬ରୁ ୨୮ ପର୍ଯ୍ୟନ୍ତ ଜୋମ୍ବାଥେଲିଠାରେ ହେବାକୁଥିବା ପ୍ରତିଯୋଗିତାରେ ଏହି ଦୁଇ ପ୍ରତିଯୋଗୀଙ୍କ ସହ ପ୍ରଣତି ଓ ତନୁ ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ପ୍ରତିଯୋଗିତା ପୂର୍ବରୁ ଏହି ୪ ଜିମ୍ନାଷ୍ଟ ପ୍ୟାରିସରେ ଅନୁଷ୍ଠିତ ଜାତୀୟ ପରିଦର୍ଶନ ଶିବିରରେ ଯୋଗଦେଇ ବିରଳ ଅଭିଜ୍ଞତା ହାସଲ କରିବେ। ଓଡ଼ିଶା ଏଚ୍‌ପିସିର ମୁଖ୍ୟ ପ୍ରଶିକ୍ଷକ ଅଶୋକ କୁମାର ମିଶ୍ରଙ୍କୁ ମଧ୍ୟ ଏହି ଶିବିର ପାଇଁ ମନୋନୀତ କରାଯାଇଛି। ଏହି ଉପଲବ୍ଧି ଅନ୍ତର୍ଜାତୀୟ ଜିମ୍ନାଷ୍ଟିକ୍ ମଞ୍ଚରେ ଭାରତର ଉପସ୍ଥିତିକୁ ଆଗକୁ ବଢ଼ାଇବା ପାଇଁ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରର ସମର୍ପିତ ମନୋଭାବକୁ ପ୍ରତିଫଳିତ କରୁଛି।


4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ